ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୯/୨୦୨୪ (୧୪ ପୃଷ୍ଠା) | Bhubaneswar, Tuesday, November 19/2024 | Page 14 | ₹ 7.00 | BALASORE
୫୦ଶ ଭାଗ ୩୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 354 | ମୂଲ୍ୟ ₹୭/-



## ଅମରାସୁରିୟା ହେଲେ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ

କଲମ୍ବୋ: ଶିକ୍ଷାବିତ୍ ହରିନି ଅମରାସୁରିୟାଙ୍କୁ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ଭାବେ ସୋମବାର ପୁନଃ ନିଯୁକ୍ତ କରାଯାଇଛି।

୦୨

୧୪

## ସ୍ୱସ୍ତିଙ୍କୁ ସ୍ୱର୍ଣ୍ଣ ସହ ୩ ପଦକ

ଓଡ଼ିଶାର ପ୍ରତିଭା ସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଚେନ୍ନାଇରେ ଚାଲିଥିବା ନ୍ୟାଶନାଲ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ୧ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।





ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଘୋଷରାମାଲ ଫରେଷ୍ଟ ସେକ୍ସନ ବୁରୋମାଲ ଜଙ୍ଗଲ ସମୀପ ଚାଷଜମି ନିକଟରେ ମରି ପଡ଼ିଥିବା ୩ ହାତୀ।

# ବିଦ୍ୟୁତ୍ ଫାଶରେ ୩ ହାତୀ ମୃତ

**ଓଡ଼ିଶାରେ ହାତୀଙ୍କ ଜୀବନ ସୁରକ୍ଷିତ ହୋଇ ରହିନାହିଁ। ଅନେକ ସମୟରେ ଏହି ବିଶାଳକାୟ ପ୍ରାଣୀଙ୍କ ଜୀବନ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଚାଲିଯାଉଛି। ବେଳକୁ ବେଳ ଏଭଳି ଘଟଣା ଚିନ୍ତାଜନକ ଭାବେ ବଢ଼ିଚାଲିଛି। ଏହାକୁ ନେଇ ପ୍ରାଣୀପ୍ରେମୀ ଉଦ୍‌ବେଗ ପ୍ରକାଶ କରୁଥିବାବେଳେ ରବିବାର ବିଳମ୍ବିତ ରାତିରେ ସମ୍ବଲପୁର ଜିଲା ବନାଞ୍ଚଳରେ ପୁଣିଥରେ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ୩ ହାତୀଙ୍କ ମୃତ୍ୟୁ ଘଟିଛି। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୩-୧୪ରୁ ୨୦୨୩-୨୪ ମଧ୍ୟରେ ବିଭିନ୍ନ ବନଖଣ୍ଡରେ ୭୧୯ ହାତୀଙ୍କ ମୃତ୍ୟୁ ହୋଇଛି। ସେଥିରୁ ଅଧିକାଂଶ ଶିକାରୀ ଓ ବିଦ୍ୟୁତ୍ ଆଘାତରେ ଜୀବନ ଯାଇଛି। ୨୦୧୭-୧୮ରୁ ୨୦୨୪ ନଭେମ୍ବର ୪ ମଧ୍ୟରେ ଶିକାରୀଙ୍କ ଦ୍ୱାରା ୨୨ ହାତୀଙ୍କର ମୃତ୍ୟୁ ହୋଇଥିବାବେଳେ ଜାଣିଶୁଣି ବିଦ୍ୟୁତ୍ ତାର ଲଗାଇ ୯୧ ହାତୀ ଏବଂ ବିଦ୍ୟୁତ୍ ଆଘାତରେ ୩୨ ହାତୀଙ୍କ ମୃତ୍ୟୁ ଘଟିଛି।**

ନାକଟିଦେଉଳ,୧୮।୧୧ (ବୈକୁଣ୍ଠନାଥ ସାହୁ)

ବାରହା ଶିକାର ପାଇଁ ଶିକାରୀ ବିଛାଇଥିଲେ ବିଦ୍ୟୁତ୍ ତାର। ଏହି ଫାଶରେ ପଡ଼ି ୩ଟି ହାତୀଙ୍କର ଯାଇଛି ଜୀବନ। ସେଥିରେ ରହିଛନ୍ତି ଗୋଟିଏ ଶାବକ ସହ ୨ଟି ମାଈ ହାତୀ। ରବିବାର ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଛି ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନ ବୁରୋମାଳ ଜଙ୍ଗଲ ସଂଲଗ୍ନ ଚାଷଜମି ନିକଟରେ। ଘଟଣାରେ ବନ ବିଭାଗ ଘୋଷରାମାଳ ଗ୍ରାମର ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ବାରହା ଶିକାର ଉଦ୍ଦେଶ୍ୟରେ ବୁରୋମାଳ ଜଙ୍ଗଲ ଭିତରେ ଯାଇଥିବା ୧୧କେଭି ବିଦ୍ୟୁତ୍ ଖୁଣ୍ଟରୁ ତାର ଟାଣି ତଳେ ବିଛାଯାଇଥିଲା। ଘୋଷରାମାଳ ଏକ ହାତୀ ଚଳପ୍ରଚଳ ଅଞ୍ଚଳ ହୋଇଥିବାରୁ ରବିବାର ରାତିରେ ଆସିଥିବା ହାତୀପଲ ସେହି ରାସ୍ତା ଦେଇ ଯିବାବେଳେ ତାରରେ ଲାଗିଯାଇଥିଲେ।

ଘଟଣାର ଗୁରୁତ୍ୱକୁ ଦେଖି ଭୁବନେଶ୍ୱରରୁ ଡେପୁଟି କଞ୍ଜରଭେଟର ଅଫ୍ ଫରେଷ୍ଟ ଗଜାନନ ଲାଡେଙ୍କ ନେତୃତ୍ୱରେ ଏସିଏଫ୍ ଅରବିନ୍ଦ ମିଶ୍ର, ଇନ୍ସପେକ୍ଟର ରେଣୁବାଳା ସାହୁ ଏବଂ ବନ୍ୟପ୍ରାଣୀ ବିଭାଗର ବିକ୍ରମ ଦେବ ପ୍ରମୁଖଙ୍କୁ ନେଇ ଗଠିତ ଏକ ଜଏଣ୍ଟ ଟାସ୍କଫୋର୍ସ(ଜେଟିଏଫ୍) ☞ପୃଷ୍ଠା-୪

### ୩ କ୍ଷେତ୍ର ବନ କର୍ମଚାରୀ ସସ୍‌ପେଣ୍ଡ

## ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହେଲେ ଡିସ୍‌କମ୍ ଦାୟୀ ରହିବ: ପିସିସିଏଫ୍

ଭୁବନେଶ୍ୱର,୧୮।୧୧ (ବନ୍ଦନା ସେଠୀ)

ସୋମବାର ବିଦ୍ୟୁତ୍ ଆଘାତରେ ୩ ହାତୀଙ୍କ ମୃତ୍ୟୁ ଘଟଣାକୁ ନେଇ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ଉଦ୍‌ବେଗ ପ୍ରକାଶ କରିଛନ୍ତି। ହାତୀ ମୃତ୍ୟୁକୁ କିପରି ଏଡ଼ାଯାଇ ପାରିବ ସେନେଇ ସମସ୍ତ ଆର୍‌ସିସିଏଫ୍ (ରିଜିଓନାଲ ଚିଫ୍ କଞ୍ଜରଭେଟର୍ ଅଫ୍ ଫରେଷ୍ଟସ୍)ଙ୍କୁ ନନ୍ଦ ଚିଠି ଲେଖିଛନ୍ତି। ସେମାନଙ୍କ ଅଞ୍ଚଳର ସମସ୍ତ ବିଦ୍ୟୁତ୍ ବିତରଣ କମ୍ପାନୀ (ଡିସ୍‌କମ୍) ସହ ଆଲୋଚନା କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଏଣିକି ବିଦ୍ୟୁତ୍ ଆଘାତରେ ହାତୀମୃତ୍ୟୁ ହେଲେ ଡିସ୍‌କମ୍ ଦାୟୀ ରହିବ ବୋଲି ସେମାନଙ୍କୁ ସୂଚୀତ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଏଥିସହ ବିଦ୍ୟୁତ୍ ଆଘାତରେ ହୋଇଥିବା ହାତୀମୃତ୍ୟୁର ତଦନ୍ତ ପାଇଁ ୨୦୧୦ରେ ଗଠିତ ୪ଜଣିଆ କମିଟିର ସୁପାରିସକୁ କାର୍ଯ୍ୟକାରୀ କରିବା ନେଇ ଡିସ୍‌କମ୍‌ମାନଙ୍କ ସହ ଆଲୋଚନା କରିବାକୁ ଆର୍‌ସିସିଏଫ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। 'ବିଦ୍ୟୁତ୍ ଆଘାତ ଦ୍ୱାରା ଅବୈଧ ଶୀକାର ହେଉଥିବା ସମ୍ବେଦନଶୀଳ ବନକ୍ଷେତ୍ରଗୁଡ଼ିକରେ ଆର୍ଥ ଲିକେଜ୍ ସର୍କିଟ୍ ବ୍ରେକର୍ସ ଲଗାଯିବା ଏବଂ ବନ୍ୟଜୀବ ବିଚରଣ କରୁଥିବା ସ୍ଥାନଦେଇ ଯାଇଥିବା ବିତରଣ ଲାଇନ୍‌ରେ ଅଟୋ-ରିକ୍ଲୋଜ୍ ସୁବିଧା ଯୋଗାଇ ନଦେବା' ଆଦି ଦିଗ ଉପରେ ଧ୍ୟାନ ଦେବାକୁ ୨୦୧୦ରେ ୪ ଜଣିଆ କମିଟି ସୁପାରିସ କରିଥିଲା, ଯାହାକି ଏଯାଏ କାର୍ଯ୍ୟକାରୀ ହୋଇ ନ ଥିବା ପିସିସିଏଫ୍‌ରେ ଚିଠିରେ ଉଲ୍ଲେଖ କରିଛନ୍ତି। ଏନେଇ ପଦକ୍ଷେପ ନେବାକୁ ସେ ଆର୍‌ସିସିଏଫ୍‌ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷେ ଏକା ସଙ୍ଗରେ ୩ଟି ହାତୀଙ୍କ ମୃତ୍ୟୁ ହେବା ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ବୋଲି ପିସିସିଏଫ୍ କହିଛନ୍ତି। ରେଢ଼ାଖୋଲରେ ଏହା ☞ପୃଷ୍ଠା-୪

## ପ୍ରଦୂଷଣମୁକ୍ତ ପରିବେଶ ଦେବା ସରକାରଙ୍କ ଦାୟିତ୍ୱ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ ,୧୮।୧୧(ପି.ଟି.)

ନାଗରିକଙ୍କୁ ପ୍ରଦୂଷଣମୁକ୍ତ ପରିବେଶ ଯୋଗାଇଦେବା ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହ ସମଗ୍ର ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ଅନ୍ତର୍ଗତ ସମସ୍ତ ରାଜ୍ୟରେ ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍‌ଏପି) ଚତୁର୍ଥ ପର୍ଯ୍ୟାୟ ତୁରନ୍ତ ଲାଗୁ କରିବା ପାଇଁ ସୋମବାର ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆର୍) ୪୫୦ରୁ ତଳକୁ ଖସିଲେ ମଧ୍ୟ ଉକ୍ତ କଟକଣା ଜାରି ରହିବ। ନିର୍ଦ୍ଦେଶନାମା ଅନୁପାଳନ ସମ୍ପର୍କରେ ସତ୍ୟପାଠ ଜରିଆରେ ଜଣାଇବା ପାଇଁ ଖଣ୍ଡପୀଠ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ସହ ଜିଆର୍‌ଏପି ୪ ପର୍ଯ୍ୟାୟ କଟକଣା ଉଲ୍ଲଂଘନ ଅଭିଯୋଗର ସମାଧାନ ପାଇଁ ବ୍ୟବସ୍ଥା ଗ୍ରହଣ କରିବାକୁ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ କହିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀଗୃହ ପାଠପଢ଼ା ବନ୍ଦ ସମ୍ପର୍କରେ ତୁରନ୍ତ ନିଷ୍ପତ୍ତି ନେବା ପାଇଁ ଦିଲ୍ଲୀ-ଏନ୍‌ସିଆର୍ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଦିଲ୍ଲୀରେ ବାୟୁ ମାନ ଅତ୍ୟନ୍ତ ଗମ୍ଭୀର ସ୍ଥିତିକୁ ଆସିଥିଲେ ☞ପୃଷ୍ଠା-୪

### ଦିଲ୍ଲୀକୁ ଘୋଡ଼ାଇ ରଖିଛି ବିଷାକ୍ତ କୁହୁଡ଼ି

ନୂଆଦିଲ୍ଲୀ ,୧୮।୧୧

ଦିଲ୍ଲୀର ବାୟୁ ଗୁଣବତ୍ତା ସୋମବାର ଅତ୍ୟନ୍ତ ନିକୃଷ୍ଟ ସ୍ତରରେ ପହଞ୍ଚିଛି। ଅପରାହ୍ନରେ ଦିଲ୍ଲୀର ଏକ୍ୟୁଆର୍ ୪୯୧ ରେକର୍ଡ ହୋଇଥିବାବେଳେ ଦ୍ୱାରକା, ମୁଣ୍ଡକା ଏବଂ ନଜଫଗଡ଼ ଅଞ୍ଚଳରେ ଏକ୍ୟୁଆଇ ସର୍ବାଧିକ ୫୦୦ରେ ପହଞ୍ଚିଛି। ଜାତୀୟ ରାଜଧାନୀକୁ ବିଷାକ୍ତ ଧୂମକୁହୁଡ଼ି ଘୋଡ଼ାଇ ରଖିଥିବାବେଳେ ଲୋକଙ୍କ ଆଖି କୁଣ୍ଡାଇ ହେବା ଓ ପାଣି ବାହାରିବା ଅଭିଯୋଗ ହୋଇଛି। ବାୟୁ ମାନ 'ସିଭିଅର୍ ପ୍ଲସ୍' ବର୍ଗରେ ପହଞ୍ଚିଥିବାରୁ ଲୋକମାନଙ୍କ ସ୍ୱାସ୍ଥ୍ୟପ୍ରତି ବିପଦ ରହିଥିବା ଡାକ୍ତରମାନେ ସତର୍କ କରାଇଛନ୍ତି। ଏଭଳି ପ୍ରଦୂଷଣରେ ଏନ୍୯୫ ମାସ୍କ ବ୍ୟବହାର କରିବା କେବଳ ବିକଳ୍ପ ନୁହେଁ, ଜରୁରୀ। ଏପରିକି ☞ପୃଷ୍ଠା-୪

## ବ୍ୟବସାୟ ପାଇଁ ଓଡ଼ିଶା ଅନୁକୂଳ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୧୧ (ଅନିଲ ଦାସ)



ସିଙ୍ଗାପୁର ବୈଦେଶିକ ବ୍ୟାପାର ମନ୍ତ୍ରୀ ସିମ୍ ଆନ୍‌ଙ୍କ ସହ ସାକ୍ଷାତ୍ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପହାର ପ୍ରଦାନ କରୁଛନ୍ତି।

ଓଡ଼ିଶାରେ ବ୍ୟବସାୟିକ ପରିବେଶ ଅନୁକୂଳ। ଏହାର ସୁଯୋଗ ନେବାକୁ ସିଙ୍ଗାପୁରଠାରେ ନିବେଶକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଭଳି ଆହ୍ୱାନ ଦେଇଛନ୍ତି। ଆସନ୍ତା ୨୦୨୫ ଜାନୁଆରୀ ମାସରେ ଭୁବନେଶ୍ୱରରେ ଉତ୍କର୍ଷ ଓଡିଶା: ମେକଇନ ଓଡିଶା କନକ୍ଲେଭ-୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ରାଜ୍ୟ ସରକାର ରାଜ୍ୟରେ ବିଦେଶି ପୁଞ୍ଜିନିବେଶ ବୃଦ୍ଧି ପାଇଁ ଜୋରସୋର ଉଦ୍ୟମ ଜାରି ରଖିଛନ୍ତି। ୪ ଦିନିଆ ସିଙ୍ଗାପୁର ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ଟିମ୍ ସୋମବାର ସିଙ୍ଗାପୁରରେ ଅବସ୍ଥାପିତ ବିଭିନ୍ନ ଶିଳ୍ପସଂସ୍ଥାର ମୁଖ୍ୟ ଓ ପ୍ରତିନିଧିଙ୍କୁ ଭେଟିଛନ୍ତି। ସେମାନଙ୍କ ସହ ରାଜ୍ୟରେ ରହିଥିବା ନିବେଶ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ ଦ୍ୱିତୀୟ ଦିବସରେ ସିଙ୍ଗାପୁର ସହିତ ପେଟ୍ରୋକେମିକାଲ, କେମିକାଲ, ଭିତ୍ତିଭୂମି ଓ ଲଜିଷ୍ଟିକ କ୍ଷେତ୍ର ପାଇଁ ବିଭିନ୍ନ ପ୍ରତିନିଧି ସହିତ ଆଲୋଚନା କରିଛନ୍ତି। ଏଥିସହିତ ଏହି ଟିମ୍ ସିଙ୍ଗାପୁରର ଉପପ୍ରଧାନମନ୍ତ୍ରୀ ଗାନ୍ କିମ୍ ୟଙ୍ଗ ଏବଂ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀଙ୍କ ସହିତ ସାକ୍ଷାତ କରି ପୁଞ୍ଜିନିବେଶ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ☞ପୃଷ୍ଠା-୪

## ୨୫କୁ ଘୁଞ୍ଚିଲା ମାଟ୍ରିକ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ଫର୍ମପୂରଣ ଅବଧି

କଟକ,୧୮।୧୧(କାର୍ତ୍ତିକ ସାହୁ)

ଚଳିତ ମାଟ୍ରିକ ପରୀକ୍ଷା ଫର୍ମପୂରଣ ଅବଧିକୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଘୁଞ୍ଚାଇ ଦିଆଯାଇଛି। ତେବେ ଫର୍ମପୂରଣର ଶେଷ ତାରିଖ ନଭେମ୍ବର ୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଛି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ନିମନ୍ତେ ଫର୍ମପୂରଣ ଅବଧି ମଧ୍ୟ ନଭେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଏହାବାଦ୍ ଆଉ ସମୟ ଅବଧି ବୃଦ୍ଧି କରାଯିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

## ଭାଜପା ନେତା ସମୀର ଦେ'ଙ୍କ ପରଲୋକ



କଟକ,୧୮।୧୧ (କାର୍ତ୍ତିକ ସାହୁ)

ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ(୬୭)ଙ୍କର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଅପରାହ୍ନରେ ପରଲୋକ ହୋଇଯାଇଛି। ତାଙ୍କ ମରଶରୀରକୁ ସିଡିଏସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ପରିସରକୁ ନିଆଯାଇଥିଲା। ସେଠାରୁ କଟକର ବାସ୍ତରି ମଠରେ ଶେଷ ସମ୍ମାନ ପ୍ରଦର୍ଶନ କରାଯିବା ପରେ ସହର ପରିକ୍ରମା କରାଯାଇଥିଲା। ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଏକମାତ୍ର କନ୍ୟା ମୁଖାଗ୍ନି ଦେଇଥିଲେ। ସୂଚନାନୁସାରେ, ସ୍ୱର୍ଗତ ଦେ ସ୍ଥାନୀୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଭାରତରେ ଷ୍ଟାରଲିଙ୍କ**

## ରତ୍ନଭଣ୍ଡାର ଅଳଙ୍କାର ଗଣତି ହେବ

ପୁରୀ,୧୮।୧୧(ଅଜିତ୍ କୁମାର ମହାନ୍ତି)



ଜାନୁଆରୀ ଶେଷ ସୁଦ୍ଧା ରତ୍ନଭଣ୍ଡାର ଅଳଙ୍କାରର ଗଣତି ଶେଷ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ରତ୍ନଭଣ୍ଡାର ମରାମତି ସରିବା ପରେ ହିଁ ଅଳଙ୍କାର ଗଣତିମଣତି କରାଯିବ। ଏନେଇ ଏଏସ୍‌ଆଇକୁ କୁହାଯାଇଛି। ତେବେ ମେଘନାଦ ପାଚେରି କାମ ଶେଷ ପରେ ରତ୍ନଭଣ୍ଡାର ମରାମତି କାମ ତୁରନ୍ତ ଆରମ୍ଭ ହେବ।

ଆଇନମନ୍ତ୍ରୀଙ୍କ ଏହି ପ୍ରତିକ୍ରିୟାକୁ ଭକ୍ତ ଓ ସେବାୟତ ସ୍ୱାଗତ କରିଛନ୍ତି। ଆସନ୍ତା ବୁଧବାର ଏନେଇ ବୈଠକ ବସିବା ସହ ଖୁବ୍‌ଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି କୁହାଯାଉଛି। ରତ୍ନଭଣ୍ଡାରର ଦୀର୍ଘସ୍ଥାୟୀ ମରାମତି ପରେ ରତ୍ନଅଳଙ୍କାର ଭିତରଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ଏହାପରେ ରତ୍ନଅଳଙ୍କାର ଗଣତିମଣତି ହେବ। ଆସନ୍ତା ଜାନୁଆରୀ ଶେଷ ସୁଦ୍ଧା ମରାମତି ଶେଷ କରାଯାଇ ଗଣତିମଣତି ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅପରପକ୍ଷରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଜିଲା ପ୍ରଶାସନ ନିକଟକୁ ବର୍ତ୍ତମାନ ସୁଦ୍ଧା କିଛି ଡେଡ୍‌ଲାଇନ ଆସିନାହିଁ। ରତ୍ନଭଣ୍ଡାରର ସ୍କାନିଂ ହୋଇଥିଲା, ତାହାର ରିପୋର୍ଟ ସରକାରଙ୍କୁ ସେମାନେ ପ୍ରଦାନ କରିବାର ଥିଲା। ☞ପୃଷ୍ଠା-୪

## ଆମେରିକାରେ ବିଦେଶୀ ଛାତ୍ର: ଭାରତରୁ ସର୍ବାଧିକ

ୱାଶିଂଟନ,୧୮।୧୧ (ପି.ଟି.)



ଗତ ୧୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଆମେରିକାରେ ପଢୁଥିବା ବିଦେଶୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ସର୍ବାଧିକ। ସୋମବାର ଆମେରିକୀୟ ସଙ୍ଗଠନ 'ଓପନ ଡୋର୍ସ' ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ସମ୍ପ୍ରତି ଆମେରିକାରେ ୩.୩ ଲକ୍ଷରୁ ଅଧିକ ଭାରତୀୟ ଛାତ୍ରୀଛାତ୍ର ପଢୁଛନ୍ତି। ଆମେରିକୀୟ ଶିକ୍ଷାବର୍ଷ ୨୦୨୨-୨୩ ଅନୁଯାୟୀ, ଦେଶରେ ପଢୁଥିବା ବିଦେଶୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସର୍ବାଧିକ ଚାଇନାରୁ ଥିଲେ। ସେତେବେଳେ ଉକ୍ତ ତାଲିକାରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଥିଲା। ତେବେ 'ଓପନ ଡୋର୍ସ ରିପୋର୍ଟ ୨୦୨୪' ଅନୁଯାୟୀ, ଶିକ୍ଷାବର୍ଷ ୨୦୨୩-୨୪ରେ ୩ ଲକ୍ଷ ୩୧ ହଜାର ୬୦୨ ଜଣ ଭାରତୀୟ ଛାତ୍ରୀଛାତ୍ର ଆମେରିକାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପଢୁଛନ୍ତି। କୌଣସି ମଧ୍ୟ ଶିକ୍ଷାବର୍ଷରେ ଆମେରିକାରେ ପଢୁଥିବା ଭାରତୀୟ ଛାତ୍ରୀଛାତ୍ରଙ୍କର ଏହା ସର୍ବକାଳୀନ ସର୍ବାଧିକ ସଂଖ୍ୟା ବୋଲି ଉକ୍ତ ରିପୋର୍ଟ କହିଛି। ୨୦୨୨-୨୩ ଶିକ୍ଷାବର୍ଷ ତୁଳନାରେ ୨୩% ଅଧିକ ଭାରତୀୟ ଛାତ୍ରୀଛାତ୍ର ୨୦୨୩-୨୪ ଶିକ୍ଷାବର୍ଷରେ ଆମେରିକାରେ ପଢୁଥିବା ନେଇ ଏହି ରିପୋର୍ଟ କହିଛି। ୨୦୨୨-୨୩ ଶିକ୍ଷାବର୍ଷରେ ୨ ଲକ୍ଷ ୬୮ ହଜାର ୯୨୩ ଜଣ ଛାତ୍ରୀଛାତ୍ର ଆମେରିକାରେ ପଢୁଥିଲେ।

ତେବେ ଆମେରିକାରେ ପଢୁଥିବା ବିଦେଶୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କେବଳ ୨୯% ଭାରତର ହୋଇଥିବା ଉକ୍ତ ରିପୋର୍ଟ କହିଛି। ଏହି ତାଲିକାରେ ୨ ଲକ୍ଷ ୭୭ ହଜାର ୩୭୮ ଜଣ ଛାତ୍ରୀଛାତ୍ରଙ୍କ ସହ ଚାଇନା ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ୪୩ ହଜାର ୧୪୯ ଛାତ୍ରୀଛାତ୍ରଙ୍କ ସହ ଦକ୍ଷିଣ କୋରିଆ ତୃତୀୟ ସ୍ଥାନରେ ରହିଛି। ସେହିପରି ୨୮ ହଜାର ୯୯୮ ଜଣ ଛାତ୍ରୀଛାତ୍ରଙ୍କ ସହ କାନାଡା ଏବଂ ୨୩ ହଜାର ୧୫୭ ଜଣ ଛାତ୍ରୀଛାତ୍ରଙ୍କ ସହ ତାଇୱାନ ଏହି ତାଲିକାରେ ଯଥାକ୍ରମେ ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ସ୍ନାତକ ଏବଂ ସ୍ନାତକୋତ୍ତର ଶିକ୍ଷା କ୍ଷେତ୍ରରେ ଭାରତ ଲଗାତର ଦ୍ୱିତୀୟ ବର୍ଷ ପାଇଁ ଆମେରିକାରେ ପଢୁଥିବା ସର୍ବାଧିକ ବିଦେଶୀ ଛାତ୍ରୀଛାତ୍ର ଥିବା ଦେଶ ହୋଇପାରିଛି। ୨୦୨୨-୨୩ ଶିକ୍ଷାବର୍ଷ ତୁଳନାରେ ୨୦୨୩-୨୪ ଶିକ୍ଷାବର୍ଷରେ ଏହି ସଂଖ୍ୟାରେ ୧୯% ବୃଦ୍ଧି ଘଟି ୧ ଲକ୍ଷ ୯୬ ହଜାର ୫୬୭ରେ ପହଞ୍ଚିଛି। ସେହିପରି ଅଣ ସ୍ନାତକ ଶିକ୍ଷା କ୍ଷେତ୍ରରେ ୩୬ ହଜାର ୫୩ ଜଣ ଭାରତୀୟ ଛାତ୍ରୀଛାତ୍ର ଆମେରିକାରେ ପଢୁଛନ୍ତି। ବର୍ଷକ ମଧ୍ୟରେ ଏହି ସଂଖ୍ୟାରେ ୧୩% ବୃଦ୍ଧି ଘଟିଛି। ପ୍ରକାଶ ଯେ, ଆମେରିକାରେ ସାଧାରଣତଃ ଶିକ୍ଷାବର୍ଷ ସେପ୍ଟେମ୍ବରରୁ ଆରମ୍ଭ ହୋଇ ପରବର୍ତ୍ତୀ ବର୍ଷ ମେ' ପର୍ଯ୍ୟନ୍ତ ଚାଲିଥାଏ।

## ସଂକ୍ଷେପରେ

### ଗାଜାରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍: ୨୦ ମୃତ

ଗାଜା ସିଟି ,୧୮।୧୧

ଇସ୍ରାଏଲୀ ସେନା ସୋମବାର ଗାଜା ଷ୍ଟ୍ରିପ୍‌ରେ ବୋମାମାଡ଼ କରିବାରୁ ୨୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୬ ବିସ୍ଥାପିତ ରହିଛନ୍ତି, ଯେଉଁମାନେ ଏକ ତମ୍ବୁ ତଳେ ଆଶ୍ରୟ ନେଇଥିଲେ। ରବିବାର ଏକ ବହୁତଳ ଆବାସିକ ବିଲ୍ଡିଂରେ ଇସ୍ରାଏଲ୍ ବୋମାମାଡ଼ କରିବାରୁ ଅନେକ ଲୋକ ମୃତାହତ ହୋଇଥିଲେ। ସୋମବାର ଗାଜା ସିଟିରେ ଏୟାରଷ୍ଟ୍ରାଇକ୍ ଯୋଗୁ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୧୦ ଆହତ ହୋଇଛନ୍ତି। ନୁସେଇରାତ୍ କ୍ୟାମ୍ପ ଉପରେ ଆକ୍ରମଣ ହେବାରୁ ୪ ଜଣଙ୍କ ଜୀବନ ଯାଇଥିଲା।

### ଭାଜପାରେ ମିଶିଲେ କୈଳାସ ଗେହଲଟ



ନୂଆଦିଲ୍ଲୀ,୧୮।୧୧ (ପି.ଟି.)

ଦିଲ୍ଲୀର ପୂର୍ବତନ ମନ୍ତ୍ରୀ କୈଳାସ ଗେହଲଟ ସୋମବାର ଭାଜପାରେ ଯୋଗ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ମନୋହରଲାଲ ଖଟ୍ଟର, ଦିଲ୍ଲୀ ଭାଜପା ପ୍ରଭାରୀ ବୈଜୟନ୍ତ ପଣ୍ଡା, ଦିଲ୍ଲୀ ଭାଜପା ସଭାପତି ବୀରେନ୍ଦ୍ର ସଚ୍‌ଦେବାଙ୍କ ଉପସ୍ଥିତିରେ ଭାଜପା ରାଷ୍ଟ୍ରୀୟ ମୁଖ୍ୟାଳୟରେ ସେ ପଦ୍ମ ଧରିଛନ୍ତି। ତେବେ ଇଡି, ସିବିଆଇ ପରି କୌଣସି କେନ୍ଦ୍ରୀୟ ଏଜେନ୍ସିର ଚାପରେ ସେ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଛାଡ଼ିନାହାନ୍ତି। ପୂର୍ବରୁ ଲୋକଙ୍କ ଅଧିକାର ପାଇଁ ଲଢୁଥିବା ଆପ୍ କିଛିଦିନ ଧରି କେବଳ ନିଜ ରାଜନୈତିକ ଏଜେଣ୍ଡାକୁ ଆଗକୁ ବଢ଼ାଇବା ଦିଗରେ କାର୍ଯ୍ୟ କରୁଥିବା ଗେହଲଟ କହିଥିଲେ।

### ଦିଲ୍ଲୀ ରିଜ୍‌ରୁ ବେଆଇନ ଗଛକଟା: ଶୁଣାଣିରୁ ଓହରିଲେ ସିଜେଆଇ

ନୂଆଦିଲ୍ଲୀ ,୧୮।୧୧(ପି.ଟି.)

ଦିଲ୍ଲୀ ରିଜ୍ ଅଞ୍ଚଳରୁ ବେଆଇନ ଭାବେ ଗଛ କଟାଯାଇଥିବା ଅଭିଯୋଗ ଉପରେ ଏକାଧିକ ପିଟିଶନ୍‌ର ଶୁଣାଣିରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ସୋମବାର ଓହରିଯାଇଛନ୍ତି। ପୂର୍ବତନ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହି ମାମଲାରେ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କଠାରୁ ବ୍ୟକ୍ତିଗତ ସତ୍ୟପାଠ ମାଗିଥିଲେ। ବର୍ତ୍ତମାନର ସିଜେଆଇ ଜଷ୍ଟିସ୍ ଖାନ୍ନା କହିଛନ୍ତି, ସେ ଯେତେବେଳେ ଜାତୀୟ ଆଇନ ସେବା କର୍ତ୍ତୃପକ୍ଷ ଅଧ୍ୟକ୍ଷ ଥିଲେ, ବିଭିନ୍ନ ଜେଲ୍ ପରିଦର୍ଶନ ପାଇଁ ଦିଲ୍ଲୀ ଉପରାଜ୍ୟପାଳଙ୍କ ସହ ପାଟନା ଯାଇଥିଲେ। ତେଣୁ ଉକ୍ତ ଗଛକଟା ମାମଲା ଶୁଣାଣିରେ ସେ ରହିବା ଠିକ୍ ହେବ ନାହିଁ।

## ମଣିପୁର ଜଳୁଛି

# ଯାଉନାହାନ୍ତି, ପଠାଉଛନ୍ତି

**୨୦୨୩ ମେ'ରେ ମଣିପୁରରେ ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ଆରମ୍ଭ ହେବା ପରଠୁ ଉତ୍ତର ପୂର୍ବାଞ୍ଚଳର ଏହି ସୀମାନ୍ତ ରାଜ୍ୟରେ ଅଦ୍ୟାବଧି ଅନ୍ୟୂନ ୨୫୦ ଜଣଙ୍କୁ ହତ୍ୟା କରାଗଲାଣି। ସଂଘର୍ଷରେ ଅନେକ ଲକ୍ଷ ଲୋକ ବିସ୍ଥାପିତ ହେଲେଣି। ଏଥିଯୋଗୁ ମଣିପୁର ବସ୍ତୁତଃ ଦୁଇଟି ଜାତି ମଧ୍ୟରେ ବିଭାଜିତ ହୋଇଯାଇଛି। ମେଇତିମାନେ ଉପତ୍ୟକାରେ ଆଧିପତ୍ୟ ବିସ୍ତାର କରିଥିବାବେଳେ କୁକିଙ୍କ ପ୍ରଭାବ ପାର୍ବତ୍ୟାଞ୍ଚଳରେ ରହିଛି। ଦିନକୁ ଦିନ ଅଣାୟତ୍ତ ହେବାରେ ଲାଗିଥିବା ସ୍ଥିତି ପାଇଁ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଦୁର୍ବଳ ନେତୃତ୍ୱକୁ ଦାୟୀ କରି ତାଙ୍କ ଇସ୍ତଫା ଦାବି ଜୋର୍ ଧରିବାରେ ଲାଗିଛି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହିଂସା ପ୍ରଭାବିତ ମଣିପୁରକୁ ଯାଉନାହାନ୍ତି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କେବଳ କେନ୍ଦ୍ରୀୟ ପୋଲିସ ବଳ ପଠାଇ ନିଜ ଦାୟିତ୍ୱ ସାରିଦେଉଛି ବୋଲି ବିରୋଧୀ ସମାଲୋଚନା କରିଛନ୍ତି।**



ନୂଆଦିଲ୍ଲୀ/ଇମ୍ଫାଲ,୧୮।୧୧

ପୁଣି ଜାତିଆଣ ହିଂସାର ନିଆଁରେ ଜଳୁଛି ମଣିପୁର। ଜିରିବାମ୍‌ର ଏକ ଶିବିରରୁ ନିଖୋଜ ହୋଇଯାଇଥିବା ୬ ଅପହୃତଙ୍କ ମୃତଦେହ ମିଳିବା ପରେ ୩ ଦିନ ଧରି ଉପତ୍ୟକାରେ ଭଙ୍ଗାରୁଜା ଓ ଜଳାପୋଡ଼ା ଲାଗିରହିଛି। ଇତିମଧ୍ୟରେ ଅନେକ ବିଧାୟକ ଓ ମନ୍ତ୍ରୀଙ୍କ ଘରକୁ ମଧ୍ୟ ବିକ୍ଷୋଭକାରୀ ଟାର୍ଗେଟ କରିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଘରକୁ ମଧ୍ୟ ଅନୁପ୍ରବେଶ ଉଦ୍ୟମ ହୋଇଛି। ମଣିପୁରର ମେଣ୍ଟ ସରକାରରେ ଭାଗୁଆଳି ଥିବା କନରାଡ୍ ସାଙ୍ଗମାଙ୍କ ନେତୃତ୍ୱାଧୀନ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ରବିବାର ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରିବା ସହ ସମର୍ଥନ ପ୍ରତ୍ୟାହାର କରିଛି। ସୋମବାର ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ନିଜ କ୍ୟାବିନେଟ୍ ସଦସ୍ୟ ଓ ଶାସକ ଏନ୍‌ଡିଏ ବିଧାୟକମାନଙ୍କୁ ନେଇ ଏକ ବୈଠକ କରିଛନ୍ତି। ରାଜ୍ୟରେ ଅଣାୟତ୍ତ ହେଉଥିବା ସ୍ଥିତି ସମୀକ୍ଷା ପାଇଁ ଉକ୍ତ ବୈଠକ କରାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୫୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ଅର୍ଥାତ୍ ୫,୦୦୦ ଯବାନଙ୍କୁ ମଣିପୁରକୁ ପଠାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ରବିବାର ଓ ସୋମବାର ବସିଥିବା ବୈଠକରେ ମଣିପୁର ସ୍ଥିତି ସମୀକ୍ଷା କରାଯାଇଛି। ଆହ୍ୱାନପୂର୍ଣ୍ଣ ସ୍ଥିତିର ମୁକାବିଲା ପାଇଁ ଉକ୍ତ ବୈଠକରେ ଅତିରିକ୍ତ କେନ୍ଦ୍ରୀୟ ବଳ ପ୍ରେରଣ ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଏହା ପୂର୍ବରୁ ନଭେମ୍ବର ୧୨ରେ ଜିବିରାମ ଜିଲାରେ ହିଂସା ଘଟିବା ପରେ ମନ୍ତ୍ରଣାଳୟ ୨୦ ସିଏପିଏଫ୍ (୧୫ ସିଆର୍‌ପିଏଫ୍ ଏବଂ ୫ ବିଏସ୍‌ଏଫ୍) କମ୍ପାନୀ ପଠାଇଥିଲା। କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ମହାନିର୍ଦ୍ଦେଶକ ଏ.ଡି. ସିଂ ଏବଂ ସିଏପିଏଫ୍‌ର ବରିଷ୍ଠ ଅଧିକାରୀମାନେ ମଧ୍ୟ ମଣିପୁରରେ ରହିଛନ୍ତି। ଏସବୁକୁ ମିଶାଇଲେ ମଣିପୁରରେ ଗତବର୍ଷ ମେ' ପରଠୁ ମୋଟ ୨୧୮ ସିଏପିଏଫ୍ କମ୍ପାନୀ ମୁତୟନ ହୋଇଛନ୍ତି। ଏହି ପୃଷ୍ଠଭୂମିରେ ପ୍ରଧାନମନ୍ତ୍ରୀ ମୋଦି ଥରୁଟିଏ ମଧ୍ୟ ମଣିପୁରକୁ ନ ଯିବା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ସମାଲୋଚନା କରିଛି। ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ମଣିପୁରରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଆସନ୍ତା ୨୫ରେ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ମଣିପୁର ଗସ୍ତ କରି ଲୋକଙ୍କ ସମସ୍ୟା ବୁଝନ୍ତୁ। ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ଇସ୍ତଫା ଦିଅନ୍ତୁ ବୋଲି ରମେଶ ଦାବି କରିଛନ୍ତି। ସେପଟେ ଭାଜପା ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) ବିଧାୟକ ଅବ୍‌ଦୁଲ ନାସିର ପ୍ରଧାନମନ୍ତ୍ରୀଙ୍କୁ ଏକ ପତ୍ର ଲେଖିଛନ୍ତି। ଜିବିରାମରେ ମହିଳା ଓ ଶିଶୁଙ୍କ ହତ୍ୟା ପାଇଁ ଦାୟୀ ବ୍ୟକ୍ତିମାନଙ୍କୁ 'ଆତଙ୍କବାଦୀ' ଘୋଷଣା କରାଯାଉ ବୋଲି ସେ ଦାବି କରିଛନ୍ତି। ସଦ୍ୟ ହିଂସାକୁ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୩ଟି ମାମଲା ରୁଜୁ କରିଛି। ସୋମବାର ଜିରିବାମ୍ ଜିଲାରେ ବିକ୍ଷୋଭକାରୀ ଓ ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ବିକ୍ଷୋଭକାରୀ କେ. ଅଥୋଉବା(୨୦)ଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ କେତେଜଣ ଆହତ ହୋଇଛନ୍ତି। ସୁରକ୍ଷା ଦାୟିତ୍ୱରେ ଥିବା ଯବାନଙ୍କ ଗୁଳିମାଡ଼ରେ ଲୋକଙ୍କ ପ୍ରାଣହାନି ଘଟିବା ଉପତ୍ୟକାର ସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଛି।



ଇମ୍ଫାଲରେ ମୁତୟନ ସେନା ଓ ଆସାମ ରାଇଫଲ୍ସ ଯବାନ।

### ପାକିସ୍ତାନୀ ଜାହାଜରୁ ୭ ଭାରତୀୟ ମତ୍ସ୍ୟଜୀବୀ ମୁକ୍ତ

ନୂଆଦିଲ୍ଲୀ ,୧୮।୧୧

ଭାରତ-ପାକିସ୍ତାନ ସାମୁଦ୍ରିକ ସୀମାରୁ ୭ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ପାକିସ୍ତାନୀ ପାଟ୍ରୋଲ ଜାହାଜ ରବିବାର ଧରିନେଉଥିଲା। ଖବର ପାଇ ଭାରତୀୟ ତଟ ସୁରକ୍ଷା ବାହିନୀ (ଆଇସିଜି) ୨ ଘଣ୍ଟା ଧରି ଉକ୍ତ ଜାହାଜକୁ ପିଛା କରିବା ପରେ ମତ୍ସ୍ୟଜୀବୀମାନଙ୍କୁ ମୁକୁଳାଇଛି। ପାକିସ୍ତାନୀ ସାମୁଦ୍ରିକ ସୁରକ୍ଷା ସଂସ୍ଥା (ପିଏମ୍‌ଏସ୍‌ଏ) ଜାହାଜ ପାଲଟା ଜବାବ ଦେବା ପାଇଁ ଉଦ୍ୟମ କରିବା ସତ୍ତ୍ୱେ ମତ୍ସ୍ୟଜୀବୀମାନଙ୍କୁ ସଫଳତାର ସହ ଉଦ୍ଧାର କରାଯାଇପାରିଛି।

### ଟେକା ମାଡ଼ରେ ଅନୀଲ ଦେଶମୁଖଙ୍କ ମୁଣ୍ଡ ଫାଟିଲା

ମୁମ୍ବାଇ, ୧୮।୧୧

ମହାରାଷ୍ଟ୍ରର ପୂର୍ବତନ ଗୃହ ମନ୍ତ୍ରୀ ତଥା ଏନ୍‌ସିପି(ଏସ୍‌ପି) ନେତା ଅନୀଲ ଦେଶମୁଖଙ୍କ କାର୍‌କୁ ସୋମବାର କାଟୋଲରେ ଟେକା ମାଡ଼ ହୋଇଛି। ଏଥିରେ ଅନୀଲ ଆହତ ହୋଇଛନ୍ତି। ଆଘାତ ଯୋଗୁ ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା। ତାଙ୍କୁ କାଟୋଲସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ତାଙ୍କ ପୁଅ ସଲୀଲ ଦେଶମୁଖଙ୍କ ପାଇଁ ନିର୍ବାଚନ ପ୍ରଚାର କରି ଫେରୁଥିବାବେଳେ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିଥିବା ଜଣାପଡ଼ିଛି। ମୁମ୍ବାଇ ପୋଲିସ ତଦନ୍ତ ଜାରି ରଖିଛି।

## ମୋଜ୍‌ତାବା ଖାମେନେଇ ଇରାନ ସୁପ୍ରିମ ଲିଡର

ତେହରାନ,୧୮।୧୧



ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇ ଗୁରୁତର ଅସୁସ୍ଥ ଥିବାରୁ ତାଙ୍କ ଦ୍ୱିତୀୟ ପୁଅ ମୋଜ୍‌ତାବା ଖାମେନେଇଙ୍କୁ ତାଙ୍କ ଉତ୍ତରାଧିକାରୀ ଚୟନ କରାଯାଇଛି। ସେ ସୁପ୍ରିମ ଲିଡର ଭାବେ ଇରାନର ନେତୃତ୍ୱ ନେବେ। ଏପରିକି ବାପାଙ୍କ ମୃତ୍ୟୁ ପୂର୍ବରୁ ମୋଜ୍‌ତାବା ଶିୟା ଇସ୍‌ଲାମିକ୍ ରାଷ୍ଟ୍ରର ନେତୃତ୍ୱ ନେଇପାରନ୍ତି ବୋଲି କୁହାଯାଉଛି। ଅଲି ଖାମେନେଇଙ୍କ ଉତ୍ତରାଧିକାରୀ ଚୟନ ଲାଗି ଏକ ଗୋପନ ବୈଠକ ଅନୁଷ୍ଠିତ ହୋଇଥିଲା ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଇସ୍ରାଏଲ୍ ସହ ଇରାନର ମୁହାଁମୁହିଁ ସ୍ଥିତି ଲାଗିରହିଥିବାବେଳେ ଦେଶ ଏବେ ସଙ୍କଟରେ ରହିଛି। ୮୫ ବର୍ଷୀୟ ଅଲି ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଦିନକୁ ଦିନ ଅଧିକ ଖରାପ ହେବାରେ ଲାଗିଛି। ସେ ଶେଷ ଥର ପାଇଁ ଅକ୍ଟୋବର ୪ରେ ଇରାନୀୟମାନଙ୍କୁ ଉଦ୍‌ବୋଧନ ଦେବା ସହ ଇସ୍ରାଏଲ୍ ଆକ୍ରମଣରେ ନିହତ ହେଜ୍‌ବୋଲ୍ଲା ମୁଖ୍ୟ ହାସନ ନସ୍‌ରଲ୍ଲାଙ୍କ ପାଇଁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ସେପ୍ଟେମ୍ବର ୨୬ରେ ଇରାନ ବିଶେଷଜ୍ଞ ସଭାର ୬୦ ସଦସ୍ୟଙ୍କ ବୈଠକ ଡକାଯାଇଥିଲା। ତାଙ୍କ ଉତ୍ତରାଧିକାରୀ ବାଛିବାକୁ ଆସେମ୍ବ୍ଲି ସଦସ୍ୟମାନଙ୍କୁ କୁହାଯାଇଥିଲା। ପ୍ରଥମେ ଏହାକୁ ବିରୋଧ କରାଯାଇଥିବାବେଳେ ପରେ ଆସେମ୍ବ୍ଲି ସର୍ବସମ୍ମତକ୍ରମେ ମୋଜ୍‌ତାବାଙ୍କୁ ତାଙ୍କ ଉତ୍ତରାଧିକାରୀ କରିବା ପାଇଁ ରାଜି ହୋଇଥିଲା।

## ଅମରାସୁରିୟା ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ

କଲମ୍ବୋ,୧୮।୧୧




ପାର୍ଲାମେଣ୍ଟ ନିର୍ବାଚନରେ ଏନ୍‌ପିପି ବିଜୟୀ ହେବା ପରେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ସୋମବାର ଶିକ୍ଷାବିତ୍ ହରିନି ଅମରାସୁରିୟାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ପୁନଃ ନିଯୁକ୍ତ କରିଛନ୍ତି। ୨୨୫ ଆସନ ବିଶିଷ୍ଟ ପାର୍ଲାମେଣ୍ଟରେ ରାଷ୍ଟ୍ରପତିଙ୍କ ନେତୃତ୍ୱାଧୀନ ଏନ୍‌ପିପି ମେଣ୍ଟ ୧୫୯ ଆସନ ଜିତି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ସୋମବାର ଶପଥ ଉତ୍ସବରେ ବିଜିଥା ହେରାଥଙ୍କୁ ବହିର୍ବ୍ୟାପାର ମନ୍ତ୍ରୀ ଭାବେ ପୁନର୍ବାର ନିଯୁକ୍ତ କରାଯାଇଛି। ରାଷ୍ଟ୍ରପତି ଅର୍ଥ ଓ ପ୍ରତିରକ୍ଷା ବିଭାଗ ନିଜ ହାତରେ ରଖିଛନ୍ତି।

## ୬ରେ କୃଷକଙ୍କ ଦିଲ୍ଲୀ ଅଭିଯାନ

ଚଣ୍ଡିଗଡ଼ ,୧୮।୧୧(ପି.ଟି.)

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ର ଆଇନଗତ ଗ୍ୟାରେଣ୍ଟି ଏବଂ ଅନ୍ୟାନ୍ୟ ନ୍ୟାଯ୍ୟ ଦାବିକୁ ଗ୍ରହଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ନିମନ୍ତେ ଶମ୍ଭୁ ସୀମାରେ ଦୀର୍ଘଦିନ ହେଲା ଆନ୍ଦୋଳନରେ ବସିଥିବା କୃଷକମାନେ ଡିସେମ୍ବର ୬ରେ ଦିଲ୍ଲୀ ଅଭିଯାନରେ ବାହାରିବେ। ଏନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚା (କେଏମ୍‌ଏମ୍) ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଚଳିତବର୍ଷ ଫେବୃଆରୀ ୧୩ରେ ଉକ୍ତ କୃଷକମାନେ 'ଦିଲ୍ଲୀ ଚଲୋ' ଶୋଭାଯାତ୍ରାରେ ବାହାରିଥିବାବେଳେ ସୁରକ୍ଷା ବଳ ବାଧାଦେବାରୁ ସେମାନେ ପଞ୍ଜାବ ଓ ହରିୟାଣା ମଧ୍ୟବର୍ତ୍ତୀ ଶମ୍ଭୁ ଏବଂ ଖନୌରି ସୀମାରେ ଅଟକି ରହିଛନ୍ତି। ଦୀର୍ଘଦିନର ପ୍ରତୀକ୍ଷା ପରେ ଚାଷୀମାନେ ଦିଲ୍ଲୀ ଅଭିମୁଖେ ଯିବା ପାଇଁ ନିଷ୍ପତ୍ତି ନେଇଥିବା କେଏମ୍‌ଏମ୍ ନେତା ସରୱନ୍ ସିଂ ପାନ୍ଧେର କହିଛନ୍ତି। ନଭେମ୍ବର ୨୬ରୁ କୃଷକ ନେତା ଜଗଜିତ ସିଂ ଡାଲେୱାଲ ଆମରଣ ଅନଶନରେ ବସିବେ। ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ କୃଷିଋଣ ଛାଡ଼ କରିବା, କୃଷକ ଓ କୃଷି ଶ୍ରମିକଙ୍କ ପାଇଁ ପେନ୍‌ସନ ଲାଗୁ କରିବା, ବିଦ୍ୟୁତ ଦେୟ ନ ବଢ଼ାଇବା ଆଦି କୃଷକଙ୍କ ଦାବି ରହିଛି।



## ବାଇଡେନ୍-ମୋଦି ଭେଟ

ରିଓ ଡି ଜନେଇରୋ ,୧୮।୧୧

**ବ୍ରାଜିଲରେ ଜି୨୦**

ଜି୨୦ ସମ୍ମିଳନୀରେ ଯୋଗଦେବା ପାଇଁ ବ୍ରାଜିଲର ରିଓ ଡି ଜନେଇରୋରେ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ସେଠାରେ ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲ୍‌ଭା ଏବଂ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁରେରେସ୍‌ଙ୍କ ସମେତ ଅନେକ ବିଶ୍ୱନେତାଙ୍କୁ ଭେଟିଛନ୍ତି। ୧୮ ଓ ୧୯ ଦୁଇଦିନ ଧରି ଜି୨୦ ସମିଟ୍ ଚାଲିବ। ସମ୍ମିଳନୀରେ ଆସନ ଗ୍ରହଣ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ବାଇଡେନ୍‌ଙ୍କ ସହ କରମର୍ଦ୍ଦନ କରିଥିବାବେଳେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ବ୍ରାଜିଲ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଥିଲେ। ନାଇଜେରିଆ ଗସ୍ତ ପରେ ସୋମବାର ବ୍ରାଜିଲରେ ପହଞ୍ଚିଥିବା ମୋଦିଙ୍କୁ ରିଓ ଡି ଜନେଇରୋରେ ପ୍ରବାସୀ ଭାରତୀୟମାନେ ସଂସ୍କୃତ ଶ୍ଳୋକ ଗାଇ ସ୍ୱାଗତ କରିଥିଲେ।

## ଫୁରସତ

### ପୁରୁଷଙ୍କୁ ମଧ୍ୟ ସମ୍ମାନ ଦେବା ଜରୁରୀ

**ଆଜି ଅନ୍ତର୍ଜାତୀୟ ପୁରୁଷ ଦିବସ**

ପ୍ରତିବର୍ଷ ନଭେମ୍ବର ୧୯ରେ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ କରାଯାଏ। ୬୦ରୁ ଅଧିକ ଦେଶ ପୁରୁଷ ଦିବସ ପାଳନ କରନ୍ତି। ଏହି ଅବସରରେ ଅନେକ ପ୍ରକାରର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

୧୯୨୩ରେ ପ୍ରଥମ ଥର ପାଇଁ ପୁରୁଷ ଦିବସ ପାଳନ କରିବାର ଦାବି ଉଠିଥିଲା। ଫେବୃଆରୀ ୨୩ରେ ସର୍ବଭାରତୀୟ ସ୍ତରରେ ପୁରୁଷ ଦିବସ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଆମେରିକା, ଅଷ୍ଟ୍ରେଲିଆ ସଂଗଠନଗୁଡ଼ିକୁ ନିମନ୍ତ୍ରଣ କରାଯାଇଥିଲା। ଦୁଇ ବର୍ଷ ଧରି ପୁରୁଷ ଦିବସ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ୧୯୯୫ ପର୍ଯ୍ୟନ୍ତ ବହୁତ କମ ସଂସ୍ଥା ଏହି ଘଟଣାଗୁଡ଼ିକର ଅଂଶ ହୋଇଥିଲେ। ଫଳସ୍ୱରୂପ ଇଭେଣ୍ଟ ବନ୍ଦ ହୋଇଗଲା।

ତ୍ରିନିଦାଦ ଏବଂ ଟୋବାଗୋରେ ଥିବା ୱେଷ୍ଟଇଣ୍ଡିଜ ବିଶ୍ୱବିଦ୍ୟାଳୟର ଇତିହାସ ପ୍ରଫେସର ଡକ୍ଟର ଜେରୋମ ତିଲକ ସିଂ ୧୯୯୯ରେ ପ୍ରଥମ ଥର ପାଇଁ ନଭେମ୍ବର୧୯ରେ ପୁରୁଷ ଦିବସ ପାଳନ କରିଥିଲେ। ନିଜ ପିତାଙ୍କ ଜନ୍ମଦିନ ଅବସରରେ ପ୍ରଫେସର ଏହି ଦିନ ପାଳନ କରିଥିଲେ। ସେ ପୁରୁଷମାନଙ୍କୁ ପ୍ରସଙ୍ଗ ଉଠାଇବାକୁ ଲୋକଙ୍କୁ ଉତ୍ସାହିତ କରିଥିଲେ। ୧୯ ନଭେମ୍ବର ୨୦୦୭ରେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ କରାଯାଇଥିଲା।

ଏକ ସ୍ୱତନ୍ତ୍ର ଥିମ୍ ଆଧାରରେ ପ୍ରତିବର୍ଷ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ କରାଯାଏ। ଚଳିତବର୍ଷ ଅନ୍ତର୍ଜାତୀୟ ପୁରୁଷ ଦିବସ ୨୦୨୪ର ଥିମ୍ ହେଉଛି 'ମେନ୍ସ ହେଲ୍ଥ ଚାମ୍ପିଅନ' (Men's Health Champions)। ଏହି ଥିମ୍ ପୁରୁଷଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଉପରେ ଧ୍ୟାନ ଦେଇଥାଏ।

### ଭିକ୍ଟୋରିଆଙ୍କୁ ମିସ୍ ୟୁନିଭର୍ସ କଲା ଟ୍ରମ୍ପ୍ ଇଫେକ୍ଟ

**୨୦୨୪ ନଭେମ୍ବର ୧୭ରେ ମେକ୍ସିକୋ ସିଟିରେ ଆୟୋଜିତ ୭୩ତମ ମିସ୍ ୟୁନିଭର୍ସ ଇଭେଣ୍ଟରେ ଡେନ୍‌ମାର୍କର ୨୧ ବର୍ଷୀୟା ଭିକ୍ଟୋରିଆ କଜେର ଥେଇଲଭିଗ୍ ବ୍ରହ୍ମାଣ୍ଡ ସୁନ୍ଦରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ପୂର୍ବରୁ ଶି'ମେଲ୍‌ମାନେ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଆଧିପତ୍ୟ ବିସ୍ତାର କରିଥିବାବେଳେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ତାଙ୍କ ପ୍ରଭାବରେ ଜଣେ ଜୈବିକ ମହିଳା ଭାବେ ଭିକ୍ଟୋରିଆ ଏହି ମୁକୁଟ ହାସଲ କରିପାରିଥିବା କୁହାଯାଉଛି।**

ମେକ୍ସିକୋ ସିଟି,୧୮।୧୧



ଇତିହାସରେ ପ୍ରଥମ ଥର ପାଇଁ ଏହି ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଡେନ୍‌ମାର୍କରୁ ଜଣେ ଡାନିଶ୍ ପ୍ରତିନିଧି ମିସ୍ ୟୁନିଭର୍ସ ହୋଇପାରିଛନ୍ତି। ଟାଇଟଲ ପାଇଁ ୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ନିଜ ଟ୍ୟାଲେଣ୍ଟ ପ୍ରଦର୍ଶନ କରିଥିବାବେଳେ ଉକ୍ତ ଇଭେଣ୍ଟରେ କଡ଼ା ମୁକାବିଲା ହୋଇଥିଲା। ୨୦୨୩ ପର୍ଯ୍ୟନ୍ତ ଆୟୋଜିତ ପ୍ରତିଯୋଗିତାରେ ବିବାହଯୋଗ୍ୟା, ଓଜନ ଅଧିକ ଥିବା ଏବଂ କିନ୍ନର କଣ୍ଟେଷ୍ଟାଣ୍ଟମାନେ ଭାଗ ନେଉଥିଲେ। ଟ୍ରାନ୍ସଜେଣ୍ଡରଙ୍କ ଅଧିକାର ସୁରକ୍ଷା ପାଇଁ ପ୍ରୟାସରତ ଥାଇଲାଣ୍ଡର ଜଣେ ମିଡିଆ ମୋଗଲ ମିସ୍ ୟୁନିଭର୍ସ ଇଭେଣ୍ଟର ମାଲିକାନା ନେବା ପରେ ଚଳିତବର୍ଷର ଇଭେଣ୍ଟ ଅଧିକ ପାରମ୍ପରିକ ଥିଲା। ଗତବର୍ଷ ଶୀର୍ଷ ୨୦ ଜଣଙ୍କ ମଧ୍ୟରେ ପର୍ତ୍ତୁଗାଲର ମାରିନା ମାଚେଟେ ପ୍ରଥମ ଟ୍ରାନ୍ସଜେଣ୍ଡର ଓମେନ୍ ଭାବେ ସ୍ଥାନ ପାଇଥିଲେ। କିଛି ମାସ ପୂର୍ବରୁ ୨୨ ବର୍ଷୀୟା ରିକ୍କି ଭଲେରିଏ କୋଲ୍ଲେ ମିସ୍ ନେଦରଲାଣ୍ଡ୍ସ ମୁକୁଟ ହାସଲ କରିବାରେ ପ୍ରଥମ ଟ୍ରାନ୍ସଜେଣ୍ଡର ପର୍ସନ ଥିଲେ। ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାଗନେବାରେ ଆଞ୍ଜେଲା ପୋନ୍ସ ହେଉଛନ୍ତି ପ୍ରଥମ ଟ୍ରାନ୍ସ ଓମେନ୍। କିଛି ବର୍ଷ ତଳେ ସେ ମିସ୍ ସ୍ପେନ୍ ମୁକୁଟ ହାସଲ କରିଥିଲେ। ସଦ୍ୟ ଅନୁଷ୍ଠିତ ଇଭେଣ୍ଟରେ ଭିକ୍ଟୋରିଆ ଜଣେ ଅଣ-କିନ୍ନର ଭାବେ ଏହି ମର୍ଯ୍ୟାଦାଜନକ ମୁକୁଟ ପାଇବା ପରେ ଅନେକେ ବିସ୍ମିତ ହୋଇଯାଇଥିଲେ। ଜଣେ ଷ୍ଟ୍ରେଟ୍, ଶ୍ୱେତାଙ୍ଗୀ, ଜୈବିକ ମହିଳା ମିସ୍ ୟୁନିଭର୍ସ ୨୦୨୪ ହେବା ଏକ ବଡ଼ ଖବର ବୋଲି ଲୋକପ୍ରିୟ ରାଜନୈତିକ ଭାଷ୍ୟକାର ମାଟ୍ଟ ୱାଲେସ୍ କହିଛନ୍ତି। ଆଉ କେତେଜଣଙ୍କ ମତରେ ଟ୍ରମ୍ପ୍ ଆମେରିକାର ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଜଣେ ଷ୍ଟ୍ରେଟ୍ ମହିଳା ମିସ୍ ୟୁନିଭର୍ସ ହୋଇପାରିଛନ୍ତି। ଉଲ୍ଲେଖଯୋଗ୍ୟ, ଟ୍ରମ୍ପ୍ ସୁନ୍ଦରୀ ପ୍ରତିଯୋଗିତା ଆୟୋଜନ କରିବା ପରେ ହିଁ ଏହା ଗଣମାଧ୍ୟମର ଦୃଷ୍ଟିଆକର୍ଷଣ କରି ଲୋକପ୍ରିୟ ହୋଇପାରିଥିଲା। ୨୦୦୩ରେ ଏନ୍‌ବିସି ସହ ଟ୍ରମ୍ପ୍‌ଙ୍କ ଡିଲ୍ ଯୋଗୁ ଏହା ଘରେ ଘରେ ପହଞ୍ଚିପାରିଥିଲା। କିନ୍ତୁ ୨୦୧୫ରେ ଟ୍ରମ୍ପ୍‌ଙ୍କ ଏକ ମନ୍ତବ୍ୟ ଏଥିରେ ତାଙ୍କର ସହଭାଗିତାରେ ପୂର୍ଣ୍ଣଚ୍ଛେଦ ପକାଇଥିଲା। ପରବର୍ତ୍ତୀ ସମୟରେ ଏନ୍‌ବିସିର ଅର୍ଦ୍ଧାଧିକ ଅଂଶଧନ ଟ୍ରମ୍ପ୍‌ଙ୍କ ନିକଟରେ ରହିବାରୁ ସେ ଏହାର ମାଲିକ ହୋଇଥିଲେ। ଟ୍ରମ୍ପ୍‌ଙ୍କ ଅମଳରେ ମିସ୍ ୟୁନିଭର୍ସ ପ୍ରତିଯୋଗିତା ଯୌନାଚାରରେ ଛନ୍ଦିହୋଇ ବିବାଦୀୟ ହୋଇଥିଲା। ବର୍ତ୍ତମାନ ମିସ୍ ୟୁନିଭର୍ସ ବ୍ରାଣ୍ଡ୍ ଥାଇଲାଣ୍ଡର ଜେକେଏନ୍ ଗ୍ଲୋବାଲ ଗ୍ରୁପ୍ ଏବଂ ଆମେରିକାର ଲିଗାସି ହୋଲ୍ଡିଂ ଗ୍ରୁପ୍ ନିକଟରେ ରହିଛି। ପ୍ରଥମ ଓପନ୍ ଟ୍ରାନ୍ସ ଓମେନ୍ ଆନ୍ନେ ଜାକାପୋଙ୍ଗ୍ ଜାକ୍ରାଜୁଟାଟିପ୍ ଏହି ଥାଇ କଙ୍ଗ୍ଲୋମେରେଟ୍‌ର ମାଲିକାଣୀ, ଯିଏକି ସୁନ୍ଦରୀ ପ୍ରତିଯୋଗିତା ଇତିହାସରେ ଏକ ସକାରାତ୍ମକ ଅଧ୍ୟାୟ ଯୋଡ଼ିଥିବା କୁହାଯାଉଛି। ଜାକାପୋଙ୍ଗ୍ ଏଥିରେ ବିବାହିତ ମହିଳା ଓ ମା'ମାନଙ୍କୁ ସାମିଲ ହେବା ପାଇଁ ସୁଯୋଗ ଦେଇ ନୂଆ ନିୟମ ପ୍ରଣୟନ କରିଥିଲେ। ତେବେ ତାଙ୍କ ନେତୃତ୍ୱରେ ଜେକେଏନ୍ ଗ୍ଲୋବାଲ ୨୦୨୩ରେ ଦେବାଳିଆ ହୋଇଯାଇଥିଲା। ମୋଟାମୋଟି ଭାବେ ଦେଖିବାକୁ ଗଲେ ମିସ୍ ୟୁନିଭର୍ସ ପ୍ରତିଯୋଗିତା ଶାରୀରିକ ଗଠନ ନିର୍ବିଶେଷରେ ସଶକ୍ତୀକରଣ ପାଇଁ ଅନେକ ମହିଳାଙ୍କୁ ଉତ୍ସାହିତ କରିଛି।




**ଆମ୍ବଟାକୁଆ ଜାଉ ଖାଇବା ଘଟଣା**

# ଆଉ ଜଣଙ୍କ ଜୀବନ ଗଲା

କଟକ/ଦାରିଙ୍ଗବାଡ଼ି,୧୮।୧୧
(ଶିଳ୍ପା ପ୍ରିୟଦର୍ଶିନୀ/ଅରୁଣ ସାହୁ)

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ପଞ୍ଚାୟତ ମାଣ୍ଡିପଙ୍କା ଗ୍ରାମରେ ଆମ୍ବଟାକୁଆ ବାସି ଜାଉ ଖାଇ ଗତ ୧ ତାରିଖରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସୋମବାର ଅପରାହ୍ଣରେ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଜିତା ମାଝୀ। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ଗାଁକୁ ପଠାଯାଇଥିବା ନେଇ ସ୍ୱତନ୍ତ୍ର ଡାକ୍ତରୀ ଦଳ ସୂଚନା ଦେଇଛନ୍ତି। ଡାକ୍ତରୀ ଦଳରେ ଥିବା ଭେଷଜ ବିଭାଗର ଡା. ଜୟନ୍ତ ପଣ୍ଡା କହିଛନ୍ତି, ଏଠାରେ ଚିକିତ୍ସିତ ହେଉଥିବା ଜିତା ଏବଂ ଅନ୍ୟ ଜଣେ ମହିଳା ଚୁନି ମାଝୀଙ୍କ ବୃକକ୍ ସମସ୍ୟା ଥିବାବେଳେ ଡାଏଲିସିସ୍ ଜାରି ରହିଥିଲା। ରବିବାରଠାରୁ ଜିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇ ଚିକିତ୍ସା କରାଯାଉଥିଲା। ତେବେ ସୋମବାର ଅପରାହ୍ଣରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଅନ୍ୟପଟେ ଚୁନିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଡା. ପଣ୍ଡା କହିଛନ୍ତି।

ସୂଚନାଯୋଗ୍ୟ, ଏହି ଘଟଣାରେ ୬ ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ବ୍ରହ୍ମପୁରରେ ଚିକିତ୍ସା କରାଯାଇଥିଲା। ୩ଦିନ ପରେ ଜିତା ଓ ଚୁନିଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଜିତାଙ୍କ କିଡ୍‌ନୀଜନିତ ରୋଗରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ବୋଲି ଦାରିଙ୍ଗବାଡ଼ି ବିଡିଓ ପ୍ରୀତିରଞ୍ଜନ ରଥ କହିଛନ୍ତି। ଜିତାଙ୍କ ମୃତଦେହ ମାଣ୍ଡିପଙ୍କାକୁ ଅଣାଯିବା ପାଇଁ ବ୍ୟବସ୍ଥା କରାଯାଉଛି। ଏନେଇ ସେ ସରପଞ୍ଚ କୁମାରୀ ମଲିକଙ୍କ ସହ କଥାବାର୍ତ୍ତା ହୋଇଥିବା ରଥ କହିଛନ୍ତି।

# ବଢ଼ିଲାଣି ଶୀତ, ପଡ଼ିଲାଣି କୁହୁଡ଼ି

ଭୁବନେଶ୍ୱର,୧୮।୧୧
(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ହେବ ତାପମାତ୍ରାରେ ହ୍ରାସ ଘଟିବା ସହ ଶୀତ ଅନୁଭୂତ ହେଉଛି। ସେହିପରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର କିଛି ସ୍ଥାନରେ ଘନ କୁହୁଡ଼ି ଦେଖିବାକୁ ମିଳିଛି। ଆଗକୁ ଶୀତ ସହ କୁହୁଡ଼ି ପରିମାଣ ଆହୁରି ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ତେବେ ଏବେ ବି ଅନେକ ସ୍ଥାନରେ ରାତିରେ ଶୀତ ଓ କୁହୁଡ଼ି ପ୍ରକୋପ ଦେଖିବାକୁ ମିଳୁଥିଲେ ମଧ୍ୟ ଦିନ ତାପମାତ୍ରା ଅଧିକ ରହୁଛି। ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନ ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ କମ୍ ରହୁଛି। ହେଲେ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହୁଛି। ମାଲକାନଗିରି, ନୂଆପଡ଼ା ଓ ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୨.୪ ଡିଗ୍ରୀ ସେଲସିୟସ୍ ରହିଥିବାବେଳେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ତେବେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସାମାନ୍ୟରୁ ମଧ୍ୟମଧରଣର କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ। ବିଶେଷକରି ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, କଳାହାଣ୍ଡି ଓ କନ୍ଧମାଳର କିଛି ସ୍ଥାନରେ କୁହୁଡ଼ି ପଡ଼ିବ ବୋଲି ସୂଚନା ଦିଆଯାଇଛି।

# ନୂଆପଡ଼ା ଅଦିନିଆ ରଥଯାତ୍ରା ନେଇ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ

## ସବୁ ଜିଲାପାଳଙ୍କୁ ଚିଠି ଲେଖିବାକୁ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ଦାବି

ଭୁବନେଶ୍ୱର, ୧୮।୧୧(ସୁନିତ୍ ମିଶ୍ର)

ବିଭିନ୍ନ ସ୍ଥାନରେ ମନଇଚ୍ଛା ରଥଯାତ୍ରାକୁ ନେଇ କିଛିଦିନ ହେବ ବିତର୍କ ଆରମ୍ଭ ହୋଇଛି। ନୂଆପଡ଼ା ଜିଲାର କୋମନା ବ୍ଲକର ଏକ ଗାଁରେ ଅଦିନିଆ ରଥଯାତ୍ରା କରାଯିବାକୁ ନେଇ ପ୍ରତିବାଦ ଉଠୁଛି। ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ସଦସ୍ୟମାନେ ସୋମବାର ଏହି ଘଟଣାକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟିଛନ୍ତି। ପରିଷଦ ସଭାପତି ସଞ୍ଜିତା ମହାନ୍ତି ଏହି ଅବସରରେ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରି କହିଛନ୍ତି, ନିୟମ ଅନୁଯାୟୀ ରଥଯାତ୍ରା ସବୁ ସମୟରେ କରାଯିବା କଥା ନୁହେଁ। ହେଲେ ଏହାକୁ କେହି ମାନୁନାହାନ୍ତି। ଏହି ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଯେହେତୁ ନୂଆପଡ଼ାଠାରେ ଏହା ହୋଇସାରିଲାଣି ଆଗକୁ ଯେପରି ଏଭଳି ଘଟଣା ନ ହେବ ସେଥିପ୍ରତି ସରକାର ଦୃଷ୍ଟି ଦେବା ଦରକାର। ସବୁ ଜିଲାପାଳଙ୍କୁ ଏନେଇ ଚିଠି ଲେଖାଯାଉ। ଆଗକୁ ଯଦି ଏପରି କେହି ପଦକ୍ଷେପ ଗ୍ରହଣ କରନ୍ତି ତେବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ବୋଲି ସଞ୍ଜିତା ଦାବି କରିଛନ୍ତି। ଅନ୍ୟପଟେ ମନ୍ତ୍ରୀ ଏହି ଘଟଣା ସମ୍ପର୍କରେ ଅବଗତ ନ ଥିବାବେଳେ ଏ ସମ୍ପର୍କରେ ଜାଣିବା ପରେ ଶ୍ରୀମନ୍ଦିର ପ୍ରଶାସନ ସହିତ ଆଲୋଚନା କରିବେ ବୋଲି କହିଛନ୍ତି। ଏହାସହ ଏହା ଯେଉଁଠାରେ ହୋଇଛି ତା'ର ତଦନ୍ତ ହେବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଆମେରିକାର ହ୍ୟୁଷ୍ଟନ ସହରରେ ଗତ ୯ ତାରିଖରେ ଅଦିନିଆ ନନ୍ଦିଘୋଷ ରଥ ଗଡ଼ିଥିଲା। ହେଲେ ସେଥିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ନ ଥିବାବେଳେ ରାଧାକୃଷ୍ଣ ଓ ନିତାଇଗୌରଙ୍କ ମୂର୍ତ୍ତି ବିରାଜମାନ ଥିଲା। ନନ୍ଦିଘୋଷ ରଥ ଭଳି ଇସ୍କନର ଏହି ରଥ ପ୍ରତୀୟମାନ ହେଉଥିବାରୁ ଏହାକୁ ନେଇ ସବୁଆଡୁ ପ୍ରତିବାଦର ସ୍ୱର ଉଠିଥିଲା। ଏହାପରେ ଗଜପତି ମହାରାଜ ଇସ୍କନର ଏଭଳି କାର୍ଯ୍ୟ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଇସ୍କନ କିନ୍ତୁ ଗତ ୩ ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଏବଂ ୯ରେ ରଥଯାତ୍ରା କରିବାକୁ ଯୋଜନା କରିଥିଲା। ହେଲେ ସବୁଆଡୁ ବିରୋଧର ସ୍ୱର ଉଠିବା ପରେ ଇସ୍କନ ନିଷ୍ପତ୍ତି ବଦଳାଇଥିଲା। ହେଲେ ନନ୍ଦିଘୋଷ ରଥ ଭଳି ନିଜର ଏକ ରଥ ନିର୍ମାଣ କରି ଓଡ଼ିଆ ଲୋକଙ୍କ ଭିତରେ ଅସନ୍ତୋଷ ସୃଷ୍ଟି କରିଥିଲା। ତେଣୁ ଆଗକୁ ଏଭଳି ଘଟଣା ଯେପରି ନ ଘଟିବ ତାକୁ ନେଇ ସବୁ ମହଲରେ ଦାବି ଉଠିଛି।

# ଜନସ୍ୱାର୍ଥ ମାମଲା ଆବେଦନକାରୀଙ୍କୁ ମରଣାନ୍ତକ ଆକ୍ରମଣ

- ଧର୍ମଶାଳା ଥାନାରେ ଅଭିଯୋଗ
- ଆରୁହା ପାହାଡ଼ରେ ବେଆଇନ କଳାପଥର ଖାଦାନ

ଯାଜପୁର,୧୮।୧୧
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଆରୁହା କଳାପଥର ଖାଦାନ ଲୁଟ୍ ହେଉଥିବା ଅଭିଯୋଗ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା(ଡବ୍ଲ୍ୟୁପିସି ନଂ-୨୮୦୩୨/୨୦୨୪) ରୁଜୁ ହୋଇଛି। ତେବେ ଏହାର ଆବେଦନକାରୀ ଆରୁହା ଗ୍ରାମର ବିପିନ କୁମାର ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ବିପିନ ରବିବାର ସନ୍ଧ୍ୟା ପ୍ରାୟ ସାଢେ ୫ଟା ସମୟରେ ଆରୁହା ଛକରେ ଠିଆ ହୋଇଥିବାବେଳେ ଆରୁହା ପାହାଡ଼ର ଲିଜ୍‌ଧାରୀ ମନୋଜ ସାମଲ କେତେକ ବ୍ୟକ୍ତିଙ୍କୁ ପଠାଇ ଆକ୍ରମଣ କରିଥିଲେ। ଏଥିରେ ନିରାକାର ସାମଲ, ସୁରେଶ ସାମଲ ଓ ପ୍ରମୋଦ ସାମଲ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି କାହିଁକି କେସ୍ କରିଛୁ ବୋଲି ବିପିନଙ୍କୁ ଧମକ ଦେଇଥିଲେ। ଏହାସହ ବନ୍ଧୁକ ଓ ଖଣ୍ଡା ଦେଖାଇ ବିପିନଙ୍କ ଛାତିକୁ ଏକ ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ସେ ଚିତ୍କାର କରି ତଳେ ପଡ଼ିଯିବାରେ ତାଙ୍କ ପକେଟରୁ ୮,୨୦୦ ଟଙ୍କା ଛଡ଼େଇ ନେଇଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ମାମଲା ପ୍ରତ୍ୟାହାର ନ କଲେ ଜୀବନରେ ମାରିଦେବୁ ବୋଲି ଅଭିଯୁକ୍ତମାନେ ତାଙ୍କୁ ଧମକ ଦେଇ ସେଠାରୁ ଚାଲି ଯାଇଥିଲେ। ଏହାପରେ ବିପିନ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ତେଣୁ ଏହି ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଥାନାରେ ଲିଖିତ ଅନୁରୋଧ କରିଛନ୍ତି। ତେବେ ଏହି ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ କିମ୍ବା ତଦନ୍ତ ହୋଇ ନ ଥିବା ଜଣାପଡ଼ିଛି। ଧର୍ମଶାଳା ଥାନାଧିକାରୀ ତପନ କୁମାର ନାୟକଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

ଜନସ୍ୱାର୍ଥ ମାମଲାରେ ହୋଇଥିବା ଅଭିଯୋଗ ଅନୁସାରେ ଆରୁହା ପାହାଡ଼ରେ ୫ଟି କଳାପଥର ଖାଦାନ ରହିଛି। ଏହି କଳାପଥର ଖାଦାନଗୁଡିକ ସ୍କୁଲ, ରେଲୱେ ଲାଇନ ଓ ବସତି ନିକଟରେ ରହିଛି। ସରକାର ଏଠାରେ ଏକ କ୍ଲଷ୍ଟର ମାଇନିଂ ଯୋଜନା କରିଛନ୍ତି। କିନ୍ତୁ ଉକ୍ତ ଯୋଜନା କରିବା ପୂର୍ବରୁ ସରକାର ଏହାର ନିକଟରେ ଥିବା ସ୍କୁଲ ଓ ରେଲୱେ ଲାଇନ ଅବସ୍ଥିତିକୁ ଭୁଲି ଯାଇଛନ୍ତି, ଯାହାକୁ ନେଇ ସ୍କୁଲରେ ଅଧ୍ୟୟନରତ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି। କଳାପଥର ଖାଦାନରେ ବିସ୍ଫୋରଣ ଏବଂ ପରିବହନ ଯୋଗୁ ଅଞ୍ଚଳବାସୀଙ୍କୁ ବିଭିନ୍ନ ରୋଗ ହେବାର ଆଶଙ୍କା ରହିଛି। ବିନା ଅନୁମତିରେ କେତେକ ବ୍ୟବସାୟୀ ଏଠାରେ କଳାପଥର ଉତ୍ତୋଳନ କରୁଛନ୍ତି। ଏପରିକି ସ୍ଥାନୀୟ ଲୋକଙ୍କ ଅଭିଯୋଗ ସତ୍ତ୍ୱେ ଧର୍ମଶାଳା ତହସିଲଦାର ମନୋଜ ସାମଲ, ସରୋଜ କୁମାର ଜେନା ଏବଂ ତ୍ରିନାଥ ଜେନାଙ୍କୁ ଖାଦାନ ଚଳାଇବାକୁ ଅନୁମତି ଦେଇଛନ୍ତି। ସେମାନେ ଅନୁମତି ଠାରୁ ବହୁଗୁଣ ଅଧିକ କଳାପଥର ଉତ୍ତୋଳନ କରିଛନ୍ତି। ଫଳରେ ତହସିଲ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ୪୫୦ ମିଟର ଦୂରତାରେ ସିନ୍ଦୁରାଇ ସ୍କୁଲ, ୩୦୦ ମିଟର ଦୂରତାରେ ଗୋଡିସାହି ବସ୍ତି, ୪୦୦ ମିଟର ଦୂରତାରେ ଗ୍ରାମ୍ୟ ପୋଖରୀ ଓ ଜାବରା ଗ୍ରାମ୍ୟ ବସତି, ୩୦୦ ମିଟର ଦୂରତାରେ ଆରୁହା ୟୁପି ସ୍କୁଲ ରହିଛି। ଏଥିଯୋଗୁ ଆରୁହା କଳାପଥର ଖାଦାନଗୁଡ଼ିକୁ ପରିଚାଳନା ଏବଂ ପରିବେଶଗତ ଅନୁମତି ମିଳିବା ଉଚିତ ନୁହେଁ। ତଥାପି ପ୍ରଶାସନ ପକ୍ଷରୁ ଆରୁହା ଗ୍ରାମର ପ୍ଲଟ ନମ୍ବର ୨୭୩୩ ଏବଂ ୨୫୯୪ ଜମିରେ ଶରତ କୁମାର ଜେନା ଓ ଅଶୋକ ପରିଡାଙ୍କୁ ୨ଟି କ୍ରଶର ୟୁନିଟ ଚଳାଇବାକୁ ଅନୁମତି ଦେଇଛନ୍ତି। ଏଥିଯୋଗୁ ସୃଷ୍ଟି ହୋଇଥିବା ପ୍ରଦୂଷଣ କାରଣରୁ ଗ୍ରାମବାସୀ କିଡନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହିସବୁ କାରଣରୁ ଆରୁହା ପାହାଡ଼ରେ ଥିବା ସମ୍ପୃକ୍ତ ଖାଦାନଗୁଡ଼ିକୁ ବନ୍ଦ କରିବାକୁ ଆବେଦନକାରୀ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି।

# ପ୍ରଶାସନିକ ଅସହଯୋଗ: ସରପଞ୍ଚଙ୍କ ଆତ୍ମାହୁତି ଚେତାବନୀ

ରାମଚନ୍ଦ୍ରପୁର,୧୮।୧୧
(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଖାଲିଆମେଣ୍ଟା ପଞ୍ଚାୟତର ସରପଞ୍ଚଙ୍କୁ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ସରପଞ୍ଚ ବୃନ୍ଦାବନ ଜେନା ଘସିପୁରା ବ୍ଲକ୍ ଅଧିକାରୀଙ୍କୁ ଜଣାଇଥିଲେ ବି କୌଣସି ଫଳ ନ ମିଳିବାରୁ ସୋମବାର ଉପ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ୟା ୧୫ ଦିନ ମଧ୍ୟରେ ସମାଧାନ ନ ହେଲେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଚାଉଳ ବଣ୍ଟନଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରୁ ସରପଞ୍ଚଙ୍କୁ ଜାଣିଶୁଣି ଉପେକ୍ଷା କରାଯାଉଛି। ପଞ୍ଚାୟତରେ ଥିବା ୨ ପୋଖରୀ ଖାଲିଆମେଣ୍ଟାର ଗ୍ରାମବାସୀ ଅଗ୍ନି ଉତ୍ସବ ପାଇଁ ରଖାଯାଇଛି। ଧାଉଡ଼ଡିହା ଗ୍ରାମରେ ୨ ପୋଖରୀ ଥିବା ବେଳେ ମାଣିଗିରିରେ ଗୋଟିଏ ପୋଖରୀ ଅଛି, ଏ ପର୍ଯ୍ୟନ୍ତ ତାକୁ ନିଲାମ ଦିଆଯାଉନାହିଁ। ୨ ବର୍ଷ ୮ ମାସ କାର୍ଯ୍ୟକାଳ ମଧ୍ୟରେ ଘସିପୁରା ବ୍ଲକ୍ ଓ ଆନନ୍ଦପୁର ବ୍ଲକ୍ ଜନଶୁଣାଣିରେ ଜିଲାପାଳ, ଉପ ଜିଲାପାଳଙ୍କୁ ଦରଖାସ୍ତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ସରକାରଙ୍କ ତରଫରୁ ୨୦୧୭ରେ ନିର୍ମାଣ ହୋଇଥିବା ୧୬ଟି ମାର୍କେଟ କମ୍ପ୍ଲେକ୍ସର ଗୃହ ପୂର୍ବତନ ସରପଞ୍ଚ ରାଜିନାମା ଦ୍ୱାରା କମ୍ପ୍ଲେକ୍ସ ବଣ୍ଟନ କରିଛନ୍ତି। ଫଳରେ ପଞ୍ଚାୟତର ୪ର୍ଥ ଶ୍ରେଣୀ କର୍ମଚାରୀ ମାସ ଶେଷରେ ଭଡ଼ା ମାଗିବାକୁ ଗଲେ ତାକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଉଛି। ଘସିପୁରା ଥାନାରେ ଏ ନେଇ ଜଣାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଅନ୍ୟପଟେ ପଞ୍ଚାୟତରେ ସାଧାରଣ ବଣ୍ଟନ ପାଇଁ ପିଇଓ ଥିଲେ ମଧ୍ୟ ତାଙ୍କ ଲାଇସେନ୍ସରେ ପଞ୍ଚାୟତକୁ ପିଡିଏସ ଦିଆଯାଉନାହିଁ। ଅନ୍ୟ ପଞ୍ଚାୟତର ପିଇଓଙ୍କ ଦ୍ୱାରା ସାଧାରଣ ବଣ୍ଟନ କରାଯାଉଛି। ବାରମ୍ବାର ଏ ନେଇ ବିଡିଓ, ଜିଲାପାଳଙ୍କୁ ଗୁହାରି କରିଛନ୍ତି। ମାତ୍ର ତାଙ୍କୁ ନିରାଶ ହେବାକୁ ପଡୁଥିବା ସରପଞ୍ଚ କହିବା ସହ ଏଭଳି ଲାଗି ରହିଲେ ଆତ୍ମାହୁତି ଦେବେ ବୋଲି କହିଥିଲେ। ଆନନ୍ଦପୁର ଉପ ଜିଲାପାଳ ଫାଲଗୁନୀ ମାଝୀ କହିଛନ୍ତି, ସେ ଏ ବିଷୟରେ କିଛି ଜାଣି ନାହାନ୍ତି। ଯଦି ଏମିତି କିଛି ହେଉଥିବ, ଖୁବ୍‌ଶୀଘ୍ର ଏହାର ସମାଧାନ କରିବାକୁ ଚେଷ୍ଟା କରାଯିବ।

# ବିଲରେ ଚାଷୀଙ୍କୁ ଦଳି ମାରିଲା ହାତୀ

**ପାଚିଲା ଧାନ ଜଗିବା କାଳ ହେଲା**

ସମ୍ବଲପୁର,୧୮।୧୧
(ପ୍ରମୋଦ ବହିଦାର)

ହାତୀ-ମଣିଷ ଲଢ଼େଇ ଥମିବା ନାଁ ନେଉନାହିଁ। ଗୋଟିଏ ଦିନରେ ସମ୍ବଲପୁର ଜିଲାରେ ଦୁଇଟି ପୃଥକ ଘଟଣାରେ ଗୋଟିଏ ଶାବକ ସହ ୩ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କର ମଧ୍ୟ ମୃତ୍ୟୁ ଘଟିଛି। ନାକଟିଦେଉଳ ବନଖଣ୍ଡ ବୁରୋମାଲରେ ବିଦ୍ୟୁତ ଫାଶରେ ପଡ଼ି ୩ ହାତୀଙ୍କ ଜୀବନ ଯାଇଛି। ସେହିପରି ଅନ୍ୟ ଏକ ଘଟଣାରେ ବିଲରେ ପାଚିଲା ଧାନ ଜଗିଥିବା ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅନ୍ତର୍ଗତ ହାତୀବାରୀ ଟେଙ୍ଗୁପଡ଼ାର ଜଣେ ଚାଷୀଙ୍କୁ ହାତୀ ଦଳି ମାରିଦେଇଛି। ମୃତକ ହେଲେ ଟେଙ୍ଗୁପଡ଼ାର ଗଣେଶ୍ୱର ଭୋଇ। ବିଭିନ୍ନ ସମୟରେ ଗ୍ରାମ ସମୀପ ବିଲରେ ହାତୀପଲ ପଶି ଧାନ ଫସଲ ନଷ୍ଟ କରୁଛନ୍ତି। ରବିବାର ଗଣେଶ୍ୱର ନିକଟସ୍ଥ ଚଟିମାଲ ଗ୍ରାମ ନିକଟରେ ଥିବା ତାଙ୍କ ବିଲରେ ପାଚିଲା ଧାନ ଫସଲକୁ ହାତୀ ଦାଉରୁ ରକ୍ଷା କରିବା ପାଇଁ ଯାଇଥିଲେ। ଏହି ସମୟରେ ହାତୀ ତାଙ୍କୁ ଦଳି ଦେଇଥିଲା। ସୋମବାର ସକାଳେ ସ୍ଥାନୀୟ ଲୋକେ ବିଲରେ ଗଣେଶ୍ୱରଙ୍କ ମୃତଦେହ ପଡ଼ିଥିବା ଦେଖି ତାଙ୍କ ପରିବାର ଲୋକଙ୍କ ସହ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଯୁଯୋମୁରା ରେଞ୍ଜ ଅଧିକାରୀ ହରି ଶଙ୍କର ନାଏକ, ଫରେଷ୍ଟର ରଞ୍ଜନ ଖମାରୀ ଘଟଣାସ୍ଥଳରେ ପହଞ୍ଚି ଗଣେଶ୍ୱରଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଯୁଯୁମୁରା ରେଞ୍ଜ ଅଧିକାରୀ ନାଏକ କହିଛନ୍ତି, ସରକାରୀ ଯୋଜନା ଅନୁସାରେ ମୃତକଙ୍କ ପରିବାରକୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯିବ।

# କୃଷିଋଣ ପାଇଁ ୮୩୦ କୋଟିର ସୁଧ ରିହାତି ବ୍ୟବସ୍ଥା

**୭୧ତମ ସମବାୟ ସପ୍ତାହ**

ଭୁବନେଶ୍ୱର,୧୮।୧୧
(ସୁଚିସ୍ମିତା ସାହୁ)


ବାଚସ୍ପତି ସୁରମା ପାଢ଼ୀ, ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ସହ ଅନ୍ୟ ଅତିଥିମାନେ ବାଲେଶ୍ୱରର ଏକ ସମବାୟ ସମିତିକୁ ପୁରସ୍କୃତ କରୁଛନ୍ତି।

ଅର୍ଥନୈତିକ ଓ ସାମାଜିକ ପ୍ରଗତିରେ ସମବାୟର ପ୍ରମୁଖ ଭୂମିକା ରହିଛି। ଚଳିତ ଆର୍ଥିକ ବର୍ଷରେ ସୁଧମୁକ୍ତ କୃଷିଋଣ ଯୋଜନା ପାଇଁ ରାଜ୍ୟ ସରକାର ୮୩୦ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ ବ୍ୟବସ୍ଥା କରିଛନ୍ତି। ସୋମବାର ସୂଚନା ଭବନରେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ପକ୍ଷରୁ ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ବାଚସ୍ପତି ସୁରମା ପାଢ଼ୀ ଏହି ସୂଚନା ଦେଇଛନ୍ତି। ସେ କହିଲେ, ସମବାୟର ଗୁରୁତ୍ୱକୁ ଉପଲବ୍ଧି କରି କେନ୍ଦ୍ର ସରକାର ନୂତନ ଭାବେ ସମବାୟ ମନ୍ତ୍ରଣାଳୟ ଖୋଲିଛନ୍ତି। ତିନୋଟି ମଲ୍ଟି ଷ୍ଟେଟ୍ ଆକ୍ଟରେ ୩ଟି ସମବାୟ ସମିତି ଗଠନ କରାଯାଉଛି। ସମବାୟରେ ସଭ୍ୟମାନଙ୍କୁ ଅଧିକରୁ ଅଧିକ ଅନ୍ତର୍ଭୁକ୍ତ କରାଯିବାକୁ ଚେଷ୍ଟା କରାଯାଉ। କେବଳ ରାଜ୍ୟ ନୁହେଁ, ରାଜ୍ୟଗୁଡ଼ିକ ଭିତରେ ସମବାୟ ସମ୍ପର୍କକୁ ଆହୁରି ଦୃଢ଼ କରିବାର ଆବଶ୍ୟକତା ରହିଛି। ବିକଶିତ ଭାରତ ପାଇଁ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବାଚସ୍ପତି କହିଛନ୍ତି।

ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଲେ, ସମବାୟ କ୍ଷେତ୍ରରେ ଥିବା ବିଭିନ୍ନ ଆଇନଗତ ଅସୁବିଧାକୁ ଦୂର କରାଯିବ। ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧ଶହ ଟଙ୍କାରେ ଧାନ ଦେବା ସହ କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟରେ ବିକ୍ରିବଟା ପାଇଁ ସମସ୍ତ ନିୟନ୍ତ୍ରିତ ବଜାର କମିଟିରେ ଇ-ମାର୍କେଟିଂର ବ୍ୟବସ୍ଥା କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଉତ୍ସବରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ସମବାୟ ସମିତି ସମୂହର ନିବନ୍ଧକ ପ୍ରଭୁକଲ୍ୟାଣ ପଟ୍ଟନାୟକ, ୟୁନିୟନ ସଭାପତି ପ୍ରବାସିନୀ ଷଡ଼ଙ୍ଗୀ ଓ ସମ୍ପାଦକ ବ୍ରହ୍ମାନନ୍ଦ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ୟୁନିୟନ ଦ୍ୱାରା ପ୍ରକାଶିତ 'ସ୍ମରଣିକା' ଓ 'ସମବାୟ ସମାଚାର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ ଉତ୍ତମ କାର୍ଯ୍ୟପ୍ରଣାଳୀ ପାଇଁ ରାଜ୍ୟର କେନ୍ଦ୍ର ସମବାୟ ବ୍ୟାଙ୍କ, ଅର୍ବାନ ସମବାୟ ବ୍ୟାଙ୍କ, ବୁଣାକାର, ମତ୍ସ୍ୟ ସମବାୟ, ଦୁଗ୍ଧ ସମବାୟ, ଶିଳ୍ପ ସମବାୟ, ତାଳ ଗୁଡ଼ ସମବାୟ, ଖାଉଟି ସମବାୟ, ପ୍ୟାକ୍ସ, ଲ୍ୟାମ୍ପସ, କର୍ମଚାରୀ ଋଣ ସମବାୟ ସମିତି ଆଦି ବିଭିନ୍ନ କ୍ଷେତ୍ରରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ସମବାୟ ଅନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ସେହିପରି ସମବାୟ ଡିପ୍ଲୋମା ପାଠ୍ୟକ୍ରମରେ ପ୍ରଥମ ସ୍ଥାନରେ ରହିଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରିଲିଆନ୍ସ ଫାଉଣ୍ଡେଶନ ଏବଂ ୟୁନାଇଟେଡ୍ ନେଶନ୍ସ ଇଣ୍ଡିଆ ପକ୍ଷରୁ କାର୍ଯ୍ୟକ୍ରମ, ସ୍ଥାନ: ମେ' ଫେୟାର ଲାଗୁନ, ସମୟ: ସକାଳ ୯ଟା ୪୫।
- ସୋସାଇଟି ଫର୍ ନେଚର ଏଜୁକେଶନ ଆଣ୍ଡ ହେଲ୍‌ଥ ପକ୍ଷରୁ କାର୍ଯ୍ୟକ୍ରମ, ସ୍ଥାନ: ସମ୍ପ୍ରିତି, ପ୍ଲଟ୍ ନଂ. ଏନ୍‌ଡି ୧୯ ୨୦, ଆଇଏର୍‌ସ ଭିଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶରତ ସାହିତ୍ୟ ସମାରୋହ ଓ ନବୀନ ବରଣ ଉତ୍ସବ, ସମୟ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବର ପଞ୍ଚମ ଦିବସ, ସ୍ଥାନ: କୁଆଖାଇ ନଦୀପଠା, ସମୟ: ଅପରାହ୍ନ ୩ଟା।
- ଭୁବନେଶ୍ୱର ଉତ୍ତର ମହୋତ୍ସବର ପଞ୍ଚମ ଦିବସ, ସ୍ଥାନ: ଭୁବନେଶ୍ୱର, ସମୟ: ଅପରାହ୍ନ ୩ଟା।
- ବିପ୍ଳବୀ କବି ମନମୋହନ ମିଶ୍ରଙ୍କ ୨୫ତମ ସ୍ମୃତି ସନ୍ଧ୍ୟା, ସ୍ଥାନ: ରୋଟାରୀ ଭବନ, ୟୁନିଟ୍–୯, ସମୟ: ଅପରାହ୍ନ ୫ଟା ୩୦।
- ୬ଷ୍ଠ ଲାସ୍ୟ ଲାବଣ୍ୟ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ, ସ୍ଥାନ: ଜିକେସିଏମ୍, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ବାର୍ଷିକ ସଙ୍ଗୀତ ମହୋତ୍ସବ 'ରଗୋତ୍ସବ', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଡାଳିଯୋଡ଼ା କାର୍ତ୍ତିକେଶ୍ୱର ମହୋତ୍ସବ, ସ୍ଥାନ: ଟାଙ୍ଗୀ–ଚୌଦ୍ୱାର ବ୍ଲକ୍ ବ୍ରହ୍ମପୁର ଗ୍ରାମ ପଞ୍ଚାୟତର ହରିହରପୁର ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ବିଜୟ କୁମାର ପଡ଼ିହାରୀଙ୍କ ରଚିତ ମାଟିର ମମତା ଓ ତିନୋଟି ଶିଶୁ ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ୧୧ତମ ଏଗ୍ରିକଲ୍‌ଚର ସେନସସ୍ ପ୍ରଶିକ୍ଷଣ ଶିବିର, ସ୍ଥାନ: ଉଦ୍ୟାନ ବିଭାଗ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ୬୮ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ବେସ୍‌ବଲ୍ ଓ ସଫ୍ଟବଲ୍ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା।
- ବିଜେଡିର ସଦର ବ୍ଲକ ଘେରାଉ ଓ ପ୍ରତିବାଦ ସଭା, ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଆହାର କେନ୍ଦ୍ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସରକାରୀ ହାଇସ୍କୁଲ, ଦହପାଣିଆ, ତିହିଡ଼ି, ସମୟ: ସକାଳ ୯ଟା।
- ବ୍ଲକ ବିଜେଡି ପକ୍ଷରୁ ବିଶାଳ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଚାନ୍ଦବାଲି, ସମୟ: ସକାଳ ୯ଟା।
- ବିଶ୍ୱ ଶୌଚ ଦିବସ ସଚେତନତା ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସମବାୟ ସପ୍ତାହ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: କାଳୀମନ୍ଦିର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଭଦ୍ରକ ପୁସ୍ତକ ମେଳାର ୫ମ ସନ୍ଧ୍ୟା, ସ୍ଥାନ: ମନମୋହନ ସଙ୍ଗୀତ ପରିଷଦ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ରାହାସ ପୂର୍ଣ୍ଣିମା ପଞ୍ଚମ ସନ୍ଧ୍ୟାରେ ପ୍ରବଚନ, ସ୍ଥାନ: ବାଲିଯାତ୍ରା ଏ ଗ୍ରୁପ୍, ମାନଲାପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- କୃଷକ ମୋର୍ଚ୍ଚାର ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।
- କାର୍ତ୍ତିକେଶ୍ୱର ପୂଜାଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଳସୁଆଁ, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ଶ୍ରୀ ହନୁମାନ ମନ୍ଦିରରେ ଭଜନ, ଆଧ୍ୟାତ୍ମିକ ଆଲୋଚନା, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ଅପରାହ୍ନ ୫ ଟା।
- ମା' ଭୂଆସୁଣୀ ମନ୍ଦିରରେ ଭଜନ ସମାରୋହ, ସ୍ଥାନ: ମଠ କପୁଣ୍ଡି, ହାଟଡ଼ିହୀ, ସମୟ : ସନ୍ଧ୍ୟା ୬ ଟା।
- ମା' ମଙ୍ଗଳାଙ୍କ ପୂଜା, ମେଳା, ନାମ ସଂକୀର୍ତ୍ତନ, ସ୍ଥାନ: ଇଂଚୋଳ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।
- କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସରଳା, ହାଟଡ଼ିହୀ, ସମୟ : ସନ୍ଧ୍ୟା ୭ ଟା।
- ଲକ୍ଷ୍ମୀନାରାୟଣ ପୂଜା କମିଟିର ବୈଠକ, ସ୍ଥାନ: କୁରାଳସାହି ଠାକୁରଗୃହ, ଜଳସୁଆଁ, ଆନନ୍ଦପୁର, ସମୟ ସନ୍ଧ୍ୟା ୭ ଟା।
- ନାଟ୍ୟ ସଂସଦ ପକ୍ଷରୁ ବୈଠକ, ସ୍ଥାନ: ହିଙ୍ଗୁଳା କ୍ଲବ୍ ଗୃହ, ସାଇଁକୁଳ, ଘଷିପୁରା, ସମୟ: ସନ୍ଧ୍ୟା ୭ ଟା।
- ବାଦିପାଲା ଅନୁଷ୍ଠିତ, ସ୍ଥାନ: ହସନପୁର, ମଦନପୁର, ଘଷିପୁରା, ସମୟ: ସନ୍ଧ୍ୟା ୮ ଟା।

## ମୟୂରଭଞ୍ଜ

- ଚିନ୍ମୟ ମିଶନ ଆନୁକୂଲ୍ୟରେ ମହାଭାରତ ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲି ଲାଇବ୍ରେରୀ ପଡ଼ିଆ, ବାରିପଦା, ସମୟ: ସକାଳ ୭ଟା।
- ଭଲିବଲ କ୍ରୀଡ଼ା ମହାକୁମ୍ଭର ଉଦ୍‌ଘାଟନୀ ଉତ୍ସବ,ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ. ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା,ସ୍ଥାନ: କଲେଜ ପଡ଼ିଆ ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ଜଗଦ୍ଧାତ୍ରୀ ମେଳା, ସ୍ଥାନ: ଭଞ୍ଜପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଟେପ୍ ଦି ଫିଟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ପ୍ରଦର୍ଶନ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ଅପରାହ୍ନ ୫ଟା ୩୦।
- ଶାନ୍ତି ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପ୍ରଦର୍ଶନ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର

- ଆଇଆରସିଏସି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ, ଶଙ୍କର ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ବାପୁଜୀ ଆଶ୍ରମ,ସମୟ: ସକାଳ ୯ଟା ୩୦।

## ଢେଙ୍କାନାଳ

- ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ଢେଙ୍କାନାଳ ସିନର୍ଜୀ ଇଞ୍ଜିନିୟରିଂ କଲେଜ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ଅନୁଗୋଳ

- ଆଞ୍ଚଳିକ ଏକକୀ ସମ୍ମିଳନୀ ସାକ୍ଷାତ, ସ୍ଥାନ: ଅନୁଗୋଳ ଚମ୍ପତିମୁଣ୍ଡା ନବୋଦୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଘଟିକା।

## ଜଗତ୍‌ସିଂହପୁର

- ଜିଲାସ୍ତରୀୟ ସମବାୟ ସପ୍ତାହ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ କଳିଙ୍ଗ ବାଲିଯାତ୍ରା ଉପଲକ୍ଷେ ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କୁ ନେଇ ନୌଚାଳନା ପ୍ରତିଯୋଗିତା, ସ୍ଥାନ: କାଉଡ଼ିଆ ନଦୀ, ଅଠରବାଙ୍କି ବାଲିପ୍ଲଟ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- କଳିଙ୍ଗ ବାଲିଯାତ୍ରାର ଷଷ୍ଠ ସନ୍ଧ୍ୟାରେ ଅସୀମା ପଣ୍ଡା ଗ୍ରୁପର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଯାତ୍ରା ମଞ୍ଚ,ବତିଘର ପାଖ ବେଳାଭୂମି, ପାରାଦୀପ, ସମୟ: ରାତି ୮ଟା।

## କେନ୍ଦ୍ରାପଡ଼ା

- ବାଲିଯାତ୍ରା ମହୋତ୍ସବ, ସ୍ଥାନ: ଗୋବରୀ ନଦୀ ପଠା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା
- ବଜ୍ରକାଳୀ ଯୁବ ପରିଷଦ ପକ୍ଷରୁ ଶ୍ରୀକାର୍ତ୍ତିକେଶ୍ୱର ମହୋତ୍ସବ, ସ୍ଥାନ: କାନପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା
- କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।।

## ଯାଜପୁର

- ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ, ସ୍ଥାନ: ସୁକିନ୍ଦା ବ୍ଲକ ସନସାଇଲୋ, ବନ୍ଧଗାଁ ଓ ଓଲିଆ ଗ୍ରାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଫୁଟବଲ ମ୍ୟାଚ୍‌ର ୨ୟ ଦିବସ ଫୁଲବାଣି ଫୁଟବୁଲ ଦଳ ବନାମ ଆଠଗଡ଼ ଫୁଟବଲ ଦଳ, ସ୍ଥାନ: ନୂଆଗାଁ ବ୍ଲକର ମାଳିସାହି ଖେଳପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଭାଗବତ୍ ସପ୍ତାହ, ପାରାୟଣ ଓ ପ୍ରବଚନ ନାମଯଜ୍ଞର ୫ମ ଦିବସ, ସ୍ଥାନ: ରାହସ ବିହାରୀ ମଠ ଇଟାମାଟି ବଡ଼ ଟାଙ୍ଗୀ ପାଟଣା, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ରେଲୱେ ପଡିଆ, ସମୟ: ସକାଳ ୮ ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ତଥା ବିଜ୍ଞାନ, ଗଣିତ ଓ ପରିବେଶ ମେଳା, ସ୍ଥାନ: ଡାବୁଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ପରବ ଅବସରରେ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: କୋରାପୁଟ ଷ୍ଟାଡିୟମ, ସମୟ: ସକାଳ ୮ ଟା।
- ମାଣ୍ଡିଆ କ୍ଷେତ ପ୍ରଦର୍ଶନୀ, ସ୍ଥାନ: ମାଛରା, କୋରାପୁଟ ବ୍ଲକ, ସମୟ: ସକାଳ ୯ ଟା।
- ଜାତୀୟ ଶିକ୍ଷା ନୀତି ନେଇ ସେମିନାର, ସ୍ଥାନ: ଡିଏଭି ବିଇଡି କଲେଜ, କୋରାପୁଟ, ସମୟ: ୧୦ ଟା।
- ଜିଲା ଧାନ ସଂଗ୍ରହ ନେଇ ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- କେଉଁଟ, କୈବର୍ତ୍ତ, ଧିବର ହଟାଅ କାର୍ଯ୍ୟାନୁଷ୍ଠାନ କମିଟି ପକ୍ଷରୁ ଆମରଣ ଅନଶନ, ସ୍ଥାନ: ଆରଡିସି ଅଫିସ ସମ୍ମୁଖ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଧନୁଯାତ୍ରା କମିଟିର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୪ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ପାଟଣାଗଡ ଏନଏସିସ୍ଥିତ ରମାଇ ହାଇସ୍କୁଲ ଖେଳପଡିଆ, ସମୟ : ଅପରାହ୍ନ ୩ଟା।
- ଦି ହଷ୍ଟେଲ ଡେଜ୍ କାର୍ଯ୍ୟକ୍ରମ, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ଅଡିଟୋରିୟମ୍, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ସରଗିଫୁଲ କାର୍ଯ୍ୟକ୍ରମ, ସ୍ଥାନ: କୁଞ୍ଜାପାଲି ଆଶ୍ରମ ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ, ସ୍ଥାନ: ଦାଦରପାଲି,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି କାରଣରୁ ସ୍ଥଗିତ ଥିବା କାମ ହାସଲର ଅନୁକୂଳ ସୂଚନା ପାଇବେ। ପାରିବାରିକ ସମସ୍ୟାର ସମାଧାନ ଖୁସିକୁ ଦ୍ୱିଗୁଣିତ କରିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିବେ। ଏଣୁ ସତର୍କତା ଅବଲମ୍ବନ କରିବା ଭଲ। ଦ୍ୱିଜା ନକ୍ଷତ୍ର ବୈଷୟିକ ସମୃଦ୍ଧିଜନିତ ପ୍ରତିଷ୍ଠା ହାସଲ କରିପାରନ୍ତି।

**ବୃଷ** — ଆଜିର ଗ୍ରହ ସ୍ଥିତି ଆପଣଙ୍କୁ ବହୁବିଧ କର୍ମରେ ଅନୁପ୍ରବେଶ କରାଇପାରେ। କିନ୍ତୁ ଯାତ୍ରା, ବାଣିଜ୍ୟ ଓ ପ୍ରତିଦ୍ୱନ୍ଦ୍ୱିତା, ବିବାଦ ପ୍ରଭୃତି ପାଇଁ ଅନୁକୂଳ ରହିବ ନାହିଁ। ବନ୍ଧୁମାନେ ସୁଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟିହେବା ଆଶଙ୍କା ରହିଛି।

**ମିଥୁନ** — ଧନାଧିପ ରାଶିରେ ଅବସ୍ଥାନକରି ଅର୍ଥ ସମ୍ପର୍କିତ ସମସ୍ୟାକୁ ସୁଧାରିନେବେ। ପ୍ରତ୍ୟେକ ସ୍ତରରେ ବୁଝି ବିଚାରି ଓ ଭାବିଚିନ୍ତି କାମ କରିବା ଭଲ। ପରିବାରରେ ନିଜ ନିଜ ଜିଦ୍‌ରେ ଅଟଳ, ଅଚଳ ରହିବା କାରଣରୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। ଆନୁଷ୍ଠାନିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**କର୍କଟ** — କୋଣଭାବସ୍ଥ ରବି ଓ ବୁଧ ବନ୍ଧୁଙ୍କ ସହଯୋଗରେ କାର୍ଯ୍ୟ ହାସଲ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବେ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧହେବେ। ପ୍ରକାଶନ, ନିର୍ମାଣ କ୍ଷେତ୍ରରେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂରହେବ।

**ସିଂହ** — କର୍ମଭାବସ୍ଥ ଗୁରୁଙ୍କ ଯୋଗୁ ଯେକୌଣସି ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ସବୁ କିଛି ପାଣିଫୋଟକା ପରି ମିଳାଇଯିବ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ସଫଳତା ପାଇବେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣକରି ଉଚ୍ଚ ପ୍ରଶଂସିତ ହେବେ। ପାରିବାରିକ, ସାମାଜିକ ଏବଂ ଅର୍ଥନୈତିକ ପରିସ୍ଥିତି ସ୍ୱାଭାବିକ ରହିବ।

**କନ୍ୟା** — ମୁଖଭାବ ଶୁକ୍ରଙ୍କ ରାଶି ହେତୁ ଆଜି ସୁସ୍ୱାଦୁଭୋଜନ, ବସ୍ତ୍ରଭୂଷଣ, ସୁଖ, ସମ୍ମାନ ପ୍ରାପ୍ତି ଘଟିବ। ସମସ୍ୟା ସମାଧାନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି ଉପକୃତ ହେବେ। ଆଜିର ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି। ସନ୍ତାନହେତୁକ ଗୌରବାନ୍ୱିତ ହେବାର ଯୋଗ ରହିଛି।

**ତୁଳା** — ଆଜିର ଭାଗ୍ୟଭାବସ୍ଥ ଚନ୍ଦ୍ର ଯାତ୍ରା, କର୍ମାରମ୍ଭ, ଋଣ ପରିଶୋଧ ପାଇଁ ରାସ୍ତା ସୁଗମ କରିପାରେ। କିନ୍ତୁ ସ୍ୱାସ୍ଥ୍ୟହାନି, ଶତ୍ରୁତା ଓ ଆତ୍ମୀୟଙ୍କ ବିରୋଧ ସ୍ୱର ଦୁଶ୍ଚିନ୍ତା ବଢ଼ାଇବ। ଆଲୋଚନା ପରିସରରେ ସମାଧାନର ସରଳ ସୂତ୍ର ବାହାର କରିବାରେ ସମର୍ଥହେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ, ତଥାପି ଜିନିଷପତ୍ର ହଜିଯାଇପାରେ।

**ବିଛା** — ଆଜିର ଗ୍ରହ ସ୍ଥିତି ଆପଣଙ୍କ ପାଇଁ ପ୍ରତିକୂଳ ନ ହେଲେ ମଧ୍ୟ ମଙ୍ଗଳ ଓ ଶନିଙ୍କ ଷଷ୍ଠାଷ୍ଟମ ସ୍ଥିତି ଟେନ୍‌ସନ ସୃଷ୍ଟି କରିବ। ସତର୍କତା ଅଭାବରୁ ଯାହା ଭାବୁଥିବେ କରିବା ବେଳକୁ ତାହା ଓଲଟା ହୋଇଯାଇପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ସଙ୍ଗୀତ, କ୍ରୀଡ଼ା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** — ଚତୁର୍ଥ ସ୍ଥାନରେ ଶନିଙ୍କ ସ୍ଥିତି କାରଣରୁ ପରିବାର, ଲୋକ ସମ୍ପର୍କ ପାଇଁ ସମସ୍ୟାର କ୍ଷେତ୍ର ସୃଷ୍ଟି କରିପାରେ। ସରଳ ବିଶ୍ୱାସୀ ହେଲେ ଅସୁବିଧା ଭୋଗିବେ। ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କିତ ଆଲୋଚନା କରିବା ସୁଯୋଗ ପାଇବେ। ଆତ୍ମୀୟମାନଙ୍କ ଆର୍ଥିକ ସାହାଯ୍ୟରୁ ସ୍ଥଗିତ କାମ ତ୍ୱରାନ୍ୱିତ ହେବା ସମ୍ଭାବନା ରହିଛି।

**ମକର** — ସୋମବାର ଯାହା ଭାବୁଥିଲେ ତାହା ମଙ୍ଗଳବାର ବାସ୍ତବତାରେ ପରିଣତ ହେବ। ନୂତନ ବନ୍ଧୁଙ୍କ ସଂସ୍ପର୍ଶରେ ଆସି ଲକ୍ଷ୍ୟ ହାସଲକରିବେ। ପାରିବାରିକ କ୍ଷେତ୍ରରେ ବିରୋଧ କିମ୍ବା ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ। କୌଣସି ଏକ ସାଧାରଣ କଥାକୁ ନେଇ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟିହେବା ସୂଚନା ରହିବ।

**କୁମ୍ଭ** — କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଉପୁଜିଲେ ମଧ୍ୟ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସକାଳ ସମୟରେ ଖୁସି ଖବର ପାଇପାରନ୍ତି, ଯାହାକି ସରକାରୀ କ୍ଷେତ୍ର ସମ୍ବନ୍ଧିତ ରହିବ। ରାଜନୀତି କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମୀନ** — ଚନ୍ଦ୍ରଙ୍କ କେନ୍ଦ୍ରାବସ୍ଥିତି ଆପଣଙ୍କୁ କଳ୍ପନା ମାଧ୍ୟମରେ ଆନନ୍ଦ ପ୍ରଦାନ କରାଇବ। ବ୍ୟସ୍ତ ବିବ୍ରତ ନ ହୋଇ କାମଟିକୁ ଆରମ୍ଭକଲେ ଯଥା ସମୟରେ ସବୁ ଠିକ୍ ହୋଇଯିବ। ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟିହେବା ସୂଚନା ରହିଛି। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ।

ଆଜି ନଭେମ୍ବର ୧୯ ତାରିଖ, ଜାତୀୟ ସଂହତି ଦିବସ, ସ୍ୱର୍ଗତା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ, ମାର୍ଗଶିର କୃଷ୍ଣ ଚତୁର୍ଥୀ ମଙ୍ଗଳବାର, ସୀତା ବିବାହ। ରାଶିନକ୍ଷତ୍ର–ଆର୍ଦ୍ରା/ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୬।୦୧ ଗତେ, ଘ.୦୬।୪୫ ମଧ୍ୟେ, ଘ.୦୮।୪୬ ଗତେ, ଘ.୧୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୭ ଗତେ, ଘ.୦୩। ୩୯ ମଧ୍ୟେ ରାହୁକାଳ।

## ପ୍ରଦୂଷଣମୁକ୍ତ ପରିବେଶ...

ମଧ୍ୟ ସରକାର ଏହାର ପ୍ରତିକାର ପାଇଁ କଠୋର ପଦକ୍ଷେପ ନେବାରେ ବିଳମ୍ବ କରିଥିବାରୁ ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜିଆର୍‌ଏପିର ବିଭିନ୍ନ ପର୍ଯ୍ୟାୟ ଲାଗୁ କରିବାରେ ବିଳମ୍ବ କ'ଣ ପାଇଁ ହେଲା ବୋଲି ଖଣ୍ଡପୀଠ ଦିଲ୍ଲୀ ସରକାର ଏବଂ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍)ଙ୍କୁ ପ୍ରଶ୍ନ କରିଛନ୍ତି। ସୋମବାରଠାରୁ ଜିଆର୍‌ଏପି ଚତୁର୍ଥ ପର୍ଯ୍ୟାୟ ଲାଗୁ ହୋଇଥିବା ଦିଲ୍ଲୀ ସରକାରଙ୍କ ଓକିଲ କହିବାରୁ ଏକ୍ୟୁଆଇ ବିପଜ୍ଜନକ ସ୍ତରରେ ପହଞ୍ଚିବାମାତ୍ରେ ଏହା ଲାଗୁ କରାଯିବା ଆବଶ୍ୟକ ଥିଲା ବୋଲି ଖଣ୍ଡପୀଠ କହିଥିଲେ। ଏକ୍ୟୁଆଇ ୩୦୦ରୁ ୪୦୦ ମଧ୍ୟରେ ପହଞ୍ଚିବା ପରେ ଜିଆର୍‌ଏପିର ଚତୁର୍ଥ ପର୍ଯ୍ୟାୟ ଲାଗୁ କରାଯିବା କଥା। ପ୍ରଦୂଷଣ ରୋକିବା ପାଇଁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିବା ପ୍ରତିକାରମୂଳକ ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ଜରିଆରେ ୨୨ ତାରିଖ ସୁଦ୍ଧା ଜଣାଇବା ପାଇଁ ଖଣ୍ଡପୀଠ ଦିଲ୍ଲୀ ସରକାର ଏବଂ ଏନ୍‌ସିଆର୍ ରାଜ୍ୟଗୁଡ଼ିକୁ କହିଛନ୍ତି।

ବାୟୁ ପ୍ରଦୂଷଣ ରୋକିବା ପାଇଁ ଜିଆର୍‌ଏପି ପ୍ରଥମେ ୨୦୧୭ରେ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଲାଗୁ ହୋଇଥିଲା। ବାୟୁ ଗୁଣବତ୍ତା ଅନୁଯାୟୀ ଏହାର ବିଭିନ୍ନ ପର୍ଯ୍ୟାୟ ଲାଗୁ କରାଯାଇଥାଏ। ଏକ୍ୟୁଆଇ ୨୦୧ରୁ ୩୦୦ ମଧ୍ୟରେ ରହିଲେ ଜିଆର୍‌ଏପିର ପ୍ରଥମ ପର୍ଯ୍ୟାୟ ଲାଗୁ ହେଉଥିବାବେଳେ ଏହି ସ୍ତର ୩୦୧ରୁ ୪୦୦ ରହିଲେ ଦ୍ୱିତୀୟ ପର୍ଯ୍ୟାୟ, ୪୦୧ରୁ ୪୫୦ ରହିଲେ ତୃତୀୟ ପର୍ଯ୍ୟାୟ ଏବଂ ୪୫୦ ଟପିଲେ ଚତୁର୍ଥ ପର୍ଯ୍ୟାୟ ଲାଗୁ ହୋଇଥାଏ। ରବିବାର ବାୟୁମାନ ୪୫୭ରେ ପହଞ୍ଚିବା ପରେ ସୋମବାର ସକାଳ ୮ରୁ ଜିଆର୍‌ଏପି ଚତୁର୍ଥ ପର୍ଯ୍ୟାୟ ଲାଗୁ କରିବା ପାଇଁ ସିଏକ୍ୟୁଏମ୍ ନିର୍ଦ୍ଦେଶନାମା ଜାରି କରିଥିଲେ। ଉକ୍ତ ନିର୍ଦ୍ଦେଶନାମା ଅନୁଯାୟୀ ଅତ୍ୟାବଶ୍ୟକ ସାମଗ୍ରୀ କିମ୍ବା ସ୍ୱଚ୍ଛ ଇନ୍ଧନ ପରିବହନ କରୁଥିବା ଯାନକୁ ବାଦ୍ ଦେଇ ଅନ୍ୟ ସମସ୍ତ ଟ୍ରକ୍‌କୁ ଦିଲ୍ଲୀରେ ପ୍ରବେଶ ଅନୁମତି ଦିଆଯିବ ନାହିଁ। ଦିଲ୍ଲୀ ବାହାରେ ପଞ୍ଜୀକୃତ ଅତିଜରୁରୀ ନ ଥିବା ହାଲୁକା ବ୍ୟବସାୟିକ ଯାନ ଉପରେ ମଧ୍ୟ କଟକଣା ଜାରି ହୋଇଛି। କେବଳ ବିଦ୍ୟୁତ୍, ସିଏନ୍‌ଜିରେ ଚାଲୁଥିବା ଗାଡ଼ି ଏବଂ ବିଏସ୍–୬ ଡିଜେଲ ଗାଡ଼ିକୁ ଅନୁମତି ମିଳିବ।

## ଦିଲ୍ଲୀକୁ ଘୋଡ଼ାଇ...

ସୁସ୍ଥ ବ୍ୟକ୍ତି ମଧ୍ୟ ଶ୍ୱାସକ୍ରିୟାଜନିତ ଅସୁସ୍ଥତା ଏବଂ ଅନ୍ୟାନ୍ୟ ଜଟିଳ ସ୍ଥିତିର ସମ୍ମୁଖୀନ ହୋଇପାରନ୍ତି ବୋଲି ୟୁସିଏମ୍‌ଏସ୍ ଆଣ୍ଡ୍ ଜିଟିବି ହସ୍ପିଟାଲ୍‌ର ରେସିଡେଣ୍ଟ ଡାକ୍ତର ରଜତ ଶର୍ମା କହିଛନ୍ତି। ଲୋକମାନେ ଅତ୍ୟଧିକ ସତର୍କ ରହିବା ଜରୁରୀ ବୋଲି ସାର୍ ଗଙ୍ଗାରାମ ହସ୍ପିଟାଲର ଚେଷ୍ଟ ମେଡିସିନ୍ ବିଭାଗ ବରିଷ୍ଠ ଡାକ୍ତର ଉଜ୍ଜ୍ୱଳ ପରଖ କହିଛନ୍ତି। ଯଥାସମ୍ଭବ ବାହାରକୁ ନ ଯିବା ଏବଂ ମାସ୍କ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି।

## ବିଦ୍ୟୁତ୍ ଫାଶରେ...

ଟିମ୍ ସୋମବାର ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଗସ୍ତ ସମୟରେ ସମ୍ବଲପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଟି.ଅଶୋକ କୁମାର, ରେଢ଼ାଖୋଲ ଡିଏଫ୍‌ଓ ଅରବିନ୍ଦ ମହାନ୍ତି, ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ଉପସ୍ଥିତ ଥିଲେ। ଡେପୁଟି କଞ୍ଜରଭେଟର ଅଫ୍ ଫରେଷ୍ଟ ଲାଡେ କହିଛନ୍ତି, ଟାସ୍କଫୋର୍ସ ଟିମ୍ ଘଟଣାସ୍ଥଳରୁ ବିଛାଯାଇଥିବା କିଛି ବିଦ୍ୟୁତ୍ ତାର ଜବତ କରିଛି। ପ୍ରଥମେ ଗୋଟିଏ ହାତୀ ଏହି ତାର ସଂସ୍ପର୍ଶରେ ଆସିଯିବା ପରେ ଅନ୍ୟ ୨ଟି ସେଥିରେ ଲାଗି ପ୍ରାଣ ହରାଇଛନ୍ତି। ଗୋଟିଏ ହାତୀର ଶରୀରରେ ବିଦ୍ୟୁତ୍ ଆଘାତର ଚିହ୍ନ ରହିଛି। ମଙ୍ଗଳବାର ସକାଳେ ୩ଟିଯାକ ହାତୀର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜେଟିଏଫ୍‌ର ଟିମ୍ ଲିଡର ଲାଡେ କହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହି ହାତୀପଲରେ ଆଉ କିଛି ଶାବକ ରହିଛନ୍ତି। ଗୋଟିଏ ଶାବକ ହାତୀ ମୃତ୍ୟୁସ୍ଥଳରେ ବୁଲାବୁଲି କରୁଛି। ମା' ହାତୀର ମୃତ୍ୟୁ ପରେ ଖାଦ୍ୟ ପାଇଁ ସେ ଡହଳବିକଳ ହେଉଥିବା କୁହାଯାଇଛି। ନାକଟିଦେଉଳ ବନାଞ୍ଚଳରେ ଗତ ୪ ମାସ ମଧ୍ୟରେ ବିଦ୍ୟୁତ୍ ଆଘାତରେ ୪ଟି ହାତୀର ମୃତ୍ୟୁ ଘଟି ସାରିଲାଣି। ଗତ ଅଗଷ୍ଟ ୧୭ରେ ଘୋଷରାମାଳ ଫରେଷ୍ଟ ସେକ୍ସନର ଚହଟାପଦାଠାରେ ମଧ୍ୟ ୩୩କେଭି ବିଦ୍ୟୁତ୍ ତାରରେ ଲାଗି ଗୋଟିଏ ମାଈହାତୀର ମୃତ୍ୟୁ ଘଟିଥିଲା। ବାର୍‌ହା ଶିକାର ପାଇଁ ବିଭିନ୍ନ ଜଙ୍ଗଲ ନିକଟ ଗ୍ରାମରେ ବିଦ୍ୟୁତ୍ ତାର ବିଛାଇବା କାରଣରୁ ଏହିଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଗତ ଅକ୍ଟୋବର ୨୯ରେ ନେଭରାପାଳ ଏବଂ ବସାଲୋଇ ଗ୍ରାମ ମଝିରେ ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଯାଇଥିବା ବେଳେ ସେଥିରେ ଲାଗି ବଡ଼ଝରଣ ଗ୍ରାମର ଭକ୍ତବନ୍ଧୁ ନାୟକ ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଅଞ୍ଚଳବାସୀ ବନ ବିଭାଗ ଅବହେଳାକୁ ଦାୟୀ କରିଛନ୍ତି। ତେବେ ଏହି ଘଟଣାକୁ ନେଇ ୩ କ୍ଷେତ୍ର ବନ କର୍ମଚାରୀଙ୍କୁ ସସ୍‌ପେଣ୍ଡ କରାଯାଇଛି। ଏଥିସହ ୨ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ସୁପାରିଶ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଉଦ୍‌ବେଗ ପ୍ରକାଶ କଲେ ଶକ୍ତିମନ୍ତ୍ରୀ

ବିଦ୍ୟୁତ୍‌ଆଘାତରେ ୩ ହାତୀଙ୍କ ମୃତ୍ୟୁକୁ ନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଦ୍ୟୁତ୍ ଆଘାତ ପାଇଁ ରାଜ୍ୟରେ ହାତୀମୃତ୍ୟୁ ହେଉଛି। ଶିକାରୀମାନେ ବାର୍‌ହା ମାରିବା ପାଇଁ ବିଦ୍ୟୁତ୍ ଲାଇନ ଲଗାଇ ରଖୁଥିବାରୁ ଏଭଳି ଅଘଟଣ ଘଟୁଛି। ଏହା ଜଙ୍ଗଲ ବିଭାଗ ଏବଂ ଶକ୍ତି ବିଭାଗ ଉଭୟର ଦାୟିତ୍ୱରେ ରହୁଛି। ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶକ୍ତିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ସିଂହଦେଓ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ବଢୁଥିବା ହାତୀମୃତ୍ୟୁକୁ ନେଇ ଗତ କିଛିଦିନ ତଳେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କ୍ଷୋଭ ପ୍ରକାଶ କରିଥିଲେ। ରାଜ୍ୟରେ କେତେ ହାତୀଙ୍କ ମୃତ୍ୟୁ ହୋଇଛି ଏବଂ ଏଥିପାଇଁ କେଉଁମାନେ ଦାୟୀ, ତାହାର ତଦନ୍ତ କରି ୧ମାସ ମଧ୍ୟରେ ରିପୋର୍ଟ ଦେବାକୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ବନ ବିଭାଗ ପକ୍ଷରୁ କମିଟି ଗଠନ କରାଯାଇ ତଦନ୍ତ କରାଯାଉଥିବାବେଳେ, ପୁନର୍ବାର ଏଭଳି ହାତୀମୃତ୍ୟୁ ବନବିଭାଗ ଏବଂ ସରକାରଙ୍କୁ ଚିନ୍ତାରେ ପକାଇଛି।

## ବିଦ୍ୟୁତ୍ ଆଘାତରେ...

ତୃତୀୟ ଘଟଣା। ବୁରୋମାଳ ଗ୍ରାମ ମଧ୍ୟଦେଇ ୧୧କେଭି ବିଦ୍ୟୁତ୍ ତାର ଯାଇଥିବାବେଳେ, ଜିଆଇ ତାର ମାଧ୍ୟମରେ ବେଆଇନ ଭାବେ ହୁକିଂ କରି ଏଥିରୁ ବିଦ୍ୟୁତ୍ ଟଣାଯାଇଥିଲା। ବାର୍‌ହା ଶିକାର ପାଇଁ ଶିକାରୀ ବିଛାଇଥିବା ଏହି ତାରରେ ପଡି ୩ହାତୀଙ୍କର ମୃତ୍ୟୁ ହୋଇଥିବା ପିସିସିଏଫ୍ ସ୍ପଷ୍ଟ କରିଛନ୍ତି। ତେବେ ଏହି ଘଟଣା ପାଇଁ ସେଠାରେ ପାଟ୍ରୋଲିଂ କରୁଥିବା ହାତୀ ସ୍କ୍ୱାଡ୍ ବନ କର୍ମଚାରୀଙ୍କ ତ୍ରୁଟି ରହିଛି। ସେମାନଙ୍କର ଅବହେଳା ପାଇଁ ଏଭଳି ଘଟଣା ଘଟିଛି। ଆର୍‌ସିସିଏଫ୍‌ଙ୍କୁ ଘଟଣାର ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ ଏହି ଘଟଣା ପାଇଁ ଯେଉଁ ବିଭାଗୀୟ କର୍ମଚାରୀଙ୍କ ତ୍ରୁଟି ଥିବା ଜଣାପଡ଼ିବ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ସୁପାରିସ କରାଯିବ। ଶିକାରୀଙ୍କ ପ୍ରାଦୁର୍ଭାବ ରୋକିବାକୁ ବିଦ୍ୟୁତ୍ ବିଭାଗ ସହ ବୈଠକ କରି ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ପୁଣିଥରେ ଡିଏଫ୍‌ଓମାନଙ୍କୁ ନୂଆ ଏସ୍‌ଓପି ଜାରି ହେବ ବୋଲି ପିସିସିଏଫ୍ ସୂଚନା ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ବ୍ୟବସାୟ ପାଇଁ...

ଉଭୟ ମୁଖ୍ୟମନ୍ତ୍ରୀ ଏବଂ ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ରାଜ୍ୟରେ ଶିଳ୍ପ ରୂପାନ୍ତରୀକରଣ ପାଇଁ ସିଙ୍ଗାପୁରର ବିଶ୍ୱ ପ୍ରସିଦ୍ଧ ଭିଓଭୂମି ଓ ଏଷ୍ଟାବ୍ଲିଶମେଣ୍ଟର ଅଂଶୀଦାର ଉପରେ ଆଲୋଚନା କରିଛନ୍ତି। ଟିମ୍‌ର ସଦସ୍ୟମାନେ ସୁର୍ବନା ଜୁରଙ୍ଗ୍ ପେଟ୍ରୋକେମିକାଲ କମ୍ପ୍ଲେକ୍ସ ପରିଦର୍ଶନ କରିଥିଲେ। ଏହା ରାଜ୍ୟର ପେଟ୍ରୋକେମିକାଲ ଓ କେମିକାଲ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ପାଇଁ ସୁଯୋଗ ସୃଷ୍ଟି କରିବ। ପାରାଦୀପଠାରେ ଥିବା ପେଟ୍ରୋଲିୟମ, କେମିକାଲ୍ସ ଆଣ୍ଡ ପେଟ୍ରୋ କେମିକାଲ୍ସ ଇନ୍‌ଭେଷ୍ଟମେଣ୍ଟ ରିଜିଅନ (ପିସିପିଆଇଆର)ର ମଧ୍ୟ ଅଭିବୃଦ୍ଧିରେ ଏହା ସହାୟକ ହେବ। ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ପାରମ୍ପରିକ ନୌବାଣିଜ୍ୟ, ବୋଇତ ବନ୍ଦାଣ ଇତିହାସ ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ସିଙ୍ଗାପୁରସ୍ଥିତ କମ୍ପାନୀଗୁଡ଼ିକ ଓଡ଼ିଶାରେ ନିବେଶ ପାଇଁ ଥିବା ସୁଯୋଗକୁ ହାତଛଡ଼ା ନ କରିବାକୁ ଆହ୍ୱାନ ଦେଇଛନ୍ତି। ଏନେଇ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀଙ୍କୁ ଆସନ୍ତା ଜାନୁଆରୀରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ–୨୦୨୫ରେ ଯୋଗ ଦେବାକୁ ମଧ୍ୟ ଆମନ୍ତ୍ରଣ କରିଛନ୍ତି। ଏହାଛଡ଼ା ପ୍ରତିନିଧି ଦଳ ସିଙ୍ଗାପୁରର ବୈଦେଶିକ ବ୍ୟାପାର ମନ୍ତ୍ରୀ ସିମ୍ ଆନ୍ନଙ୍କ ସହିତ ମଧ୍ୟ ଆଲୋଚନା କରିଛନ୍ତି। ଓଡ଼ିଶାରେ ସିଙ୍ଗାପୁର ଓ ଆଇଟିଇଇଏସ୍ ଦ୍ୱାରା ସ୍ଥାପନ କରାଯାଇଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ଏହାର ଏକ ସଫଳ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ଅର୍ବାନ ମୋବିଲିଟି, ଗ୍ରୀନ୍ ସିପିଂ କରିଡର, କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ କମ୍ପ୍ଲେକ୍ସ ସ୍ଥାପନ ନେଇ ଗୁରୁତ୍ୱାରୋପ କରିଛନ୍ତି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଯୋଗଦେବାକୁ ସିଙ୍ଗାପୁର ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଆମନ୍ତ୍ରଣ କରିଛନ୍ତି। ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଛନ୍ତି, ଓଡ଼ିଶା ଦକ୍ଷତା ବିକାଶ ସହ ଶିଳ୍ପ ବିକାଶ ଉପରେ ଫୋକସ କରି ଆସୁଛି। ରାଜ୍ୟର ଯୁବଗୋଷ୍ଠୀଙ୍କର କାର୍ଯ୍ୟ ଦକ୍ଷତା ବଢ଼ାଇବା ପାଇଁ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ସହିତ ବିଶ୍ୱସ୍ତରୀୟ ଦକ୍ଷତା ବୃଦ୍ଧି ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଏଥିସହିତ ମୁଖ୍ୟମନ୍ତ୍ରୀ ମନିଟାରୀ ଅଥରିଟି ଅଫ ସିଙ୍ଗାପୁରର ଚିଫ୍ ଫିନଟେକ୍ ଅଫିସର ସ୍ୱପ୍ନେନ୍ଦୁ ମହାନ୍ତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ ସିଙ୍ଗାପୁରରେ ଆସନ୍ତା ଦୁଇଦିନ ଓଡ଼ିଶା ବିଜ୍‌ନେସ୍ ମିଟ୍, ନିବେଶ ପ୍ରସାର ରୋଡ୍ ଶୋ'ରେ ଭାଗନେବେ। ସେଠାରେ ବାସ କରୁଥିବା ପ୍ରବାସୀ ଓଡ଼ିଆଙ୍କ ସହ ଭାବ ବିନିମୟ କରିବେ। ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କ ସହ ପ୍ରତ୍ୟକ୍ଷ ସାକ୍ଷାତ୍‌କାର, ସରକାର–ବ୍ୟବସାୟ ବୈଠକ ଆଦି ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି।

## ରତ୍ନଭଣ୍ଡାର ଅଳଙ୍କାର...

ସରକାରଙ୍କ ପକ୍ଷରୁ ଯାହା ନିର୍ଦ୍ଦେଶ ଓ ମାଗଦର୍ଶନ ଆସିବ, ତାହାକୁ କାର୍ଯ୍ୟକାରୀ କରାଯିବ। ତେବେ ଆଇନମନ୍ତ୍ରୀ ଦେଇଥିବା ଡେଡ୍‌ଲାଇନ ଅନୁଯାୟୀ ଯଥାସମ୍ଭବ ପ୍ରସ୍ତୁତ ଅଛୁ। ପ୍ରଥମତଃ ରତ୍ନଭଣ୍ଡାର ମରାମତି କରାଯିବ, ତେଣୁ ଏଏସ୍‌ଆଇ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟ ଆରମ୍ଭ କରାଯିବ। ମରାମତି ପରେ ଅଳଙ୍କାରଗୁଡ଼ିକୁ ସ୍ଥାନାନ୍ତର ଏବଂ ଏହାପରେ ଗଣନ୍ତିମଣତି କରାଯିବ। ଖୁବ୍‌ଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏନେଇ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ରତ୍ନଭଣ୍ଡାର କାର୍ଯ୍ୟ ଦୀର୍ଘସ୍ଥାୟୀ ଭାବେ କରାଯାଉ। ତୁରନ୍ତ ରତ୍ନଅଳଙ୍କାରଗୁଡ଼ିକୁ ରତ୍ନଭଣ୍ଡାରକୁ ନିଆଯାଉ। ଗଣତିମଣତି କରାଯାଇ ରିପୋର୍ଟକୁ ସାର୍ବଜନୀନ କରାଯାଉ। ଫଳରେ ମହାପ୍ରଭୁଙ୍କ ଜିନିଷ ସମ୍ପର୍କରେ ଜନସାଧାରଣ ଜାଣିପାରିବେ ବୋଲି ସ୍ୱାଇଁ ମହାପାତ୍ର କହିଛନ୍ତି। ଗତ ଜୁଲାଇ ୧୪ରେ ରତ୍ନଭଣ୍ଡାର ଖୋଲାଯାଇଥିଲା ଓ ଭିତର ରତ୍ନଭଣ୍ଡାର ତାଲା କଟାଯାଇ ନୂତନ ତାଲା ପକାଯାଇଥିଲା। ସେହିପରି ଜୁଲାଇ ୧୮ରେ ଭିତର ରତ୍ନଭଣ୍ଡାରରୁ ସମସ୍ତ ଅଳଙ୍କାର ଅସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଜୁଲାଇ ୨୯ରେ ଏଏସ୍‌ଆଇ ସହ ବୈଠକ ଅନୁଷ୍ଠିତ ହୋଇଥିଲା। ଅଗଷ୍ଟ ୨୩ରେ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରୁ ସିନ୍ଧୁକ, ଆଲମିରା ଆଦିକୁ ଖାଲି କରାଯାଇ ନୀଳାଦ୍ରି ମ୍ୟୁଜିୟମର ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଥିଲା। ତେବେ ଭିତର ରତ୍ନଭଣ୍ଡାରରେ ଗୁପ୍ତ କୋଠରି ଓ ସୁଡ଼ଙ୍ଗ ଥିବା ନେଇ ଜନସାଧାରଣ ତଥା ସେବାୟତଙ୍କ ମନରେ ସନ୍ଦେହ ରହିଥିଲା। ରତ୍ନଭଣ୍ଡାର ମରାମତି ହେବା ପୂର୍ବରୁ ସ୍କାନିଂ କରି ଭିତରେ ଗୁପ୍ତ ସୁଡ଼ଙ୍ଗ ରହିଛି କି ନାହିଁ ତାହା ଜାଣିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେଣୁ ସେପ୍ଟେମ୍ବର ୧୮ରେ ଏଏସ୍‌ଆଇ ଟିମ୍ ସହ ସିଏସ୍‌ଏଆର୍ ଏବଂ ଏନ୍‌ଜିଆର୍‌ଆଇର ଭୂତତ୍ତ୍ୱବିତ୍‌ମାନେ ଭିତର ରତ୍ନଭଣ୍ଡାରକୁ ଲେଜର୍ ସ୍କାନିଂ କରିଥିଲେ। ସେପ୍ଟେମ୍ବର ୨୧ ଓ ୨୨ ତାରିଖ ଦୁଇଦିନ ଧରି ପୁନର୍ବାର ଭିତରରତ୍ନଭଣ୍ଡାରର ଜିପିଆର୍ ସର୍ଭେ ହୋଇଥିଲା। ତେବେ ଏହି ରିପୋର୍ଟ ଆଧାରରେ ମରାମତି ହେବାକୁ ଥିବାବେଳେ ଜଗନ୍ନାଥପ୍ରେମୀ ଏହାକୁ ଚାହିଁ ରହିଛନ୍ତି।

## ଭାଜପା ନେତା ସମୀର...

ଏକ ହସ୍ପିଟାଲରେ ଦୀର୍ଘଦିନ ଧରି ଚିକିତ୍ସାଧୀନ ଥିଲେ। ସେ ଗୁରୁତର ନିମୋନିଆ ଓ ଶ୍ୱାସନଳୀ ସଂକ୍ରମଣଜନିତ ରୋଗରେ ପୀଡ଼ିତ ଥିଲେ। ଗତ ପ୍ରାୟ ୧୫ ଦିନ ତଳେ ତାଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖି ଚିକିତ୍ସା କରାଯାଉଥିଲା। ତେବେ ସୋମବାର ଅପରାହ୍ନରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଦୀପିକା ଦତ୍ତରାୟ ଉପସ୍ଥିତ ଥିଲେ। ସ୍ୱର୍ଗତ ଦେ ଓକିଲାତି, ରାଜନୀତି ସମେତ କ୍ରୀଡ଼ା, ସାଂସ୍କୃତିକ, ଧାର୍ମିକ ଆଦି ବହୁ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କର ସାଙ୍ଗଠନିକ ଦକ୍ଷତା କାରଣରୁ ସେ ୧୯୯୫, ୨୦୦୦ ଓ ୨୦୦୪ ମସିହାରେ ଲଗାତର ୩ଥର କଟକ ସହରରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ମେଣ୍ଟ ସରକାରରେ ନଗର ଉନ୍ନୟନ ମନ୍ତ୍ରୀ ଭାବେ ଦକ୍ଷତାର ସହ ୨୦୦୦ ମାର୍ଚ୍ଚ ୬ରୁ ୨୦୦୪ ମେ ୧୬ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ହେଲେ ଏହା ପରଠୁ ସେ ନିର୍ବାଚନରେ ସଫଳତା ପାଇ ନ ଥିଲେ। ସେ ରାଜ୍ୟ ଭାଜପାର ଜଣେ ଜଣାଶୁଣା ଚେହେରା ଥିଲେ। ଏହାବ୍ୟତୀତ ଦକ୍ଷ କ୍ରୀଡ଼ା ସଙ୍ଗଠକ ଭାବେ ଓଡ଼ିଶାରେ ପରିଚିତ ଥିଲେ। ସେ ଦୀର୍ଘବର୍ଷ ଧରି ୨୦୦୪ରୁ ୨୦୨୦ ପର୍ଯ୍ୟନ୍ତ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନ୍‌ର ସଭାପତି ରହିଥିଲେ। ତେବେ ୪ବର୍ଷର ବ୍ୟବଧାନ ପରେ ପୁଣି କ୍ରୀଡ଼ା ଜଗତକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଚଳିତ ବର୍ଷ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ଏବଂ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ୍‌ର ସଭାପତି ଭାବେ ନିର୍ବାଚିତ ହୋଇ କାର୍ଯ୍ୟରତ ଥିଲେ। ବାସ୍ତରି ଦିଗଭାଗ ମଣ୍ଡଳୀର ସର୍ବାଧିକାରୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଥିଲେ।

ତାଙ୍କ ବିୟୋଗରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ଓଡ଼ିଶାର ସବୁଜ ସ୍ୱର



ଅନ୍ତରା ଚକ୍ରବର୍ତ୍ତୀ, ଗାୟିକା



ସ୍ମୃତି ରଞ୍ଜନ ମହାନ୍ତି, ଅଭିନେତା



ଶ୍ରୁତକୀର୍ତ୍ତି ତ୍ରିପାଠୀ, ଲେଖିକା



ରବି କ୍ରିଷ୍ଣା, ବ୍ୟବସାୟୀ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

## ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ, ଭୁବନେଶ୍ୱର



ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ରାଉରକେଲା



କ୍ରିକେଟ ଆସୋସିଏଶନ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା



ଯୁବୋଦୟ କଲେଜ, ବଲାଙ୍ଗୀର

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...


ଭୁବନେଶ୍ୱର, ମଙ୍ଗଳବାର, ୧୯ ନଭେମ୍ବର, ୨୦୨୪


### ଅନ୍ୟାନ୍ୟ ଖବର

# ଜନବସତିମୁହାଁ ବାଘ

- ପାଦଚିହ୍ନ ଦେଖି ଲୋକେ ଭୟଭୀତ
- ସଚେତନ କଲା ବନ ବିଭାଗ

ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଉଦଳା, (ସନ୍ତୋଷ ବାଛିନୀ),୧୮।୧୧

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ କପ୍ତିପଦା ରେଞ୍ଜ ଅଧୀନ ଅସନବଣି ଗ୍ରାମରେ ବାଘ ପାଦଚିହ୍ନକୁ ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବାଘ ଉପସ୍ଥିତିକୁ ନେଇ ବନ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରିବାକୁ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ଗାଁ ଲୋକେ ବାଘ ଭୟରେ ଘରୁ ବାହାରିବାକୁ ଉଚିତ ମଣୁ ନ ଥିବା ବେଳେ ସନ୍ଧ୍ୟା ପୂର୍ବରୁ ଘରକୁ ବାହୁଡ଼ିବାରେ ଲାଗିଛନ୍ତି। ଏନେଇ ବନ ବିଭାଗ ଅନୁଧ୍ୟାନ ଜାରି ରଖିଥିବା ବେଳେ ମହାରାଷ୍ଟ୍ରରୁ ଅଣାଯାଇଥିବା ମହାବଳ ବାଘୁଣୀ 'ଯମୁନା' ଅନୁପ୍ରବେଶ କରିଥିବା ଗ୍ରାମବାସୀ ଆଶଙ୍କା କରୁଛନ୍ତି। ହାତୀ ଦାଉରୁ ପାଚିଲା ଧାନ କ୍ଷେତକୁ ସୁରକ୍ଷା ଦେବା ପାଇଁ ଲୋକେ ଚିନ୍ତିତ ଥିବା ବେଳେ ବାଘର ଉପସ୍ଥିତିକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଧାନ କ୍ଷେତର ସୁରକ୍ଷା ପାଇଁ ବାଘ ମୁହଁରେ ଆହାର ହେବା ଭୟରେ ଲୋକେ ପ୍ରମାଦ ଗଣିବାରେ ଲାଗିଛନ୍ତି। ତେବେ ଉକ୍ତ ଅଞ୍ଚଳରେ ମହାବଳ ବାଘ 'ଯମୁନା'ର ଚଳପ୍ରଚଳ ନ ଥିବା ଏବଂ ଲୋକେ ସତର୍କତା ଅବଲମ୍ବନ କରିବା ପାଇଁ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ପ୍ରଦାନ କରାଯାଉଥିବା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।


ବାଘର ପାଦଚିହ୍ନ।

ସୂଚନାଯୋଗ୍ୟ, କପ୍ତିପଦା ରେଞ୍ଜ ଅସନବଣି ଗ୍ରାମରେ ଥିବା କେନାଲର ୮ରୁ ଅଧିକ ସ୍ଥାନରେ ବାଘ ପାଦ ଚିହ୍ନ ପଡ଼ିଥିବା ଦେଖିବାକୁ ମିଳିଛି। ବାଘଟି ନିକଟସ୍ଥ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର୍ ଅଞ୍ଚଳରୁ ବଫର ଅଞ୍ଚଳ ପାର୍ ହୋଇ ଜନବସତି ମୁହାଁ ହୋଇଥିବା କୁହାଯାଉଛି। ଗାଁ ନିକଟସ୍ଥ ଜଙ୍ଗଲରୁ ଖସିଆସି କେନାଲ ପାର୍ ହେବା ସମୟରେ ମାଛ ଧରିବା ପାଇଁ ବସିଥିବା ଏକ ଅନ୍ଧୁଣିକୁ ଭାଙ୍ଗିଥିବା ଜଣାପଡ଼ିଛି। ସୋମବାର ସକାଳୁ ମାଛ ଧରିବାକୁ ଆସିଥିବା ବ୍ୟକ୍ତି ଜଣକ ଭଙ୍ଗା ଅନ୍ଧୁଣି ଓ ଆଖପାଖ ସ୍ଥାନରେ ବାଘର ପାଦଚିହ୍ନ ପଡ଼ିଥିବା ଦେଖିବାକୁ ପାଇଥିଲେ। ଗାଁ ନିକଟସ୍ଥ ଜଙ୍ଗଲରେ ବାଘ ଥିବା ନେଇ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସତର୍କ କରାଯିବା ସହ ଜଙ୍ଗଲକୁ ନ ଯିବା ପାଇଁ ବାରଣ କରାଯାଇଛି।

ଶିମିଳିପାଳ ପାଦଦେଶରେ ଥିବା ଦେବଳା ପଞ୍ଚାୟତର ପିଙ୍ଗୁ, ଅସନବଣି, କଣ୍ଡାଗଡି, ସାରବସା, ଚୁଇପୋଷି, ହାଣ୍ଡିଫୁଟା, ଗଡିପାଳ, ଅଡାସାହି, ଗଣ୍ଡିଦର ଓ ପୋଡାଡିହା ଆଦି ସଂଲଗ୍ନ ଗ୍ରାମଗୁଡ଼ିକରେ ମହାବଳ ବାଘ ଚଳପ୍ରଚଳ କରୁଥିବା ନେଇ ଆଶଙ୍କା ପ୍ରକାଶ ପାଇଛି। ତେବେ ପାଦ ଚିହ୍ନ ଦେଖି ବାଘଟି ଜନବସତି ମଧ୍ୟରେ ପ୍ରବେଶ କରିଥିବା ଗ୍ରାମର ପାର୍ବତୀ ସୋରେନ ଓ ମନୋଜ ବାରିକ ସନ୍ଦେହ କରୁଥିବା କହିଛନ୍ତି। ଏପରିକି ବନ ବିଭାଗର ସତର୍କତା ମୂଳକ ପଦକ୍ଷେପ ଓ ବାଘର ପାଦଚିହ୍ନକୁ ଦେଖି ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଧାନ ଫସଲର ସୁରକ୍ଷା ପାଇଁ ହାତୀ ଘଉଡ଼ାଇବାକୁ ଯାଉଥିବା ଚାଷୀମାନେ ମହାବଳ ହାବୁଡ଼ରେ ପଡ଼ିବା ଆଶଙ୍କା ପ୍ରକାଶ ପାଇଛି। ତେବେ ହାତୀ ଓ ବାଘକୁ ନେଇ ଲୋକେ ଅସହାୟ ହୋଇପଡ଼ିଥିବା ଗଣ୍ଡିଦର ଗ୍ରାମର ଚାଷୀ ରଶ୍ମୀ ସେନାପତି, ବୃନ୍ଦାବନ କୁସୁମାଳିଆ ଓ କୋଲରୀ କୋସମାଳିଆ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୯ ତାରିଖରେ ଏନକ୍ଲୋଜରରୁ ଛଡ଼ାଯାଇଥିବା ମହାବଳ ବାଘୁଣୀ 'ଯମୁନା' କୋର୍ ଅଞ୍ଚଳ ଛାଡ଼ି ଜନବସତି ମୁହାଁ ହେଉଛି। ବିପଦ ଆଶଙ୍କାରେ ବନ ବିଭାଗ ପକ୍ଷରୁ ତା' ପାଇଁ ଯନ୍ତା ପ୍ରସ୍ତୁତ କରି ରଖାଯାଇଛି। 'ଯମୁନା' ଦେହରେ ଲାଗିଥିବା ରେଡିଓ କଲାର ଯୋଗେ ତା'ର ଗତିବିଧି ଉପରେ ବନ ବିଭାଗ ସମ୍ପୂର୍ଣ୍ଣ ନଜର ରଖିଛି। ତେବେ ପଡ଼ିଥିବା ପାଦଚିହ୍ନ କଲରାପତରିଆ ବାଘର ହୋଇପାରେ ବୋଲି ବନ ବିଭାଗ ସନ୍ଦେହ କରି ତଦନ୍ତ ଜାରି ରଖିଛି। ତେବେ 'ଯମୁନା'ର ସ୍ଥିତି ଅନ୍ୟ ସ୍ଥାନରେ ରହିଛି ଓ ତାକୁ ନେଇ ଭୟଭୀତ ନ ହେବାକୁ ଆରସିସିଏଫ୍ ଗୋଗିନେନୀ କହିଛନ୍ତି।

# କଲରାପତରିଆ ବାଘଛାଲ ଜବତ, ୩ ଗିରଫ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବାଙ୍ଗିରିପୋଷି (ସଞ୍ଜୟ କୁମାର ଅଗ୍ରୱାଲା),୧୮।୧୧

ମୟୂରଭଞ୍ଜ ଜିଲା ଶିମିଳିପାଳ ପାଦଦେଶ ବାଙ୍ଗିରିପୋଷି ଥାନା ଅଞ୍ଚଳରୁ ବନ ବିଭାଗ ଏକ କଲରାପତରିଆ ବାଘଛାଲ ଜବତ କରିଛି। ଏହା ସହିତ ବ୍ୟବସାୟରେ ଜଡିତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ବନ ବିଭାଗ ଅଭିଯୁକ୍ତମାନଙ୍କ ପରିଚୟ ଗୋପନ ରଖିଛି।

ସୂଚନାଯୋଗ୍ୟ, ବାରିପଦା ବନଖଣ୍ଡ ଅଧୀନ ବାଙ୍ଗିରିପୋଷି ରେଞ୍ଜ ବାଲିଖଣି ଗ୍ରାମରେ କଲରାପତରିଆ ବାଘଛାଲ ବିକ୍ରି ପାଇଁ ଡିଲ୍ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ବନ ବିଭାଗ ଖବର ପାଇଥିଲା। ଏନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ାଙ୍କ ନିର୍ଦ୍ଦେଶ କ୍ରମେ ବାରିପଦା ବନଖଣ୍ଡ ଅଧିକାରୀଙ୍କୁ ନେଇ ଗଠିତ ଏକ ଟିମ୍ ଚଢ଼ାଉ କରିଥିଲା। ଦୁଇଟି ବାଇକ୍‌ରେ ୪ ଜଣ ବାଘଛାଲ ନେଇ ଡିଲ୍ କରୁଥିବା ସମୟରେ ବନ କର୍ମଚାରୀମାନେ ସେମାନଙ୍କୁ ମାଡ଼ି ବସିଥିଲେ। ୩ ଜଣ ଧରାପଡ଼ିଥିବା ବେଳେ ଅନ୍ୟ ଜଣେ ବାଇକ୍ ଧରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ଜବତ ବାଘଛାଲର ଲମ୍ବ, ଓସାର ଏବଂ ବୟସ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ। ଏହି ର୍‍ୟାକେଟରେ ଜଡ଼ିତ ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବନ ବିଭାଗ ପ୍ରୟାସ ଜାରି ରଖିଛି। ତେବେ କିଛି ଦିନ ହେଲା ବାଘଛାଲ କାରବାରରେ ପୂର୍ଣ୍ଣଚ୍ଛେଦ ପଡ଼ିଥିବା ବେଳେ ଅପରାଧୀମାନେ ପୁଣି ସକ୍ରିୟ ହୋଇ ବ୍ୟବସାୟ ଆରମ୍ଭ କରିଛନ୍ତି। ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟର ବହୁ ବେପାରୀ ଏଥିରେ ସାମିଲ ହୋଇ ପୂର୍ବରୁ ଧରା ପଡ଼ିଥିବା ନଜିର ମଧ୍ୟ ରହିଛି। ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡ଼ି କରିବା ସହ ଗାଡ଼ିମୋଟର ଯାଞ୍ଚ କରାଗଲେ ବନ୍ୟପ୍ରାଣୀଙ୍କ ଅଂଶ ବିଶେଷ ଧରାପଡ଼ିବ ବୋଲି ପ୍ରାଣୀପ୍ରେମୀମାନେ ମତ ଦେଇଛନ୍ତି।


ଜବତ କଲରାପତରିଆ ବାଘଛାଲ।

# ସରକାରୀ ଚାକିରିରେ ନିଯୁକ୍ତି ବୟସସୀମା ବୃଦ୍ଧି ଦାବି

## ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କୁ ଚିଠି ଲେଖିଲେ ଚାକିରି ଆଶାୟୀ

ଭୁବନେଶ୍ୱର,୧୮।୧୧ (ଅନୁରାଧା ମହାରଣା)

ସରକାରୀ ଚାକିରି ପାଇଁ ଆବେଦନର ସର୍ବୋଚ୍ଚ ବୟସ ସୀମା ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ୨୦୨୪, ୨୦୨୫ ଓ ୨୦୨୬ ଲାଗି ୪୩ ବର୍ଷକୁ ବୃଦ୍ଧି କରିବାକୁ ଦାବି ହୋଇଛି। ଏନେଇ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ଆଶାୟୀମାନେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି। ବିଧାନସଭାରେ ବିଧାୟକମାନେ ବହୁବାର ବୟସ ବୃଦ୍ଧି ପାଇଁ ଦାବି କରି ଆସୁଥିଲେ ମଧ୍ୟ ପୂର୍ବ ସରକାର ଏହାକୁ ସ୍ଥାୟୀଭାବେ ବୃଦ୍ଧି ନ କରି ମାତ୍ର ୩ବର୍ଷ ଯଥା-୨୦୨୨, ୨୦୨୩, ୨୦୨୪ ବର୍ଷ ପର୍ଯ୍ୟନ୍ତ ୩୮ ବର୍ଷକୁ ବୃଦ୍ଧି କରିଥିଲେ। ଦୀର୍ଘ ୧୫ବର୍ଷ ହେବ ନିୟମିତ ଭାବରେ ସରକାରୀ ପଦବୀ ପୂରଣ ନ କରିବା ଫଳରେ ମେଧାବୀ ଛାତ୍ରୀଛାତ୍ରଙ୍କ ବୟସ ଅତିବାହିତ ହୋଇଯାଇଥିବା ଆଶାୟୀମାନେ ଉଲ୍ଲେଖ କରିଛନ୍ତି। ଅନେକ ଛାତ୍ରୀଛାତ୍ର କରୋନା ମହାମାରୀରେ ଆକ୍ରାନ୍ତ ହୋଇ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଯୁବବର୍ଗ ଉତ୍କଟ ବେକାରି ଯୋଗୁଁ ପରିବାର ପ୍ରତିପୋଷଣ କରିପାରୁନାହାନ୍ତି। ଏପରିକି କେତେକ ପରୀକ୍ଷାଫଳ ବାହାରି ପୋଷ୍ଟିଂ ହେଉ ହେଉ ୨ବର୍ଷରୁ ଅଧିକ ସମୟ ଲାଗିଯାଉଛି ଓ ପିଲାଙ୍କ ବୟସ ସୀମା ଅତିକ୍ରାନ୍ତ ହୋଇଯାଉଛି। ସେହିପରି ଓଡ଼ିଶାର ଏସ୍‌ଏସ୍‌ବି ଅଧ୍ୟାପକ ନିଯୁକ୍ତିରେ ସର୍ବୋଚ୍ଚ ବୟସ ସୀମା ୪୨ ରଖାଯାଇଛି। ଓଡ଼ିଶାରେ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ନିଯୁକ୍ତିରେ ସର୍ବୋଚ୍ଚ ବୟସ ସୀମା ୩୩ ବର୍ଷରୁ ୪୫ବର୍ଷ ବୃଦ୍ଧି କରାଯାଇଛି। ଗୋଆରେ ନିଯୁକ୍ତିରେ ସର୍ବୋଚ୍ଚ ବୟସ ସୀମା ୪୫ବର୍ଷ ହୋଇଥିବାବେଳେ ତେଲଙ୍ଗାନାରେ ୪୪ବର୍ଷ, ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ, ହରିୟାଣା, ଲଦାଖ ଓ ଆସାମରେ ୪୨ବର୍ଷ, ସିକିମ୍, ରାଜସ୍ଥାନ, ଛତିଶଗଡ଼, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ତ୍ରିପୁରା ଓ ମହାରାଷ୍ଟ୍ରରେ ୪୦ବର୍ଷ ବୟସ ସୀମା ରହିଛି। ସେହି ଅନୁସାରେ ଓଡ଼ିଶାରେ ମଧ୍ୟ ବର୍ଦ୍ଧିତ ବୟସସୀମା ଲାଗୁ କରିବାକୁ ଅନୁରୋଧ କରାଯାଇଛି। ବିଭିନ୍ନ ଖାଲି ପଦବୀରେ ସରକାରୀ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦିଆଯାଇଛି। ତେଣୁ ଚାକିରି ଆଶାୟୀଙ୍କ ଆବେଦନ ବୟସ ସୀମା ୪୩ ବର୍ଷକୁ (୩ବର୍ଷ ପାଇଁ) ବୃଦ୍ଧି କରିବାକୁ ପ୍ରାର୍ଥୀମାନେ ଦାବି କରୁଛନ୍ତି।

# ୩୦ଯାଏ କନିଷ୍ଠ ମେଧାବୃତ୍ତି ପାଇଁ ଆବେଦନ

ଭୁବନେଶ୍ୱର,୧୮।୧୧ (ଅନୁରାଧା ମହାରଣା)

ରାଜ୍ୟର ଦ୍ୱାଦଶ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ରଙ୍କୁ କନିଷ୍ଠ ମେଧାବୃତ୍ତି ପ୍ରଦାନ ପାଇଁ ଆବେଦନ ଆରମ୍ଭ ହୋଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ସିବିଏସ୍‌ଇ ଓ ଆଇସିଏସ୍‌ଇ ଅନୁବନ୍ଧିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍. ଆୟରଙ୍କ ପକ୍ଷରୁ ଜାରି ଏହି ଚିଠିରେ ଆବେଦନର ପ୍ରଣାଳୀ, ଯୋଗ୍ୟତା, ସମୟସୀମା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଇ-ମେଧାବୃତ୍ତି ଯୋଜନାରେ ରାଜ୍ୟର ମୋଟ ୧୦ ହଜାର ଛାତ୍ରୀଛାତ୍ରଙ୍କୁ ଏହି ମେଧାବୃତ୍ତି ପ୍ରଦାନ କରାଯିବାକୁ ଥିବାବେଳେ ଆସନ୍ତା ୩୦ ତାରିଖ ଯାଏ ଆବେଦନ ଗ୍ରହଣ କରାଯିବ। ଦଶମରେ ୬୦%ରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ବାର୍ଷିକ ଆୟ ୬ଲକ୍ଷ ଟଙ୍କାରୁ କମ୍ ଥିଲେ ସେମାନେ ମେଧାବୃତ୍ତି ପାଇଁ ଆବେଦନ କରିପାରିବେ। ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ବାର୍ଷିକ ୩ ହଜାର ଟଙ୍କା ବୃତ୍ତି ରାଶି ପାଇବେ । ଆବେଦନ ସମ୍ପର୍କିତ ସମସ୍ତ ତଥ୍ୟ ସାମସ୍ ୱେବ୍‌ସାଇଟରେ ଉପଲବ୍ଧ ରହିଛି।

ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି– କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା– ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। **–ଶ୍ରୀଅରବିନ୍ଦ**



# ଭାରତରେ ଷ୍ଟାରଲିଙ୍କ୍

ଆମେରିକାର ଏରୋସ୍ପେସ୍ କମ୍ପାନୀ ସ୍ପେସ୍ଏକ୍ସ ଅଧୀନରେ ଥିବା ଷ୍ଟାରଲିଙ୍କ୍ ଇଣ୍ଟରନେଟ ସେବାର ଭାରତ ପ୍ରବେଶକୁ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଉଲ୍ଲେଖନୀୟ ଯେ, ସ୍ପେସ୍ଏକ୍ସର ମାଲିକ ହେଉଛନ୍ତି ବିଶ୍ୱର ସବୁଠୁ ଧନୀ ବ୍ୟକ୍ତିବିଶେଷ ଏଲନ୍ ମସ୍କ। ସେ ୨୦୨୦ରେ ପ୍ରଥମେ ଷ୍ଟାରଲିଙ୍କ୍ ଇଣ୍ଟରନେଟ ସେବା ଯୋଗାଇ ଦେଇଥିଲେ। ଏବେ ୧୦୦ରୁ ଊର୍ଦ୍ଧ୍ୱ ଦେଶରେ ଏହା ସେବା ଯୋଗାଉଛି। ଏଠାରେ ଏହା ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ, ନିକଟରେ ଶେଷ ହୋଇଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ଜିତିଛନ୍ତି। ଏହି ଜିତାପଟ ପଛରେ ଏଲନ୍ ମସ୍କଙ୍କର ଖୋଲାଖୋଲି ଆର୍ଥିକ ସାହାଯ୍ୟ ରହିଥିଲା। ତତ୍‌ସହିତ ମସ୍କଙ୍କ ଦ୍ୱାରା ପରିଚାଳିତ ଏକ୍ସ (ପୂର୍ବନାମ ଟୁଇଟର)କମ୍ପାନୀ ଟ୍ରମ୍ପଙ୍କୁ ଜନସାଧାରଣଙ୍କ ନିକଟତର କରିବାରେ ସକ୍ରିୟ ସାହାଯ୍ୟ କରିଥିଲା। ଜିତିବା ପରେ ଟ୍ରମ୍ପ୍ ଏବେ ଏଲନ୍ ମସ୍କଙ୍କୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସରକାରୀ ଦାୟିତ୍ୱ ଦେଇଛନ୍ତି।

କୁହାଯାଉଛି, ଷ୍ଟାରଲିଙ୍କ୍ ଭାରତରେ ସମସ୍ତଙ୍କୁ ଦ୍ରୁତଗତିର ଇଣ୍ଟରନେଟ ସେବା ଯୋଗାଇଦେବ, ବିଶେଷକରି ଗ୍ରାମାଞ୍ଚଳରେ ଡିଜିଟାଲ କ୍ଷେତ୍ରରେ ଉପୁଜୁଥିବା ବାଧା ଦୂର ହେବ ଏବଂ ଲୋକେ ସହଜରେ ଇଣ୍ଟରନେଟ ସୁବିଧା ପାଇପାରିବେ। ଗତମାସରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ମନ୍ତବ୍ୟ ଷ୍ଟାରଲିଙ୍କ୍‌ର ପ୍ରବେଶ ସମ୍ଭାବନାକୁ ଉଜାଗର କରିଛି। ଜ୍ୟୋତିରାଦିତ୍ୟ କହିଥିଲେ, ସରକାର ସାଟେଲାଇଟ୍ ସ୍ପେକ୍ଟ୍ରମ ଆବଣ୍ଟନ କ୍ଷେତ୍ରରେ ପାରମ୍ପରିକ ନିଲାମ ପରିବର୍ତ୍ତେ ଏକ ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛନ୍ତି। ବଡ଼ କଥା ହେଉଛି, ସିନ୍ଧିଆଙ୍କ ମନ୍ତବ୍ୟକୁ ପ୍ରଶଂସା କରି ଷ୍ଟାରଲିଙ୍କ୍ ମାଲିକ ଏଲନ୍ ମସ୍କ ଏକ୍ସରେ ତାଙ୍କ ପ୍ରତିକ୍ରିୟା ରଖିଥିଲେ। ଭାରତରେ ଷ୍ଟାରଲିଙ୍କ୍ ଉତ୍ତମ ସେବା ଯୋଗାଇଦେବ ଏବଂ ସରକାରଙ୍କ ଆଭିମୁଖ୍ୟକୁ ନେଇ ସେ ଉତ୍ସୁକ ବୋଲି କହିଥିଲେ। ବାସ୍ତବରେ ମସ୍କଙ୍କ ଏହି ପୋଷ୍ଟିଂ ପରେ ଭାରତରେ ଷ୍ଟାରଲିଙ୍କ୍ ପ୍ରବେଶର ସଙ୍କେତ ମିଳିଛି। ତେବେ ଷ୍ଟାରଲିଙ୍କ୍ କେଉଁ ପ୍ରକାର ସେବା ଯୋଗାଇବ ତାହା ବୁଝିବା ଦରକାର। ପ୍ରକୃତରେ ଷ୍ଟାରଲିଙ୍କ୍ ନାମକରଣ ଦି ଫଲ୍ଟ ଅଫ ଆୱାର ଷ୍ଟାରସ୍ ଉପନ୍ୟାସରୁ ଉଦ୍ଧୃତ କରାଯାଇଛି। ଏହି ଦ୍ରୁତ ଇଣ୍ଟରନେଟ ସେବା କେବଳ ଆଧାରିତ ନୁହେଁ। ଏହା ଅତି ଦୁର୍ଗମ ଅଞ୍ଚଳ ସମେତ ସବୁ ଅଞ୍ଚଳକୁ ପୃଥିବୀପୃଷ୍ଠରୁ ୨୦୦୦ କିଲୋମିଟର ତଳେ ଥିବା ମହାକାଶ ସ୍ତର(ଲୋଅର୍ବିଟ)ରୁ ତା' ନିଜସ୍ୱ ସାଟେଲାଇଟ୍‌ରୁ ସେବା ଯୋଗାଇ ଦିଏ। ୬,୪୨୬ଟି ସାଟେଲାଇଟ୍ ଯୋଗେ ରେଡିଓ ସିଗ୍‌ନାଲ ମାଧ୍ୟମରେ ସିଧାସଳଖ ବ୍ୟବହାରକାରୀଙ୍କୁ ଇଣ୍ଟରନେଟ ସୁବିଧା ଯୋଗାଇ ଦିଆଯାଉଛି। ଏବେ ଷ୍ଟାରଲିଙ୍କ୍ ଇଣ୍ଟରନେଟ ସେବାର ଭାରତ ପ୍ରବେଶକୁ ରିଲାଏନ୍ସ ଜିଓ ମାଲିକ ମୁକେଶ ଅମ୍ବାନୀ ବିରୋଧ କରିଛନ୍ତି। ଏହାର ସମ୍ଭାବ୍ୟ ପ୍ରବେଶ ଉପରେ ସମୀକ୍ଷା କରିବାକୁ ଟେଲ୍‌କମ ରେଗୁଲେଟରକୁ ସେ ଜଣାଇ ସ୍ପେକ୍ଟ୍ରମ ନିଲାମ ପାଇଁ ଦାବି କରିଛନ୍ତି। ଏହା ବ୍ୟତୀତ ରିଲାଏନ୍ସ ଜିଓ ତାହାର ବ୍ୟବହାର କାରୀଙ୍କୁ ଯେତିକି ଡେଟା ଯୋଗାଉଛି ଷ୍ଟାରଲାଇନ୍ ତାହାଠାରୁ ବହୁତ କମ୍ ଯୋଗାଇବ ବୋଲି ରିଲାଏନ୍ସ ଦାବି କରିଛି। ସମାନ୍ତରାଳ ଭାବେ ଏହାର ସମ୍ଭାବ୍ୟ ପ୍ରବେଶକୁ ନେଇ ଭାରତର ଦିଲ୍ଲୀସ୍ଥିତ କୂଟନୀତି ଫାଉଣ୍ଡେଶନ ବିରୋଧ କରିଛି। ଏହା ରିପୋର୍ଟରେ ଦର୍ଶାଇଛି ଯେ, ଷ୍ଟାରଲିଙ୍କ୍ ଇଣ୍ଟରନେଟ୍ ସେବାକୁ ଭାରତରେ ଅନୁମତି ମିଳିଲେ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବ। ଆମେରିକାର ଗୋଇନ୍ଦା ଓ ମିଲିଟାରୀ ସଂସ୍ଥାଗୁଡ଼ିକ ସହିତ ଷ୍ଟାରଲିଙ୍କ୍‌ର ଘନିଷ୍ଠ ସମ୍ପର୍କ ରହିଥିବାରୁ ଭାରତର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ନଜର ରଖିବା ସହଜ ହୋଇଯିବ। ଅନ୍ୟପଟେ ଆଜିର ପୃଥିବୀରେ ସବୁ ଦେଶର ସବୁ ପ୍ରକାର ଭିତ୍ତିଭୂମି ଉପରେ ସାଟେଲାଇଟ୍ ମାଧ୍ୟମରେ ଦୃଷ୍ଟି ରଖି ହେଉଛି। ଷ୍ଟାରଲିଙ୍କ୍ ସେବା ଭାରତରେ ପ୍ରବେଶ କଲେ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବ ବୋଲି ଯାହା କୁହାଯାଉଛି ତାହା ତ୍ରୁଟିପୂର୍ଣ୍ଣ। ଏଭଳି ଦାବି ପଛରେ ବ୍ୟବସାୟିକ ଉଦ୍ଦେଶ୍ୟ ରହିଛି ବୋଲି କହିହେବ।

ଅନ୍ୟ ଏକ ଦିଗରୁ ବିଚାର କଲେ ଷ୍ଟାରଲିଙ୍କ୍ ପ୍ରବେଶ ପାଇଁ ବାଟ ସଫା କରିବାର ପ୍ରୟାସ ଡିଜିଟାଲ ଇଣ୍ଡିଆ ଯୋଜନାର ଦୁର୍ବଳତାକୁ ପଦାରେ ପକାଉଛି। ଭାରତରେ ୧ ଜୁଲାଇ ୨୦୧୫ରୁ ଡିଜିଟାଲ ଇଣ୍ଡିଆ ଅଭିଯାନ ଆରମ୍ଭ ହୋଇଥିଲା। କିନ୍ତୁ ଅକ୍ଟୋବର ୨୦୨୪ ସୁଦ୍ଧା ଭାରତର ଅଫ୍‌ଲାଇନ ଜନସଂଖ୍ୟା ବିଶ୍ୱର ସବଠୁ ଅଧିକ। ୬୫ କୋଟି ଲୋକ ଇଣ୍ଟରନେଟ୍‌ରୁ ବଞ୍ଚିତ ବୋଲି ଜର୍ମାନୀର ଅନ୍‌ଲାଇନ ପ୍ଲାଟଫର୍ମ ଷ୍ଟାଟିଷ୍ଟାର ଏକ ରିପୋର୍ଟରୁ ଜଣାପଡ଼ିଛି। ଏହା ବ୍ୟତୀତ ଡିଜିଟାଇଜେଶନ କ୍ଷେତ୍ରରେ ଭାରତରେ ନାଗରିକ ତଥା ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ସୁରକ୍ଷା ଦିଆଯାଇପାରୁନାହିଁ। ଆଧାରଠାରୁ ଆରମ୍ଭ କରି ପାନ୍‌କାର୍ଡକୁ ବ୍ୟାଙ୍କ ଓ ଅନ୍ୟାନ୍ୟ ସେବା ସହ ଯୋଡ଼ିବା ଫଳରେ ସାଧାରଣ ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟ ସାଇବର ଅପରାଧୀଙ୍କ ହାତରେ ପଡ଼ିଗଲାଣି। ସେମାନେ ବ୍ୟାଙ୍କ ଖାତାରୁ ଜମାକାରୀଙ୍କ ଟଙ୍କା ଲୁଟିନେବା ସହ ବ୍ୟବସାୟିକ କାର୍ଯ୍ୟରେ ବାଧାସୃଷ୍ଟି କରୁଛନ୍ତି। ଏପରି କି ଡାର୍କ ୱେବ ହାତରେ ଭାରତୀୟଙ୍କ ବ୍ୟକ୍ତିଗତ ତଥ୍ୟ ଘୂରିବୁଲୁଛି। ଏହି ଅପରାଧକୁ ସରକାର ନିୟନ୍ତ୍ରଣ କରିପାରୁନାହାନ୍ତି କି ଅପରାଧର ଗମ୍ଭୀରତା ଅନୁଯାୟୀ ସାଇବର ପୋଲିସର ପ୍ରଯୁକ୍ତିଗତ ଦକ୍ଷତା ନାହିଁ। ଭାରତର ଡିଜିଟାଲ ସ୍ଥିତି ଅତ୍ୟନ୍ତ ଦୁର୍ବଳ ବୋଲି ସମସ୍ତେ ବୁଝୁଛନ୍ତି। ତଥାପି ଏହି ଦେଶର ଜନସାଧାରଣ ଅନ୍ତରଙ୍ଗ ତଥ୍ୟର ମୂଲ୍ୟ ବୁଝିପାରୁନାହାନ୍ତି ଏବଂ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅଳ୍ପ ପରିମାଣରେ କିନ୍ତୁ ଲଗାତର ଭାବେ ଅର୍ଥ ଚୋରି ହେଉଥିଲେ ମଧ୍ୟ ଭାରତୀୟମାନେ ବୁଝିବାରେ ଅକ୍ଷମ। ତେଣୁ ସବୁ ଦୋଷ ଦୁର୍ବଳତା ସତ୍ତ୍ୱେ ସରକାର ବାହାସ୍ଫୋଟ ମାରି ଆଗେଇ ଯାଇପାରୁଛନ୍ତି। କାରଣ ସାଧାରଣ ଲୋକ ସମ୍ପୂର୍ଣ୍ଣ ଭାବେ ଅନଭିଜ୍ଞ ଓ ଅନ୍ଧାରରେ ରହୁଛନ୍ତି। ଷ୍ଟାରଲିଙ୍କ୍‌ର ପ୍ରବେଶ ଭାରତକୁ ବିପଦରେ ପକାଇବା ପରିବର୍ତ୍ତେ କେତେକ ବଡ଼ ବ୍ୟବସାୟୀଙ୍କ ଏକଚାଟିଆ ନୀତିରେ ଅସୁବିଧା ସୃଷ୍ଟି କରିବ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | | 6 | | |
| | | | | 5 | | | | 3 |
| 2 | | 7 | 8 | | | | | |
| 3 | | 6 | 2 | | | | | 8 |
| 7 | | | | 8 | | 2 | | 6 |
| | | | | | | | | 7 |
| | | | 5 | | | 4 | | 1 |
| | 1 | | | 2 | 4 | | | |
| 8 | | 2 | | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 5 | 4 | 1 | 7 | 6 | 9 | 8 |
| 4 | 9 | 7 | 6 | 8 | 3 | 5 | 1 | 2 |
| 8 | 6 | 1 | 9 | 5 | 2 | 3 | 4 | 7 |
| 5 | 8 | 2 | 3 | 4 | 9 | 1 | 7 | 6 |
| 1 | 4 | 6 | 7 | 2 | 5 | 8 | 3 | 9 |
| 9 | 7 | 3 | 8 | 6 | 1 | 4 | 2 | 5 |
| 2 | 3 | 4 | 5 | 7 | 6 | 9 | 8 | 1 |
| 7 | 5 | 8 | 1 | 9 | 4 | 2 | 6 | 3 |
| 6 | 1 | 9 | 2 | 3 | 8 | 7 | 5 | 4 |

ଗତକାଲିର ଉତ୍ତର

# ନାରୀ ସଶକ୍ତୀକରଣ ଓ ଗୋଷ୍ଠୀ ଗଠନ



ପ୍ରତାପ ଚନ୍ଦ୍ର ସାମଲ

ଆନ୍ତର୍ଜାତିକ ଖାତିସମ୍ପନ୍ନ ବ୍ୟାଖ୍ୟାକାର 'ଜାକେବ୍ ଜର୍ଜ ହିଲିଓକ'ଙ୍କ ଭାଷାରେ ସମବାୟ ହେଉଛି ଏକ ସ୍ୱେଚ୍ଛାକୃତ ସମ୍ମେଳନ, ଯହିଁରେ ସମସ୍ତଙ୍କ ସହଭାଗୀ, ଯୋଗଦାନ ଓ କର୍ତ୍ତୃତ୍ୱ ମଧ୍ୟରେ ଏକ ଐକ୍ୟବଦ୍ଧ ଉଦ୍ୟୋଗଟି ପରିପୂର୍ଣ୍ଣ ପଥରେ ଅଗ୍ରସର ହୋଇଥାଏ।' ଭାରତର ବହୁ ପ୍ରାଚୀନ କାଳରୁ ସମବାୟର ପ୍ରବହମାନ ଧାରା ସଂଘବଦ୍ଧ ଜୀବନଯାପନରେ ପ୍ରବାହ ସହିତ କେବଳ ସମନ୍ୱିତ ହୋଇନଥିଲା ସାମାଜିକ ଜୀବନ ବିନ୍ୟାସ ଓ ସମ୍ମିଳିତ ଉଦ୍ୟୋଗ ମଧ୍ୟରେ ଏହା ଅବିଚ୍ଛେଦ୍ୟ ଭାବେ ନିମଜ୍ଜିତ ରହିଆସିଥିଲା। ପ୍ରାଚୀନ ବୈଦିକ ଯୁଗର ଏକତ୍ର ଜୀବନଧାରଣର ମନ୍ତ୍ରତା ମଧ୍ୟରେ ସମବାୟର ପରିପ୍ରକାଶ ଘଟି ତାହାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ମଧୁବାବୁଙ୍କ ଇଂଲଣ୍ଡ ଭ୍ରମଣ ପଥରେ ୧୮୯୭ରେ କୃଷିଭିତ୍ତିକ ସମବାୟ ବ୍ୟାଙ୍କ ସ୍ଥାପନର ବାସ୍ତବ ପରିକଳ୍ପନା ଅବଶେଷରେ ୧୮୯୮ରେ ରୂପ ନେଇଥିଲା "କଟକ କୋ–ଅପରେଟିଭ୍ ଷ୍ଟୋର' ଭାବରେ ଏବଂ ମଧୁବାବୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ୧୯୦୩ରେ ବାଙ୍କୀ ତଥା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସମବାୟ କୃଷି ସମିତିମାନ ସ୍ଥାପିତ ହୋଇଥିଲା। ଆଉ ଠିକ୍ ଏହାର ଅଳ୍ପ କେଇଟା ଦିନ ପରେ ସମଗ୍ର ଭାରତବର୍ଷକୁ ସମବାୟ ଆନ୍ଦୋଳନର ଉତ୍ତୋଳନ ପାଇଁ ୨୫.୦୩.୧୯୦୪ରେ ଋଣ ସମବାୟ ସମିତି ଆଇନର ପ୍ରଥମ ଭିତ୍ତିଭୂମି ସୃଷ୍ଟି ହୋଇଥିଲା।

ଆଇନଗତ ଭାବରେ ୧୨୦ ବର୍ଷ ଅତିକ୍ରମ କରିସାରିଛି ଏହି ସମବାୟ ଆନ୍ଦୋଳନ। ୧୨୦ବର୍ଷର ଇତିହାସ ଯେ କୌଣସି ଜାତି ପାଇଁ ଅନେକ କିଛି ସ୍ମରଣୀୟତାର ଚିହ୍ନକୁ ବହନ କରିଥାଏ। ବିଂଶ ଶତାବ୍ଦୀର ଅୟମାରମ୍ଭରେ ଯେଉଁ ଆନ୍ଦୋଳନ ଜମିଦାର ଓ ସାହୁକାରମାନଙ୍କ ଶୋଷଣରୁ ଭାରତର ଗରିବ ଅବହେଳିତମାନଙ୍କୁ ସହାୟ ଯୋଗାଇ ପାରିଥିଲା ସେଦିନର ସେହି ଜନ୍ମିତ ଶିଶୁଟି ଆଜି ଅନେକ କିଛି ସ୍ମୃତିର ବର୍ଣ୍ଣିଳ ଶୋଭାକୁ ନେଇ ସମଗ୍ର ବିଶ୍ୱରେ ସୃଷ୍ଟି କରିଛି ଏକ ନୀରବ ଆକର୍ଷଣ। ଊନବିଂଶ ଶତାବ୍ଦୀର ଶିଳ୍ପ ବିପ୍ଳବ ପରେ ପରେ ଆର୍ଥିକ ଅନଟନରେ ସାଉଁଟି ହେଉଥିବା ମଣିଷଟି ବଞ୍ଚିବା ପାଇଁ ଯେଉଁ ରାହା ଖୋଜୁଥିଲା ସେଥିରୁ ଜନ୍ମ ନେଇଥିଲା 'ରକଡେଲ'ର ସମବାୟ। ସମବାୟ ଆନ୍ଦୋଳନ ବହୁ ବିଫଳ ପ୍ରୟାସକୁ ପରାହତ କରି ତା'ର ବିକଶିତ ନିନାଦିତ ଧାରାରେ କେବେବି ପୂର୍ଣ୍ଣଚ୍ଛେଦ ଟାଣିନି।

ଆତ୍ମନିଯୁକ୍ତିର ମାଧ୍ୟମ ରୂପରେ ଏବଂ ବ୍ୟକ୍ତିର ଆର୍ଥିକ ସ୍ୱାଧୀନତାକୁ ଏକ ସଫଳ ପଥରେ ରୂପାୟନ କରିବାରେ ସମବାୟ ଆନ୍ଦୋଳନ ଅନେକ କ୍ଷେତ୍ରରେ ତା'ର ସଫଳତାର ଚିହ୍ନକୁ ବହନ କରିସାରିଛି। ପୃଥିବୀର ସର୍ବବୃହତ ଅର୍ଥନୈତିକ ଆନ୍ଦୋଳନ ଭାରତର ସମବାୟ ଆନ୍ଦୋଳନ। ଭାରତର ମୋଟ ସମବାୟ ସମିତି ସଂଖ୍ୟା ୨୪.୧୧.୨୦୦୩ ମସିହା



ସୁଦ୍ଧା ୭ ଲକ୍ଷ ୯୪ ହଜାର ୮୬୬, ଯାହାର ସଭ୍ୟ ସଂଖ୍ୟା ୨୯ କୋଟି ୭ ଲକ୍ଷ ୬୦ ହଜାର ୫୩୭ ଏବଂ ୪୦୦୫୪୨.୫ କୋଟି ଟଙ୍କା କାର୍ଯ୍ୟକାରୀ ମୂଳଧନକୁ ନେଇ ଭାରତର ସମବାୟ ଆନ୍ଦୋଳନ ଆଜି ଦଣ୍ଡାୟମାନ। ସମଗ୍ର ଭାରତବର୍ଷରେ ସମବାୟ ଋଣ ଅନୁଷ୍ଠାନଗୁଡ଼ିକ ମୋଟ ଋଣର ପ୍ରାୟ ୫୬.୨୫% କୃଷିଋଣ ଓ ୪୬ ପ୍ରତିଶତରୁ ଊର୍ଦ୍ଧ୍ୱ ରାସାୟନିକ ସାର ବିତରଣ କରୁଛନ୍ତି। ଚିନି ଉତ୍ପାଦନ କ୍ଷେତ୍ରରେ ସମବାୟର ଅବଦାନ ୫୪% ଓ ହସ୍ତତନ୍ତରେ ୭%। ସମବାୟ ଦେଶର ଶତ ପ୍ରତିଶତ ଗ୍ରାମ ଏବଂ ୭୫% ପରିବାର ସହିତ ପରିବ୍ୟାପ୍ତ। ଭାରତର ଅର୍ଥନୈତିକ ଜୀବନ କ୍ଷେତ୍ରରେ ସମବାୟର ଏକ ପ୍ରମୁଖ ଭୂମିକା ରହିଛି। ଦେଶର ଗ୍ରାମାଞ୍ଚଳରେ ଗରିବ ଜନସାଧାରଣଙ୍କ ସାମାଜିକ, ଆର୍ଥିକ ବିକାଶ କ୍ଷେତ୍ରରେ ସମବାୟର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅର୍ଥନୀତିର ପରିବର୍ତ୍ତନ ପରିସ୍ଥିତିରେ ଗ୍ରାମାଞ୍ଚଳର ଅଣକୃଷିକ୍ଷେତ୍ର ଓ କ୍ଷୁଦ୍ର ବ୍ୟବସାୟ କ୍ଷେତ୍ରରେ ପ୍ରଗତି ଆଣିବା ଓ ତିଷ୍ଠି ରହିବା ପାଇଁ ସମବାୟ ବ୍ୟାଙ୍କର ସାହାଯ୍ୟ ଅବିସ୍ମରଣୀୟ।

କୃଷି ଭାରତୀୟ ଅର୍ଥନୀତିର ପ୍ରକୃଷ୍ଟ କ୍ଷେତ୍ର। କୃଷି ଏବଂ ଏହାର ସଂଲଗ୍ନ କ୍ଷେତ୍ର ଜାତୀୟ ମୋଟ ଆୟର ଏକକ ସର୍ବବୃହତ ଅବଦାନ। ଭାରତର ମୋଟ ଘରୋଇ ଆୟର ୧୮%ରୁ ଊର୍ଦ୍ଧ୍ୱ ହେଉଛି କୃଷିର ଅବଦାନ। ନିଯୁକ୍ତି କ୍ଷେତ୍ରରେ କୃଷି ହେଉଛି ସର୍ବବୃହତ୍ ଶିଳ୍ପ ଓ ଉତ୍ପାଦିତ ସାମଗ୍ରୀର ବୃହତ୍ ଘରୋଇ ବଜାର ହେଉଛି କୃଷିକ୍ଷେତ୍ର। ଏହି କୃଷିକ୍ଷେତ୍ର ଭାରତର ରପ୍ତାନିରେ ୧୫% ସ୍ଥାନ ଗ୍ରହଣ କରିପାରିଛି। ସମବାୟ ସମଗ୍ର ଭାରତବର୍ଷକୁ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ କରିବା ସହିତ ସବୁଜ ବିପ୍ଳବ ଓ ଶ୍ୱେତ ବିପ୍ଳବର ସଫଳତା ଆଣିଦେଇଥିଲା। ବାସ୍ତବିକ୍ ଭାରତର ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଆଜି ଏହି ସବୁଜ ବିପ୍ଳବକୁ ସାକାର କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସମବାୟ ଆନ୍ଦୋଳନର ଅବଦାନ ହିଁ ଦେଶକୁ ସ୍ୱାବଲମ୍ବୀ କରିବାରେ ସୁନିଶ୍ଚିତ କରିପାରିଛି। ବର୍ତ୍ତମାନ ସମୟରେ ଦେଶର ଉତ୍ପାଦନ ହ୍ରାସ, ଜଳସ୍ତର ନିମ୍ନଗାମୀ ଓ ବର୍ଦ୍ଧିତ କୃଷି ଉତ୍ପାଦନ ଖର୍ଚ୍ଚ ଯୋଗୁ କୃଷକ ମୃତ୍ୟୁବରଣ ଭଳି ସମସ୍ୟା ଦେଖାଦେଇଛି। ଭବିଷ୍ୟତରେ ଏହି ପରିସ୍ଥିତିର ମୁକାବିଲା କରିବା ପାଇଁ ଦେଶକୁ ଆଉ ଏକ ସବୁଜ ବିପ୍ଳବ ପଥରେ ଅଗ୍ରସର ହେବାକୁ ପଡ଼ିବ। ଏଥିପାଇଁ ଆନ୍ତଃରାଜ୍ୟ ସମବାୟ କୋଠଚାଷ, ବଜାରରୁ ଉତ୍ପାଦନ ସାମଗ୍ରୀର ଏକତ୍ରୀକରଣ ଓ ସଂରକ୍ଷଣ ବର୍ତ୍ତମାନ ସମୟରେ ଏକମାତ୍ର ଆବଶ୍ୟକତା। ଗ୍ରାମୀଣ ଋଣ ସମବାୟ ପଦ୍ଧତିର ସଶକ୍ତୀକରଣ କରିବା ସହିତ ସମବାୟକୁ ଅଣକୃଷି କ୍ଷେତ୍ରରେ ନିୟୋଜିତ କରାଇ ସବୁଜ ବିପ୍ଳବକୁ କୃତକାର୍ଯ୍ୟ କରିବାରେ ସହାୟକ ହେବା ପାଇଁ ସମବାୟକୁ ଦୃଢ଼ କରିବା ଦରକାର। ମହିଳା ଓ ଯୁବ ଶକ୍ତିର ସଶକ୍ତୀକରଣ କ୍ଷେତ୍ରରେ ସମବାୟ ଏକ ନିଚ୍ଛକ ରୂପରେଖକୁ ନିର୍ବାହ କରି ସାମାଜିକ ନ୍ୟାୟ ପ୍ରତିଷ୍ଠା ସହ ଦାରିଦ୍ର୍ୟ ଦୂରୀକରଣ ଓ ନିଯୁକ୍ତି ସୃଷ୍ଟିରେ ଏକ ଶୁଭ ସଂକେତକୁ ବହନ କରୁ। ସମବାୟ ପ୍ରତ୍ୟକ୍ଷ ଭାବରେ ଓ ଆତ୍ମନିଯୁକ୍ତି ସୃଷ୍ଟି କରିବାରେ ନିଜର କାର୍ଯ୍ୟଧାରାକୁ ସଫଳଭାବରେ ବଜାୟ ରଖି ପ୍ରାୟ ୨୫.୯ ମିଲିୟନ ବ୍ୟକ୍ତିବିଶେଷଙ୍କୁ କର୍ମନିଯୁକ୍ତି ଯୋଗାଇ ଦେଇଛି।

ଏହି ପରିସ୍ଥିତିରେ ଓଡ଼ିଶା ସରକାର ସମବାୟ ଆନ୍ଦୋଳନକୁ ତୃଣମୂଳ ସ୍ତରରେ କ୍ରିୟାଶୀଳ କରିବା ପାଇଁ ଏହାର ଗଣତାନ୍ତ୍ରିକ ଅଧିକାରକୁ ସୁଯୋଗ ଦେବା ଦରକାର। କାରଣ ସମବାୟ ହେଉଛି ଏକ ସ୍ୱୟଂଶାସିତ ସଂଘ, ଯେଉଁଥିରେ ବ୍ୟକ୍ତିବିଶେଷ ସ୍ୱେଚ୍ଛାକୃତ ଭାବେ ଏକତ୍ରିତ ହୋଇ ସେମାନଙ୍କ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଆବଶ୍ୟକତା ଓ ଯୁଗ୍ମ ଚାହିଦାର ଅଧିକାର ତଥା ଗଣତନ୍ତ୍ର ଭିତ୍ତିରେ ନିୟନ୍ତ୍ରଣ କରିଥାନ୍ତି। ମାତ୍ର ସମବାୟର ନୀତି, ମୂଲ୍ୟବୋଧ ଏବଂ ସଂଜ୍ଞାକୁ ରାଜ୍ୟ ସରକାର ସମ୍ମାନ ଦେଇ ସମବାୟ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟଧାରା ନିର୍ବାହ କରିବା ପାଇଁ ସଭ୍ୟମାନଙ୍କ ହାତରେ ସ୍ୱାଧୀନ ଭାବେ ପରିଚାଳନା ଦାୟିତ୍ୱ ଦେଇ ସମବାୟର ପୁନରୁଦ୍ଧାର ପାଇଁ କାର୍ଯ୍ୟଭାର ନ୍ୟସ୍ତ କରିବା ଆଜି ସମୟର ଆହ୍ୱାନ। ଓଡ଼ିଶା ସରକାର ବୈଦ୍ୟନାଥନ୍ କମିଟିର ସୁପାରିସକୁ ଗ୍ରହଣ କରି ସମବାୟ ଅନୁଷ୍ଠାନଗୁଡ଼ିକର ଗଣତାନ୍ତ୍ରିକ ଧାରାର କଣ୍ଠରୋଧ କରାଇ ଓଡ଼ିଶାର ସମବାୟ ଆନ୍ଦୋଳନକୁ କାହିଁକି ବର୍ଷ ବର୍ଷ ଧରି ବିକାଶର ଧାରାକୁ ପଛକୁ ଠେଲି ଦେଇଛନ୍ତି ତାହାର ଉତ୍ତର କେବଳ ସେହିମାନଙ୍କ ହାତରେ, ଯେଉଁମାନେ ଅନ୍ଧପୁତୁଳି ବାନ୍ଧି ଶାସନ ଡୋରିକୁ ନିଜ ହାତରେ ଟାଣି ରଖିଛନ୍ତି। ଜାତିର ସ୍ୱାର୍ଥ, ରାଜ୍ୟର ବିକାଶ, ଆତ୍ମନିଯୁକ୍ତି କ୍ଷେତ୍ରର ବଳିଷ୍ଠ ମାଧ୍ୟମ ଏବଂ ବେକାରି ଦୂରୀକରଣର ଯାଦୁକରୀ ମନ୍ତ୍ର ସମବାୟକୁ ଆଉ ଉପେକ୍ଷିତ ନକରି ଦାରିଦ୍ର୍ୟ ଦୂରୀକରଣ ଓ ନିଯୁକ୍ତି ସୃଷ୍ଟିରେ ଏହାର ସଫଳ ପ୍ରୟାସକୁ ପ୍ରତିପାଦିତ କରିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଏକାନ୍ତ ଆବଶ୍ୟକ। ଏବେବି ଓଡ଼ିଶା ସମବାୟ ଆଇନ ୧୯୬୨ ଅନୁସାରେ ସମବାୟ ଅନୁଷ୍ଠାନଗୁଡ଼ିକ ଚାଷୀ, କୃଷକ ଓ ଖଟିଖିଆ ମଣିଷମାନଙ୍କର ଏକମାତ୍ର ଆଶା ଓ ଭରସାର ଅନୁଷ୍ଠାନ। ତେଣୁକରି ସମବାୟରେ ଦାରିଦ୍ର୍ୟ ଦୂରୀକରଣ ଓ ଆତ୍ମନିଯୁକ୍ତି ସଫଳ ପଥରେ ଆଗେଇ ପାରିଲେ ସମବାୟର ବଳିଷ୍ଠ ଅବଦାନ ଭାରତବର୍ଷର ଶାସନକୁ ତଥା ରାଜ୍ୟ ଶାସନକୁ ସୁଦୃଢ଼ କରିପାରିବ।

**ବରିଷ୍ଠ ସମବାୟବିତ୍**
**ମୋ: ୯୦୯୦୩୨୫୮୦୨**

# ଆଳୁ ଖୋଳୁ ଖୋଳୁ ମହାଦେବ




ଡ. ସୀତାକାନ୍ତ ତ୍ରିପାଠୀ

ଥରେ ଜଣେ ଚାଷୀ ନିଜ ବିଲରେ ଆଳୁ ଖୋଳୁ ଖୋଳୁ ତାଙ୍କ କୋଦାଳରେ ପଥର ଭଳି କ'ଣ ବାଜିଲା। ଯେଉଁ ବିଲକୁ ସିଏ ପୁରୁଷାନୁକ୍ରମେ ଚାଷ କରି ଆସୁଛନ୍ତି, ସେଠି ପଥର ରହିବା କଥା ସିଏ ବିଶ୍ୱାସ କରି ନ ପାରି ପୁଣିଥରେ ସେହି ଜାଗାକୁ ଖୋଳିଲେ। ପରେ ପରେ ଦେଖାଗଲା, ତାହା ଏକ ଛୋଟ ପଥର ନୁହେଁ ବରଂ ଏକ ବଡ଼ ଏବଂ ଗଭୀରକୁ ଯାଇଥିବା ପଥର। ଏକଥା ପାଖ ବିଲରେ କାମ କରୁଥିବା ଚାଷୀମାନେ ଦେଖି ସେଠାରେ ରୁଣ୍ଡ ହେଲେ। କଥା କାନକୁ କାନ ବ୍ୟାପୀ ସମଗ୍ର ଅଞ୍ଚଳରେ ବ୍ୟାପିଗଲା ଯେ ଅମୁକ ଚାଷୀର ଆଳୁ କିଆରିରୁ ଶିବଲିଙ୍ଗ ଆବିର୍ଭାବ ହୋଇଛନ୍ତି। ତାଙ୍କର ଦର୍ଶନ ପାଇଁ କିଏ କ୍ଷୀର ନେଇ ଆସିଲେ ତ ଆଉ କିଏ ପାଣି, ଘିଅ, ମହୁ, ଗଞ୍ଜେଇ, ଧୂପ, ଦୀପ ଆଦି ପୂଜା ସାମଗ୍ରୀ ଧରି ପହଞ୍ଚିଲେ। ଯେହେତୁ ଶିବଲିଙ୍ଗଙ୍କୁ ସ୍ଥାନାନ୍ତର କରାଯାଏ ନାହିଁ, ତେଣୁ ଲୋକମାନଙ୍କ ନିଷ୍ପତ୍ତି ଫଳରେ ଉକ୍ତ ଜାଗାରେ ଏକ ଭବ୍ୟ ମନ୍ଦିର ସ୍ଥାପନ ହେତୁ ଜମିର ମାଲିକ ଭକ୍ତ ଶ୍ରେଷ୍ଠ ବୋଲି ପରିଗଣିତ ହେବା ସହିତ ଆଖପାଖ ୭–୮ ଖଣ୍ଡ କିଆରିର ମାଲିକମାନେ ଚାଷକାମ ଛାଡ଼ି ମନ୍ଦିରରେ ଫୁଲ, ବେଲପତ୍ର, ଧୂପ, ଦୀପ, ଫଳ, ମୂଳ ଆଦି ଦୋକାନ ଖୋଲି ନିଜ ନିଜର ଗୁଜରାଣ ମେଣ୍ଟାଇଲେ। ଧୀରେ ଧୀରେ ଗାଁଟି ପ୍ରସିଦ୍ଧି ଲାଭ କଲା। ଏଠାରେ ଆଳୁ ଖୋଳିବା ସାଙ୍ଗରେ ଶିବଲିଙ୍ଗର ଆବିର୍ଭାବ ହେବା ମଧ୍ୟରେ କାର୍ଯ୍ୟ–କାରଣର କୌଣସି ସମ୍ପର୍କ ନ ଥିଲେ ମଧ୍ୟ ଗୋଟିଏ ଛୋଟ କାମ କରୁ କରୁ ଏକ ବିରାଟ ପରିବର୍ତ୍ତନ ଯେତିକି ପ୍ରତ୍ୟାଶିତ ସେତିକି ଆଶ୍ଚର୍ଯ୍ୟ କଥା ଥିଲା।

ଆମ ଜୀବନରେ ଛୋଟିଆ ଛୋଟିଆ ଉଦ୍ୟମ କରୁ କରୁ ବଡ଼ ସଫଳତା ଲାଭ କରିବା ହେଉ କିମ୍ବା ଛୋଟିଆ ଘଟଣାର ତଦନ୍ତ କରୁ କରୁ ଲୁକ୍କାୟିତ ଘଟଣା ପଦାକୁ ଆସିଲେ ଆମେ ତାକୁ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା କଥା କହି ଥାଉ। ଯାହା କେବଳ ଖୋଳୁଥିବା ବା ତଦନ୍ତ କରୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଆବଶ୍ୟକତା ଥାଏ କିମ୍ବା ସେମାନଙ୍କର ବିକାଶର ସହାୟତା କରିଥାଏ ସେ କଥା ନୁହେଁ, ବରଂ ବୃହତ୍ ଅର୍ଥରେ ପ୍ରକୃତ ଘଟଣା ପଦାକୁ ଆସିବା ସହିତ ସତ୍ୟର ଉନ୍ମୋଚନ ହୁଏ ଏବଂ ବିକାଶଧାରା ବହୁ ଗୁଣିତ ହୋଇଥାଏ।

ଗ୍ରୀସ୍‌ର ରାଜା ଥରେ ଜଣେ ବଣିଆକୁ ଡକାଇ ନିଜ ପାଇଁ ଏକ ସୁନ୍ଦର ମୁକୁଟ ତିଆରି କରିବା ପାଇଁ ବରାଦ ଦେଲେ। ବଣିଆ ଜଣକ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ ମୁକୁଟ ତିଆରି କରି ଆଣି ରାଜାଙ୍କୁ ଦେଲେ। କିନ୍ତୁ ରାଜାଙ୍କର ସନ୍ଦେହ ହେଲା ସିଏ



କହିଥିବା ସୁନା ଅନୁପାତରେ ମୁକୁଟରେ ସୁନା ନାହିଁ ଏବଂ ସେଥିରେ ଅଧିକ ଖାଦ ରହିଛି। ଏହି ରହସ୍ୟକୁ ଉନ୍ମୋଚନ କରିବା ପାଇଁ ସିଏ ଆର୍କମେଡିସ୍‌ଙ୍କୁ ଦାୟିତ୍ୱ ଦେଇଥିଲେ। ମୁକୁଟଟି ଅତ୍ୟନ୍ତ ସୁନ୍ଦର ହୋଇଥିବାରୁ ରାଜା ତାକୁ ତରଳାଇବାକୁ ମଧ୍ୟ ରାଜି ନଥିଲେ। ଶେଷରେ ଆର୍କମେଡିସ୍ ଗାଧୋଉଥିବା ବେଳେ ଉକ୍ତ ସମସ୍ୟାର ସମାଧାନ ସ୍ୱରୂପ 'ସାନ୍ଦ୍ରତାତ୍ତ୍ୱ' ଉଦ୍ଭାବନ କରିଥିଲେ ଏବଂ ସିଏ ରାଜାଙ୍କୁ ବୁଝାଇଦେଲେ ଏକ କିଲୋ ସୁନାର ଆୟତନ ଏକ କିଲୋ ରୁପାର ଆୟତନଠାରୁ କମ୍। ସିଏ ରାଜାଙ୍କୁ କହି ମୁକୁଟ ଓଜନ ସହିତ ସମାନ ଓଜନର ସୁନା ଓ ରୁପା ଆଣିବା ପାଇଁ କହିଲେ। ପ୍ରଥମେ ଗୋଟିଏ ପାଣି ପାତ୍ରରେ ସୁନା ମୁକୁଟ ଓଜନର ବୁଡ଼ାଇ ନିଗିଡ଼ିଥିବା ପାଣି ମାପ କଲେ ଏବଂ ପରେ ପରେ ରୁପା ବୁଡ଼ାଇ ନିଗିଡ଼ି ଥିବା ପାଣି ମାପ କଲେ। ଶେଷରେ ପାତ୍ରକୁ ପୁଣି ଜଳପୂର୍ଣ୍ଣ କରି ସେଥିରେ ମୁକୁଟଟିକୁ ବୁଡ଼ାଇ ଦିଆଗଲା, କିନ୍ତୁ ସେଥିରୁ ଅଧିକ ଜଳ ନିଗିଡ଼ିଗଲା। ଯଦି ମୁକୁଟଟି ସୁନାରେ କିମ୍ବା ରୁପାରେ ତିଆରି ହୋଇ ଥାଆନ୍ତା, ତା'ହେଲେ ସିଏ ସୁନା କିମ୍ବା ରୁପା ଓଜନର ଜଳ ଅପସାରିତ କରିଥାଆନ୍ତା। ଯେହେତୁ ମୁକୁଟଟି ସୁନାଠାରୁ କମ୍ ଏବଂ ରୁପାଠାରୁ ଅଧିକ ଜଳ ଅପସାରିତ କଲା, ତେଣୁ ମୁକୁଟଟି ସୁନା ଏବଂ ରୁପା ମିଶ୍ରିତ ହୋଇ ତିଆରି ହୋଇଛି ବୋଲି ପ୍ରମାଣ ସିଦ୍ଧ ହେଲା।

ବେଳେବେଳେ ଏହି ଆଳୁ ଖୋଳିବା ବା ଅନୁସନ୍ଧାନରୁ ମଧ୍ୟ ସର୍ବନାଶ ହେବାର ଉଦାହରଣ ଅଛି। ମହାଭାରତର ଆଖ୍ୟାୟିକା ଅନୁଯାୟୀ ରାଜସଭାରେ ଭୀମ ଯେତେବେଳେ ଦୁର୍ଯ୍ୟୋଧନଙ୍କୁ ଗୋଳକ ପୁତ୍ର ବୋଲି ସମ୍ବୋଧନ କଲେ, ଦୁର୍ଯ୍ୟୋଧନ ତାହାର ଅର୍ଥ କ'ଣ ବୁଝି ନ ପାରି ସମସ୍ତଙ୍କୁ ପଚାରି ଚାଲିଲେ ; କିନ୍ତୁ କେହି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଶେଷରେ ତାଙ୍କ ମା'ଙ୍କଠାରୁ ଉତ୍ତର ଜାଣିବା ପରେ ସିଏ ତାଙ୍କ ମାମୁଘର ବଂଶକୁ ଦୋଷୀ ସାବ୍ୟସ୍ତ କରି ବନ୍ଦୀ କରି ରଖିଥିଲେ ଏବଂ ସେମାନଙ୍କୁ ଖାଦ୍ୟ ନ ଦେଇ ମାରି ଦେଇଥିବା ଫଳରେ ପ୍ରତିଶୋଧ ସ୍ୱରୂପ ମାମୁଘରର ଶେଷ ସନ୍ତକ ଶକୁନି କୁରୁବଂଶ ଧ୍ୱଂସ କରିବାରେ ସଫଳ ହୋଇଥିଲେ।

ତେଣୁ ଆମ ସମାଜରେ କିମ୍ବା ଆମ ନିଜ ଜୀବନରେ, ଛୋଟ ଛୋଟ ଅନୁସନ୍ଧିତ୍ସା ଯୋଗୁ ବୃହତ୍ତର ଲକ୍ଷ୍ୟ ପୂରଣ ହେବା କଥା ହେଉ କିମ୍ବା ଅପ୍ରତ୍ୟାଶିତ ଫଳାଫଳ ପ୍ରାପ୍ତ ହେଉ, ସବୁଠି ଫଳାଫଳକୁ ସହୃଦୟତାର ସହିତ ଗ୍ରହଣ କରି ଏହାର ତର୍ଜମା କରିବା ଦରକାର। ବେଳେବେଳେ ବାହ୍ୟ ଜଗତ ପରିବର୍ତ୍ତନ ସମ୍ପର୍କିତ ଚିନ୍ତା କରିବା ସହିତ ଆତ୍ମସମୀକ୍ଷାର ମଧ୍ୟ ଆବଶ୍ୟକତା ରହିଛି। କାରଣ ଏହି ମହାଦେବ ପ୍ରାପ୍ତି କାହା ପାଇଁ ପୁଷ ମାସ ତ ଆଉ କାହା ପାଇଁ ସର୍ବନାଶ ହୋଇଯିବାର ଆଶଙ୍କା ରହିଛି।

**ଭଦ୍ରକ, ମୋ: ୯୭୭୮୭୬୪୩୯୪**

## ଏଇ ଭାରତରେ

ପଞ୍ଜାବର ସୁଖପାଲ ସିଂ ସିନ୍ଧୁ ଜଣେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ। ସେ ଶିକ୍ଷାର ମହତ୍ତ୍ୱ ବୁଝି ତାହାକୁ ସାମାଜିକ ସ୍ତରରେ ପ୍ରତିଫଳିତ କରିଛନ୍ତି । ଶିକ୍ଷା ବିନା ସଶକ୍ତ ନାଗରିକ ହେବା ଅସମ୍ଭବ; ତାହା ମଧ୍ୟ ସେ ହୃଦୟଙ୍ଗମ କରିଛନ୍ତି । ପଞ୍ଜାବ ଭଟିଣ୍ଡା ନିକଟବର୍ତ୍ତୀ ନାନ୍‌ଥାନ ଅଞ୍ଚଳର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସୁଖପାଲ ସ୍କୁଲ୍ ଦାୟିତ୍ୱ ସମ୍ଭାଳିବା ସହ ରାସ୍ତା କଡ଼ରେ ରହୁଥିବା ପିଲାମାନଙ୍କ ପାଇଁ ଫୁଟ୍‌ପାଥ୍ ସ୍କୁଲ ଖୋଲିଛନ୍ତି। ରାସ୍ତାକଡ଼ରେ ରହି ଭିକ୍ଷା ମାଗୁଥିବା ଓ କେବେ ବି ସ୍କୁଲ ଦେଖି ନ ଥିବା ପିଲାମାନଙ୍କୁ ସୁଖପାଲ ଭଟିଣ୍ଡାର ଏକ ଛକରେ ପଢାଉଛନ୍ତି। ଜୁଲାଇ ୨୦୨୨ରେ ଜିଲା ଶିକ୍ଷା ଅଧିକାରୀଙ୍କଠାରୁ ଅନୁମତି ନେଇ ସେ ପିଲାଙ୍କୁ ପଢାଇବା ଆରମ୍ଭ କରିଥିଲେ। ସ୍କୁଲରୁ ଫେରିବା ପରେ ପ୍ରତିଦିନ ଅପରାହ୍ନରେ ତାଙ୍କ ସ୍ତ୍ରୀ ସିନ୍ଦରପାଲ କୌର ସିନ୍ଧୁଙ୍କ ସହ ସୁଖପାଲ ପିଲାମାନଙ୍କୁ ପଢ଼ାଉଛନ୍ତି। ଫୁଟପାଥ ସ୍କୁଲ ଆରମ୍ଭ କରିବାବେଳେ ପ୍ରଥମେ ୫ ଜଣ ପିଲା ଆସିଥିଲେ। ସେମାନଙ୍କୁ ଏହି ଦମ୍ପତି ପଢାଇବା ଆରମ୍ଭ କରିଥିଲେ। ପରେ ଜଣେ ପରେ ଜଣେ ପିଲା ସେମାନଙ୍କ ସହ ସ୍କୁଲ ଆସିଲେ ଏବଂ ଏବେ ୨୨ ଜଣ ଆସୁଛନ୍ତି। କେବଳ ଏତିକି ନୁହେଁ ସୁଖପାଲ ତାଙ୍କ ସରକାରୀ ସ୍କୁଲରେ ପିଲାମାନଙ୍କ ପାଇଁ ଉଚ୍ଚମାନର ଘରୋଇ ବିଦ୍ୟାଳୟର ଭଳି ଏସିଠାରୁ ଆରମ୍ଭ କରି ଅନ୍ୟ ସୁବିଧା କରିଛନ୍ତି। ଏଥିପାଇଁ ସବୁ ଖର୍ଚ୍ଚ ନିଜେ ବହନ କରୁଛନ୍ତି। ସୁଖପାଲଙ୍କ ଏହି କାର୍ଯ୍ୟରେ ଅନୁପ୍ରଣିତ ହୋଇ ତାଙ୍କ ସାଥୀ ଶିକ୍ଷକମାନେ ସହଯୋଗ କରୁଛନ୍ତି।

## ଚିରନ୍ତନୀ

ଚଉଦିଗେ ଛୁଟେ କୁହୁ
ଛୁଟେ ଦୂରେ ଦୂରେ
ସୁରଧୂନୀ ବହିଯାଏ
ତପତ ମରୁରେ।
–(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗର୍ଭବତୀଙ୍କ ପାଇଁ ପାଇଖାନା

ମହାଶୟ,

ସ୍ୱଚ୍ଛତା ପାଇଁ ଅନେକ ସଚେତନତା କରିଲା ପରେ ମଧ୍ୟ ଭାରତର ଗାଁଗୁଡ଼ିକରେ ଅନେକଙ୍କ ଘରେ ପାଇଖାନାଟିଏ ନାହିଁ। ସରକାର ମାଗଣାରେ ପାଇଖାନା ଯୋଗାଇ ଦେଇଥିବା ସତ୍ତ୍ୱେ ଅନେକେ ନିଜ ପାଖରେ ଜାଗା ନଥିବା ଦର୍ଶାଇ ପାଇଖାନା ତିଆରି କରିନାହାନ୍ତି। ଗାଆଁ ମାନଙ୍କରେ ଲୋକେ ବାହାରକୁ ଯାଇ ଶୌଚ ହେଉଛନ୍ତି। ତାଙ୍କ ସହିତ ପିଲାପିଲିଙ୍କୁ ମଧ୍ୟ ଏହି ଅଭ୍ୟାସ କରାଇଦେଇଛନ୍ତି। ଏହା କୌଣସି ପ୍ରକାରେ ସମାଧାନ ହୋଇଯାଉଛି। ବର୍ଷା ଦିନରେ ବା ଚାଷ ସମୟରେ ଆମ୍ଭେ ଦେଖିବାକୁ ପାଉଛେ ଯେ, ଗାଁର ବୁଢ଼ୀ ବୁଢ଼ା ତଥା ଗର୍ଭବତୀ ମହିଳାମାନେ ଝଡ଼ା ଫେରିବା ପାଇଁ ରାତିଦିନ ବହୁ କଷ୍ଟ ସହି ବାହାରକୁ ଯାଉଛନ୍ତି। ଫଳରେ ଏମାନଙ୍କୁ ତଥା ନିଜ ପରିବାର ଲୋକଙ୍କୁ ଡାଇରିଆ, ମ୍ୟାଲେରିଆ, ଝାଡ଼ାରୋଗ ଭଳି ବହୁ ମାରାତ୍ମକ ରୋଗ ବ୍ୟାପିବାର ସମ୍ଭାବନା ରହୁଛି। ଏହା ହେଉଥିବାର ନଜିର ମଧ୍ୟ ରହିଛି। ଏହା ସହିତ ରାତି ସମୟରେ ଭୟ ରହିଛି। ବାହାରେ ମଳତ୍ୟାଗ କରିବା ତାଲିକାରେ ଅନେକ ନୂଆ ହେଇ ଆସିଥିବା ବୋହୂମାନେ ମଧ୍ୟ ଅଛନ୍ତି। ଏହା ଦେଖିଲେ ଦୁଃଖ ଲାଗେ। କ୍ରୋଧ ମଧ୍ୟ ଆସେ ସେଇ ଅସଚେତନ ପରିବାର ଲୋକଙ୍କୁ ଦେଖି। ତେବେ ଏଠାରେ ସରକାରଙ୍କୁ ଅନୁରୋଧ ଯେ ଯାହା ଘରେ ପାଇଖାନା ନାହିଁ ଓ ତାଙ୍କ ଘରେ ବୃଦ୍ଧାବୃଦ୍ଧ ଓ ଗର୍ଭବତୀ ମହିଳା ଅଛନ୍ତି , ସେଇ ପରିବାରକୁ ଆଶାମାନଙ୍କ ମଧ୍ୟରେ ଚିହ୍ନଟ କରି ଅନ୍ୟସବୁ ସୁବିଧା ପରେ ଥାଉ, ପ୍ରଥମେ ଯୁଦ୍ଧକାଳିନ ଭିତ୍ତିରେ ସରକାର ନିଜ ଉଦ୍ୟମରୁ ପାଇଖାନାଟିଏ ଅବଶ୍ୟ କରିଦିଅନ୍ତୁ। ତା' ପରେ ଯାଇ ଗର୍ଭବତୀ ମହିଳାଙ୍କୁ ଅନ୍ୟସବୁ ସରକାରୀ ସୁବିଧା ଯୋଗାଇ ଦେଲେ ଭଲ ହୁଅନ୍ତା।

**–ପ୍ରଦୀପ କୁମାର ନାଏକ, ହାତୀସରା, ଦେଓଗାଁ, ବଲାଙ୍ଗୀର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜଳବାୟୁ ବିଜ୍ଞାନୀ, ପରିବେଶ ଗବେଷକ

## 'କ୍ଲାଇମେଟ୍ ଚେଞ୍ଜ: ବିଲ୍ଡିଂ ରିଜିଲିଆନ୍ସ'

ଜଳବାୟୁ ପରିବର୍ତ୍ତନ ଏବେ ସାରା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଏହାର ମୁକାବିଲା କ୍ଷେତ୍ରରେ ଯୁବପିଢ଼ିଙ୍କ ବଡ଼ ଭୂମିକା ରହୁଛି। ସେମାନେ କିପରି ସଚେତନ ହୋଇ ଅନ୍ୟମାନଙ୍କୁ ଏକ୍ଷେତ୍ରରେ ସହଭାଗୀ କରାଇପାରିବେ, ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍'। ଚଳିତବର୍ଷର ପ୍ରସଙ୍ଗ ରହିଛି 'କ୍ଲାଇମେଟ୍ ଚେଞ୍ଜ:ବିଲ୍ଡିଂ ରିଜିଲିଆନ୍ସ'। ଆସନ୍ତା ୨୪ ତାରିଖରେ ଧରିତ୍ରୀର ୫୧ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଯୁବ ସମ୍ମିଳନୀର ଚତୁର୍ଥ ସଂସ୍କରଣ ଅନୁଷ୍ଠିତ ହେବ। ଏହି ୟୁଥ୍ କନ୍‌କ୍ଲେଭ୍‌ରେ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ।

DHARITRI YOUTH CONCLAVE 2024 CLIMATE CHANGE: BUILDING RESILIENCE

### ପୁଣ୍ୟଶ୍ଲୋକେ ଭାଦୁରୀ



ଧରିତ୍ରୀ ପକ୍ଷରୁ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ଯୋଗଦେବେ ଭାରତୀୟ ବିଜ୍ଞାନ ଶିକ୍ଷା ଗବେଷଣା ପ୍ରତିଷ୍ଠାନ(ଆଇଜର) କୋଲକାତାର ଜୈବବିଜ୍ଞାନ ପ୍ରାଧ୍ୟାପକ ଡ. ପୁଣ୍ୟଶ୍ଲୋକେ ଭାଦୁରୀ। ସେ ଜଣେ ସୁପରିଚିତ ଜଳବାୟୁ ଓ ପରିବେଶ ଗବେଷକ। ଭାଦୁରୀ ୨୦୧୦ରେ ଭାରତ ପକ୍ଷରୁ ଆୟୋଜିତ ଆର୍କଟିକ୍ ଏକ୍ସପେଡିଶନ୍ ଟିମ୍‌ର ନେତୃତ୍ୱ ନେଇଥିଲେ। ସେହିପରି କପ୍‌୨୬ରେ କ୍ଲାଇମେଟ୍ ରିଜିଲିଆନ୍ସ ଆଣ୍ଡ୍ କୋଷ୍ଟାଲ୍ ଆଡପ୍ଟେଶନ୍ ସମ୍ପର୍କିତ ବିତର୍କରେ ପ୍ୟାନେଲିଷ୍ଟ ଭାବେ ସାମିଲ ହୋଇଥିଲେ। ମୃତ୍ତିକା ଓ ପରିବେଶ ବିଜ୍ଞାନ କ୍ଷେତ୍ରରେ ଗବେଷଣା ପାଇଁ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ସମ୍ମାନଜନକ ଗୋଲ୍‌ଡେନ୍‌ଫେଲୋଶିପ୍ ପୁରସ୍କାର ପ୍ରଦାନ କରାଯାଇଛି। ବୈଶ୍ୱିକ ଓ ଆଞ୍ଚଳିକ ଜଳବାୟୁ ଆହ୍ୱାନ ଉପରେ ବିଶେଷଜ୍ଞ ଭାଦୁରୀଙ୍କ ୮୦ରୁ ଊର୍ଦ୍ଧ୍ୱ ଆର୍ଟିକିଲ୍/ବା ନିବନ୍ଧ ଅନ୍ତର୍ଜାତୀୟ ପତ୍ରପତ୍ରିକାରେ ପ୍ରକାଶ ପାଇସାରିଲାଣି।

ପୁଣ୍ୟଶ୍ଲୋକେ ଭାଦୁରୀ ବ୍ରିଟେନ୍‌ର ଏଡିନ୍‌ବର୍ଗରୁ ଏମ୍.ଏସ୍‌ସି. ଏବଂ ପ୍ଲାଏମାଉଥ୍‌ରୁ ପିଏଚ୍.ଡି. ହାସଲ କରିବା ପରେ ଆମେରିକାର ପ୍ରିନ୍ସଟନ୍ ୟୁନିଭର୍ସିଟିରେ ପୋଷ୍ଟ ଡକ୍ଟୋରାଲ କରିଥିଲେ। ୨୦୦୮ରେ ଡବ୍ଲ୍ୟୁଆଇଆଇ ଡେରାଡୁନରେ ଫାକଲ୍ଟି ଭାବେ ଯୋଗଦେବା ପରେ ସେ ୨୦୦୯ରେ ଆଇଜର କୋଲକାତାରେ ଅଧ୍ୟାପନା ଆରମ୍ଭ କରିଥିଲେ। ୨୦୧୮ରୁ ସେ ସେଠାରେ ବାୟୋଲୋଜିକାଲ ସାଇନ୍ସରେ ପ୍ରଧ୍ୟାପନା କରିଆସୁଛନ୍ତି।

ଡ. ଭାଦୁରୀ ଆଇଜରରେ ସେଣ୍ଟର ଫର୍ କ୍ଲାଇମେଟ୍ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟାଲ ଷ୍ଟଡିଜ୍ ପ୍ରତିଷ୍ଠା କରି ଭୂବିଜ୍ଞାନ ଓ ପରିବେଶ ବିଜ୍ଞାନ ସହ ସାମାଜିକ ପ୍ରାସଙ୍ଗିକତା ଉପରେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କ ଗବେଷଣା ଓ ଅବଦାନକୁ ନେଇ ୨୦୧୯ରେ ଭାରତ ସରକାର ଗୋଲ୍‌ଡେନ୍ ଫେଲୋଶିପ୍ ଆୱାର୍ଡ ପ୍ରଦାନ କରିଥିଲେ। ଝାଉଁବଣ ଅବକ୍ଷୟ, ସମୁଦ୍ର ପତ୍ତନ ବୃଦ୍ଧି, ପରିବେଶଗତ ସମସ୍ୟାର ପ୍ରକୃତିଭିତ୍ତିକ ସମାଧାନ ଆଦି ପାଇଁ ମାଇକ୍ରୋବାଇଆଲ୍ ସିଷ୍ଟମ୍‌ରେ ରହିଥିବା ଜଟିଳତା ଦୂର କରିବାରେ ଭାଦୁରୀ ନିଜ ବିଚକ୍ଷଣତା ପ୍ରତିପାଦନ କରିପାରିଛନ୍ତି। ଭାଦୁରୀଙ୍କ ଏକ କାରିଗରି ଉଦ୍ଭାବନକୁ ନାଗାଲାଣ୍ଡ ସରକାର ସମେତ ଅନେକ ସରକାରୀ ସଂସ୍ଥା ଆପଣାଇ କଠିନ ବର୍ଜ୍ୟବସ୍ତୁ ପରିଚାଳନା କରୁଛନ୍ତି।

ଭାଦୁରୀ ଆକ୍ସେସ୍ ମାଇକ୍ରୋବାୟୋଲୋଜି (ବ୍ରିଟେନ୍‌ର ମାଇକ୍ରୋବାୟୋଲୋଜି ସୋସାଇଟି)ର ଏଡିଟର ମେମ୍ବର, ଜିଓସାଇନ୍ସ ଲେଟର୍ସ (ସ୍ପ୍ରିଙ୍ଗର) ସମ୍ପାଦକ, ଇକୋଲୋଜିକାଲ ସଲ୍ୟୁଶନ୍ସ ଆଣ୍ଡ୍ ଏଭିଡେନ୍ସ (ଜନ୍ ୱିଲେ ଆଣ୍ଡ ବ୍ରିଟିଶ୍ ଇକୋଲୋଜିକାଲ ସୋସାଇଟି)ର ସହକାରୀ ସମ୍ପାଦକ ରହିବା ସହିତ ଅନେକ ଅନ୍ତର୍ଜାତୀୟ ପତ୍ରପତ୍ରିକା ସହ ଜଡ଼ିତ।

ଭାଦୁରୀ ନିଜ ଗବେଷଣା ରୁଚି ସମ୍ପର୍କରେ କୁହନ୍ତି, ବାୟୋଲୋଜିକାଲ୍ ସାଇକ୍ଲିଂ ସମେତ ପ୍ରମୁଖ ଇକୋସିଷ୍ଟମ୍ ପ୍ରକ୍ରିୟାରେ ସେଗୁଡ଼ିକର ଭୂମିକାକୁ ବୁଝିବା ପାଇଁ ଆମେ ମଧୁର ଜଳଠାରୁ ମହାସାଗର ପର୍ଯ୍ୟନ୍ତ ଜୈବିକ ଜଟିଳତା ଓ ଅନ୍ତର୍ନିହିତ କାର୍ଯ୍ୟକଳାପକୁ ଅଧ୍ୟୟନ କରିଥାଉ। ସେ ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ ହୋଇପାରୁଥିବା ସ୍ଥାୟୀ ବୈଷୟିକ ଉପକରଣ ଉଦ୍ଭାବନ କରିଛନ୍ତି, ଯାହାକୁ କଠିନ ବର୍ଜ୍ୟବସ୍ତୁ ଓ ବର୍ଜ୍ୟଜଳର ପ୍ରଭାବଶାଳୀ ପରିଚାଳନାରେ ଉପଯୋଗ କରାଯାଇପାରିବ। ଏହାବାଦ୍ ମାଇକ୍ରୋବାୟୋମ୍ କନ୍‌ସର୍ଟିୟମ୍ ଆଧାରିତ କେତେକ ସୂତ୍ର ସେ ବାହାର କରିଛନ୍ତି, ଯାହାକି ବିଭିନ୍ନ ଇକୋସିଷ୍ଟମ୍‌ର ପୁନରୁଦ୍ଧାର ଦିଗରେ ବ୍ୟବହାର କରାଯାଇପାରିବ। ସେଗୁଡ଼ିକ ମଧ୍ୟରୁ ଅନେକକୁ ଷ୍ଟାର୍ଟଅପ୍ ଆଧାରରେ ସୃଷ୍ଟିକରି ବହୁ ବ୍ୟବସାୟିକ ସଫଳତା ପାଇଛନ୍ତି। ପରିବେଶ ସହିତ ମାଇକ୍ରୋବିଆଲ୍ ସଂଯୋଗ ପ୍ରକ୍ରିୟାରୁ ମିଳିଥିବା ତଥ୍ୟ ସେମାନଙ୍କୁ ଗବେଷଣା ପାଇଁ ବହୁମାତ୍ରାରେ ସହାୟକ ହୋଇଛି ବୋଲି ଭାଦୁରୀ କହିଛନ୍ତି।

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଢେଙ୍କାନାଳ ଜିଲାପାଳଙ୍କୁ ନୋଟିସ

## ଆଦିବାସୀଙ୍କ ଘରଡିହ, ଚାଷଜମି ହଡ଼ପ ଅଭିଯୋଗ



ଗଢି ଉଠିଥିବା କ୍ରଶର।

ଢେଙ୍କାନାଳ,୧୮।୧୧
(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲ ପ୍ରସାଦ ପଞ୍ଚାୟତର କଷ୍ଟିପାଳ ଓ ବେଗା ପଞ୍ଚାୟତର ଶ୍ରୀମନ୍ତପୁର ଗ୍ରାମର ୬୩ଜଣ ଆଦିବାସୀଙ୍କୁ ସରକାର ଦେଇଥିବା ଘରଡ଼ିହ ଜମି ଓ ଚାଷ ଜମିକୁ ଏକ କ୍ରଶର କମ୍ପାନୀ ହଡ଼ପ କରିଥିବା ଅଭିଯୋଗ ଘଟଣାରେ ରାଜ୍ୟ ମାନବାଧିକାର କମିଶନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଢେଙ୍କାନାଳ ଜିଲାପାଳଙ୍କୁ ନୋଟିସ୍ ଜାରି କରିଛନ୍ତି। କଷ୍ଟିପାଳ ଗ୍ରାମର ପ୍ରହଲାଦ ବେହେରାଙ୍କ ଅଭିଯୋଗ ଉପରେ ୩ ଫେବୃଆରୀ ୨୦୨୫ ସୁଦ୍ଧା ଜବାବ ରଖିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗରୁ ପ୍ରକାଶ, କଷ୍ଟିପାଳ ଗ୍ରାମର ୨୮ ଓ ଶ୍ରୀମନ୍ତପୁର ଗ୍ରାମର ୨୫ଜଣ ଆଦିବାସୀଙ୍କୁ ୨୦୦୩ ମସିହାରେ ତତ୍କାଳୀନ ରାଜ୍ୟ ସରକାର ବସୁନ୍ଧରା ଯୋଜନା ଓ ୨୦୧୦ ମସିହାରେ ରାଜ୍ୟ ଜଙ୍ଗଲ ଅଧିକାର ଆଇନ-୨୦୦୯ ଆଧାରରେ ଚାଷ ପାଇଁ ଜଙ୍ଗଲ ଜମି ଦେଇଥିଲେ। ହେଲେ ଆଦିବାସୀ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଓ ଚାପ ପ୍ରୟୋଗ କରି ଏକ କ୍ରଶର କମ୍ପାନୀ ୨୦୨୧ରେ ଉକ୍ତ ଜମିକୁ ଦଖଲ କରି ନେଇଥିଲା। ସେଠାରେ କ୍ରଶର ନିର୍ମାଣ ପରେ ଉକ୍ତ କମ୍ପାନୀ ଆଦିବାସୀ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରି ନ ଥିଲା। ତେଣୁ ଜମି ଚିହ୍ନଟ କରି ସେମାନଙ୍କୁ ଫେରସ୍ତ ପାଇଁ ଆଦିବାସୀମାନେ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଆବେଦନ କରିଥିଲେ। ଏହି ଚିହ୍ନଟକୁ ବିରୋଧ କରି କ୍ରଶର କମ୍ପାନୀ କର୍ତ୍ତୃପକ୍ଷ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ କରି ରହିତାଦେଶ ଆଣିବା ଦ୍ୱାରା ଜମି ଚିହ୍ନଟ ହୋଇପାରି ନ ଥିଲା। ଏହା ବିରୋଧରେ ଆଦିବାସୀମାନେ ଦୀର୍ଘଦିନ ଧରି ଆନ୍ଦୋଳନ ଚଳାଇ ଆସୁଥିଲେ। ଉକ୍ତ ଜମିରେ ବର୍ତ୍ତମାନ କ୍ରଶର କମ୍ପାନୀ ପକ୍ଷରୁ ବିସ୍ଫୋରକ ଦ୍ରବ୍ୟ ବ୍ୟବହାର କରି କଳାପଥର ଉତ୍ତୋଳନ କରାଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ଗତ ଏପ୍ରିଲରେ ଜନସାଧାରଣ ଓ ସ୍ଥାନୀୟ ପଞ୍ଚାୟତର ପ୍ରତିବାଦ ସତ୍ତ୍ୱେ ବିନା ଜନଶୁଣାଣିରେ ଜିଲା ପ୍ରଶାସନ ପୁଣିଥରେ ବିସ୍ଫୋରକ ଅନୁମତି ଉକ୍ତ କ୍ରଶର କମ୍ପାନୀକୁ ପ୍ରଦାନ କରିଥିଲେ। ଏହାର ପ୍ରତିବାଦରେ ଆଦିବାସୀଙ୍କ ପକ୍ଷରୁ କଷ୍ଟିପାଳ ଗ୍ରାମର ପ୍ରହଲାଦ ବେହେରା ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଗତ ଅକ୍ଟୋବରରେ ଏକ ଅଭିଯୋଗ ଦାଖଲ କରିଥିଲେ। ରାଜ୍ୟ ମାନବାଧିକାର କମିଶନ ଏହି ଅଭିଯୋଗକୁ ବିଚାର ପାଇଁ ଗ୍ରହଣ କରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଢେଙ୍କାନାଳ ଜିଲାପାଳଙ୍କୁ ନୋଟିସ ଜାରି କରିଛନ୍ତି। ଘଟଣା ସମ୍ପର୍କରେ ସୂଚନା ଦେଇ ପୂର୍ବତନ ବିଧାୟକ ନବୀନ ନନ୍ଦ କହିଛନ୍ତି, ଏହାର ତୁରନ୍ତ ବିଚାର ପାଇଁ ସେ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି। ଯଦି ସମାଧାନ ତୁରନ୍ତ ନ ହୁଏ, ଆଗାମୀ ଦିନରେ ଏହା ଏକ ଜନ ଆନ୍ଦୋଳନର ରୂପ ନେବ।

# ଖଇରାଭାଡ଼ି ଗ୍ରାମରେ ଅଜଣା ରୋଗ

## ସୋମବାର ଗାଁରେ ପହଞ୍ଚି ଆକ୍ରାନ୍ତଙ୍କ ରକ୍ତ ନମୁନା ସଂଗ୍ରହ କଲା ମେଡିକାଲ ଟିମ୍



ମେଡିକାଲ ଟିମ୍ ଖଇରାଭାଡ଼ି ଗ୍ରାମରେ ନଳକୂଅ ପାଣି ନମୁନା ସଂଗ୍ରହ କରୁଛି।

ନବରଙ୍ଗପୁର/ଚନ୍ଦାହାଣ୍ଡି, ୧୮।୧୧(ସଦାଶିବ ପ୍ରହରାଜ/ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରିଗୁଡା ପଞ୍ଚାୟତ ଖଇରାଭାଡ଼ି ଗ୍ରାମରେ ଅଜଣା ରୋଗ ବ୍ୟାପିଛି। ଏଠାକାର ଲୋକଙ୍କ ଗୋଡ଼ ଓ ଅଣ୍ଟା ବଙ୍କା ହେବାରେ ଲାଗିଛି। ଖବରପାଇ ସୋମବାର ମେଡିକାଲ ଟିମ୍ ଗାଁରେ ପହଞ୍ଚି ୬ଜଣ ଆକ୍ରାନ୍ତଙ୍କ ରକ୍ତ ନମୁନା ସଂଗ୍ରହ କରିବା ସହ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛି।

ସୂଚନାନୁଯାୟୀ, ସୋମବାର ସକାଳେ ମେଡିକାଲ ଟିମ୍ ଗାଁରେ ପହଞ୍ଚିଥିଲା। ପ୍ରଥମେ ଗୋଡ଼ ଓ ଅଣ୍ଟା ବଙ୍କା ହୋଇଥିବା ୬ ଜଣ ବ୍ୟକ୍ତିଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲା। ଗ୍ରାମବାସୀ ବ୍ୟବହାର କରୁଥିବା ନଳକୂପର ପାଣି ନମୁନା ସଂଗ୍ରହ ସହ ପରୀକ୍ଷା ପାଇଁ ପଠାଯିବ। ଏହାର ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ମେଡିକାଲ ଟିମ୍ ସୂଚନା ଦେଇଛି। ମେଡିକାଲ ଟିମ୍ ଗାଁରୁ ବାହାରି ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓଙ୍କ ସହ ଆଲୋଚନା କରିଥିଲା। ପିଇବା ପାଣିରେ ଫ୍ଲୋରାଇଡ୍ ଥିବାରୁ ଏପରି ହେଉଥିବା ସ୍ୱାସ୍ଥ୍ୟ ଟିମ୍ ଆଶଙ୍କା କରିଛି। ପରିମଳ ବିଭାଗ ପକ୍ଷରୁ ନଳକୂପରେ ମେଶିନ୍ ଲଗାଇ ଫ୍ଲୋରାଇଡ୍‌କୁ ଅଲଗା କରିବାକୁ ନିଷ୍ପତ୍ତି ନିଆଯାଇଛି। ନଳକୂପର ପାଣିରେ ଫ୍ଲୋରାଇଡ୍ ଥିଲେ ତାହାକୁ ବ୍ୟବହାର ପାଇଁ ବାରଣ କରାଯିବ। ନଳକୂପରେ ମେଶିନ୍ ଖଞ୍ଜାଯାଇ ଫ୍ଲୋରାଇଡ୍ ମୁକ୍ତ କରାଯିବା ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ। ଜିଲାପାଳଙ୍କ ସହ ବୈଠକ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବିଡିଓ କହିଛନ୍ତି। ମେଡିକାଲ ଟିମ୍‌ରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନବ କିଶୋର ବେହେରା, ଏପିଡେମିଓଲୋଜିଷ୍ଟ ଡା. ମହମ୍ମଦ ଇର୍ଶାଦ ଖାନ୍, ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସନ୍ଦୀପ ଶତପଥୀ, ମାଇକ୍ରୋବାୟୋଲୋଜିଷ୍ଟ ରାଜ ଦତ୍ତ ଓ ଡିଭିବିଡିସି ଦିନେଶ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ୫ ଦୋଷୀଙ୍କୁ ପାଞ୍ଚବର୍ଷ ଲେଖାଏ ଜେଲ ଦଣ୍ଡାଦେଶ

## ସଂଘବଦ୍ଧ ଆକ୍ରମଣରେ ଯୁବକ ପଙ୍ଗୁ ଘଟଣା

ଧର୍ମଗଡ଼, ୧୮।୧୧
(ଆକାଶ କୁମାର ଜଗତ)

କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ଅନ୍ତର୍ଗତ ସନ୍ଧିକୁଲିହାରୀ ଗ୍ରାମରେ ୩ବର୍ଷ ପୂର୍ବେ ହୋଇଥିବା ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ପଙ୍ଗୁ ହେବା ଘଟଣାର ରାୟ ସୋମବାର ପ୍ରକାଶ ପାଇଛି। ଏହି ମାମଲାରେ ଧର୍ମଗଡ଼ ସହକାରୀ ସେସନ୍ସ ଜଜ୍ ଇପ୍ସି ମହାନ୍ତି ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ଉମେଶ ନାଗ, ଜିତେନ୍ଦ୍ର ନାଗ ଓ ତିନିଜଣ ମହିଳାଙ୍କୁ ଦୋଷୀ ସାବ୍ୟସ୍ତ କରି ୫ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହ ସମସ୍ତଙ୍କୁ ୨୯ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

ପ୍ରକାଶ ଯେ, ଗତ ୨୦୨୧ରେ ଉକ୍ତ ଗ୍ରାମର ବୌଦ୍ଧ ବାଗ(୧୯) ବାଇକ୍‌ରେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ରାସ୍ତା କଡରେ ଠିଆ ହୋଇଥିବା ଉମେଶ ନାଗଙ୍କ ହାତରେ ବାଇକ୍ ହ୍ୟାଣ୍ଡେଲ ଧକ୍କା ହେବାରୁ ସେ ଉତ୍ତ୍ୟକ୍ତ ହୋଇ ବୌଦ୍ଧଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରିଥିଲେ। ନିକଟରେ ଠିଆ ହୋଇଥିବା ଉମେଶଙ୍କ ଭାଇ ଜିତେନ୍ଦ୍ର ଓ ପରିବାରର ଅନ୍ୟ ତିନିଜଣ ମହିଳା ପହଞ୍ଚି ବୌଦ୍ଧଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଗୁରୁତର ବୌଦ୍ଧଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଶରୀରର ନିମ୍ନ ଭାଗ ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିବା ଡାକ୍ତର ସ୍ପଷ୍ଟ କରିଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ବେସରକାରୀ ଡାକ୍ତରଖାନାରେ ଅସ୍ତ୍ରୋପଚାର କରାଯାଇଥିଲେ ହେଁ ସୁଫଳ ମିଳି ନ ଥିଲା। ଘଟଣା ପରଠାରୁ ବୌଦ୍ଧ ଅଚଳ ଅବସ୍ଥାରେ ଖଟିଆରେ ପଡିରହିଛନ୍ତି। ଏ ନେଇ ତାଙ୍କ ବାପା ଧର୍ମଗଡ଼ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୪୬/୨୦୨୧) ରୁଜୁକରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ଅନ୍ୟ ୩ ମହିଳା ଅଭିଯୁକ୍ତ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲା ଧର୍ମଗଡ଼ ସହକାରୀ ସେସନ୍ସ ଜଜ୍‌ଙ୍କ ଅଦାଲତରେ ସାକ୍ଷ୍ୟ ଗ୍ରହଣ ଓ ବିଚାର ନିମନ୍ତେ ଚାଲିଥିଲା। ପୀଡିତ ଆସିବାକୁ ଅକ୍ଷମ ଥିବାରୁ ଅଦାଲତ ଭିଡିଓ କନଫରେନ୍ସ ମାଧ୍ୟମରେ ତାଙ୍କ ବୟାନ ରେକର୍ଡ କରିଥିଲେ। ତଦନ୍ତକାରୀ ଅଧିକାରୀଙ୍କ ରିପୋର୍ଟ, ସାକ୍ଷୀମାନଙ୍କ ବୟାନ ଓ ମାମଲାର ପାରିପାର୍ଶ୍ୱିକ ସ୍ଥିତିକୁ ବିଚାରକୁ ନେଇ ସହକାରୀ ସେସନ୍ସ ଜଜ୍ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ରାଜେନ୍ଦ୍ର କୁମାର ମୁନି ମାମଲା ପରିଚାଳନା କରୁଥିଲେ।


## TENDER NOTICE

1. NCC Group HQ, Cuttack (Odisha Directorate) invites sealed tenders for procurement of clothing and accoutrements for Odisha NCC Contingent participating in Republic day camp - 2025.
2. Tender documents along with terms and conditions and details of items can be obtained from Odisha Directorate website (nccorissa.org) and also from the office of 7 Odisha Battalion NCC, Bhadrak. A non-refundable tender cost Rs. 1,000/- only by DD to OIC Kitting (RDC), 7 Odisha Battalion NCC, Bhadrak, payable at Bhadrak, should be enclosed with the Tender Documents. The last date of submission of Tender at NCC Group HQ, Cuttack, is on or before 1630 hrs on **30 Nov. 2024.** Tender will be opened by a Board of Officer at NCC Group HQ, Cuttack, at 1100 hrs on **02 Dec. 2024.** for any query please contact Commanding Officer, 7 Odisha Battalion NCC, Mob. No. 7875261402.

Sd./-
Administrative Officer, NCC Group HQ, Cuttack
Mob : 9797022877


# ପୂର୍ବତନ ଏମ୍‌ପି ଏନ୍. ଭାସ୍କର ରାଓଙ୍କୁ ଆଶ୍ୱସ୍ତି

## ହାଇକୋର୍ଟରୁ ମିଳିଲା ଅନ୍ତରୀଣ ସୁରକ୍ଷା

କଟକ,୧୮।୧୧ (କାର୍ତ୍ତିକ ସାହୁ)

ରାୟଗଡ଼ାର ପୂର୍ବତନ ବିଜେଡି ଏମ୍‌ପି ଏନ୍. ଭାସ୍କର ରାଓଙ୍କୁ ହାଇକୋର୍ଟରୁ ସୋମବାର ଆଶ୍ୱସ୍ତି ମିଳିଛି। ବିଚାରପତି ଆଦିତ୍ୟ ପ୍ରସାଦ ମହାପାତ୍ର ତାଙ୍କ ଆଗୁଆ ଜାମିନ ଆବେଦନ ମାମଲାର ଶୁଣାଣି କରି ତାଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ତାଙ୍କୁ ଏହି ସୁରକ୍ଷା ବଳବତ୍ତର ରହିବ ବୋଲି ଜଣାଯାଇଛି। ବରିଷ୍ଠ ଆଦିବାସୀ ନେତା ଭାଗିରଥୀ ମାଣ୍ଡାଙ୍ଗୀଙ୍କ ହତ୍ୟା ମାମଲାରେ ରାୟଗଡ଼ା ଏସ୍‌ଡିଜେଏମ୍ କୋର୍ଟ ଏନ୍. ଭାସ୍କର ରାଓଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ। ଏହି ମାମଲାରେ ଗିରଫଦାରିରୁ ବର୍ତ୍ତିବା ପାଇଁ ସେ ଆଗୁଆ ଜାମିନ ଲୋଡ଼ି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଭାରତ ସରକାରଙ୍କ ଏକ ଉପକ୍ରମ A Government of India Undertaking

କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା

ଡିମାଣ୍ଡ ନୋଟିସ୍

ଆମର ଭାବିନୀପୁର ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମେ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭାବିନୀପୁର ଶାଖାର** ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇ ପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଭାବିନୀପୁର ଶାଖା /ଋଣଗ୍ରହୀତା/ ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ପ୍ରକାର/ ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: **ଶ୍ରୀମତୀ କୁନ୍ତି ସାହୁ**, ସ୍ୱାମୀ: ସୂର୍ଯ୍ୟନାରାୟଣ ସାହୁ, ସା: ରାଧାକୃଷ୍ଣ ଷ୍ଟ୍ରିଟ୍, ଭାବିନୀପୁର, ଗଞ୍ଜାମ, ଓଡ଼ିଶା - ୭୬୧୦୦୧/ ଜାମିନ୍‌ଦାର/ ବନ୍ଧକଦାତା: **ଶ୍ରୀ ଦୟାନିଧି ସାହୁ**, ପିତା: କ୍ଷେତ୍ରବାଶୀ ସାହୁ, ସା: ରାଧାକୃଷ୍ଣ ଷ୍ଟ୍ରିଟ୍, ଭାବିନୀପୁର, ଗଞ୍ଜାମ, ଓଡ଼ିଶା - ୭୬୧୦୦୧ | ଏସ୍‌ଜିଏନ୍‌ଇଆଇ / ଟ.୧୦,୧୫,୦୦୦/- | ୦୫.୦୭.୨୦୨୩/ ୦୫.୦୭.୨୦୨୩ ସୁଦ୍ଧା ଟ.୬,୩୦,୩୪୬/- +ସେବାବଦ ପରବର୍ତ୍ତୀ ସୁଧ | ଆଇନ୍‌ଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୬୯୫/ ୧୦୮୭୦, କ୍ଷେତ୍ର: ଏକର ୦.୦୦୪ ଡିସିମିଲି ଏବଂ ପ୍ଲଟ୍ ନଂ.: ୨୬୯୪/୧୦୮୬୯, କ୍ଷେତ୍ର: ଏକର୦.୦୦୮ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୧୨ ଡିସିମିଲି**, ଖାତା ନଂ.: ୧୫୩୦/୩୮୨୬, ମୌଜା: ଭାବିନୀପୁର, ବର୍ତ୍ତମାନ ତହସିଲ: କନିସି, ଗଞ୍ଜାମ, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ଜମି, ପଶ୍ଚିମ: ଦିନବନ୍ଧୁ ସାହୁଙ୍କ ଜମି, ଉତ୍ତର: ବିକ୍ରେତାଙ୍କ ଜମି, ଦକ୍ଷିଣ: ରାସ୍ତା |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣମାନେ ଆପଣମାନଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣମାନେ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ମାସିକ ଚୁକ୍ତି ସୁଧ ହାରରେ ଲାଗୁ ହୋଇନଥିବା ସୁଧ / ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ ମଧ୍ୟରେ** ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। **୧)** ଆପଣମାନେ ଯଦି ସମସ୍ତ ଦେୟ **୬୦ ଦିନ ମଧ୍ୟରେ** ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତିଗୁଡ଼ିକୁ ବିକ୍ରି କରିବା ଦ୍ୱାରା ଯଦି ଦେୟ ପରିଶୋଧ ହୋଇନପାରେ ତେବେ ଅବଶିଷ୍ଟ ରାଶି ଆଦାୟ ପାଇଁ ଆମେ ଆପଣମାନଙ୍କ ବିରୁଦ୍ଧରେ ଆଇନ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ ହେବୁ। **୨)** ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବାଠାରୁ ଆପଣମାନଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କିମ୍ବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ପ୍ରକାର ବ୍ୟତିକ୍ରମ କଲେ ଏହାର ପରିଣାମ ଭୟାବହ ହେବ। **୩)** ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।

ତାରିଖ: ୧୮.୧୧.୨୦୨୪, ସ୍ଥାନ: ବ୍ରହ୍ମପୁର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



### ଅମୃତ ଭାରତ ଷ୍ଟେଶନ ସ୍କିମ୍ ନିମନ୍ତେ ପରାମର୍ଶ ସେବା ଯୋଗାଇବା ପାଇଁ ରାଞ୍ଚି ଜିଏସ୍‌ୟୁ ଲାଗି ଆର୍କିଟେକ୍ଟଙ୍କ ତାଲିକାଭୁକ୍ତୀକରଣ

**ଆଗ୍ରହର ଅଭିବ୍ୟକ୍ତି**

ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୨୨/ଜିଏସ୍/ଏସ୍‌ଟିଏନ୍. ଡିଇଭି.-I/୦୮/୭୦ ତାରିଖ: ୨୩।୧୨।୨୦୨୩ **(ଅନୁରୋଧକ୍ରମେ/indianrailways.gov.inରେ ଉପଲବ୍ଧ)** ଅନୁଯାୟୀ **ରାଞ୍ଚି ଡିଭିଜନର ରେଳ ଷ୍ଟେଶନଗୁଡ଼ିକର ଉନ୍ନତୀକରଣ/ପୁନଃବିକାଶ** ନିମନ୍ତେ ପରାମର୍ଶ ସେବା ଲାଗି ଆର୍କିଟେକ୍ଟ/ଆର୍କିଟେକ୍ଚରାଲ୍ ଫାର୍ମର ତାଲିକାଭୁକ୍ତୀକରଣ ଲାଗି ଏତଦ୍ୱାରା ଆଗ୍ରହର ଅଭିବ୍ୟକ୍ତି (ଇ.ଓ.ଆଇ.) ଆମନ୍ତ୍ରଣ କରାଯାଉଛି । **ରାଞ୍ଚି ଡିଭିଜନରେ ୧୫ଟି ଷ୍ଟେଶନରେ ଏପରି ବିକାଶର ଅବସର ରହିଛି ଯଥା- ଲୋହାରଦଗା, ଝାଲିଦା, ମୁରି, ନାମ୍‌କୋମ୍, ରାମଗଡ଼ କ୍ୟାଣ୍ଟ., ସୁଇସା, ସିଲ୍ଲି, ଟାଟିସିଲୱାଇ, ଗଙ୍ଗାଘାଟ, ବାନୋ, ପିସ୍କା, ତୁଲିନ, ଓର୍ଗା, ଗୋବିନ୍ଦପୁର ରୋଡ୍ ଏବଂ ବାଲସିରିଙ୍ଗ ।** ଅମୃତ ଭାରତ ଷ୍ଟେଶନ ସ୍କିମ୍ ଅଧୀନରେ ରେଳ ଷ୍ଟେଶନଗୁଡ଼ିକର ବିଭିନ୍ନ କାର୍ଯ୍ୟ ପାଇଁ ବୈଷୟିକ ପରାମର୍ଶ ସେବା ଯୋଗାଇବା ଲାଗି ରାଞ୍ଚି ଡିଭିଜନରେ ତାଲିକାଭୁକ୍ତୀକରଣ ନିମନ୍ତେ ଅଭିଜ୍ଞ ଆର୍କିଟେକ୍ଚରାଲ୍ ଫାର୍ମଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଆଗ୍ରହୀ ଫାର୍ମଗୁଡ଼ିକ ତା୦୨।୧୨।୨୦୨୪ରିଖ ୧୭.୦୦ ଘଟିକା କିମ୍ବା ତାହା ପୂର୍ବରୁ ସେମାନଙ୍କର ଆଗ୍ରହକୁ **ଡେପୁଟି ସିପିଏମ୍/ରାଞ୍ଚି, ଦକ୍ଷିଣ ପୂର୍ବ ରେଳପଥ, ଡିଭିଜନାଲ ରେଲ୍‌ୱେ ମ୍ୟାନେଜରଙ୍କ କାର୍ଯ୍ୟାଳୟ, ହାଟିଆ, ରାଞ୍ଚି, ପିନ୍-୮୩୪୦୦୩**ଙ୍କ ଠିକଣାରେ ହ୍ୟାଣ୍ଡ କପି ଜରିଆରେ ପଠାଇପାରିବେ କିମ୍ବା ଇମେଲ୍ ଆଇଡି- dycpmgsurnc@gmail.com ଜରିଆରେ ଦାଖଲ କରିପାରିବେ । ଆବେଦନ ପତ୍ରର ଫର୍ମାଟ୍ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ବିବରଣୀ **http://ser.indianrailways.gov.in/**ରେ ଉପଲବ୍ଧ ।

**ଡେପୁଟି ଚିଫ୍ ପ୍ରୋଜେକ୍ଟ ମ୍ୟାନେଜର (ଜିଏସ୍‌ୟୁ), ରାଞ୍ଚି**
(PR-792)
South Eastern Railway
We serve with a smile



## SHREE JAGANNATH TEMPLE OFFICE, PURI

**Quotation Call Notice No. 16/24-25 Memo No. 16969 Dt.16.11.24** in Single Cover System "For Silver cladding to Shree Bhandara Lokanath Temple Door, Khilana and Prabha inside SJT for the year 2024-25.
Visit Website: **www.shreejagannatha.in**
**Last date: 28.11.2024 by 4.00 P.M.**

**Sd./- Administrator**
**Shri Jagannath Temple, Puri**



## SARGIPALI REGULATED MARKET COMMITTEE

**At: Krushak Bazar, Daily Market, Sundargarh, Odisha - 770001, email: rmcsarg@gmail.com**
**Tender Call Notice No. 380 Dt.18.11.2024**

### TENDER CALL NOTICE

Tender Call Notice for procurement of Universal Auto Calibration Moisture Meter with Printer of latest version with compatible Bluetooth and USB connection which can be paired with any other devices for use in paddy procurement operation. The further details of the tender notice can be seen from the official website of Sundargarh district **https://sundargarh.odisha.gov.in**.

**Sd./- Sub-Collector, Sundargarh**
**cum Chairman, RMC, Sargipali**



## UTKAL BALASHRAM, BRAHMAPUR SAKHA, BRAHAMAPUR

**No. 277 Date: 18.11.2024**

### ADVERTISEMENT

Online applications are invited from eligible dedicated female professionals for the post of Probation Officer-cum-Child Welfare Officer, Counsellor, Storekeeper-cum-Accountant, Paramedical, Manager, Specialized Adoption Agency (SSA), Educator, Arts Crafts cum Music Teacher, PT Instructor cum Yoga Teacher at Utkal Balashram, Berhampur. Applicants having work experience in Child Welfare/Child Protection will be preferred for the above mentioned posts. The posts are purely contractual, time bound and co-terminus with the scheme or depending on the satisfactory performance whichever is earlier. The period of engagement will be initially for one year and may be extended further depending on the performance appraisal of the candidate every year.
Eligible candidates may apply online in the E-mail link **ubbsgm03@yahoo.com** with all required documents and testimonial and also dispatch hard copies of the same through Speed Post/Registered Post only, addressed to the Secretary, Utkal Balashram, Goasian Nuagam, Brahmapur latest by 03.12.24, 5.30 P.M. The application be super scribed as "Application for the Post of .................... at Utkal Balashram, Brahmapur". Application received after stipulated date/time or by hand or any other mode shall not be entertained and will be rejected. The authority reserves the rights to cancel or modify the advertisement without assigning any reason thereof. Selection of candidates will be made based on the guidelines of Mission Vatsalya & in the Resolution No. 10102/WCD-CW-MISC/0023/2020 Dt.15.09.2020 issued by the Government in Women & Child Development Department, Govt. of Odisha or as decided by the Selection Committee constituted for this purpose. Details of vacancy, eligibility criteria, other terms and conditions are available in the Ganjam district website: **www.ganjam.nic.in** for reference.

**Sd./- CDPO, Brahmapur-II-Cum**
**Secretary, Utkal Balashram, Brahmapur**



## OFFICE OF THE SUPERINTENDING ENGINEER MINOR IRRIGATION DIVISION, PADAMPUR

**Phone No. (06683) 223418 (Off), e-mail: eemipad@yahoo.co.in**

### 'e'-PROCUREMENT NOTICE

**Bid Reference No. SE-MID-PDP-04/2024-25**
**No.: 2143 Dt.: 16.11.2024**

No. A-565: Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.

| | | | |
|---|---|---|---|
| 1. | Name of the Works | : | Improvement/Repair of Civil Works |
| 2. | No. of Works | : | 2 (Two) Nos. |
| 3. | Estimated Cost | : | Varies from Rs.56.62 lakh to Rs.89.59 lakh only (Approx.) |
| 4. | Period of Completion | : | 02 (Two) to 03 (Three) Calendar Months |
| 5. | Date and time of availability of Bid documents in the portal | : | From Dt.21.11.2024 at 10.00 A.M. to Dt.02.12.2024 upto 5.00 P.M. |
| 6. | Last date/time of receipt of Bids in the portal | : | Dt.02.12.2024 upto 5.00 P.M. |
| 7. | Date of Opening of Technical Bid | : | Dt.03.12.2024 at 10.00 A.M. onwards |
| 8. | Date of Opening of Financial Bid | : | To be intimated later on |
| 9. | Date of lottery scheduled to be held (if required) | : | Dt.12.12.2024 at 11.00 A.M. in the O/o. S.E.M.I. Division, Padampur |
| 10. | Name and address of the OIT | : | O/o. Superintending Engineer, M.I. Division, Padampur, At: Padampur, P.O.: Raj Bora Sambar, Dist.: Bargarh, PIN - 768036 (Odisha) |
| 11. | Further details can be seen from the e-Procurement market place | : | http://tendersodisha.gov.in |

**Sd./- Superintending Engineer**
**M.I. Division, Padampur**
OIPR-32037/11/0003/2425

**ଜଳିଗଲା ୨ ବଖରା**

ଭଣ୍ଡାରିପୋଖରୀ,(ରାଜେନ୍ଦ୍ର ଶତପଥୀ): ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରହଣିଆ ପଞ୍ଚାୟତ ଧୁରିଗଡ଼ିଆ ଗ୍ରାମର ରବୀନ୍ଦ୍ର ଖଟୁଆଙ୍କ ଘର ରବିବାର ରାତିରେ ଜଳିଯାଇଛି। ରାତି ପ୍ରାୟ ୯ଟା ବେଳେ ଘରେ ନିଆଁ ଲାଗିଯାଇଥିଲା। ଖବରପାଇ ଭଣ୍ଡାରିପୋଖରୀ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ୨ ବଖରା ଘର ସହ ସମସ୍ତ ଆସବାବପତ୍ର ଜଳି ଯାଇଥିବା ବେଳେ ନିଆଁରେ ପୋଡ଼ିହୋଇ ୪ ଗୋରୁ ଗୁହାଳରେ ହୋଇଛନ୍ତି।



## ମିଳିତ ଜନଶୁଣାଣିରେ ୬୨ ଅଭିଯୋଗ

ଭଦ୍ରକ,୧୮।୧୧(ସନାତନ ରାଉତ)

ଭଦ୍ରକ ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପାଳ ଓ ଏସ୍ପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାୟ ଓ ଏସ୍ପି ମଡ଼କର ସନ୍ଦୀପ ସମ୍ପଦ ମୋଟ ୬୨ଟି ଅଭିଯୋଗର ଶୁଣାଣି କରିଛନ୍ତି। ସେଥିମଧ୍ୟରୁ ୫୫ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ଅଭିଯୋଗ ଥିଲା। ୨ଜଣ ଆବେଦନକାରୀଙ୍କୁ ରେଡକ୍ରସରୁ ୮ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜମିଜମା ବିବାଦ, ଜଳ ନିଷ୍କାସନ ସମସ୍ୟା ଆଦି ନେଇ ଅଧିକାଂଶ ଅଭିଯୋଗ ଆସିଥିଲା। ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ବିଡିଓ ସୀତାକାନ୍ତ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଡେପୁଟି କଲେକ୍ଟର ତରୁଣ କୁମାର ଜେନା, ଭଦ୍ରକର ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ବଳ ଓ ପୌରପାଳିକା ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ସହଯୋଗ କରିଥିଲେ।

# ଦୁର୍ନୀତି ଅଭିଯୋଗ, ଶ୍ରମିକଙ୍କ ଗଣଧାରଣା



ଶ୍ରମିକ ସଂଘ ସମନ୍ୱୟ ସମିତି ପକ୍ଷରୁ ବାହାରିଥିବା ପ୍ରତିବାଦ ଶୋଭାଯାତ୍ରା।

ଭଦ୍ରକ,୧୮।୧୧(ସନାତନ ରାଉତ)

ଜିଲା ଶ୍ରମିକ ସଂଘ ସମନ୍ୱୟ ସମିତି ପକ୍ଷରୁ ସୋମବାର ଭଦ୍ରକ ଶ୍ରମ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯାଇଛି। ନିର୍ମାଣ ଶ୍ରମିକ ପଞ୍ଜୀକରଣ, ନବୀକରଣ ସହ ଶିକ୍ଷା, ବିବାହ, ମୃତ୍ୟୁ ସହାୟତା ଆଦି ଆବେଦନ ପତ୍ର ଦୀର୍ଘଦିନ ଧରି ପଡ଼ି ରହିଛି। ବିଭାଗ ପକ୍ଷରୁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଗତ ଅକ୍ଟୋବର ୧୦ରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ଆଲୋଚନାରେ ନିର୍ଦ୍ଧାରିତ କାର୍ଯ୍ୟକୁ ଜିଲା ଶ୍ରମ ଅଧିକାରୀ କାର୍ଯ୍ୟକାରୀ କରିପାରି ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଜିଲା ଶ୍ରମ ଅଧିକାରୀଙ୍କ ବଦଳି ଦାବିରେ ଗଣଧାରଣା ଦିଆଯାଇଥିଲା।

ଶ୍ରମିକ ପଞ୍ଜୀକରଣ ପାଇଁ ୭ଟି ପ୍ରମାଣପତ୍ର ଆବଶ୍ୟକ ଥିବାବେଳେ ଶ୍ରମ ଅଧିକାରୀ ଅଧିକ ୮ଟି ପ୍ରମାଣପତ୍ର ଦାବି କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଶ୍ରମ କାର୍ଯ୍ୟାଳୟରେ ପଞ୍ଜୀକରଣ ପାଇଁ ଦଲାଲି ଚାଲିଥିବା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବିଭିନ୍ନ ସଙ୍ଗଠନର ଶତାଧିକ ଶ୍ରମିକ ନାରାବାଜି ଦେଇ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଯୁଗ୍ମ ଶ୍ରମ କମିଶନର ଶିବପ୍ରସାଦ ମିଶ୍ର ଧାରଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାମାନେ ଦାବିରେ ଅଟଳ ରହିବାରୁ ଧାରଣା ଜାରି ରହିଥିଲା। ସମନ୍ୱୟ ସମିତିର ଜିଲା ସଭାପତି ବିଭୂତି ଭୂଷଣ ପାଣିଗ୍ରାହୀ, ଭାରତୀୟ ମଜଦୁର ସଂଘର ଜିଲା ସଭାପତି ମନୋଜ ବସନ୍ତରାୟ, ରାଜ୍ୟ ସମନ୍ୱୟ କମିଟିର ସଙ୍ଗଠନ ସମ୍ପାଦକ ନାରାୟଣ ନାୟକ ଓ କ୍ଷୀରସିନ୍ଧୁ ନାୟକ ଜିଲା ଶ୍ରମ କାର୍ଯ୍ୟାଳୟରେ ବିଭିନ୍ନ ଅନିୟମିତତା ଓ ଦୁର୍ନୀତି ନେଇ ଅଭିଯୋଗ କରିଛନ୍ତି। ଅମିୟ କୁମାର ନାୟକ, ପ୍ରଦୀପ କୁମାର ଦାସ, ବରଦା ପ୍ରସନ୍ନ ସାମଲ, ପ୍ରଶାନ୍ତ ମିଶ୍ର, ଅମୂଲ୍ୟ ଭୋଇ, ସୂର୍ଯ୍ୟ ନାରାୟଣ ଦାସଙ୍କ ସମେତ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଧାରଣାରେ ଉପସ୍ଥିତ ଥିଲେ। ଏନେଇ ଜିଲା ଶ୍ରମ ଅଧିକାରୀ ପ୍ରେମମଞ୍ଜରୀ ନାୟକ କହିଛନ୍ତି, ସମସ୍ତ ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ। କାର୍ଯ୍ୟାଳୟରେ ଜଣେ ଶ୍ରମ ଅଧିକାରୀ, ୩ କିରାଣି, ୫ ସହ ଅଧିକାରୀ ପଦବୀ ଖାଲି ପଡ଼ିଛି। କର୍ମଚାରୀ ଅଭାବରୁ କିଛି ଫାଇଲ୍ ଅଟକି ରହିଛି।

# କୋଇଲା ଚୋରାଚାଲାଣ ନେଇ ଏସ୍ପିଙ୍କ ତଦନ୍ତ

ତିହିଡ଼ି,୧୮।୧୧(ସଞ୍ଜିତ ବଳ)

**ରେଳପଥ ପାର୍ଶ୍ୱରୁ ବିପୁଳ ପରିମାଣରେ କୋଇଲା ଜବତ**

ଭଦ୍ରକ ଧାମରା ରେଳପଥରୁ ନିୟମିତ କୋଇଲା ଚୋରି ହେଉଛି। ଏପରିକି ଚଳନ୍ତା ଟ୍ରେନ୍‌ରୁ କୋଇଲା ଚୋରି ପରେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ପ୍ରତିଦିନ ଟ୍ରକ୍ ଟ୍ରକ୍ କୋଇଲା ଚାଲାଣ ହେଉଥିଲେ ମଧ୍ୟ ଏହାକୁ ରୋକିବା ଦିଗରେ ସେମିତି ଦୃଢ଼ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଆସୁଛି। ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ରବିବାର ରାତିରେ ଏନେଇ ତଦନ୍ତ କରିଛନ୍ତି।

ପୀରହାଟ ଥାନା ଅଧୀନ ମଙ୍ଗଳପୁର ଗ୍ରାମ ନିକଟ ରେଳପଥକୁ ଏସ୍‌ପି ଯିବା ପରେ ସେଠାରେ ବିପୁଳ ପରିମାଣରେ କୋଇଲା ଗଦା ହୋଇ ରହିଥିବା ଦେଖିବାକୁ ପାଇଥିଲେ। ଏହି କୋଇଲା ଟ୍ରେନ୍‌ରୁ କଢ଼ାଯାଇ ଚାଲାଣ ଉଦ୍ଦେଶ୍ୟରେ ରଖାଯାଇଥିବା ଜଣାପଡ଼ିଥିଲା। ପରେ ପୀରହାଟ ଥାନା ଆଇଆଇସି ଅଜୟ କୁମାର ମୁର୍ମୁ, ଏସ୍‌ଆଇ ସୁପ୍ରକାଶ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି କୋଇଲା ଜବତ କରିଥିଲେ। କୋଇଲା ଚାଲାଣକାରୀମାନେ ଫେରାର ହୋଇଯାଇ ଥିବାରୁ କାହାରିକୁ ଗିରଫ କରିବା ସମ୍ଭବ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଏହି ଘଟଣାରେ ପୀରହାଟ ଥାନାରେ ଏକ ମାମଲା (ନଂ. ୨୫୦/୨୪) ରୁଜୁ ହୋଇଛି। ଏସ୍‌ପିଙ୍କ ସହ ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଭଦ୍ରକ ପୁରୁଣାବଜାର ଥାନା ଆଇଆଇସି ନୀରଜ ସାମଲ, ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ


ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ,୧୮।୧୧(ସନାତନ ରାଉତ)

ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପ୍ରାଣ ପ୍ରତିଷ୍ଠାତା ଶିକ୍ଷକଗୌରବ ସ୍ୱର୍ଗତ ବନମାଳୀ ବ୍ରହ୍ମଚାରୀ ଶିକ୍ଷକ ସମାଜରେ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଥିଲେ। ଜୀବନବ୍ୟାପୀ ସାଧନା ବଳରେ ସେ ବହୁ ସଫଳତା ଓ ସ୍ୱୀକୃତି ଲାଭ କରିଛନ୍ତି। କେନ୍ଦ୍ରାପଡ଼ା ଜିଲାର ଦୋହଳି ଗ୍ରାମରେ ସେ ଜନ୍ମ ହୋଇଥିଲେ। ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ପରେ ଦ୍ୱିତୀୟ ବିବାହ ନ କରି ବ୍ରହ୍ମଚାରୀ ବ୍ରତ ଅନୁସରଣ କରି ବନମାଳୀ ପଣ୍ଡାରୁ ବନମାଳୀ ବ୍ରହ୍ମଚାରୀ ହୋଇଥିଲେ। ସ୍ୱାଧୀନତା ଆନ୍ଦୋଳନରେ ମଧ୍ୟ ତାଙ୍କର ଅତୁଳନୀୟ ଭୂମିକା ଥିଲା। ଜଣେ ସୁନାମଧନ୍ୟ ଶିଶୁ ସାହିତ୍ୟିକ ଭାବେ ସେ ରାଜ୍ୟ ଓ ଭାରତ ସରକାରଙ୍କଠାରୁ ପୁରସ୍କୃତ ହୋଇଥିଲେ ବୋଲି ତାଙ୍କ ୧୧୯ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ଚାରିଘରିଆସ୍ଥିତ ଜିଲା ସଂଘ କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବକୁ ନାଟ୍ୟକାର ତଥା ଅବସରପ୍ରାପ୍ତ ଅଧ୍ୟାପକ ଡ. ସୁଧାଂଶୁ ଶେଖର ନାୟକ ଉଦ୍‌ଘାଟନ କରିଥିଲେ। ସଂଘର ରାଜ୍ୟ ସଭାପତି ବିକ୍ରମ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶାରଦା ପ୍ରସନ୍ନ ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସଭାପତି ନକୁଳ ବାରିକ୍, ଆଇନଜୀବୀ ଦିବ୍ୟସିଂହ ନାୟକ, ଓଷ୍ଟାର ପୂର୍ବତନ ସଭାପତି ଭାଗୀରଥି ନାୟକ, ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଯୁଗ୍ମ ଉପଦେଷ୍ଟା କମଳ ଲୋଚନ ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷାଧିକାରୀ ଗୟାଧର ପଣ୍ଡା, ଓଷ୍ଟା ଜିଲା ସଭାପତି ଶଶୀଶେଖର କରଶର୍ମା, ସୁରଜିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସମ୍ପାଦକ ଉପେନ୍ଦ୍ର ବିଶ୍ୱାଳ ଅତିଥି ପରିଚୟ, ରାଜ୍ୟ ସାଧାରଣ ସମ୍ପାଦକ ସୁକାନ୍ତ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ଉପସଭାପତି ଅଶୋକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଣୟ ସିଂହ, ଜଗନ୍ନାଥ ମଲ୍ଲିକଙ୍କ ସମେତ ଶିକ୍ଷକମାନେ ସହଯୋଗ କରିଥିଲେ।

# ଚାଳଘର ଦେଖି ଫେରିଗଲା ଭିଜିଲାନ୍ସ ଟିମ୍


କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ପୈତୃକ ଜାଗାରେ ଥିବା ଚାଳଘର।

ବାସୁଦେବପୁର,୧୮।୧୧(ନାରାୟଣ ପ୍ରସାଦ ବାରିକ୍)

ଢେଙ୍କାନାଳ ଜିଲା କାମାକ୍ଷାନଗରରେ କାର୍ଯ୍ୟରତ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଭିଜିଲାନ୍ସ ଏକାଧିକ ସ୍ଥାନରେ ଚଢ଼ାଉ କରିଛି। ଉପଜିଲାପାଳଙ୍କ ପୈତୃକ ବାସଭବନ ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ କପାଗଡ଼ିଆ ଗାଁରେ ଭିଜିଲାନ୍ସ ଟିମ୍ ସୋମବାର ସକାଳେ ପହଞ୍ଚିବା ପରେ ଘର ଦେଖି ଆଶ୍ଚର୍ଯ୍ୟ ହୋଇଛି। ଉପଜିଲାପାଳଙ୍କ ଘରଡିହ ଖାଲି ପଡ଼ିଥିବା ବେଳେ ସାନଭାଇ ଓ ତାଙ୍କ ପରିବାର ଏକ ଚାଳଛପର ଘରେ ରହୁଥିବା ଦେଖିବାକୁ ପାଇଥିଲା ଏହି ଟିମ୍। ଭିଜିଲାନ୍ସ ଟିମ୍ ତାଙ୍କ ସାନଭାଇଙ୍କୁ ପଚରାଉଚରା କରି ପୂର୍ବାହ୍ନରେ ଫେରିଯାଇଥିଲା। ପ୍ରାୟ ୫ ବର୍ଷ ହେବ ତାଙ୍କ ଭାଇ ଗାଁକୁ ଆସିନାହାନ୍ତି। ତାଙ୍କ ସହ ପାରିବାରିକ ସମ୍ପର୍କରେ ମଧ୍ୟ ଦୂରତା ସୃଷ୍ଟି ହୋଇଛି। ଭାଇଙ୍କ କଥା ମୁତାବକ ସେ ତାଙ୍କ ପୈତୃକ ଚାଳ ପରସ୍ତ ଘର ଭାଙ୍ଗି ଦେଇଥିଲେ। ପରେ ସେ ଆଉ ସହଯୋଗ ନ କରିବାରୁ ପକ୍କାଘର କରିପାରି ନ ଥିଲେ। ଘରଡିହ ନିକଟରେ ଏକ ଛୋଟ ଚାଳଘର କରି ପରିବାରକୁ ନେଇ ରହୁଛନ୍ତି ବୋଲି ଉପଜିଲାପାଳଙ୍କ ସାନଭାଇ ଗୋପବନ୍ଧୁ ନାୟକ କହିଥିଲେ।

# ତିହିଡ଼ି ପୋଲିସର ଅପରେଶନ ସ୍ମାଇଲ

ତିହିଡ଼ି,୧୮।୧୧(ସଞ୍ଜିତ ବଳ)

**ଅପହୃତା ଛାତ୍ରୀଙ୍କ ସମେତ ୨ ନାବାଳିକା ଉଦ୍ଧାର**

**■ ୨ ଅପହରଣକାରୀ ଗିରଫ**

ଅପହରଣ ପରେ ଅପହୃତା ନାବାଳିକାଙ୍କ ବାପାଙ୍କ ଓଠରୁ ହସ ଲିଭିଯାଉଛି। ସେଇ ହସ ଫେରାଇ ଆଣିବାକୁ ଭଦ୍ରକ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜିଲାରେ 'ଅପରେଶନ ସ୍ମାଇଲ' ଆରମ୍ଭ ହୋଇଛି। ତଦନୁଯାୟୀ ତିହିଡ଼ି ଥାନାଧିକାରୀ ପ୍ରସନ୍ନ କୁମାର ନାୟକଙ୍କ ନେତୃତ୍ୱରେ 'ଅପରେଶନ ସ୍ମାଇଲ'ରେ ଥାନା ଅଧୀନ ପୃଥକ୍ ସ୍ଥାନରୁ ଅପହୃତା ହୋଇଥିବା ଜଣେ ଛାତ୍ରୀଙ୍କ ସମେତ ୨ ନାବାଳିକାଙ୍କୁ ରବିବାର ପୋଲିସ ଉଦ୍ଧାର କରିଛି। ଏଥିସହ ପୋଲିସ ୨ ଅପହରଣକାରୀ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ପାଟଣାସାହି ଗ୍ରାମର ଶଶିକାନ୍ତ ମହାଲିକ ଓ ବାରୋ ଗ୍ରାମର ପ୍ରୀତମ ବାରିକ। ସେମାନଙ୍କୁ ପଚରାଉଚରା ପରେ ସୋମବାର କୋର୍ଟଚାଲାଣ କରାଯାଇଛି। ଏଥିସହ ଅପହରଣରେ ବ୍ୟବହୃତ ହୋଇଥିବା ଏକ କାର୍ ପୋଲିସ ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ଅଷ୍ଟମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କୁ ଶଶିକାନ୍ତ ସ୍କୁଲକୁ ନିଜ କାର୍‌ରେ ନେବା ଆଣିବା କରୁଥିଲେ। ଛାତ୍ରୀଙ୍କ ଘର ବାରୋ ଅଞ୍ଚଳରେ ହୋଇଥିବା ବେଳେ ସେ ତିହିଡ଼ି କାଳୀପଡ଼ିଆ ପାଖରେ ଘର ଭଡ଼ା ନେଇ ରହୁଥିବା ତାଙ୍କ ବାପାଙ୍କ ସହ ରହୁଥିଲେ। ଶଶିକାନ୍ତ ତାଙ୍କୁ ସ୍କୁଲକୁ ନେବା ଆଣିବା ସମୟରେ ବିଭିନ୍ନ ପ୍ରଲୋଭନ ଦେଖାଇ ନିଜ ଆଡ଼କୁ ଆକର୍ଷିତ କରିବାରେ ସକ୍ଷମ ହୋଇଥିଲେ। ପରେ ସେ ତାଙ୍କୁ ଗତ ମାସ ୩୧ ତାରିଖରେ ନିଜ ଗାଡ଼ିରେ ଅପହରଣ କରି ବାହାର ରାଜ୍ୟକୁ ଚାଲି ଯାଇଥିଲେ। ଏନେଇ ଅପହୃତା ଛାତ୍ରୀଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୪୯୩/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଶଶିକାନ୍ତ ଛାତ୍ରୀ ଜଣକୁ ବଳପୂର୍ବକ ବିବାହ କରିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ପୋଲିସ ଅପହରଣରେ ବ୍ୟବହୃତ କାର୍ ଜବତ କରି ଶଶିକାନ୍ତଙ୍କୁ ବାଲେଶ୍ୱର ପ୍ଲାଟ୍‌ଫର୍ମ ନିକଟରୁ ଗିରଫ କରିଥିଲା। ସେହିପରି ପ୍ରୀତମ ଜଣେ ନାବାଳିକାଙ୍କୁ ଗତ ଏପ୍ରିଲରେ ଅପହରଣ କରି ନେଇ ଗୁଜରାଟ ପଳାଇ ଯାଇଥିଲେ। ନାବାଳିକାଙ୍କ ବାପା ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୮୧/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ତିହିଡ଼ି ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗୁଜରାଟ ଯାଇ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ପ୍ରୀତମଙ୍କୁ ଗିରଫ କରିଥିଲା।


# ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ



ଚାନ୍ଦବାଲି,୧୮।୧୧(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଶାରଳା ଉଚ୍ଚ ବିଦ୍ୟାଳୟରେ ଉଚ୍ଚ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ କୁମାର ମହାରାଜଙ୍କ ତତ୍ତ୍ୱାବଧାନରେ ଏବିଇଓ ତ୍ରିପୁରା ପଲାଇ ଓ ପ୍ରଧାନ ଶିକ୍ଷକ ଅନିଲ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ତପନ ସାହୁ, ଦେବାଶିଷ ମୁଦୁଲି, ତ୍ରିଲୋଚନ ଦାସ ଓ କାମାକ୍ଷା ପ୍ରସାଦ ପାତ୍ର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ଦେଇଥିଲେ। ଶିକ୍ଷକ ନେତୃତ୍ୱ, ବିକାଶାତ୍ମକ ମନୋବୃତ୍ତି, ସାମାଜିକ ଆବେଗିକ ଓ ନୈତିକ ଶିକ୍ଷା, ୟୁ ଡାଇସ ପ୍ଲସ ଆଦି ୧୨ଟି ଅଧିବେଶନରେ ତିନିଦିନରେ ତାଲିମ ପ୍ରଦାନ କରାଯିବ। ଗୋପାଳପୁର, ତେନ୍ତୁଳିଡିହ ଓ ଚାନ୍ଦବାଲି ବାଳିକା ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରରୁ ମୋଟ ୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ଗ୍ରହଣ କରିଥିଲେ।

# ପୁଣି ଆରମ୍ଭ ଜବରଦଖଲ ଉଚ୍ଛେଦ


ଭଦ୍ରକ ସହରରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ଭଦ୍ରକ,୧୮।୧୧(ସନାତନ ରାଉତ)

ପାର୍ବଣ ଋତୁ ପାଇଁ ଜବରଦଖଲ ଉଚ୍ଛେଦ ବନ୍ଦ ରହିଥିବା ବେଳେ ସୋମବାର ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ପୁଣିଥରେ ରାସ୍ତାପାର୍ଶ୍ୱରୁ ଉଚ୍ଛେଦ ଆରମ୍ଭ କରାଯାଇଛି। ଭଦ୍ରକ ସହର ବନ୍ତଛକଠାରୁ ଚାରିଘରିଆ ପର୍ଯ୍ୟନ୍ତ ଭଦ୍ରକ-ଆନନ୍ଦପୁର ରାସ୍ତାପାର୍ଶ୍ୱରେ ଜବରଦଖଲ କରି କରାଯାଇଥିବା ଦୋକାନ ଭଙ୍ଗାଯାଇଛି। ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଓ ପୌରପାଳିକା ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ରହିଥିଲେ। ୨ଟି ଜେସିବି ସାହାଯ୍ୟରେ ଉଚ୍ଛେଦ କାର୍ଯ୍ୟ କରାଯାଇଥିବା ବେଳେ କେତେକ ଦୋକାନୀ ତରବରିଆ ଭାବେ ଦୋକାନରୁ ଜିନିଷପତ୍ର କାଢୁଥିବାର ଦେଖାଯାଇଥିଲା।

# ଗୋବିନ୍ଦପୁରରେ କାର୍ତ୍ତିକେଶ୍ୱରଙ୍କ ପୂଜା

ବନ୍ତ,୧୮।୧୧(ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ପୋଇତଳିଆ ଗ୍ରାମରେ କାର୍ତ୍ତିକେଶ୍ୱରଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମହେନ୍ଦ୍ର ଦାସଙ୍କ ପରିବାରରେ ଏହି ପୂଜା ପୁରୁଷାନୁକ୍ରମେ ଅନୁଷ୍ଠିତ ହୋଇଆସୁଛି। ବଡ଼ପୁଅ ଅକ୍ଷୟ ନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପୂଜାରେ କର୍ତ୍ତା ଭାବେ ସେ ଓ ତାଙ୍କ ସ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ରୀତିନୀତି ଅନୁଯାୟୀ କାର୍ତ୍ତିକେଶ୍ୱରଙ୍କ ସହ ପାର୍ଶ୍ୱ ଦେବଦେବୀ ଭାବେ ଲକ୍ଷ୍ମୀ, ସରସ୍ୱତୀ, ମହାଦେବ ଓ ନନ୍ଦୀ, ଭୃଙ୍ଗୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ବିକ୍ରମ ନନ୍ଦ ଓ ସୁରେନ୍ଦ୍ର ପଣ୍ଡା ପୂଜା ଦାୟିତ୍ୱ ସମ୍ପାଦନ କରିଥିଲେ। ବହୁ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ। ଶିଳ୍ପୀ ପଦ୍ମନାଭ ପଲେଇଙ୍କ ଦ୍ୱାରା ନିର୍ମିତ ମୃଣ୍ମୟ ମୂର୍ତ୍ତି ବେଶ୍ ଆକର୍ଷଣୀୟ ହୋଇଥିଲା। ସେହିପରି କେନ୍ଦୁଆପଦା, ସେଣ୍ଡତୀରା, ଅଣ୍ଡିଆ, ନିଳୋକ, ଗଣ୍ଡଗରା, ଆଡ଼ିଆ ପଞ୍ଚାୟତର କଳାପାହାଡ଼ଠାରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା।

# ଯାଜପୁରରେ ଲୁଟ୍, ଧାମନଗରରୁ ଲୁଟେରା କାବୁ

ଧାମନଗର,୧୮।୧୧(ସନ୍ତୋଷ କୁମାର ମହାପାତ୍ର)

ଯାଜପୁର ଜିଲା ପାଣିକୋଇଲିଠାରେ ସୋମବାର ପୂର୍ବାହ୍ନରେ ଟେଲିକମ୍ କର୍ମଚାରୀଙ୍କଠାରୁ ମୋବାଇଲ ଲୁଟ୍ କରିଥିବା ଲୁଟେରାଙ୍କୁ ଭଦ୍ରକ ଜିଲା ଧାମନଗର କଲେଜ ମଧ୍ୟ ଦେଇ ଯାଇଥିବା ରାସ୍ତାରେ କାବୁ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୩ଜଣ ଧାମନଗର ଥାନାରେ ଅଟକ ଥିବାବେଳେ ସେମାନେ ଯାଜପୁର, ଭଦ୍ରକ ଓ କେନ୍ଦ୍ରପଡ଼ା ଅଞ୍ଚଳର। ସେମାନଙ୍କ ପାଖରୁ ୨ଟି ବାଇକ୍ ସହ ୭ଟି ମୋବାଇଲ ପୋଲିସ ଜବତ କରିଛି।

ସୂଚନା ଅନୁଯାୟୀ, ଏକ ଟେଲିକମ୍ କମ୍ପାନୀର କର୍ମଚାରୀ ପାଣିକୋଇଲିଠାରେ କାମ କରୁଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ମୋବାଇଲକୁ ଛଡ଼ାଇ ନେଇ ଭଦ୍ରକ ଅଭିମୁଖେ ଫେରାର ହୋଇଯାଇଥିଲେ। କର୍ମଚାରୀଙ୍କ ସହ ଅନ୍ୟ ଜଣେ ଏକ ବାଇକ୍‌ରେ ସେମାନଙ୍କୁ ପିଛା କରିଥିଲେ। ଏହି ସମୟରେ କର୍ମଚାରୀ ଜଣଙ୍କ ନିଜ କାର୍ଯ୍ୟାଳୟକୁ ଯୋଗାଯୋଗ କରି ଚୋରି ହୋଇଥିବା ମୋବାଇଲ ଲୋକେଶନ ଆଣି ଟ୍ରାକିଂ କରି ପିଛା କରିଥିଲେ। ଧାମନଗର କଲେଜ ନିକଟସ୍ଥ ଏକ ରାସ୍ତା ପାଖରେ ଥିବା ନିଛାଟିଆ ସ୍ଥାନରେ ଦୁର୍ବୃତ୍ତମାନେ ଲୁଚିଥିଲେ। କର୍ମଚାରୀମାନେ ମୋବାଇଲ ଲୋକେଶନ ଦ୍ୱାରା ଦୁର୍ବୃତ୍ତଙ୍କ ପାଖରେ ପହଞ୍ଚି କାବୁ କରିବା ସମୟରେ ୨ଜଣ ବାଇକ୍ ଛାଡ଼ି ଫେରାର ହୋଇଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ସ୍ଥାନୀୟ ଅଞ୍ଚଳର ଜଣଙ୍କୁ କାବୁ କରିଥିଲେ। ପରେ ଖବର ପାଇ ଧାମନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଧରାପଡ଼ିଥିବା ଜଣକ ସହ ୨ଟି ବାଇକ୍ ଜବତ କରି ଥାନାକୁ ନେଇ ଅଟକ ରଖିଥିଲା। ଫେରାର ଥିବା ଅନ୍ୟ ଦୁଇଜଣଙ୍କୁ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳରୁ ପୋଲିସ କାବୁ କରି ଥାନାରେ ଅଟକ ରଖିଛି। ଘଟଣା ଘଟିଥିବା ସ୍ଥାନ ଯାଜପୁର ଜିଲା ପାଣିକୋଇଲି ଥାନା ଅଧୀନରେ ହୋଇଥିବାରୁ ସେଠାକାର ଥାନାକୁ ସୂଚନା ଦିଆଯାଇଛି। ଅଟକ ୩ ଲୁଟେରାଙ୍କ ସହ ଜବତ ହୋଇଥିବା ମୋବାଇଲ ଓ ବାଇକ୍ ପାଣିକୋଇଲି ପୋଲିସକୁ ହସ୍ତାନ୍ତର କରାଯିବ ବୋଲି ଧାମନଗର ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକ କହିଛନ୍ତି।

# 'ସବୁ ନାରୀ ଲେଖିକା, ଲେଖନ୍ତି ନିଜ ସଂସାର କଥା'


ପୁସ୍ତକ ମେଳାର ୪ର୍ଥ ସନ୍ଧ୍ୟାରେ ସୋମବାର ଉପସ୍ଥିତ ଅତିଥିମାନେ।

ଭଦ୍ରକ,୧୮।୧୧(ସନାତନ ରାଉତ)

**ଭଦ୍ରକ ପୁସ୍ତକ ମେଳାର ୪ର୍ଥ ସନ୍ଧ୍ୟା**

ସମାଜରେ ସବୁ ନାରୀ ଲେଖିକା। ନିଜ ଦୁଃଖ ସୁଖର ଜୀବନୀ ଓ ସଂସାର ଜଞ୍ଜାଳକୁ ସେ ପ୍ରତିଦିନ ଲେଖିଥାନ୍ତି ବୋଲି ଭଦ୍ରକ ପୁସ୍ତକ ମେଳାର ୪ର୍ଥ ସନ୍ଧ୍ୟାରେ ମୁଖ୍ୟବକ୍ତା ବ୍ୟାସନଗର ମହାବିଦ୍ୟାଳୟର ଅଧ୍ୟାପିକା ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ ମତବ୍ୟକ୍ତ କରିଛନ୍ତି। ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଚାଲିଥିବା ପୁସ୍ତକ ମେଳାର ୪ର୍ଥ ସନ୍ଧ୍ୟାରେ ସୋମବାର ସାହିତ୍ୟିକା ଝରଣା ପଟ୍ଟନାୟକଙ୍କ ସଭାପତିତ୍ୱରେ 'ସମୃଦ୍ଧ ଭାରତ ଆତ୍ମନିର୍ଭରଶୀଳ ମହିଳା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୁଗଶ୍ରୀ ଯୁଗନାରୀର ସମ୍ପାଦିକା ମମତା ମହାପାତ୍ର ଯୋଗଦେଇ ନାରୀ ସବୁବେଳେ ଆତ୍ମବିଶ୍ୱାସୀ ଓ ଆତ୍ମନିର୍ଭରଶୀଳ ଥିଲେ, ଏବେ ବି ଅଛନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପିକା ମମତା ଦାଶ ଓ ପ୍ରଭାତ ନଳିନୀ ମହାପାତ୍ର ଯୋଗଦେଇ ଆଜିର ସମାଜରେ ନାରୀର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଗୀତାରାଣୀ ଆଇଚ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସୁକାନ୍ତି ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ରାଧାରାଣୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶେଷରେ ଫେଲୋଶିପ୍ ଅନୁଷ୍ଠାନର ପିଲାମାନଙ୍କ ଦ୍ୱାରା ଶିବ ତାଣ୍ଡବ ନୃତ୍ୟ ପରିବେଷଣ କରାଯାଇଥିଲା।

# ଧରିତ୍ରୀ ବିଶେଷାଙ୍କ ପ୍ରତି ବଢୁଛି ଆଗ୍ରହ

ଭଦ୍ରକ, ୧୮।୧୧(ସନାତନ ରାଉତ)

ଭଦ୍ରକ ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଚାଲିଥିବା ପୁସ୍ତକ ମେଳାରେ ଧରିତ୍ରୀ ପକ୍ଷରୁ ଷ୍ଟଲ୍ ଖୋଲାଯାଇଛି। ଷ୍ଟଲ୍‌ରେ ଧରିତ୍ରୀ ବିଶେଷାଙ୍କ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ପରିଲକ୍ଷିତ ହୋଇଛି। ବହୁ ପାଠିକା ପାଠକ ଏହି ଷ୍ଟଲ୍‌ରେ ଥିବା ବହି ଦେଖିବା, ପଢ଼ିବା ସହ ନିଜ ପସନ୍ଦର ବହି ସଂଗ୍ରହ କରିନେଉଛନ୍ତି। ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଷ୍ଟଲ୍ ପରିଦର୍ଶନ କରିବା ସହ ପୁସ୍ତକ, ଧରିତ୍ରୀ ଖବରକାଗଜ ବିଷୟରେ ଆଲୋଚନା କରି ସୁଚିନ୍ତିତ ମତାମତ ଦେଉଛନ୍ତି। ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀଙ୍କ ସମ୍ପାଦକୀୟକୁ ଆଇନଜୀବୀ ଗଦାଧର ବଳ ପ୍ରଶଂସା କରିଛନ୍ତି।


ଭଦ୍ରକ ପୁସ୍ତକ ମେଳାରେ ଖୋଲିଥିବା ଧରିତ୍ରୀ ଷ୍ଟଲ୍‌ରେ ୨ଜଣ ପାଠିକା ପୁସ୍ତକ ଦେଖୁଛନ୍ତି।

## ବାଇକ୍‌ରୁ ଖସିପଡ଼ି ମହିଳାଙ୍କ ମୃତ୍ୟୁ

ଆନନ୍ଦପୁର,(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଶୈଳଙ୍ଗ ନିକଟରେ ବାଇକରୁ ଖସିପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ଆନନ୍ଦପୁର ଥାନା ଅଧୀନସ୍ଥ କଣ୍ଡିପାଳ ଗ୍ରାମର ସୁକାନ୍ତି ସୋଏ (୩୭)। ସେ ଝିଅ ଘର ହରିଚନ୍ଦନପୁରରୁ ପୁତୁରା ସହ ଫେରୁଥିଲେ। ଶୈଳଙ୍ଗ ନିକଟରେ ଏକ ହମ୍ପସରେ ବାଇକରୁ ଖସିପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣ କରିଥିଲେ।

**କେନ୍ଦୁଝର**

# ହାତୀ ଚଲାପଥରେ ହାଟ

**ଏନ୍‌ଏଚ୍ ୪୯ରେ ହେଉଛି ପାର୍କିଂ**
**ଅସୁରକ୍ଷିତ ଭାବେ ଚାଲୁଛି କାରବାର**
**ଗତ ମାସରେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିଲା**

କେନ୍ଦୁଝର,୧୮।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟାଳୟ ଉପକଣ୍ଠ ସଦର ବ୍ଲକ୍ ଝାଡ଼ବେଲଦାଠାରେ ଅସୁରକ୍ଷିତଭାବେ ହାଟ ବସୁଛି। ହାଟଟି ଜାତୀୟ ରାଜପଥ ୪୯ କଡ଼ରେ ଚାଲୁଥିବା ସହ ଏହା ହାତୀ ଚଲାପଥ ହୋଇଥିବାରୁ ବିପଦପୂର୍ଣ୍ଣ ଭାବେ କାରବାର ହେଉଛି। ରାଜପଥ କଡ଼ରେ ପାର୍କିଂ ହେଉଥିବାରୁ ବଡ଼ ଗାଡ଼ି ଯାତାୟାତରେ ସମସ୍ୟା ଭୋଗିବା ସହ ଦୁର୍ଘଟଣା ଘଟି ଜୀବନହାନି ହେଉଛି। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସ୍ଥାନୀୟ ଲୋକେ ଉଦ୍‌ବେଗ ପ୍ରକାଶ କରୁଛନ୍ତି।

ସୂଚନାଯୋଗ୍ୟ, କେନ୍ଦୁଝର ପୁରୁଣା ସହର ମାଉସୀ ମା’ ମନ୍ଦିର ନିକଟରେ ରାଜାରାଜୁଡ଼ା ଅମଳରୁ ସାପ୍ତାହିକ ହାଟ ଚାଲିଆସୁଥିଲା। ବଜାର ନିୟନ୍ତ୍ରଣ କମିଟି ଦ୍ୱାରା ପରିଚାଳିତ ହାଟ ବିଭିନ୍ନ କାରଣରୁ ବନ୍ଦ ହୋଇଗଲା। ପୁନର୍ବାର ଚାଲୁକରିବାକୁ ହାଟର ଉନ୍ନତୀକରଣ କରାଯାଇଥିଲା। ମାତ୍ର ସମୟକ୍ରମେ ହାଟ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ପରେ ନେଲୁଙ୍ଗ ପଞ୍ଚାୟତ ଝାଡ଼ବେଲଦା ଗ୍ରାମ ବେଲଦା ସଂରକ୍ଷିତ ଜଙ୍ଗଲରେ ୨୦୧୪ରୁ ସ୍ଥାନୀୟ ଗ୍ରାମଗୁଡ଼ିକୁ ନେଇ ଏକ କମିଟି ଗଠନ ହୋଇ ରବିବାରିଆ ହାଟ ଆରମ୍ଭ ହୋଇଥିଲା। ବିଶେଷକରି ଗୋରୁହାଟ ପାଇଁ ଜଣାଯାଉଥିବା ବେଳେ ଆଖପାଖ ଅଞ୍ଚଳର ଚାଷୀ ଉତ୍ପାଦିତ ପନିପରିବା, କୁକୁଡ଼ା, ଛେଳି ଆଦି ଆଣି ବ୍ୟବସାୟ କରିଲେ। କମିଟି ସଂଗୃହୀତ ଅର୍ଥକୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ଲଗାଉଥିଲେ। ପରବର୍ତ୍ତୀ ସମୟରେ ପଞ୍ଚାୟତର ହସ୍ତକ୍ଷେପକୁ ନେଇ ବିବାଦ ଦେଖାଦେଲା। ସେବେଠାରୁ ହାଟ ସ୍ୱତଃପ୍ରବୃତ୍ତ ଭାବରେ ଚାଲିଆସୁଛି। ବିନା ଲୋକଙ୍କ ସୁରକ୍ଷା ବ୍ୟବସ୍ଥାରେ ଏବଂ ପାର୍କିଂ ବ୍ୟବସ୍ଥା ନ ଥାଇ ହାଟଟି ସମ୍ପୂର୍ଣ୍ଣ ଅସୁରକ୍ଷିତ ଭାବରେ ଚାଲୁଛି। ଗୋରୁ ଓ ଛେଳି କିଣିବା ପାଇଁ ବାହାର ଜିଲାରୁ ବ୍ୟବସାୟୀ ଆସିଥାନ୍ତି। ଏଥିପାଇଁ ନିୟମାନୁଯାୟୀ ଟିକସ ଆଦାୟ ହେବା କଥା। କିନ୍ତୁ ସେସବୁ କିଏ ଆଦାୟ କରୁଛି ଏବଂ କିଏ ରଖୁଛି ତାହାର ଠିକ୍ ସୂଚନା କାହା ପାଖରେ ନାହିଁ। ଏଥିସହ ବ୍ୟସ୍ତବହୁଳ କୋଲକାତା-ମୁମ୍ବାଇ ଜାତୀୟ ରାଜପଥ ୪୯ କଡ଼ରେ ତଥା ୨ ପାର୍ଶ୍ୱରେ ହାଟ ବସୁଥିବାରୁ ଅନେକ ସମୟରେ ଲାଇନ୍ ଟ୍ରକ୍, ଟ୍ରେଲର ଯାତାୟାତ ବ୍ୟାହତ ହୋଇଥାଏ। ରାସ୍ତା, ଡିଭାଇଡରେ ବାଇକ୍ ଓ ଚାରିଚକିଆ ଗାଡ଼ି ପାର୍କିଂ କରୁଛନ୍ତି। ହାଟ ସ୍ଥାନ ନିକଟ ରାସ୍ତାରେ ଘାଟି ଥିବାରୁ ଲାଇନ ଟ୍ରକ୍‌ଗୁଡ଼ିକ କ୍ଷିପ୍ର ଗତିରେ ଯିବା ଆସିବା କରିଥାଏ। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଗତ ମାସ ଉକ୍ତ ସ୍ଥାନରେ ଏକ ବସ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଏଥିସହ ଜଙ୍ଗଲ ରାସ୍ତା ହାତୀ ଚଳପ୍ରଚଳ ଅଞ୍ଚଳ ହୋଇଥିବାରୁ ଏହା ନିକଟରେ କିଛି ବର୍ଷ ତଳେ ଟ୍ରେଞ୍ଚ୍ ଖୋଳାଯାଇଥିଲା। ହାଟ ବିନା ପଞ୍ଚାୟତ ଅନୁମତିରେ ଚାଲିଥିବା ଅଭିଯୋଗ ହେଉଛି। ସେହିପରି ଏହି ହାଟ ସଂରକ୍ଷିତ ଜଙ୍ଗଲ ଏବଂ ହାତୀ ଚଲାପଥରେ ବସୁଥିଲେ ହେଁ ବନ ବିଭାଗ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବାରୁ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ନେଲୁଙ୍ଗ ସରପଞ୍ଚ ଚନ୍ଦ୍ରମଣି ସିଂହ କହିଛନ୍ତି, ହାଟ ପଞ୍ଚାୟତ ନିୟନ୍ତ୍ରଣରେ ନାହିଁ। ଏ ନେଇ ପ୍ରଶାସନକୁ ପୂର୍ବରୁ ଅବଗତ କରାଯାଇଛି। ଆଇନଗତ ଭାବରେ ଚାଲିବା ନେଇ ଉଦ୍ୟମ କରାଯାଉଛି। ଏନ୍‌ଏଚ୍ କଡ଼, ହାତୀ ଚଳପ୍ରଚଳ ଅଞ୍ଚଳ ହୋଇଥିବାରୁ ବିପଦ ରହୁଛି। ଜନସାଧାରଣ, ବ୍ୟବସାୟୀଙ୍କ ସୁରକ୍ଷା ପାଇଁ ଖୁବ୍‌ଶୀଘ୍ର ପ୍ରଶାସନ ସହ ଆଲୋଚନା କରିବେ।



## ହାଇୱା ପଛରେ ଧକ୍କାଦେଲା ବାଇକ, ଚାଳକ ମୃତ

**ବେଆଇନ ପାର୍କିଂ ନେଲା ଜୀବନ**

ଯୋଡ଼ା,୧୮।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ରଣାଶାଳ ଘାଟି ନିକଟ ଓଭରବ୍ରିଜ ଉପରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବେଆଇନ ଭାବେ ପାର୍କିଂ ହୋଇଥିବା ହାଇୱା ପଛରେ ବାଇକ୍ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତିଙ୍କ ଠିକ୍ ପରିଚୟ ମିଳି ପାରି ନ ଥିବା ବେଳେ ଗାଡ଼ି ସିଦ୍ଧୁ ହାଁସଦା ବୋଲି ଜଣାପଡ଼ିଛି। ଗୁରୁତର ମହିଳା ପଳାସପଙ୍ଗା ନିକଟ ମଙ୍ଗଳାପଶି ଗ୍ରାମର ସରସ୍ୱତୀ ମୁଣ୍ଡା ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ରଣାଶାଳ ଘାଟି ନିକଟ ଓଭରବ୍ରିଜ ଉପରେ ହାଇୱା (ନଂ. ଓଡି ୦୯ ଭି ୪୨୬୭) ଛିଡ଼ା ହୋଇଥିଲା। ସେ ସମୟରେ ବାଇକ୍ (ନଂ. ଓଡି ୦୯ ୩୬୨୪) ଯୋଗେ ୨ ଜଣ ବଡ଼ବିଲ ଅଭିମୁଖେ ଯାଉଥିବା ବେଳେ ହାଇୱା ପଛରେ ପିଟି ହୋଇଥିଲା। ଘଟଣା ସ୍ଥଳରେ ୨ ବାଇକ୍ ଆରୋହୀ ସଂଜ୍ଞାହୀନ ଅବସ୍ଥାରେ ପଡ଼ି ରହିଥିଲେ। ଯୋଡ଼ା ପୋଲିସ ପହଞ୍ଚି ୨ ଜଣଙ୍କୁ ଉଦ୍ଧାର କରି ଟାଟାଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ବାଇକ୍ ଚାଳକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପଛରେ ବସିଥିବା ମହିଳାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ସିଦ୍ଧୁ ହାଁସଦାଙ୍କ ନାମରେ ଗାଡ଼ି ଥିବା ବେଳେ ମୃତକ ବ୍ୟକ୍ତି ଜଣଙ୍କ ସେ କି ନୁହେଁ ପୋଲିସ ତଦନ୍ତ କରୁଛି। ମହିଳାଙ୍କ ପାଖରୁ ମିଳିଥିବା ଆଧାରକାର୍ଡ ଅନୁଯାୟୀ ତାଙ୍କ ନାମ ସରସ୍ୱତୀ ମୁଣ୍ଡା ବୋଲି ଜଣାପଡ଼ିଛି। ଖବର ଲେଖାହେବା ଯାଏ ୨ ଜଣଙ୍କ ପ୍ରକୃତ ପରିଚୟ ମିଳିପାରି ନ ଥିଲା। ପ୍ରକାଶଯୋଗ୍ୟ, କେନ୍ଦୁଝରରୁ ବଡ଼ବିଲକୁ ସଂଯୋଗ କରୁଥିବା ୫୨୦ ନମ୍ବର ଜାତୀୟ ରାଜପଥରେ ବେଆଇନ ପାର୍କିଂ ଯୋଗୁ ଦୈନିକ ଦୁର୍ଘଟଣା ଘଟୁଛି। ରାଜପଥ କିମ୍ବା ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନ ଥିବାରୁ ଅଘଟଣ ଘଟି ଜୀବନହାନୀ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପରିବହନ ବିଭାଗ ମଧ୍ୟ ବେଆଇନ ପାର୍କିଂ ଉପରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଟ୍ରକ୍ ଚାଳକ ରାସ୍ତାରେ ପାର୍କିଂ କରୁଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

## ୮୯ ଅଭିଯୋଗର ଶୁଣାଣି

ପାଟଣା,୧୮।୧୧(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସଭାଗୃହରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮୯ ଲିଖିତ ଅଭିଯୋଗର ଶୁଣାଣି ହୋଇଥିଲା। ଏହି ଅବସରରେ ୮ ଜଣ ଦିବ୍ୟାଙ୍ଗଙ୍କୁ ଜିଲା ଖଣିଜ ପାଣ୍ଠି ବିନିଯୋଗରେ ସ୍ୱୟଂଚାଳିତ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଜିଲାପାଳ ବିଶାଲ ସିଂ ଓ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଦାଗୁଡୁଙ୍କ ଅନୁପସ୍ଥିତକୁ ନେଇ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୁଝାଶୁଝା କରିବା ପରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ନେତୃତ୍ୱରେ ଆସିଥିବା ସାମାଜିକକର୍ମୀ ଯୁଗୋଳ କିଶୋର ଦାଶ, ଦୁର୍ଗା ଚରଣ ନାୟକ ପ୍ରମୁଖ ପାଟଣାରେ ସବ୍ ଡିଭିଜନ, ବୃହତ ଇସ୍ପାତ କାରଖାନା ପ୍ରତିଷ୍ଠା, ବ୍ୟାରେଜ ନିର୍ମାଣ ଓ ରାଜସ୍ୱ ବିଭାଗ ଡାକ ବଙ୍ଗଳାର ପୁନଃ ଉଦ୍ଧାର ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟ ପ୍ରମୁଖ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ଭିନ୍ନକ୍ଷମ, ବିଧବା, ବାର୍ଦ୍ଧକ୍ୟ ଭତ୍ତା, ରାସନକାର୍ଡ ଆଦି ଅନ୍ତର୍ଭୁକ୍ତ ଥିଲା। ଅତିରିକ୍ତ ଜିଲାପାଳ ରାଜସ୍ୱ ବିଭାଗ ଆଲୋକ ପ୍ରଧାନ ଅଭିଯୋଗ ଶୁଣାଣି କରିଥିଲେ। ଡିଏଫଓ ଏଚ୍‌ଡି ଧନରାଜ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଆଡିସନାଲ ଏସ୍‌ପି ହରପ୍ରିୟା ନାଏକ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ପୃଷ୍ଟି, ଜିଲା ଶିକ୍ଷା ଅଧିକାରୀ ଗୌରିରାଣୀ ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏପିଇଓ ଦୀପକ ବେହେରା, ବିଏଲସି ସସ୍ମିତା ସାହୁ, ବ୍ଲକ୍ କର୍ମଚାରୀ ମିତା ନାଏକ, ସଂଘମିତ୍ରା ବାରିକ, ବିନୋଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଯୁବକଙ୍କ ଅକାଳ ବିୟୋଗ

ଢେଙ୍କିକୋଟ,୧୮।୧୧(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ ହାଉସ ଅନ୍ତର୍ଗତ ସରାସପଶି ପଞ୍ଚାୟତ ଭରାଣ୍ଡିଆ ଗ୍ରାମର ଜଣେ ଯୁବକଙ୍କ ଅକାଳ ବିୟୋଗ ଘଟିଛି। ମୃତକ ଗ୍ରାମର ଧୀରେନ୍ଦ୍ର ନାୟକ(୪୮)। ସେ ଅପରାହ୍ନ ୧ ଟାରେ ଗ୍ରାମର କେତେ ଜଣଙ୍କ ସହ ବସି କଥାବାର୍ତ୍ତା ହେଉଥିବା ବେଳେ ଅସୁସ୍ଥ ଅନୁଭବ କରି ପଡ଼ିଯାଇଥିଲେ। ଲୋକେ ତାଙ୍କୁ ପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଢେଙ୍କିକୋଟ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଘଟଗାଁ ଥାନା ଏକ ମାମଲା(ନଂ.୬୨/୨୪ ) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଧୀରେନ୍ଦ୍ରଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଫିସର ଏଏସ୍‌ଆଇ ସୁରଥ ଦେହୁରୀ ପ୍ରକାଶ କରିଛନ୍ତି।

## ୪ ବର୍ଷ ହେଲା ବିଛଣାରେ ଗୁରା

**ପରିବାର ଲୋକଙ୍କ ସହାୟତା ନିବେଦନ**

ଚମ୍ପୁଆ,୧୮।୧୧(ମହେଶ୍ୱର ଦାସ)

କୋଳି ବେପାର କରି ପରିବାର ପ୍ରତିପୋଷଣ କରୁଥିଲେ। ସେଥିରୁ ଯାହା ଆୟ ହୁଏ ୫ ପ୍ରାଣୀଙ୍କ ଗୁଜରାଣ ହୋଇଯାଉଥିଲା। ଦିନେ ସାଇକେଲରୁ ପଡ଼ିଯିବାରୁ ଅଣ୍ଟା ମାଡ଼ ହୋଇଯାଇଥିଲା। ଫଳରେ ୪ ବର୍ଷ ହେଲା ବିଛଣାରେ ପଡ଼ି ଯନ୍ତ୍ରଣା ଭୋଗୁଛନ୍ତି କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ୧୩ ନଂ. ୱାର୍ଡର ଗୁରା ପୂର୍ତ୍ତି। ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ତେଣୁ ସହୃଦୟ ବ୍ୟକ୍ତି ଚିକିତ୍ସାରେ ସହାୟତା କରିବାକୁ ପରିବାର ଲୋକେ ନିବେଦନ କରିଛନ୍ତି।

ଗୁରା ୪ ବର୍ଷ ତଳେ ଅର୍ଥାତ ଲକ୍‌ଡାଉନ ପୂର୍ବରୁ ଜୟନ୍ତୀ ହାଟରୁ କୋଳି ବିକ୍ରି କରି ଫେରୁଥିବା ବେଳେ ସାଇକେଲରୁ ପଡ଼ିଯାଇଥିଲେ। ଫଳରେ ତାଙ୍କ ଅଣ୍ଟା ଓ ଗୋଡରେ ମାଡ଼ ହୋଇଥିଲା। ପରିବାର ଲୋକ ତାଙ୍କୁ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ତାଙ୍କ ଶରୀର ଭଲ ହେବା ପରିବର୍ତ୍ତେ ଅଧିକ ଖରାପ ହେବାକୁ ଲାଗିଥିଲା। ପରିବାର ଲୋକ ତାଙ୍କୁ ଆୟୁର୍ବେଦିକ ଚିକିତ୍ସା କରାଇଥିଲେ। ସେଥିରେ କୌଣସି ସୁଫଳ ମିଳି ନ ଥିଲା। ଶରୀର ଦୁର୍ବଳ ହେବା ସହିତ ହାତ ଗୋଡ଼ ଟାଣି ଧରିଥିଲା। ସେହି ଦିନଠାରୁ ସେ ବିଛଣାରେ ପଡ଼ି ମୃତ୍ୟୁସହ ସଂଗ୍ରାମ କରୁଛନ୍ତି। ତାଙ୍କ ଚିକିତ୍ସା ପାଇଁ ଘରର ସାମଗ୍ରୀ ସହ ଗାଈ, କୁକୁଡା, ଛେଳି ବିକ୍ରି ସରିଥିଲେ ମଧ ସ୍ୱାସ୍ଥ୍ୟରେ ଉନ୍ନତି ଘଟୁନି। ଘରର ଏକମାତ୍ର ରୋଜଗାରିଆ ହୋଇଥିବାରୁ ବିଛଣାରେ ପଡ଼ିବା ପରେ ପରିବାର ପ୍ରତିପୋଷଣରେ ସମସ୍ୟା ଉପୁଜୁଛି। ୨ ପୁଅ ନବମରେ ପଢୁଥିବା ବିଶାଳ ପୂର୍ତ୍ତି ଓ ଅଷ୍ଟମରେ ପଢୁଥିବା ରବିନ୍ଦ୍ର ପୂର୍ତ୍ତି ପାଠ ଛାଡ଼ି କାମ କରିବାକୁ ବାଧ ହେଉଛନ୍ତି। ସ୍ତ୍ରୀ ସାବିତ୍ରୀ ପରଘରେ କାମ କରି ପରିବାର ଗୁଜରାଣ ମେଣ୍ଟାଉଛନ୍ତି। ୨ ପୁଅ ରୋଜଗାର କରୁଥିବା ଅର୍ଥରେ ଚିକିତ୍ସା ସମ୍ଭବ ନୁହେଁ। ରାଶନ କାର୍ଡ ଦ୍ୱାରା ୫ ପ୍ରାଣୀ ମାସକୁ ୨୫ କି.ଗ୍ରା ଚାଉଳ ପାଉଛନ୍ତି। ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସଟିଏ ମଧ ତାଙ୍କ ଭାଗ୍ୟରେ ନାହିଁ। ମାଟି କାନ୍ଥ ଓ ଖପର ଛାଉଣି ଘରେ ତାଙ୍କର ସମୟ ବିତୁଛି। ସହୃଦୟ ବ୍ୟକ୍ତି ଓ ପ୍ରଶାସନ ତାଙ୍କ ସ୍ୱାମୀଙ୍କ ଚିକିତ୍ସାରେ ସହାୟତା କରିବାକୁ ସାବିତ୍ରୀ ନିବେଦନ କରିଛନ୍ତି। ଚମ୍ପୁଆ ଏନ୍‌ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା କହିଛନ୍ତି, ଏ ବିଷୟରେ ବର୍ତ୍ତମାନ ଜାଣିଲେ। ମଙ୍ଗଳବାର ଗୁରାଙ୍କ ପାଖରେ ପହଞ୍ଚିବା ପରେ ପଦକ୍ଷେପ ଗ୍ରହଣ କରାଯିବ।


ବିଛଣାରେ ପଡ଼ିଥିବା ଗୁରା।

## ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ବୈଠକ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/(ଅମୂଲ୍ୟ କୁମାର ଦାସ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୧୮।୧୧

ବସ୍ତା ନିର୍ବାଚନ ମଣ୍ଡଳୀ ଅଧୀନ ବାଲିଆପାଳ ବ୍ଲକର ନୂଆଗାଁ ପଞ୍ଚାୟତର ଯମୁନାଶୂଳ ବେଳାଭୂମିସ୍ଥିତ ଗିରି ଫାର୍ମହାଉସ ମଧ୍ୟରେ ୨୪ନଂ. ଜୋନ୍‌ରେ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟିକା ସୁବସିନୀ ଜେନା ଉପସ୍ଥିତ ହୋଇ ନେତୃବୃନ୍ଦଙ୍କୁ ଉତ୍ସାହିତ କରିଥିଲେ।

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜନତା ଦଳରେ ଅଧିକରୁ ଅଧିକ ସଦସ୍ୟଙ୍କୁ ଯୋଡିବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ସଭ୍ୟ ସଂଗ୍ରହ ଅଭିଯାନକୁ ସଫଳ କରିବାକୁ ବିଧାୟିକା ଜେନା ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ଚକ୍ରଧର ଗିରି, ଅଜୟ କୁମାର ସାମଲ, ମହେଶ୍ୱର ଜେନା, ଶରତ ପ୍ରଧାନ, ୨୨ ନଂ. ଜୋନ୍‌ର ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, ପୂର୍ବତନ ସରପଞ୍ଚ ମନ୍ମଥ ଗିରି, ବେତଗଡ଼ିଆ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ କୁମାର ଗିରି, ଅଜୟ ପାତ୍ର, ଭଗବାନ ଗିରି, ନିତ୍ୟାନନ୍ଦ ଜେନା, ସାର୍ଥକ ରଣଜିତ୍, ସପନ ମହାନ୍ତି, ମନୋରଞ୍ଜନ ବେହେରାଙ୍କ ସମେତ ବହୁ ନେତୃବୃନ୍ଦ ବୈଠକରେ ଯୋଗ ଦେଇଥିଲେ।

## ତିନିଦିନିଆ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ନୀଳଗିରି, ୧୮।୧୧(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଥାନା ସମ୍ମୁଖ ମିନିଷ୍ଟାଡିୟମ ପଡ଼ିଆରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ସୋମବାର ତିନିଦିନିଆ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ ସଭାପତିତ୍ୱ କରିଥିଲେ। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ଔପଦା ବ୍ଲକ ଅଧ୍ୟକ୍ଷା ବିସିବିସ୍ମା ପାତ୍ର, ନୀଳଗିରି ଏନ୍‌ଏସି ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ବେହେରା, ଜିଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ଡିପିସି କାହ୍ନୁଚରଣ ନାୟକ, ନୀଳଗିରି ଏଫ୍‌ଆଇସି କୃଷି ସୂଚନା ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ କୃତିବାସ ବେହେରା, ଜିଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, କୃଷି ଅଧୀକ୍ଷଣ ଯନ୍ତ୍ରୀ ଆଲୋକ ଅଧିକାରୀ, ବରିଷ୍ଠ କୃଷି ବୈଜ୍ଞାନିକ ସ୍ୱାଗତିକା ସାହୁ, ଡିଡିଏମ୍ ନାବାର୍ଡ ତାପସ ରଞ୍ଜନ ପ୍ରଧାନ, ଜିଲା କୃଷି ଅଧିକାରୀ ସୁମନ୍ତ କୁମାର ନାୟକ ନୀଳଗିରି ବ୍ଲକ କୃଷି ଅଧିକାରିଣୀ ମିତାଲି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତିକୁ ନେଇ ୪୫ଟି ଷ୍ଟଲ କରାଯାଇଥିଲା। ସବୁ ବର୍ଗର ଚାଷୀ, ମହିଳା ଏସ୍‌ଏଚଜିଙ୍କୁ ରିହାତି ମୂଲ୍ୟରେ ଯନ୍ତ୍ରପାତି ଯୋଗାଇ ଦେବା ବ୍ୟବସ୍ଥା କରାଯାଇଛି।

## କଣ୍ଟେନରକୁ ପଛପଟୁ ଧକ୍କା ଦେଲା ଯାତ୍ରୀବାହୀ ବସ୍

ଜଳେଶ୍ୱର, ୧୮।୧୧(ନବୀନ ସାହୁ/ରବିନାରାୟଣ ପାତ୍ର)

ଜଳେଶ୍ୱର ଥାନା ଅଧୀନ ୬୦ନମ୍ବର ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲଗେଟ୍ ନିକଟରେ ଏକ କଣ୍ଟେନରକୁ ପଛପଟୁ ଧକ୍କା ଦେଇ ଯାତ୍ରୀବାହୀ ବସ୍ ଡିଭାଇଡରରେ ପିଟି ହୋଇଯାଇଥିଲା। ୧୪ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପୋଲିସ ପହଞ୍ଚି ଆହତଙ୍କୁ ସ୍ଥାନୀୟ ଜିକେଭଟ୍ଟର ହସ୍‌ପିଟାଲକୁ ନେଇ ଚିକିତ୍ସା କରାଇଥିଲେ। ସୂଚନା ଅନୁଯାୟୀ, ଏକ ଘରୋଇ ବସ୍ ପଶ୍ଚିମବଙ୍ଗର ମାୟାପୁରରୁ ୫୩ରୁ ଊର୍ଦ୍ଧ୍ୱ ଯାତ୍ରୀ ନେଇ ସୋର ଅଭିମୁଖେ ଫେରୁଥିବା ବେଳେ ସୋମବାର ଭୋର ସମୟରେ ଏହି ଦୁର୍ଘଟଣା ଘଟିଛି। ବସ୍ ଡ୍ରାଇଭରଙ୍କ ସୂଚନା ଅନୁଯାୟୀ କେତେଜଣ ଦୁର୍ବୃତ୍ତ ଚାନ୍ଦା ଆଦାୟ ପାଇଁ ବସ୍ ଆଗରେ ଯାଉଥିବା କଣ୍ଟେନରକୁ ହଠାତ୍ ଅଟକାଇ ଦେବାରୁ ପଛରେ ଆସୁଥିବା ବସ୍ ଭାରସାମ୍ୟ ହରାଇ ପ୍ରଥମେ କଣ୍ଟେନରକୁ ଧକ୍କା ଦେଇଥିଲା। ପରେ ଡିଭାଇଡରରେ ପିଟି ହୋଇଯାଇଥିଲା। ତେବେ ପ୍ରତ୍ୟେକ ରାତିରେ ଏଭଳି ବେଆଇନ ଭାବେ ଲକ୍ଷ୍ମଣନାଥ ଟୋଲଗେଟ୍‌ରେ ଚାନ୍ଦା ଆଦାୟ କରୁଥିବାରୁ ଦୁର୍ଘଟଣା ଘଟୁଛି ବୋଲି ଅଭିଯୋଗ ହୋଇଛି। ଜଳେଶ୍ୱର ପୋଲିସ ପହଞ୍ଚି ଅଧିକ ତଦନ୍ତ କରିଛି।

## ଦରଦାମ ବୃଦ୍ଧି, ଚାଷଜମିରେ ଶିଳ୍ପକୁ ବିରୋଧ

**ଏଆଇକେକେଏମ୍‌ଏସ୍‌ର ଗଣବିକ୍ଷୋଭ**

କେନ୍ଦୁଝର,୧୮।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ): ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ(ଏଆଇକେକେଏମ୍‌ଏସ୍) ପକ୍ଷରୁ ଦରଦାମ ବୃଦ୍ଧି, ଚାଷ ଜମିରେ ଶିଳ୍ପକୁ ବିରୋଧ କରିବା ସହ ସରକାରଙ୍କ ଶ୍ରମିକ ଓ କୃଷକ ମାରଣନୀତି ପ୍ରତିବାଦରେ କେନ୍ଦୁଝରରେ ରାଲି ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହାନ ଜନନେତା ଲାଲା ଲଜପତରାୟଙ୍କ ମୃତ୍ୟୁ ଦିବସ ଉପଲକ୍ଷେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତେ ଏକାଠି ହୋଇଥିଲେ। କମ୍ରେଡ୍ ପ୍ରକାଶ ମଲ୍ଲିକଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ଭେଟି ୧୩ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବିକ୍ଷୋଭ ପୂର୍ବରୁ କେନ୍ଦୁଝରସ୍ଥ କରଞ୍ଜିଆ ବସ୍‌ଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ଚାଷୀ, ମହିଳା, ଯୁବକମାନେ ଦରଦାମ ବୃଦ୍ଧି ବନ୍ଦ କରିବା, ବେକାରୀଙ୍କୁ କାମ ଯୋଗାଇବା, ଏମ୍‌ଏସ୍‌ପିକୁ ଆଇନର ଗ୍ୟାରେଣ୍ଟି, ଚାଷ ଜମି ଅଧିଗ୍ରହଣ ବନ୍ଦ ଆଦି ସ୍ଲୋଗାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କମ୍ରେଡ୍ ଘନଶ୍ୟାମ ମହାନ୍ତଙ୍କ ଅଧ୍ୟକ୍ଷତାରେ ଏଆଇକେକେଏମ୍‌ଏସ୍‌ର ରାଜ୍ୟ ସମ୍ପାଦକ କମ୍ରେଡ୍ ରଘୁନାଥ ଦାସ ଯୋଗଦେଇ ଦରବୃଦ୍ଧି, ଚାଷୀଙ୍କ ସମସ୍ୟାକୁ ନେଇ ଚାଷୀ ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ରେଡ୍ ପ୍ରକାଶ ମଲ୍ଲିକ, ବେଣୁଧର ସର୍ଦ୍ଦାର ପ୍ରମୁଖ ଯୋଗଦେଇଥିଲେ।

## କଣ୍ଟେନରକୁ ଧକ୍କା ଦେଇ କାର୍ ଚୂରମାର

ପାଟଣା,୧୮।୧୧(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୁଳି ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ବାଉଁସୁଳି ଛକରେ ସୋମବାର ଏକ କଣ୍ଟେନରକୁ ପଛରୁ କ୍ରିଏଟା କାର୍ ଧକ୍କା ଦେଇ ଚୂରମାର ହୋଇଯାଇଛି। ମୁମ୍ବାଇ ଅଭିମୁଖେ ଯାଉଥିବା କଣ୍ଟେନରକୁ ବାଉଁସୁଳି ଡାଇଭସନ ନିକଟରେ କାର ଧକ୍କା ଦେଇଥିଲା। କାରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ କାରରେ ଥିବା ଏକ ପରିବାରର ୪ ଜଣ ଆସନ୍ନ ବିପତ୍ତିରୁ ବର୍ତ୍ତି ଯାଇଛନ୍ତି।

## ଛାତ୍ରୀଛାତ୍ରଙ୍କ ମୁଣ୍ଡ ଉପରେ ବିପଦ

**ସ୍କୁଲ୍ ପରିସରରେ ୧୧ କେଭି ବିଦ୍ୟୁତ୍ ତାର**

ରାମଚନ୍ଦ୍ରପୁର,୧୮।୧୧(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ଗାଁପୁର ପଞ୍ଚାୟତ ଅନ୍ତର୍ଗତ କରଡ଼ାପାଳ ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମୁଣ୍ଡ ଉପରେ ବିପଦ ଝୁଲୁଛି। ପରିସର ଦେଇ ୧୧ କେଭି ବିଦ୍ୟୁତ୍ ତାର ଯାଇଥିବାରୁ ସମସ୍ତେ ବିପଦପୂର୍ଣ୍ଣଭାବେ ଚଳପ୍ରଚଳ କରୁଛନ୍ତି। ବିଭାଗ ପକ୍ଷରୁ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ଉକ୍ତ ସ୍କୁଲରେ ମୋଟ ୬୭ ଜଣ ପଢୁଛନ୍ତି। ସ୍କୁଲ ପରିସରରେ ବିଦ୍ୟୁତ୍ ଖୁଣ୍ଟ ରହିଥିବା ବେଳେ ୧୧କେଭି ତାର ଅତି ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ପଟ୍ଟନାୟକ କହିଛନ୍ତି, ବିଦ୍ୟୁତ୍ ଖୁଣ୍ଟ ଓ ତାର ଝୁଲି ରହିଥିବା ସ୍ଥାନକୁ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ ଛଡ଼ାଯାଉନାହିଁ। ବିଦ୍ୟୁତ୍ ଖୁଣ୍ଟ ବଦଳାଇବା ପାଇଁ ରାମଚନ୍ଦ୍ରପୁର ବିଦ୍ୟୁତ୍ ବିଭାଗକୁ ମୌଖିକ ଭାବେ ଜଣାଇଛନ୍ତି। ବିଦ୍ୟୁତ୍‌ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଖୁଣ୍ଟକୁ ସ୍ଥାନାନ୍ତର କରିବାକୁ ଗ୍ରାମବାସୀ ଓ ଅଭିଭାବକ ଦାବି କରିଛନ୍ତି। ରାମଚନ୍ଦ୍ରପୁର ବିଦ୍ୟୁତ୍ ବିଭାଗ ଅଧିକାରୀ ପ୍ରତାପ କୁମାର ବେହେରା କହିଛନ୍ତି, ରାମଚନ୍ଦ୍ରପୁର ସର୍କଲ ଯନ୍ତ୍ରୀ ରାଜେଶ ପହିଙ୍କୁ କହି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ।



## ପାସେଞ୍ଜର ହଲ୍ଟର ଭିତ୍ତିପ୍ରସ୍ତର ସ୍ଥାପନ

ବୈଶିଙ୍ଗା,୧୮।୧୧(ରତନ ଦାଶ)

ଦକ୍ଷିଣ ପୂର୍ବ ରେଲୱେର ରୂପ୍‌ସା-ବାଙ୍ଗିରିପୋଷି ରେଳ ରୁଟ୍‌ର ମଛପଦାଠାରେ ଏକ ପାସେଞ୍ଜର ହଲ୍ଟ ସ୍ଥାପନ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ଦୀର୍ଘ ଦିନର ଦାବି ଶେଷରେ ପୂରଣ ହେବାକୁ ଯାଉଛି। ସୂଚନାଯୋଗ୍ୟ, ଜୁଗପୁରା ଓ ଠାକୁରତୋଟା ରେଳ ଷ୍ଟେଶନର ମଧ୍ୟବର୍ତ୍ତି ସ୍ଥଳରେ ବୈଶିଙ୍ଗା ଥାନା ଅନ୍ତର୍ଗତ ମଛପଦାଠାରେ ଏକ ପାସେଞ୍ଜର ହଲ୍ଟ ସ୍ଥାପନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘ ବର୍ଷରୁ ଦାବି କରିଆସୁଥିଲେ। ତେବେ ଇତିମଧ୍ୟରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ଉଦ୍ୟମ କ୍ରମେ ଏହି ପାସେଞ୍ଜର ହଲ୍ଟ ରେଳ ମନ୍ତ୍ରଣାଳୟର ସ୍ୱୀକୃତି ପାଇସାରିବା ପରେ ଏହାର ଟେଣ୍ଡର ପ୍ରକ୍ରିୟା ମଧ୍ୟ ଚୂଡ଼ାନ୍ତ ହୋଇସାରିଛି। କାର୍ଯ୍ୟାରମ୍ଭ ପାଇଁ କେବଳ ଶୁଭ ଉଦ୍‌ଘାଟନକୁ ଅପେକ୍ଷା କରାଯାଇଥିଲା। ସୋମବାର ମୁଖ୍ୟ ଅତିଥି ଭାବେ ଏମପି ଓ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ବଡ଼ସାହି ବିଧାୟକ ପହଞ୍ଚିବା ପରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସନ୍ତରା ପଞ୍ଚାୟତର ସରପଞ୍ଚ ଲକ୍ଷ୍ମିମଣି ହାଁସଦା ଓ ସମିତି ସଭ୍ୟା ସୁମତି ପୁଷ୍ଟି, ଭାଜପା ମଣ୍ଡଳ ସଭାପତି ରତିକାନ୍ତ ମହାନ୍ତ ଓ ଜୀବନ ପରିଡ଼ା , ଅଶ୍ୱିନୀ କୁମାର ମହାରଣା, ଦିବାକର ଜେନା, ରଜନୀକାନ୍ତ ମହାରଣା, ଅନାମ ଦତ୍ତ, ଅମୂଲ୍ୟ ଦତ୍ତ, ବଳରାମ ସାହୁ , ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପାସେଞ୍ଜର ହଲ୍ଟ ସ୍ଥାପନ ହେବା ଦ୍ୱାରା ପାଖଆଖ ୧୦/୧୨ଟି ଗ୍ରାମର ପ୍ରାୟ ୩୦ ହଜାର ଲୋକ ଉପକୃତ ହୋଇପାରିବେ ବୋଲି କୁହାଯାଉଛି।



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି ଓ ବିଧାୟକ।

## ଜନ ଅଭିଯୋଗ ଶୁଣାଣି ଶିବିର

କରଞ୍ଜିଆ,୧୮।୧୧(କବିତା ମହାନ୍ତ)

କରଞ୍ଜିଆ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲି ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଉପଜିଲାପାଳ ପ୍ରକାଶ କୁମାର ଦାସ, ପିଏ.ଆଇଟିଡିଏ ପ୍ରବୀଣ କୁମାର ବାଣୁଆ, ଏସ୍‌ଡିପିଓ ସୁବ୍ରତ କୁମାର, ମେଡିକାଲ ଅଫିସର କେ. ଏନ୍. ପତି ଓ ସହକାରୀ କଲେକ୍ଟର ଏଥିରେ ସହଯୋଗ କରିଥିଲେ। ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ମୋଟ ୭୯ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୫୭ ଓ ୨୨ଟି ସାମୂହିକ ଅଭିଯୋଗ ଥିଲା। ଜିଲା ରେଡ୍‌କ୍ରସ ପାଣ୍ଠିରୁ ଜଣଙ୍କୁ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୫୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ସମସ୍ତ ବିଡିଓ, ତହସିଲଦାର, ସିଡିପିଓ, କୃଷି, ଶିକ୍ଷା, ପୂର୍ତ୍ତ, ଜଳସେଚନ, ମୃତ୍ତିକା ସରଂକ୍ଷଣ, ବନ ବିଭାଗ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କରଞ୍ଜିଆ ପ୍ରଗତି ମଞ୍ଚ ପକ୍ଷରୁ ଡାକ୍ତରଖାନା ସମସ୍ୟା ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।


ଜିଲାପାଳ ଓ ଏସ୍‌ପି ଅଭିଯୋଗ ଶୁଣାଣି କରୁଛନ୍ତି।

# ସୂଚନା ଅଧିକାର ଓ ସୂଚନା କମିଶନ

ସମଗ୍ର ଦେଶରେ ପ୍ରଶାସନକୁ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ପାଇଁ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ୧୨ ଅକ୍ଟୋବର ୨୦୦୫ରୁ କାର୍ଯ୍ୟକାରୀ ହୋଇଆସୁଛି। ଏହି ଅନୁଯାୟୀ ଲୋକଙ୍କର ସରକାରୀ କାର୍ଯ୍ୟାଳୟରୁ ସୂଚନା ପାଇବାର ଅଧିକାର ରହିଛି। ଆଇନର ଧାରା ୧୨ ଓ ୧୫ ଅନୁଯାୟୀ, କେନ୍ଦ୍ର ସରକାର କେନ୍ଦ୍ରୀୟ ସୂଚନା କମିଶନ ଓ ରାଜ୍ୟ ସରକାରଗୁଡ଼ିକ ରାଜ୍ୟ ସୂଚନା କମିଶନ ଗଠନ କରିବେ। ସୂଚନା କମିଶନରେ ମୁଖ୍ୟ ସୂଚନା କମିଶନରଙ୍କ ସହିତ ୧୦ଜଣ ସୂଚନା କମିଶନର ଭାବେ ନିଯୁକ୍ତି ପାଇପାରିବେ। ଏହି କମିଶନରମାନେ ସୂଚନା ଅଧିକାର ଆଇନର ଧାରା ୧୮, ୧୯, ୨୦ ଅନୁଯାୟୀ ସୂଚନା ସଂଗ୍ରହ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗକାରୀ ବା ଅପିଲକର୍ତ୍ତା– ନାଗରିକମାନଙ୍କର ଅଭିଯୋଗଗୁଡ଼ିକର ଶୁଣାଣି କରିବେ, ସୂଚନା ପ୍ରଦାନ କରାଇବେ, ସୂଚନା ପ୍ରଦାନରେ ଅବହେଳା କରିଥିବା ଜନସୂଚନା ଅଧିକାରୀଙ୍କ ବିରୋଧରେ ଆର୍ଥିକ ଦଣ୍ଡ ବିଧାନ ବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସମ୍ପୃକ୍ତ ଜନକର୍ତ୍ତୃପକ୍ଷଙ୍କୁ ସୁପାରିସ କରିବେ ଏବଂ ଆବଶ୍ୟକ ସ୍ଥଳେ ଅପିଲକର୍ତ୍ତା ବା ଅଭିଯୋଗକାରୀଙ୍କୁ କ୍ଷତିପୂରଣ ପ୍ରଦାନ କରିବେ। ଆଇନର ଧାରା ୨୫ ଅନୁଯାୟୀ ଆଇନର କାର୍ଯ୍ୟକାରିତା କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ଦୂରୀକରଣ ପାଇଁ ସରକାରଙ୍କୁ ଆବଶ୍ୟକ ସୁପାରିସ କରିବେ ଏବଂ ପ୍ରତିବର୍ଷ ଏକ ବାର୍ଷିକ ରିପୋର୍ଟ ପ୍ରକାଶ କରିବେ।

ବର୍ତ୍ତମାନ କେନ୍ଦ୍ରରେ ସୂଚନା କମିଶନଙ୍କ ସମେତ ୨୮ଟି ରାଜ୍ୟରେ ସୂଚନା କମିଶନ କାର୍ଯ୍ୟ କରୁଛି। ସୂଚନା ଅଧିକାର ଆଇନର କାର୍ଯ୍ୟକାରିତାର ୧୯ବର୍ଷ ମଧ୍ୟରେ ଦେଖାଯାଇଛି ଯେ, ବିଭିନ୍ନ ସୂଚନା କମିଶନରେ ବର୍ଷ ବର୍ଷ ଧରି ପଦବୀ ଖାଲି ପଡ଼ିଛି । ଫଳରେ ମାମଲା ଶୁଣାଣି ନ ହୋଇ ଦୀର୍ଘ ବର୍ଷ ପଡ଼ିରହିବା, ଆଇନ ସମ୍ପର୍କରେ ଅନଭିଜ୍ଞଙ୍କୁ କମିଶନରେ ନିଯୁକ୍ତି ଦେବା, କମିଶନରମାନେ ଆଇନ ଉଲ୍ଲଂଘନକାରୀ ପି.ଆଇ.ଓ ମାନଙ୍କୁ ଦଣ୍ଡ ବିଧାନ ନ କରିବା ଇତ୍ୟାଦି ଯୋଗୁ ସାଧାରଣ ଲୋକଙ୍କର ସୂଚନା ଆଇନ ଉପରୁ ଭରସା ତୁଟିଯାଉଥିବା ପରିଲକ୍ଷିତ ହେଉଛି। ଦେଶରେ ସୂଚନା କମିଶନଙ୍କ ସ୍ଥିତି ସମ୍ପର୍କରେ ଦିଲ୍ଲୀ ସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ସତର୍କ ନାଗରିକ ସଂଗଠନ ତରଫରୁ ଅନୁଧ୍ୟାନ କରାଯାଇଥିଲା। ସୂଚନା କମିଶନଙ୍କ ଅଧ୍ୟୟନ– ୨୦୨୩– ୨୪ ନାମରେ ଏହି ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁଯାୟୀ ଦେଶରେ ୨୯ଟି ସୂଚନା କମିଶନରୁ ୭ଟି ରାଜ୍ୟରେ ସୂଚନା କମିଶନ ଅଚଳ ହୋଇପଡ଼ିଛି। ଗତ ୪ବର୍ଷ ଧରି ଝାଡ଼ଖଣ୍ଡ ସୂଚନା କମିଶନରେ ସମସ୍ତ ପଦବୀ ଖାଲିପଡ଼ିଛି। ତ୍ରିପୁରା ସୂଚନା କମିଶନରେ ଗତ ୩ବର୍ଷ ଧରି କେହି ସୂଚନା କମିଶନର ନିଯୁକ୍ତି ହୋଇନାହାନ୍ତି। ତେଲେଙ୍ଗାନାରେ ଗତ ଦେଢ଼ ବର୍ଷ

## ନୀତି

ଧରି ସୂଚନା କମିଶନ ବନ୍ଦ ରହିଛି।

ସମଗ୍ର ଦେଶରେ ଏବେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଅଭିଯୋଗ ଶୁଣାଣି ପାଇଁ ପଡ଼ିରହିଛି। ଯଦି ବର୍ତ୍ତମାନ ସମସ୍ତ ସୂଚନା କମିଶନରେ ସବୁ ପଦବୀ ପୂରଣ କରି ଦିଆଯାଏ, ତଥାପି କେସ୍ ଫଇସଲା ପାଇଁ ଅନେକ ବର୍ଷ ସମୟ ଲାଗିବ। ଉଦାହରଣ ସ୍ୱରୂପ ଛତିଶଗଡ଼ ଓ ବିହାରରେ ଏତେ ସଂଖ୍ୟକ କେସ୍ ପଡ଼ି ରହିଛି ଯେ, ଯଦି ଏବେ କମିଶନରେ କେସ୍ ଫାଇଲ ହୁଏ ତେବେ ୨୦୨୯ରେ ଏହି କେସ ଶୁଣାଣି ହେବ। ଓଡ଼ିଶାରେ ୫ଟି ପଦବୀ ସୃଷ୍ଟି ହୋଇଥିଲା ବେଳେ ଦୁଇ ଜଣ ସୂଚନା କମିଶନର ଅଛନ୍ତି। ୨୪,୦୦୦ କେସ ଶୁଣାଣି ପାଇଁ ପଡ଼ିରହିଛି। ୨୦୨୧ ମସିହା କେସ୍‌ର ବର୍ତ୍ତମାନ ଶୁଣାଣି ଆରମ୍ଭ ହୋଇଛି। ଓଡ଼ିଶା କମିଶନରେ ଯଦି ବର୍ତ୍ତମାନ ଅପିଲ– ଅଭିଯୋଗ ଫାଇଲ ହୁଏ, ତେବେ ଏହା ୨୦୨୮ ମସିହାରେ ଶୁଣାଣି ହେବ।

ଅନେକ ମାମଲାର ଶୁଣାଣି କରି ସୁପ୍ରିକୋର୍ଟ ଦର୍ଶାଇଛନ୍ତି ଯେ, କେନ୍ଦ୍ର ବା ରାଜ୍ୟ ସରକାରଗୁଡ଼ିକ ଆବଶ୍ୟକ ସୂଚନା କମିଶନରେ ନିଯୁକ୍ତି ନ ଦିଅନ୍ତି ତେବେ ଏପରି ସ୍ଥିତି ହେବ ଯେ, ସୂଚନା ଅଧିକାର ଆଇନ ଆଉ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ ଏବଂ ସୂଚନା ଆଇନ ଉପରେ ଲୋକଙ୍କ ଭରସା ରହିବ ନାହିଁ।

ସୂଚନା କମିଶନ କାର୍ଯ୍ୟକ୍ଷମ ନ ହେବାର ଅନ୍ୟ ଏକ କାରଣ ହେଉଛି, କମିଶନରେ ଯେଉଁମାନଙ୍କୁ ନିଯୁକ୍ତି ଦିଆଯାଉଛି ସେମାନଙ୍କ ମଧ୍ୟରୁ ଅନେକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ସେମାନେ ରାଜନୈତିକ ପୃଷ୍ଠପୋଷକତା ଆଧାରରେ ନିଯୁକ୍ତି ପାଉଛନ୍ତି। ଏଭଳି ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଉଛି ଯେ, ସେମାନଙ୍କ ଅଭିଜ୍ଞତା ନାହିଁ କି ଆଇନ ସମ୍ପର୍କରେ ଧାରଣା ନାହିଁ। କମିଶନରେ ସେମାନଙ୍କ ନିଯୁକ୍ତି ଦିଆଯିବା ପୂର୍ବରୁ ବା ପରେ କୌଣସି ପ୍ରଶିକ୍ଷଣ ଦିଆଯାଉ ନାହିଁ। ସେମାନେ କମିଶନରେ ଯୋଗଦେଇ ହଠାତ୍ ଶୁଣାଣି ଆରମ୍ଭ କରୁଛନ୍ତି। ଅନେକ ସମୟରେ ଦେଖାଯାଉଛି, ସେମାନେ ଆଇନକୁ ତର୍ଜମା କରି ପାରୁନାହାନ୍ତି କି କେସ୍ ବିବରଣୀ ଲେଖି ପାରୁନାହାନ୍ତି। ଆଇନ ଅଧିକାରୀମାନଙ୍କୁ ଲଗେଇ କେସ ବିବରଣୀ ଲେଖାଉଛନ୍ତି। ୯୫ଭାଗ କେସ୍‌ରେ କମିଶନ ଆଇନ ଉଲ୍ଲଂଘନକାରୀ ପିଆଇଓଙ୍କ ବିରୋଧରେ ଦଣ୍ଡବିଧାନ କରୁନାହାନ୍ତି, ବିଳମ୍ବ ଶୁଣାଣି ଓ ଦଣ୍ଡ ବିଧାନରେ ଟାଳଟୁଳନୀତି ଯୋଗୁଁ ଅଭିଯୋଗକାରୀ/ ଅପିଲକର୍ତ୍ତାମାନେ ନ୍ୟାୟ ପାଇ ପାରୁନାହାନ୍ତି।

ସୂଚନା ଅଧିକାର ଆଇନର ଧାରା ୧୫(୫) ଅନୁଯାୟୀ ସୂଚନା କମିଶନ ପଦବୀରେ ନିଯୁକ୍ତି ପାଇବା ପାଇଁ ଜଣେ ଆଇନ, ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ସମାଜ ସେବା ଓ ପ୍ରଶାସନ ଇତ୍ୟାଦି କ୍ଷେତ୍ରରେ ପ୍ରଗାଢ଼ ଜ୍ଞାନ ଓ ଅନୁଭୂତି ସମ୍ପନ୍ନ ହେବା ସହିତ ସର୍ବସାଧାରଣ କ୍ଷେତ୍ରରେ ସୁପରିଚିତ ବ୍ୟକ୍ତି ହୋଇଥିବେ। କିନ୍ତୁ ଆଇନର ଏହି ବ୍ୟବସ୍ଥାକୁ ବେଖାତିର କରି ଓଡ଼ିଶା ସମେତ ଅନେକ ରାଜ୍ୟ ସରକାର ମନଇଚ୍ଛା ଯେକୌଣସି ବ୍ୟକ୍ତିଙ୍କୁ ଆଣି କମିଶନ ପଦବୀରେ ନିଯୁକ୍ତି ଦେଉଥିବାରୁ ଏପରି ଅଚଳାବସ୍ଥା ସୃଷ୍ଟି ହେଉଛି।

ଅପରପକ୍ଷରେ, ୨୦୧୯ ମସିହାରେ କେନ୍ଦ୍ର ସରକାର ସୂଚନା ଅଧିକାର ଆଇନର ସଂଶୋଧନ କରି କମିଶନଙ୍କ ପଦବୀ, ଚାକିରି ସର୍ତ୍ତାବଳୀ, କାର୍ଯ୍ୟ ଦିବସରେ ବ୍ୟାପକ ସଂଶୋଧନ କରାଇ ଏକ ନିୟମାବଳୀ ପ୍ରଣୟନ କରିଛନ୍ତି। ଏହି ନିୟମାବଳୀରେ କମିଶନରଙ୍କ କାର୍ଯ୍ୟକାଳ ୫ ବର୍ଷରୁ ୩ ବର୍ଷକୁ କମାଇ ଦେବା, ମାସକୁ ୨.୨୫ ଲକ୍ଷ ଦରମାରେ ସୀମିତ ରଖିବା, କମିଶନଙ୍କ ପଦବୀକୁ ହ୍ରାସ କରି ଜଣେ ସଚିବ ସ୍ତରରେ ରଖିବା ଇତ୍ୟାଦି ଯୋଗୁ କମିଶନଙ୍କ ପଦ ମର୍ଯ୍ୟାଦା ଯଥେଷ୍ଟ ସଂକୁଚିତ ହୋଇଛି। ଫଳରେ କମିଶନଙ୍କର କ୍ଷମତା ଓ ଗୁରୁତ୍ୱ ଯଥେଷ୍ଟ ହ୍ରାସ ପାଇଛି। ଆଗରୁ ପ୍ରଶାସନ ଉପରେ କମିଶନରମାନଙ୍କ ଯେଉଁଭଳି ପ୍ରଭାବ ରହୁଥିଲା ଏବେ ସେପରି ପରିଲକ୍ଷିତ ହେଉନାହିଁ। ଯଦି ସୂଚନା କମିଶନରମାନେ ବିଭାଗୀୟ ସଚିବମାନଙ୍କୁ ବ୍ୟକ୍ତିଗତ ହାଜର ପାଇଁ ନୋଟିସ ଜାରି କରୁଛନ୍ତି, ସେମାନେ ହାଜର ନ ହୋଇ କମିଶନଙ୍କ ନିର୍ଦ୍ଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରୁଛନ୍ତି ଏବଂ ରହିତାଦେଶ ଆଣୁଛନ୍ତି।

ସୂଚନାଯୋଗ୍ୟ, ୨୦୨୧ ମସିହାରେ ଓଡ଼ିଶାର ପୂର୍ବତନ ମୁଖ୍ୟ ସୂଚନା କମିଶନର ସୁନୀଲ କୁମାର ମିଶ୍ର ଏକ ମାମଲାର ତଦନ୍ତ କରି ରିପୋର୍ଟ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେ ଏହାର ତଦନ୍ତ ନ କରି କମିଶନଙ୍କ ନିର୍ଦ୍ଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସେହିପରି ୨୦୨୩ ମସିହାରେ ତତ୍କାଳୀନ ସୂଚନା କମିଶନର ଏସ. କେ. ସ୍ୱାଇଁ ବ୍ରହ୍ମ ବିଭ୍ରାଟ ମାମଲାରେ ପୂର୍ବତନ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସକ ବୀର ବିକ୍ରମ ଯାଦବଙ୍କୁ ବ୍ୟକ୍ତିଗତ ହାଜର ପାଇଁ ନୋଟିସ କରିଥିଲେ। କିନ୍ତୁ ସେ ନ ଆସି ହାଇକୋର୍ଟରେ ରହିତାଦେଶ ଆଣିଥିଲେ। ଏହି ଦୁଇଟି କେସ ହାଇକୋର୍ଟରେ ପଡ଼ିରହିଛି। ଆଶ୍ଚର୍ଯ୍ୟର ବିଷୟ ହାଇକୋର୍ଟରେ ଏହି ରହିତାଦେଶ ହଟାଇବା ପାଇଁ ଓଡ଼ିଶା କମିଶନ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି।

ଏଣୁ ସୂଚନା କମିଶନଙ୍କୁ ଯେତେ କ୍ଷମତାଶାଳୀ, ସୁସଙ୍ଗଠିତ କରାଯାଇପାରିବ, ରାଜ୍ୟରେ ସୂଚନା ଅଧିକାର ଆଇନ ସେହିପରି ଅଧିକ କ୍ରିୟାଶୀଳ ହୋଇପାରିବ। ଏଭଳି ପଦକ୍ଷେପ ନିଆଗଲେ ତାହା ସାଧାରଣ ନାଗରିକମାନଙ୍କ ପାଇଁ ଅନେକ ସୁବିଧା ଆଣିଦେଇପାରନ୍ତା।

**ପ୍ରଦୀପ ପ୍ରଧାନ**
**ରାଜ୍ୟ ଆବାହକ**
**ଓଡ଼ିଶା ସୂଚନା ଅଧିକାର ଅଭିଯାନ**
**ମୋ– ୯୯୩୭୮୪୩୪୮୨**

# ମହାରାଷ୍ଟ୍ର, ଝାଡ଼ଖଣ୍ଡ ନିର୍ବାଚନ ପାଇଁ ପ୍ରଚାର ଶେଷ



ପ୍ରଚାର ଶେଷ ଦିନରେ ମୁମ୍ବାଇରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଭାଜପା ପ୍ରାର୍ଥୀଙ୍କ ପାଇଁ ରୋଡ୍ ଶୋ' କରୁଛନ୍ତି।

ମୁମ୍ବାଇ/ରାଞ୍ଚି,୧୮।୧୧ (ପି.ଟି.)

ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ସୋମବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଆସନ୍ତା ୨୦ରେ ମହାରାଷ୍ଟ୍ରର ସମୁଦାୟ ୨୮୮ ଆସନ ଏବଂ ଝାଡ଼ଖଣ୍ଡର ମୋଟ ୮୧ ଆସନ ମଧ୍ୟରୁ ୩୮ଟି ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ମହାରାଷ୍ଟ୍ରର ଶାସକ ମହାଯୁତି ମେଣ୍ଟରେ ଭାଜପା ୧୪୯, ଶିବସେନା ୮୧ ଏବଂ ଏନ୍‌ସିପି ୫୯ ନିର୍ବାଚନମଣ୍ଡଳୀରେ ଲଢୁଥିବାବେଳେ ମହା ବିକାଶ ଅଘାଡ଼ି(ଏମଭିଏ) ମେଣ୍ଟରେ କଂଗ୍ରେସ ୧୦୧, ଶିବସେନା(ୟୁବିଟି) ୯୫ ଓ ଏନ୍‌ସିପି (ଏସ୍‌ପି) ମୋଟ ୮୬ ଆସନରେ ପ୍ରାର୍ଥୀ ଦେଇଛନ୍ତି। ଚଳିତଥର ମହାରାଷ୍ଟ୍ରରେ ୯ କୋଟି ୬୩ ଲକ୍ଷ ମତଦାତା ୪,୧୩୬ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବେ। ସେହିପରି ଚଳିତ ଥର ରାଜ୍ୟର ୧ ଲକ୍ଷ ୧୮୬ ପୋଲିଂ ବୁଥ୍‌ରେ ମତଦାନ ଅନୁଷ୍ଠିତ ହେବ।

ସେହିପରି ଆସନ୍ତା ୨୦ରେ ଝାଡ଼ଖଣ୍ଡରେ ୩୮ ବିଧାନସଭା ଆସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଭୋଟିଂ ଅନୁଷ୍ଠିତ ହେବ। ସେଥିମଧ୍ୟରୁ ୮ ଆସନ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ହୋଇଥିବାବେଳେ ୩ ଆସନ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରହିଛି। ବୁଧବାର କେବଳ ସାନ୍ଥାଳ ପରଗଣା ଅଞ୍ଚଳ ୬ ଜିଲାର ୧୮ ଆସନରେ ମତଦାନ ଅନୁଷ୍ଠିତ ହେବ। ସେହିପରି ଝାଡ଼ଖଣ୍ଡର ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ରାଜ୍ୟର ୧ କୋଟି ୨୩ ଲକ୍ଷ ଭୋଟର ସମୁଦାୟ ୧୪ ହଜାର ୨୧୮ ମତଦାନ କେନ୍ଦ୍ରରେ ନିଜର ମତାଧିକାର ସାବ୍ୟସ୍ତ କରିବେ। ଏହି ପର୍ଯ୍ୟାୟରେ କେବଳ ୬୦ ଲକ୍ଷ ୭୯ ହଜାର ମହିଳା ଭୋଟର ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ନିଜର ମତାଧିକାର ସାବ୍ୟସ୍ତ କରିବେ। ଅନ୍ୟପକ୍ଷରେ ବୁଧବାର ହେବାକୁ ଥିବା ଉତ୍ତରପ୍ରଦେଶର ୯ ବିଧାନସଭା ଉପନିର୍ବାଚନ ପାଇଁ ମଧ୍ୟ ପ୍ରଚାର ଶେଷ ହୋଇଛି। ନଭେମ୍ବର ୨୩ରେ ଭୋଟ ଗଣତି ଅନୁଷ୍ଠିତ ହେବ।

# ରାଜ୍ୟ ଯୋଗାଣମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି

ଭୁବନେଶ୍ୱର,୧୮।୧୧(ଅନିଲ ଦାସ)

## ଆମ୍ବଟାକୁଆ ଜାଉ ଖାଇବା ଘଟଣାରେ ମୃତ୍ୟୁସଂଖ୍ୟା ୩କୁ ବୃଦ୍ଧି

କନ୍ଧମାଳ ଜିଲାର ଦାରିଙ୍ଗବାଡି ବ୍ଲକର ମାଣ୍ଡିପଙ୍କା ଗ୍ରାମରେ ଆମ୍ବଟାକୁଆ ଜାଉ ଖାଇ ମୃତ ଘଟଣାରେ ସୋମବାର ଆଉ ଜଣଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁସଂଖ୍ୟା ୩ରେ ପହଞ୍ଚିବା ପରେ ବିରୋଧୀ ବିଜୁ ଜନତା ଦଳ (ବିଜେଡି) ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି। ସୋମବାର ଶଙ୍ଖଭବନଠାରେ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ସଞ୍ଜୟ ଦାସବର୍ମା କହିଛନ୍ତି, ଖାଦ୍ୟ ସୁରକ୍ଷା ଯୋଜନାର ବଣ୍ଟନ ବ୍ୟବସ୍ଥା ରାଜ୍ୟରେ ବିଫଳ ହୋଇଥିବାରୁ ଏଭଳି ଅଭାବନୀୟ ଘଟଣା ଘଟିଛି। ଏହି ଘଟଣା ସରକାରଙ୍କ ବିଫଳତାକୁ ପଦାରେ ପକାଉଛି। ରାଜ୍ୟ ଖାଦ୍ୟ ଯୋଗାଣମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ମନ୍ତବ୍ୟ ଆମ୍ବଟାକୁଆ ଆଦିବାସୀମାନଙ୍କ ପାରମ୍ପରିକ ଖାଦ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଖାଦ୍ୟ ଯୋଗାଣମନ୍ତ୍ରୀ ରାଜ୍ୟବାସୀଙ୍କ ସମ୍ମୁଖରେ ଏଥିପାଇଁ କ୍ଷମା ମାଗିବା ସହିତ ନିଜ ପଦବୀରୁ ତୁରନ୍ତ ଇସ୍ତଫା ଦେବାକୁ ଦାସବର୍ମା ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ, କନ୍ଧମାଳ ଜିଲାର ମାଣ୍ଡିପଙ୍କା ଗ୍ରାମରେ ଆମ୍ବଟାକୁଆ ଜାଉ ଖାଇ ୨ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିଲା ବେଳେ ୬ ଜଣ ମହିଳା ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଏହି ୨ ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁସଂଖ୍ୟା ୩କୁ ବୃଦ୍ଧି ପାଇଥିବା ବେଳେ ଏହି ଘଟଣା ରାଜ୍ୟ ପାଇଁ ଆଉ ଥରେ ଲଜ୍ଜାକୁ ଉଜ୍ଜୀବିତ କରିଛି। ନୂଆ ସରକାର ଆସିବା ପରେ ରାଜ୍ୟରେ ଖାଦ୍ୟ ଅଭାବ ଯୋଗୁ ଲୋକଭଳି ଏକ ଯନ୍ତ୍ରଣାଦାୟକ ସତ୍ୟ ସାମ୍ନାକୁ ଆସିଛି। ସରକାର ସଚେତନ ହେବା ପରିବର୍ତ୍ତେ ଏହି ଘଟଣାକୁ ଚପାଇ ଦେବାକୁ ବିଭିନ୍ନ ଭ୍ରମାତ୍ମକ ତଥ୍ୟ ପ୍ରଦାନ କରୁଛନ୍ତି ବୋଲି ସଞ୍ଜୟ କହିଛନ୍ତି।

# ଅନାସ୍ଥା ଭୋଟରେ ହାରିଲେ ବେଲଗୁଣ୍ଠା ଏନ୍‌ଏସି ଉପାଧ୍ୟକ୍ଷା

ବେଲଗୁଣ୍ଠା,୧୮।୧୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ବେଲଗୁଣ୍ଠା ଏନ୍‌ଏସି ଉପାଧ୍ୟକ୍ଷା ଟି. ବବିତା କୁମାରୀ ସୋମବାର ଅନାସ୍ଥା ଭୋଟରେ ହାରିଛନ୍ତି। ଗତ ୬ ତାରିଖରେ କାଉନସିଲମାନେ ତାଙ୍କ ବିରୋଧରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରି ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଅନାସ୍ଥା ଭୋଟ ହୋଇଥିଲା। ଭଞ୍ଜନଗର ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଅନିଲ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଏନ୍‌ଏସି କାର୍ଯ୍ୟାଳୟରେ ଭୋଟ ଗ୍ରହଣ କରାଯାଇଥିଲା। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ ରହିଥିଲେ। ମୋଟ ୧୩କାଉନସିଲର ମଧ୍ୟରୁ ଅନାସ୍ଥା ସପକ୍ଷରେ ୧୨ ଭୋଟ ପଡ଼ିଥିଲା। ଉପାଧ୍ୟକ୍ଷଙ୍କ ସମେତ କାଉନସିଲର୍ ଏସ. ଭାସ୍କର ପାତ୍ର, ଦିବ୍ୟରଞ୍ଜନ ଦାସ, ଲିଜା ବେହେରା, ପ୍ରିୟମ୍ବଦା ସାମଲ, କାହ୍ନୁ ଚରଣ ସାହୁ, ପ୍ରଦୀପ ସେଠୀ, ଦିଲୀପ ଅଚାରୀ, ସୁଜ୍ୟୋତି ସୁବୁଦ୍ଧି, ସଙ୍ଗୀତା ପାତ୍ର, ବିଶ୍ୱନାଥ ଦଳେଇ ଓ ପ୍ରତିମା ସ୍ୱାଇଁ ଅନାସ୍ଥା ଭୋଟରେ ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ୮ ନଂ. ୱାର୍ଡ କାଉନସିଲର୍ ପ୍ରଗତି ପାତ୍ର ଅନୁପସ୍ଥିତ ଥିଲେ। ଭୋଟ୍ ଗ୍ରହଣ ସମୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର ଏବଂ ବେଲଗୁଣ୍ଠା ନଗରପାଳ ଫିରୋଜ ସେଠୀ ଓ ପୋଲିସ ଟିମ୍ ସହ ବେଲଗୁଣ୍ଠା ଥାନାଧିକାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ପୌର ନିର୍ବାଚନ ବେଳେ ଟି.ବବିତା କୁମାରୀ ଭାଜପା ଛାଡ଼ି ବିଜେଡିରେ ମିଶିଥିଲେ। ନିର୍ବାଚନରେ ଏନଏସି ଅଧ୍ୟକ୍ଷ ପଦବୀ ସହ ସମସ୍ତ ୧୩ ୱାର୍ଡକୁ ବିଜେଡି ଦଖଲ କରିଥିଲା। ୭ ନଂ. ୱାର୍ଡ କାଉନସିଲର ଟି.ବବିତା କୁମାରୀ ଉପାଧ୍ୟକ୍ଷା ନିର୍ବାଚିତ ହୋଇଥିଲେ। କିନ୍ତୁ ସେ କୋଣଠେସା ହେଉଥିବା ଅଭିଯୋଗ ଆଣି ୨୦୨୪ ନିର୍ବାଚନ ସମୟରେ ବର୍ତ୍ତମାନର ସୋରଡ଼ା ବିଧାୟକ ନୀଳମଣି ବିଷୋୟୀଙ୍କ ଉପସ୍ଥିତିରେ ବିଜେଡି ଛାଡି ଭାଜପାରେ ମିଶିଥିଲେ। ତାଙ୍କର ଆଗାମୀ କାର୍ଯ୍ୟପନ୍ଥା କ'ଣ ରହିବ ସେ ନେଇ ବେଲଗୁଣ୍ଠାରେ ଚର୍ଚ୍ଚା ଜୋର୍ ଧରିଛି।

# ଭାଜପାରେ ମିଶିଲେ ୪ ସମିତିସଭ୍ୟ



ଭାଜପାରେ ମିଶିଥିବା ସମିତିସଭ୍ୟମାନଙ୍କ ଗହଣରେ ବିଧାୟକ ।

ଆସିକା,୧୮।୧୧
(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ଜୋର୍‌ଦାର ଚାଲିଛି। ସୋମବାର ଆସିକା ବ୍ଲକ ଅନ୍ତର୍ଗତ ୪ ପଞ୍ଚାୟତର ସମିତିସଭ୍ୟ ଭାଜପାରେ ସାମିଲ ହୋଇଛନ୍ତି। ବାଲିସିରାସ୍ଥିତ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଯୁବନେତା ଶିବ ନାହାକଙ୍କ ନେତୃତ୍ୱରେ ହୋଇଥିବା ସମାବେଶରେ ବାବନପୁର ସମିତିସଭ୍ୟ ସନ୍ତୋଷ ଜେନା, ସିଦ୍ଧନଈ ସମିତିସଭ୍ୟ ରାଜୀବ ପାତ୍ର, ନିମିନା ସମିତିସଭ୍ୟଙ୍କ ସ୍ୱାମୀ ଶଶାଙ୍କ ଚର୍ଚ୍ଚି ଏବଂ ବାଲିଛାଇର ସମିତିସଭ୍ୟଙ୍କ ସ୍ୱାମୀ ହେମନ୍ତ ଗୌଡ଼ ସେମାନଙ୍କ ସମର୍ଥକଙ୍କୁ ନେଇ ଭାଜପାରେ ମିଶିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଏବଂ ଆସିକା ବିଧାୟକ ସରୋଜ ପାଢୀଙ୍କ ଉପରେ ଦୃଢ଼ ଆସ୍ଥା ଓ ଭରସା ରଖିବା ସହ ଭାଜପାର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଦଳ ପରିବର୍ତ୍ତନ କଲେ ବୋଲି କହିଛନ୍ତି । ଏହି ଅବସରରେ ବିଧାୟକ ପାଢୀ ନିମିନା ଓ କେନ୍ଦୁପଦର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଶୋଭାଯାତ୍ରାରେ ଯାଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ । ଆଗାମୀ ଦିନରେ ସମଗ୍ର ରାଜ୍ୟ ଗେରୁଆ ରଙ୍ଗ ହୋଇଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କବିସୂର୍ଯ୍ୟନଗର ବ୍ଲକର ଭାରପ୍ରାପ୍ତ ଅଧ୍ୟକ୍ଷ ବୀରେନ୍ଦ୍ର ଖଟାଇ, ବରିଷ୍ଠ ଭାଜପା ନେତା ଶିବ ନାହାକ, ବିଜୟ ସ୍ୱାଇଁ, ବିଧାୟକ ପ୍ରତିନିଧି ସନ୍ଦୀପ ପାଢୀ, ଅନିଲ ପରିଡା, ଡ. ରାଧାଚରଣ ସାହୁ ପ୍ରମୁଖ ସାମିଲ ଥିଲେ ।


**OFFICE OF THE**
**REGULATED MARKET COMMITTEE, KANTABANJI**
At/P.O.: Kantabanji, Dist.: Balangir, Odisha - 767039
Email Id: rmckantabanji118@gmail.com
**Short Quotation Call Notice No. 22 Date: 16.11.2024**
No. H-40: Short quotations are invited from eligible Original Equipment Manufacturers (OEMs) or their authorized sellers/dealers for the supply of grading equipment to RMC, Kantabanji.
The sealed quotation should reach to the office of the undersigned before 12.00 P.M. on Date: 22.11.2024 which may be placed in the designated sealed tender box or sent via Registered Post/Speed Post, addressed to The Chairmam, Regulated Market Committee, Kantabanji, Dist.: Balangir, Odisha - 767039.
The details notification of the quotation can be downloaded from NIC website i.e. **https://balangir.odisha.gov.in**.
**Sd./- Sub-Collector, Titilagarh-cum-Chairman, RMC, Kantabanji**
OIPR-01509/11/0002/2425

**SCHOOL & MASS EDUCATION DEPARTMENT**
**OFFICE OF THE DISTRICT PROJECT COORDINATOR, SS, BOUDH**
E-mail Id: dpcboudhssa.opepa@nic.in
**DETAILED TENDER CALL NOTICE**
**BID IDENTIFICATION No. 01/BDH/2024-25 Dt.16.11.24**
No. n-159: The District Project Coordinator, SS, Boudh on behalf of the Governor of Orissa invites percentage rate bid in single cover system for the works as detailed in the table, from the class of eligible contractors as mentioned in Col. 6 (Six), registered with the State Government and contractors of equivalent grade/class registered with Central Government/MES/Railway, to be eventually drawn up in PWD' P-1 form, for execution of Building (Civil Work, PH Work & Electrical Work). The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PW Inappropriate class of eligibility before signing the agreement. Bidders may submit bids for any or all the following work.

| Sl. No. | Name of the Project & Location | Approx. Cost (In Rs.) Excluding GST | EMD, Bid Security @ 1% | Cost of Tender Paper | Class of Contractor | Time required for Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Repair renovation of KGBV Hostel Building at Balasinga, Boudh Blcok | Rs.1606114/- | Rs.16100/- | Rs.6,000/- | "D" & "C" | 03 (Three) Calendar Months |
| 2 | Repair renovation of KGBV Hostel Building at Palsagora, Kantamal Block | Rs.1986308/- | Rs.19900/- | Rs.6,000/- | "D" & "C" | 03 (Three) Calendar Months |
| 3 | Repair renovation of KGBV Hostel Building at Purunakatak, Harabhanga Block | Rs.1946331/- | Rs.19500/- | Rs.6,000/- | "D" & "C" | 03 (Three) Calendar Months |

1. The sale of the bid document shall start from **Dt.20.11.2024 to 02.12.24 between 10.30 A.M. to 5 P.M. during office hours** in the office of the **District Project Coordinator, SS, Boudh,** (2) The last date of submission of tender paper is 02.12.24 upto 5 P.M., (3) The opening of tender paper is 03.12.24 at 11 A.M. at Office of the Collector, Boudh, (4) The terms and conditions of tender is available in the DTCN in the Notice Board or visit website **http://www.boudh.odisha.gov.in** during this period. The cost of tender documents should be deposited in shape of Demand Draft in favour of District Project Coordinator, SS, Boudh payable at Boudh.
OIPR-27176/11/0002/2425 **Sd./- District Project Coordinator, SS, Boudh**

**DISTRICT PROJECT MANAGEMENT UNIT - ECRICC PROJECT**
**OFFICE OF THE DIVISIONAL FOREST OFFICER**
**MANGROVE FOREST DIVISION (WILDLIFE), RAJNAGAR**
At/P.O.: Rajnagar, Dist.: Kendrapara - 754225
**ADVERTISEMENT NOTICE FOR RECRUITMENT OF SMS-AGRICULTURE FOR "Enhancing Climate Resilience of India's Coastal Communities (ECRICC)" PROJECT UNDER DFO, Mangrove Forest Division (WL), Rajnagar, Kendrapara**
No. MM-247: CVs in prescribed format are invited from the interested candidates for recruitment of Subject Mater Specialist - Agriculture for the above said project. The SMS-Agriculture will be based at District Project Management Unit (DPMU), O/o. DFO MFD (WL) Rajnagar, Kendrapara and will be responsible for implementation of Project activities in the Project Landscapes of Bhitarkanika & Mahanadi Mouth under DFO, MFD (WL) Rajnagar Division. The initial engagement period will be for 1 year and subject to extension upon satisfactory performance. The detailed ToR, eligibility criteria, remuneration, application format, etc. are available at **https://kendrapara.odisha.gov.in** from 21st November to 10th December 2024 (5.30 P.M.)
The signed copy of the application form along with photocopy of necessary educational & experience documents are to reach the **O/o. DFO MFD (WL) Rajnagar, Kendrapara latest by 5 P.M. of 10th Decmber 2024** through Registered/ Speed Post/Courier only. No other mode of communication will be entertained. The incomplete or applications received after due date and time will summarily be rejected and not to be considered for further processing.
The undersigned reserves the right to accept or reject any or all applications or to postpone the selection process without assigning any reason thereof.
**Sd./- Divisional Forest Officer MFD (WL), Rajnagar-cum-Nodal Officer, ECRICC Project, Kendrapara**
OIPR-08053/11/0015/2425

ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
A Government of India Undertaking
**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ଼, କଟକ - ୭୫୩୦୦୧
**ଡିମାଣ୍ଡ ନୋଟିସ୍**
ଆମର ବକ୍ସବାଟି ରୋଡ଼ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ
ଆମେ ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାରଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ [illegible]

| ବକ୍ସବାଟି ରୋଡ଼ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ପ୍ରକାର/ ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ପାନିକ ଭୁଏ, [illegible] | [illegible] ଟ.୨୦,୦୦,୦୦୦/- | [illegible] ଟ.୧୯,୬୦,୩୪୦.୦୭ +ଅନ୍ୟାନ୍ୟ [illegible] | ଶ୍ରୀ ପାନିକ ଭୁଏ, [illegible] |

[illegible]

ତାରିଖ: ୧୮.୧୧.୨୦୨୪, ସ୍ଥାନ: କଟକ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ

**GOVERNMENT OF ODISHA, "e" PROCUREMENT NOTICE**
**WORKS DEPARTMENT**
No.B-595
E-mail : ceroads.bbsr@gmail.com
**RFP Identification No. CE-Roads-I-01/2024-25**

| | | | |
|---|---|---|---|
| 1 | The Chief Engineer, Roads-I, Odisha (Authority) on behalf of the Works Department, Govt. of Odisha is engaged in the Development of State Roads and Highways in Odisha and as part of this endeavour, Govt. of Odisha has decided to undertake the following "Projects" under EPC Contract (Engineering, Procurement and Construction) basis and has decided to carry out the bid process for selection of the parties/Joint Ventures to whom the Project may be awarded eventually. | | |
| 2 | Nature of Project | : | Road work |
| 3 | No. of Project | : | 2 Nos. |
| 4 | Tender Paper cost | : | Rs. 10,000.00 |
| 5 | Class of Contractor | : | Super Class |
| 6 | Available of bid document in the website | : | From 10.00 A.M. of 21.11.2024 to 5.30 P.M. of 11.12.2024 |
| 7 | Date of Pre-Application conference | : | 03.12.2024 at 12.30 P.M. |
| 8 | Date of opening of Bid | : | Dt. 12.12.2024 at 11.30 A.M. |
| 9 | The bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website. | | |

Sd./-
OIPR-34179/11/0011/2425 **Chief Engineer (Roads-I), Odisha**

## ଜାଲରୁ ଅଜଗର ଉଦ୍ଧାର

ସୋର,(ଜନ୍ମେଜୟ ମିଶ୍ର)-ସୋର ବ୍ଲକ ପାଟଣା ଗ୍ରାମରେ ନଈରେ ବସାଯାଇଥିବା ଜାଲରୁ ଏକ ୬ଫୁଟ ଲମ୍ବର ଅଜଗରକୁ ଉଦ୍ଧାର କରାଯାଇଛି। ରବିବାର ମୁଲିସିଂ ପାଟଣା ଗ୍ରାମ ନିକଟ ନଈରେ ବାଇଧର ନାୟକ ମାଛ ଧରିବା ପାଇଁ ଜାଲ ଟାଙ୍ଗିଥିଲେ। ମଙ୍ଗଳବାର ବାଇଧର ଜାଲ ଉଠାଇବାକୁ ଯାଇଥିବା ବେଳେ ଏଥିରେ ଅଜଗର ଲାଗିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ତାଳପଦା ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ପହଞ୍ଚି ସାପକୁ ଉଦ୍ଧାର କରିବା ସହିତ କୁଳଡିହା ଅଭୟାରଣ୍ୟରେ ଛାଡ଼ିଛି।

**ବାଲେଶ୍ୱର**

### ଶିକ୍ଷାବର୍ଷ ଆରମ୍ଭକୁ ୭ ମାସ ପୂରିଲା

# ତଥାପି ଛାତ୍ରୀଛାତ୍ରଙ୍କୁ ମିଳିଲାନି ପୋଷାକ

ଖଇରା, ୧୮।୧୧(ଉତ୍କଳବନ୍ଧୁ ପଣ୍ଡା)




ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ।

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ଶିକ୍ଷା ବର୍ଷ ଆରମ୍ଭ ହେବା ୭ ମାସରୁ ଅଧିକ ହୋଇଗଲାଣି । ହେଲେ ଏ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ମିଳିପାରିଲାନି। ସେପଟେ କିଛି ପିଲା ପୁରୁଣା ପୋଷାକ ପିନ୍ଧି ଆସୁଥିବା ବେଳେ ଆଉ କିଛି ଗରିବ ଶ୍ରେଣୀର ପିଲା ଛିଣ୍ଡା ପୋଷାକ ପିନ୍ଧି ବିଦ୍ୟାଳୟକୁ ଆସୁଛନ୍ତି। ପୋଷାକ ଯୋଗାଇବାକୁ ଖଇରା ବ୍ଲକରେ ନିଯୁକ୍ତ ବ୍ୟବସାୟୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକ ନିର୍ଦ୍ଧାରିତ ସମୟ ସୀମା ଅତିକ୍ରାନ୍ତ ପରେ ମଧ ପୋଷାକ ଯୋଗାଇବାରେ ଅକ୍ଷମ । ଆଉ କିଛି ବ୍ୟବସାୟୀ ଅତ୍ୟନ୍ତ ନିମ୍ନମାନର କପଡା ବ୍ୟବହାର କରିଥିବା କାରଣରୁ ପ୍ରଧାନଶିକ୍ଷକମାନେ ବଦନାମ ଭୟରେ ପୋଷାକ ଗ୍ରହଣ ପାଇଁ ଅରାଜି ହେଉଛନ୍ତି। ତୁରନ୍ତ ଜିଲାପାଳ, ଗଣଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ଡ୍ରେସ ଯୋଗାଣରେ ବାଧକ ସାଜିଥିବା ଏଜେନ୍ସି , ଶିକ୍ଷା ବିଭାଗ ଓ ସଫଳ ରୂପାୟନ ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଭାବକମାନେ ଦାବି କରିଛନ୍ତି।

ବାଲେଶ୍ୱର ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ସମଗ୍ର ଶିକ୍ଷା ପକ୍ଷରୁ ଚିଠି ସଂଖ୍ୟା ୩୫୭୪ ତା ୨୧।୧୦।୨୪ରିଖରେ ଖଇରା ବ୍ଲକ ଶିକ୍ଷାଧିକାରୀଙ୍କୁ ଦିଆଯାଇଥିବା ପତ୍ରରେ ବ୍ଲକର ୨୪୪ ପ୍ରାଥମିକ ଓ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପାଇଁ ବ୍ଲକସ୍ତରୀୟ କମିଟି ପକ୍ଷରୁ ପୋଷାକ ପ୍ରସ୍ତୁତି ପାଇଁ ନିଯୁକ୍ତ ହୋଇଥିବା ୩୧ ବ୍ୟବସାୟୀ ଓ ୯୧ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଚୁକ୍ତି ମାଧମରେ ପୋଷାକ ପ୍ରଦାନ ପାଇଁ ଉଲ୍ଲେଖ କରାଯାଇଥିଲା । ନଭେମ୍ବର ୫ତାରିଖ ପୂର୍ବରୁ ବିଦ୍ୟାଳୟଗୁଡିକୁ ଯେଭଳି ଡ୍ରେସ ମିଳିବ ସେଥିପାଇଁ ପଦକ୍ଷେପ ନେବାକୁ କୁହାଯାଇଛି । ପ୍ରତ୍ୟେକ ପିଲା ପାଇଁ ୨ହଳ ଡ୍ରେସ ବାବଦକୁ ୫ଶହ ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ

### ଆନ୍ଦୋଳନ ପାଇଁ କଂଗ୍ରେସର ଚେତାବନୀ

ପୋଷାକ ତିଆରି ଓ ବଣ୍ଟନରେ ଅନିୟମିତତାକୁ ନେଇ ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ସିମୁଳିଆ ଭାଜପାର ତୁଙ୍ଗନେତା ଓ ବ୍ଲକ ପ୍ରଶାସନକୁ ଟାର୍ଗେଟ କରିଛନ୍ତି। କେବଳ ମୁହଁରେ ଦୁଃଖିନୀ ଖଇରା କହି ଖାଲି ଡ୍ରେସ ନୁହେଁ ଜିତିବା ଦିନଠାରୁ ସବୁ ଯୋଜନା ଓ ସବୁ ବିଭାଗରୁ ମୋଟା ଅଙ୍କର ଅର୍ଥ ହରିଲୁଟ କରିଚାଲିଛନ୍ତି । ଅଳ୍ପଦିନ ମଧ୍ୟରେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

### ଖଇରା ବ୍ଲକ

ଖଇରା ବ୍ଲକର ୧୯ହଜାର ୮୫୩ଜଣ ଛାତ୍ରୀଛାତ୍ର ଏଥିରେ ଉପକୃତ ହେବା କଥା। ହେଲେ ଏ ପର୍ଯ୍ୟନ୍ତ ଡ୍ରେସ ବଣ୍ଟନ କରା ନ ଯିବାରେ ଅଭିଭାବକ ଓ ପିଲାମାନେ ଅନିଶ୍ଚିତତା ଦେଇ ଗତି କରୁଛନ୍ତି। ମାତ୍ର ୫ ପ୍ରତିଶତ ବିଦ୍ୟାଳୟ ଡ୍ରେସ ପାଇବାକୁ ସକ୍ଷମ ହୋଇଥିଲେ ହେଁ ୯୫ ପ୍ରତିଶତ ବିଦ୍ୟାଳୟର ପିଲାମାନେ ଡ୍ରେସ ପାଇଁ ଚାତକ ଭଳି ଚାହିଁ ରହିଛନ୍ତି । ସେପଟେ ବହୁ ବ୍ୟବସାୟୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କର ନିଜର ଟେଲରିଂ ୟୁନିଟ ନ ଥିବା ବେଳେ ସେମାନେ କୋଲକାତାରୁ ରଦି କପଡାର ଡ୍ରେସ କିଣି ବିଦ୍ୟାଳୟକୁ ଦେବାକୁ ଉଦ୍ୟମ କରୁଥିବାରୁ ପ୍ରଧାନଶିକ୍ଷକମାନେ ଏଥିରେ ରାଜି ନ ଥିବା ଜାଣିବାକୁ ମିଳିଛି। ସେପଟେ ଡ୍ରେସ ପିଛା ୬୦ଟଙ୍କା ଲେଖାଏଁ ନେତା ଓ ଅଧିକାରୀଙ୍କୁ ଦେବାକୁ ପଡୁଥିବାରୁ ପୋଷାକର ମାନରେ ବୁଝାମଣା କରିବାକୁ ପଡୁଥିବାର କିଛି ବ୍ୟବସାୟୀ ନାମ ଗୋପନ ରଖି କହିଛନ୍ତି। ବ୍ଲକ ଶିକ୍ଷାଧିକାରୀ ଗଦାଧର ଦାସଙ୍କୁ ଯୋଗାଯୋଗ କରିବାରେ ସେ କିଭଳି ଶୀଘ୍ର ଡ୍ରେସ ଦିଆଯାଇପାରିବ ଏହା ଉପରେ ମନିଟରିଂ କରୁଥିବା କହିଛନ୍ତି।

# ଯୋଗଦେଲେ ୨୧୦ ଗବେଷକ-ବିଦ୍ୟାର୍ଥୀ

### 'ଗବେଷଣା ଓ ପ୍ରକାଶନ ଶିଳାଚାର' କର୍ମଶାଳା

ବାଲେଶ୍ୱର, ୧୮।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ 'ଗବେଷଣା ଓ ପ୍ରକାଶନ ଶିଳାଚାର' ବିଷୟ ସମ୍ବନ୍ଧୀୟ ୫ ଦିନିଆ କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନରେ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ପିଏଚ୍‌ଡି ଗବେଷଣା ପଞ୍ଜୀକରଣ ନିମିତ୍ତ କୋର୍ସୱାର୍କ୍ କରୁଥିବା ଗବେଷକ ବିଦ୍ୟାର୍ଥୀଙ୍କ ପାଇଁ ଏହି କର୍ମଶାଳା ଉଦ୍ଦିଷ୍ଟ।

ଏହି କର୍ମଶାଳାରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ପିଏଚ୍‌ଡି ଏକ ଉଚ୍ଚତର ଗବେଷଣା କାର୍ଯ୍ୟ। ଏହି ଗବେଷଣା କାର୍ଯ୍ୟ, ଏହାର ଆବଶ୍ୟକତାକୁ ଠିକ୍ ଭାବେ ବୁଝିବା, ଅଧ୍ୟୟନ କରିବା ଓ ଲେଖିବା ହିଁ ଗବେଷଣା ଶିଳାଚାର ହୋଇପାରେ ବୋଲି ସେ କହିଥିଲେ। ଭିତ୍ତିପ୍ରବକ୍ତା ଭାବେ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଶରତ କୁମାର ପାଲିତା ଯୋଗଦେଇ ଗବେଷଣା ଶିଳାଚାର ବିଷୟରେ ସମ୍ପୂର୍ଣ୍ଣ ଅବଧାରଣା ନ ରହିଲେ ଗୁଣାତ୍ମକ ଓ ମୂଲ୍ୟବୋଧଯୁକ୍ତ ଗବେଷଣା କରିବା ସମ୍ଭବପର ନୁହେଁ ବୋଲି କହିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗଦେଇ ଏହି କର୍ମଶାଳା ଗବେଷକ-ବିଦ୍ୟାର୍ଥୀଙ୍କ ପାଇଁ ମେଧାଶକ୍ତି ବିକାଶରେ ସହାୟକ ବୋଲି ମତବ୍ୟକ୍ତ କରିଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅଧାପିକା ଡ. ରାଜଶ୍ରୀ ଦତ୍ତ କାର୍ଯ୍ୟକ୍ରମ ସଂଯୋଜନା ଓ ଉପନିର୍ଦ୍ଦେଶକ ଡ. ଦେବଦତ୍ତ ଦାସ ଧନ୍ୟବାଦ ଦେଇଥିଲେ। ଏହି କର୍ମଶାଳାରେ କୁଳପତି ତ୍ରିପାଠୀଙ୍କ ସମେତ ବହୁ ବିଷୟ ବିଶେଷଜ୍ଞ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କର୍ମଶାଳାରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରୁ ମୋଟ ୨୧୦ଜଣ ଗବେଷକ-ବିଦ୍ୟାର୍ଥୀ ଅଂଶଗ୍ରହଣ କରିଛନ୍ତି।




କର୍ମଶାଳାରେ ଉପସ୍ଥିତ ଅତିଥିଗଣ।

# ଗାଁକୁ ଚାଲ ନାରା ଦେଲା ବିଜେଡି

ଭୋଗରାଇ, ୧୮।୧୧(ପ୍ରଦୀପ ଦାସ)

ଲୋକଙ୍କ ସ୍ୱାର୍ଥ ଲାଗି ବିଜେଡି ସଦାବେଳେ ଅଣ୍ଟା ଭିଡ଼ିଛି। ବିଜେଡି ସରକାରର ସମସ୍ତ ଜନହିତକର ଯୋଜନାକୁ ରଙ୍ଗ ବଦଳାଇ ଭାଜପା ସରକାର ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଚାଲିଛି। ଏଥିପାଇଁ ବିଜେଡି ଏଣିକି ଚୁପ୍ ହୋଇ ନ ବସି ଭାଜପା ସରକାରଙ୍କ ବିରୋଧରେ ଲଢ଼େଇ ଜାରି ରଖିବ ବୋଲି ବିଜେଡିର ଜନସମ୍ପର୍କ ପଦଯାତ୍ରାର ଉଦ୍‌ଯାପନୀ ସଭାରେ ନେତୃବୃନ୍ଦ ମତବ୍ୟକ୍ତ କରିଛନ୍ତି।

ଭୋଗରାଇ ବ୍ଲକ ହାଟପଡ଼ିଆଠାରେ ସୋମବାର ବିଜେଡି ଶାଖାର ସଭାପତି ରମାକାନ୍ତ କରଣଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଅମଳରେ ଭୋଗରାଇ ନିର୍ବାଚନମଣ୍ଡଳୀରେ ଯୁଗାନ୍ତକାରୀ ପ୍ରଗତି ଘଟିଛି ବୋଲି ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ଜନସ୍ୱାର୍ଥ ଯୋଜନା ଗ୍ରାମାଞ୍ଚଳର ପ୍ରତେକ ଘରେ ଘରେ ବାର୍ତ୍ତା ଓ ସଚେତନତା ଗଢି ତୋଳିବାକୁ ସମସ୍ତ କର୍ମୀ ଓ ନେତାମାନେ ବିଜେଡି ପତାକା ତଳେ ଏକ ହୋଇ ଅଣ୍ଟା ଭିଡ଼ନ୍ତୁ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଉଦ୍‌ଯାପନୀ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଜିଲା ଉପସଭାପତି ତପନ କୁମାର ପଣ୍ଡା, ଜିଲା ସାଧାରଣ ସମ୍ପାଦକ ଭୁବନାନନ୍ଦ ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ବ୍ଲକ କାର୍ଯ୍ୟକାରୀ ସଭାପତି ଗଣପତି ଗିରି ପ୍ରମୁଖ ପଦଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଅଭିମତ ପ୍ରକାଶ କରିଥିଲେ।

# ପୂର୍ବତନ ସହସମ୍ପାଦକଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ

### ରସାଳପୁର ସେବା ସମବାୟ ସମିତିରେ ଆର୍ଥିକ ହେରଫେର ମାମଲା

ବାଲେଶ୍ୱର, ୧୮।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଅଧୀନ ରସାଳପୁର ସେବା ସମବାୟ ସମିତିରେ ଆର୍ଥିକ ହେରଫେର ମାମଲାର ବିଚାର କରି ସୋମବାର ଭିଜିଲାନ୍ସ ସ୍ପେଶାଲ କୋର୍ଟ ଜଜ୍ ଲଳିତ କୁମାର ଦାଶ ପୂର୍ବତନ ସହ-ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ସୂଚନା ଯେ, ରସାଳପୁର ସେବା ସମବାୟ ସମିତିରେ ଗତ ୨୦୦୮ରେ ସହ-ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ ପୂର୍ଣ୍ଣଚନ୍ଦ୍ର ନାୟକ। ଏହି ସମୟରେ ସମିତି ପକ୍ଷରୁ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇ ଏଫ୍‌ସିଆଇକୁ ବିକ୍ରି ହୋଇଥିଲା। ଧାନ ବିକ୍ରି ବାବଦରେ ୬ଲକ୍ଷ ୧୫ହଜାର ଟଙ୍କାର ଚେକ୍ ସମିତି ନାମରେ ଇସ୍ୟୁ ହୋଇଥିଲା। ସହ-ସମ୍ପାଦକ ନାୟକ ନିଜକୁ ସମ୍ପାଦକର ପରିଚୟ ଦେଇ ଏଫ୍‌ସିଆଇଠାରୁ ଉକ୍ତ ଚେକ୍‌କୁ ଆଣିଥିଲେ। ବାଲେଶ୍ୱର-ଭଦ୍ରକ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କରେ ଉକ୍ତ ଚେକ୍‌କୁ ଜମା କରି ନ ଥିଲେ। ମିଥ୍ୟା କାଗଜପତ୍ର ଦାଖଲ କରି ସେ ଇଣ୍ଡସିଓଇଣ୍ଡ ବ୍ୟାଙ୍କରେ ସମିତି ନାମରେ ଏକ ଖାତା ଖୋଲି ଏହି ଚେକ୍‌କୁ ଜମା କରିଥିଲେ। ପରେ ଅନ୍ୟ ଦୁଇଜଣଙ୍କ ସହ ନିଜ ନାମରେ ଏହି ଟଙ୍କାକୁ ଉଠାଣ କରିଥିଲେ ହେଁ ସମିତି ରେକର୍ଡରେ ଏହାକୁ ଦର୍ଶାଇ ନ ଥିଲେ। ସମିତିର ଏହି ଆର୍ଥିକ ହେରଫେର ଓ ଅନିୟମିତତା ଅଭିଯୋଗ ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ. ୩୫/୨୦୦୮) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ତଦନ୍ତ ପୂର୍ବକ ଚାର୍ଜଶିଟ୍ ଦାଖଲ ହୋଇଥିଲା। ସମସ୍ତ ସାକ୍ଷୀ ଓ ପ୍ରମାଣକୁ ଭିତ୍ତି କରି ବିଚାରପତି ଦାଶ, ଦୋଷୀଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଧାକାନ୍ତ ମହାପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

# ଯୁବକଙ୍କ ଆତ୍ମହତ୍ୟା

ବାଲେଶ୍ୱର,୧୮।୧୧(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅଧୀନ ଲଛମନଖୁଣ୍ଟା ଗ୍ରାମର ଜଣେ ଯୁବକ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଏହି ଗ୍ରାମର ହେଣ୍ଡା ମୁର୍ମୁ (୨୨)।

ସେ ଚେନ୍ନାଇର ଏକ ଘରୋଇ କମ୍ପାନୀରେ ଚାକିରୀ କରୁଥିଲେ। କିଛିଦିନ ହେବ ଛୁଟି ନେଇ ଗାଁକୁ ଆସିଥିଲେ। କୌଣସି କାରଣରୁ ସେ ମାନସିକ ଭାରସାମ୍ୟ ହରାଇ ଶନିବାର ରାତିରେ ଗାଁ ନିକଟ ଏକ ଆମ୍ବଗଛରେ ଫାଶୀ ଦେଇ ଆତ୍ମହତ୍ୟା କରିଥିଲେ। ରବିବାର ସକାଳେ ଗାଁ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ରୂପସା ଥାନା ପୋଲିସ ପହଞ୍ଚି ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୪) ରୁଜୁ ହୋଇଛି।

**ମୟୂରଭଞ୍ଜ**

### ଅପହୃତା ନାବାଳିକା ଉଦ୍ଧାର

ମୋରଡା,୧୮।୧୧(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ପୋଲିସ ଅପହୃତା ଜଣେ ନାବାଳିକାଙ୍କୁ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ଉକ୍ତ ଥାନା ଅଞ୍ଚଳର ଉକ୍ତ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ନେଇ ପରିବାର ଲୋକେ ମୋରଡା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୩୪୧/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା। ନାବାଳିକାଙ୍କୁ ପଶ୍ଚିମବଙ୍ଗର ଦାନ୍ତୁନ ଅଞ୍ଚଳରୁ ଉଦ୍ଧାର ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି।

# ୬୪ ବିଶ୍ୱବିଦ୍ୟାଳୟରୁ ଭାଗନେବେ ୯୦୦ ପ୍ରତିଯୋଗୀ

### ଆଜିଠାରୁ ପୂର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା

ବାରିପଦା,୧୮।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାର ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ ପୂର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରୀୟ ପୁରୁଷ ଭଲିବଲ ଟୁର୍ନାମେଣ୍ଟ ମଙ୍ଗଳବାରଠାରୁ ଆରମ୍ଭ ହେବ। ୩ଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡ଼ା ମହାକୁମ୍ଭରେ ପୂର୍ବ ଭାରତର ୬୪ଟି ବିଶ୍ୱବିଦ୍ୟାଳୟର ପାଖାପାଖି ୯୦୦ ଖେଳାଳି ଓ ମ୍ୟାଚ ଅଧିକାରୀ ଅଂଶ ଗ୍ରହଣ କରିବେ। ଏ ନେଇ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୂର୍ବ ଭାରତର ୬୪ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ଓଡ଼ିଶାରୁ ୧୩ଟି, ଛତିଶଗଡ଼ରୁ ୧୦ଟି, ପଶ୍ଚିମବଙ୍ଗରୁ ୯ଟି, ବିହାରରୁ ୧୦ଟି, ଉତ୍ତରପ୍ରଦେଶରୁ ୬ଟି, ଝାଡ଼ଖଣ୍ଡରୁ ୭ଟି, ମଣିପୁରରୁ ୨ଟି, ଆସାମରୁ ୩ଟି, ତ୍ରିପୁରାରୁ ୨ଟି, ମିଜୋରାମ ଓ ସିକିମରୁ ଗୋଟିଏ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମେତ ଅନ୍ୟମାନେ।

ଏହି କ୍ରୀଡ଼ା ମହାକୁମ୍ଭ ଜରିଆରେ ବିଶ୍ୱବିଦ୍ୟାଳୟ ମଧ୍ୟରେ ବନ୍ଧୁତା ସ୍ଥାପନ କରିବା ମୁଖ୍ୟ ଉଦ୍ଦେଶ୍ୟ ରହିଛି ବୋଲି କୁଳପତି ପ୍ରଫେସର ତ୍ରିପାଠୀ କହିଛନ୍ତି। ପ୍ରତିଦିନ ମ୍ୟାଚଗୁଡ଼ିକ ସକାଳ ସାଢେ ୭ଟା ଏବଂ ଅପରାହ୍ନ ୩ଟାରେ ଖେଳାଯିବ । ମ୍ୟାଚର ଅଧଘଣ୍ଟା ପୂର୍ବରୁ ଟିମ୍‌ଗୁଡିକ ରିପୋର୍ଟ ପ୍ରଦାନ କରିବେ। ଉଦ୍‌ଘାଟନୀ ସମାରୋହ କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟାରେ ହେବାକୁ ଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତାକୁ ସଫଳ କରିବା ପାଇଁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, କୁଳସଚିବ ସହଦେବ ସମାଧିଆ, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପ୍ରଭଞ୍ଜନ ମଲ୍ଲିକ, ଉପ ନିର୍ଦ୍ଦେଶକ ଡ.ଶିଶିର ବେହେରା ଓ କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା, ଛାତ୍ରୀଛାତ୍ର, ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ, ଖେଳାଳି, ଜିଲାବାସୀ, ଜିଲାର ସମସ୍ତ ଅଧିକାରୀ ଓ କ୍ରୀଡାପ୍ରେମୀମାନଙ୍କ ସହଯୋଗ କାମନା କରାଯାଇଛି।

# ଅଭିରାମ ପରମହଂସ ଆଶ୍ରମ ପରିଦର୍ଶନ କଲେ ମନ୍ତ୍ରୀ



ଆଶ୍ରମ ପରିସରରେ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

ମୋରଡ଼ା,୧୮।୧୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ସୋମବାର ମୋରଡ଼ା ଗସ୍ତରେ ଆସି ଧାନଶୋଳଠାରେ ଥିବା ଠାକୁର ଅଭିରାମ ପରମହଂସ ଦେବଙ୍କ ଆଶ୍ରମ ପରିଦର୍ଶନ କରିଥିଲେ। ମନ୍ତ୍ରୀ ମହାପାତ୍ର ଆଶ୍ରମରେ ପହଞ୍ଚିବା ପରେ ପ୍ରଥମେ ଠାକୁରଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପରେ ଆଶ୍ରମର ଥିବା ସାଢ଼େ ୪ ଏକର ଜମିକୁ ପରିଦର୍ଶନ କରିଥିଲେ । ତେବେ ଆଗାମୀ ଦିନରେ ଉକ୍ତ ଆଶ୍ରମର ଉନ୍ନତୀକରଣ କରାଯିବ ଓ ଏହି ସ୍ଥାନ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇବ ବୋଲି ମନ୍ତ୍ରୀ କହିଥିଲେ।

### ମାତୃ କର୍ମଶାଳା, ଅଭିଭାବକ ବୈଠକ

ବାଙ୍ଗିରିପୋଷି,୧୮।୧୧(ସଞ୍ଜୟ କୁମାର ଅଗ୍ରୱାଲା): ବାଙ୍ଗିରିପୋଷି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟା ପ୍ରବାସିନୀ ନନ୍ଦିଙ୍କ ତତ୍ତ୍ୱାବଧାନରେ ମାତୃ କର୍ମଶାଳା,ବାଳିକା ଶିକ୍ଷା କର୍ମଶାଳା ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଙ୍ଗିରିପୋଷି ମେଡିକାଲ ଅଫିସର ଜ୍ୟୋତି ଶଙ୍କର ରାଉଳ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶିଶୁମାନେ କିପରି ନିଜର ସ୍ୱାସ୍ଥ୍ୟ ବିଷୟରେ ଯତ୍ନବାନ ହେବେ ସେ ବିଷୟରେ ପରାମର୍ଶ ଦେଇଥିଲେ। କମ୍ୟୁନିଟି ହେଲଥ୍ ଅଫିସର ମଧୁସ୍ମିତା ଗିରି ଶିଶୁର ବିକାଶରେ ମା'ମାନଙ୍କ ଭୂମିକା ବିଷୟରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ନନ୍ଦି ସ୍ୱାଗତଭାଷଣ ଦେଇଥିଲେ। ଶିଶୁବାଟିକା ପ୍ରମୁଖ ସାବିତ୍ରୀ ନାଏକ ଶିଶୁଶିକ୍ଷାର ସ୍ୱରୂପ ବିଷୟରେ କହିଥିଲେ। ପରିଚାଳନା ସମିତିର ସମ୍ପାଦକ ସଞ୍ଜୟ କୁମାର ଅଗ୍ରୱାଲା ଶିଶୁର ଜୀବନରେ ମା'ମାନଙ୍କର ଭୂମିକା ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ଆଚାର୍ଯ୍ୟ ଚନ୍ଦ୍ର ମୋହନ ନନ୍ଦ ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ବାଳିକା ଶିକ୍ଷା କର୍ମଶାଳାର ସଂକୁଳ ପ୍ରମୁଖ ପ୍ରଣତୀ ଦାସମହାପାତ୍ର ଓ ବିଦ୍ୟାଳୟ ପ୍ରମୁଖ ହରପ୍ରିୟା ମହାନ୍ତଙ୍କ ତତ୍ତ୍ୱବଧାନରେ ଝୋଟିଚିତା, ମୁରୁଜ ପ୍ରତିଯୋଗିତା ଓ ଖାଦ୍ୟ ପଦାର୍ଥ ପ୍ରଦର୍ଶନୀ ହୋଇଥିଲା। ଏଥିରେ ସମସ୍ତେ ଗୁରୁମା ଗୁରୁଜୀ ଓ ସେବିକାମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

# 'ବିକଶିତ ଓଡ଼ିଶା ଗଠନରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ'

### ଜିଲାସ୍ତରୀୟ ସମବାୟ ମହୋତ୍ସବ

ବାରିପଦା,୧୮।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନରେ ସୋମବାର ଜିଲାସ୍ତରୀୟ ସମବାୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନୀତ ଅତିଥିଭାବେ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି ଓ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ। ବିକଶିତ ଓଡ଼ିଶା ଗଠନରେ ସମବାୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଡେପୁଟି ରେଜିଷ୍ଟ୍ରାର୍ ସମବାୟ ସମିତି କୃଷ୍ଣଚନ୍ଦ୍ର ଦାସ ଜିଲାରେ ସମବାୟ ସମିତି ଦ୍ୱାରା ହୋଇଥିବା ବିଭିନ୍ନ କାର୍ଯ୍ୟ ବିଷୟରେ ବିବରଣୀ ପ୍ରଦାନ କରିଥିଲେ।

ଏହି ଅବସରରେ ସ୍କୁଲ ଏବଂ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହିତ ବିଭିନ୍ନ ସମବାୟ ସମିତିର ମୁଖ୍ୟ ମାନଙ୍କ ସହିତ ଆଗାମୀ ଯୋଜନା ବିଷୟରେ ପୁଙ୍ଖାନୁପୁଙ୍ଖ ମତାମତ ଗ୍ରହଣ କରାଯାଇ ଆଗକୁ କିଭଳି ଉନ୍ନତମାନର କାର୍ଯ୍ୟ ଜିଲାରେ ହୋଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ବାଘୁଆପାଳ-ସିଂହଟିଆ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ

- ୮ବର୍ଷର ସଂଗ୍ରାମ ବାସ୍ତବ ରୂପ ନେବ
- ୪୩ କୋଟି ୯୦ ଲକ୍ଷରେ ନିର୍ମାଣ ହେବ

ବାରିପଦା,୧୮।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଶିଆଳୀଘାଟି ପଞ୍ଚାୟତ ବାଘୁଆପାଳ-ସିଂହଟିଆକୁ ସଂଯୋଗ ନିମନ୍ତେ ବୁଢ଼ାବଳଙ୍ଗ ନଦୀରେ ସୁଉଚ୍ଚ ସେତୁ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଉପସ୍ଥିତ ରହି ଏହାର ଶିଳାନ୍ୟାସ କରିଛନ୍ତି। ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪୩ କୋଟି ୯୦ ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ଏହି ସେତୁ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ବିଭାଗ ସୂଚନା ଦେଇଛି।

ଏହି ସେତୁ ନିର୍ମାଣ ପରେ ଅଞ୍ଚଳବାସୀ ଗମନାଗମନ ସୁବିଧା ପାଇପାରିବେ। ଜଳବନ୍ଦୀରୁ ମୁକ୍ତି ପାଇବା ଓ ଜରୁରିକାଳୀନ ସେବା ପାଇବା ନିମନ୍ତେ ଦୀର୍ଘ ୮ବର୍ଷ ହେଲା ଅଞ୍ଚଳବାସୀ ଯେଉଁ ଦାବି କରି ଆସୁଥିଲେ ତାହା ବାସ୍ତବ ରୂପ ନେବାକୁ ଯାଉଥିବା ଭିତିପ୍ରସ୍ତର ସ୍ଥାପନରୁ ଜଣାପଡ଼ିଛି । ୩ ପଞ୍ଚାୟତ ଅଧୀନ ୮ଗ୍ରାମର ହଜାର ହଜାର ଲୋକ ଉପକୃତ ହେବା ସଙ୍ଗେ ସଙ୍ଗେ ଆର୍ଥିକ ବିକାଶରେ ଉନ୍ନତି ଘଟିବ ବୋଲି ଆଶା ସଞ୍ଚାର ହୋଇଛି। ଏହି ପୋଲ ନିର୍ମାଣ ହେଲେ ବ୍ଲକ ମୁଖ୍ୟାଳୟକୁ ସୁରୁଖୁରୁରେ ଯାତାୟାତ କରିବା ସହ ଜରୁରିକାଳୀନ ସେବା ପାଇବାରେ ସୁବିଧା ହୋଇପାରିବ । ଉକ୍ତ ପୋଲ ନିର୍ମାଣ ପାଇଁ ୪୯ କୋଟି ୬୫ ଲକ୍ଷ ଟଙ୍କା ଟେଣ୍ଡର ହୋଇଥିବା ବେଳେ ଜିଏସ୍‌ଟି ଓ ଅନ୍ୟାନ୍ୟ ଦେୟ ବାବଦରେ କଟିଯାଇ ମୋଟ ୪୩ କୋଟି ୯୦ ଲକ୍ଷ ଟଙ୍କାରେ ନିର୍ମାଣ ହେବ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଛନ୍ତି। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି । ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ୨୩ନଂ. ଜୋନ ଜିଲାପରିଷଦ ସଦସ୍ୟା ସୁବାସିନୀ ନାଏକ, ବଡ଼ସାହି ବ୍ଲକ ଅଧ୍ୟକ୍ଷା ମୀନତି ସିଂ, ଅବସରପ୍ରାପ୍ତ ଶିକ୍ଷକ ଶିରିଶ ଚନ୍ଦ୍ର ଗିରି, ରତିକାନ୍ତ ବେହେରା, ନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରମୁଖ ମଞ୍ଚାସୀନ ହୋଇ ବାଘୁଆପାଳ ଗ୍ରାମବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବାକୁ ଯାଉଥିବା ନେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭବାନୀ ଶଙ୍କର ସାହୁ, ବାଦଲ ଗିରି, ଦୀପକ ବାରିକ, ରତି ବେହେରା, ଦିଲ୍ଲୀପ ବିଶ୍ୱାଳ, ସୁନୀଲ କୁମାର ଦାଶ, ରାଜକିଶୋର ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ ।

# ଦିନକରେ ଭିଜିଲାନ୍ସ ଜାଲରେ ୩ ସରକାରୀ ବାବୁ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୋଟିଏ ପରେ ଗୋଟିଏ ସରକାରୀ ବାବୁ ଧରାପଡୁଛନ୍ତି। ଭିଜିଲାନ୍ସ ଚଢ଼ାଉ ପରେ ସେମାନଙ୍କଠାରୁ ଜବତ ହେଉଥିବା ଅମାପ ସମ୍ପତ୍ତି ସମସ୍ତଙ୍କୁ ଚକିତ କରୁଛି। ଏହି କ୍ରମରେ ସୋମବାର ଗୋଟିଏ ଦିନରେ ୩ ସରକାରୀ ବାବୁ ଭିଜିଲାନ୍ସ ଜାଲରେ ଧରାପଡିବା ପରେ ସେମାନଙ୍କ କଳା କାରନାମା ପଦାକୁ ଆସିଛି। ସେମାନଙ୍କ ମଧ୍ୟରେ ଜଣେ କାମାକ୍ଷାନଗର ଉପଜିଲାପାଳ ଥିବାବେଳେ ଆଉଜଣେ ଓପିଏଚ୍‌ଡବ୍ଲ୍ୟୁସିର ବ୍ରହ୍ମପୁର ଡିଭିଜନର ଡିଜିଏମ୍ ଏବଂ ଅନ୍ୟଜଣେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର ରହିଛନ୍ତି।**

## ୬ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ଡାକ୍ତର

ଭବାନୀପାଟଣା,୧୮।୧୧(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଅଶୋକ ଦାଶ ସୋମବାର ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି। ପ୍ରସବ ପାଇଁ ଆସିଥିବା ଜଣେ ମହିଳାଙ୍କ ସ୍ୱାମୀଙ୍କଠାରୁ ଚିକିତ୍ସା ବାବଦକୁ ୬ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ମିଳିଥିବା ସୂଚନା ଅନୁଯାୟୀ, ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମାଡିଙ୍ଗପଦର ଗାଁର ଗର୍ଭବତୀ ଲକ୍ଷ୍ମୀପ୍ରିୟା ମାଝୀଙ୍କ ଅସ୍ତ୍ରୋପଚାର କରିବା ନାଁରେ ଡାକ୍ତର ଦାଶ ସ୍ୱାମୀ ଲୋକେଶ ମାଝୀଙ୍କୁ ୬ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଲୋକେଶ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ସୋମବାର ପୂର୍ବାହ୍ନରେ ସେ ଲୋକେଶଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକିରହିଥିବା ଭିଜିଲାନ୍ସ ବିଭାଗ ତାଙ୍କୁ ମାଡିବସିଥିଲା। ଏହି ସମୟରେ ଡାକ୍ତରଙ୍କଠାରୁ ରଙ୍ଗବୋଳା ଟଙ୍କା ଜବତ କରିଥିଲା। ପରେ ଡାକ୍ତରଙ୍କ ସରକାରୀ କ୍ୱାର୍ଟର୍ସରେ ଭିଜିଲାନ୍ସ ବିଭାଗ ଚଢାଉ କରି ୯୬ ହଜାର ୯୫୦ ଟଙ୍କା ଜବତ କରିଛି। ସେହିପରି ଡାକ୍ତରଙ୍କ ନୟାଗଡ଼ଠାରେ ଥିବା ପୈତୃକ ଘରେ ମଧ୍ୟ ବିଭାଗ ଚଢ଼ାଉ କରିଛି। ଡାକ୍ତର ଦାଶଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି ପଚରାଉଚୁରା କରୁଥିବାବେଳେ ବର୍ତ୍ତମାନ ମଧ୍ୟ ତଦନ୍ତ ଚାଲିଥିବା ସୂଚନା ମିଳିଛି। ଏହି ଚଢ଼ାଉରେ କଳାହାଣ୍ଡି ଓ କୋରାପୁଟ ଭିଜିଲାନ୍ସ ଟିମ୍ ସାମିଲ ହୋଇଥିଲେ। ଏ ନେଇ କୋରାପୁଟ ଭିଜିଲାନ୍ସ ବିଭାଗରେ ଏକ ମାମଲା (ନଂ.୨୩/୨୦୨୪) ରୁଜୁ ହୋଇଛି।


ଡାକ୍ତର ଅଶୋକ ଦାଶ

## କାମାକ୍ଷାନଗର ଉପଜିଲାପାଳଙ୍କ ୧୦ସ୍ଥାନରେ ଚଢ଼ାଉ

ଭୁବନେଶ୍ୱର,୧୮।୧୧(ସତ୍ୟଜିତ୍ ରାଉତ)କାମାକ୍ଷାନଗର,(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଭିଜିଲାନ୍ସ ସ୍କାନରକୁ ଆସିବା ପରେ ତାଙ୍କ ସମ୍ପତ୍ତି ସାମ୍ରାଜ୍ୟର ଗୁମର ପଦାକୁ ଆସିଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୋମବାର ନାରାୟଣଙ୍କ ଘର ସମେତ ଖୋର୍ଦ୍ଧା, ଢେଙ୍କାନାଳ, ଭଦ୍ରକ, ମୟୂରଭଞ୍ଜ ଜିଲାର ୧୦ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକକାଳୀନ ଚଢ଼ାଉ ହୋଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ଜୋରାଡ଼ିଆ ଗ୍ରାମସ୍ଥିତ ସହଯୋଗୀଙ୍କ ଘର, ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଧଳପୁରସ୍ଥିତ ଅନ୍ୟଜଣେ ସହଯୋଗୀଙ୍କ ଘର, ଭଦ୍ରକ ବାରୁଆଣିରେ ଥିବା ସମ୍ପର୍କୀୟଙ୍କ ଘର, ଭଦ୍ରକ ବାସୁଦେବପୁରସ୍ଥିତ କପାଗାଡ଼ିଆ ଗ୍ରାମରେ ଥିବା ପୈତୃକ ଘର, କାମାକ୍ଷା ନଗରସ୍ଥିତ ସରକାରୀ କ୍ୱାର୍ଟର, କାର୍ଯ୍ୟାଳୟ ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ହେଉଛି। ଏଥିରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ୭ଜଣ ଡିଏସ୍‌ପି, ୩ ଇନ୍ସପେକ୍ଟର, ୮ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ସନ୍ଧ୍ୟା ସୁଦ୍ଧା ନାରାୟଣଙ୍କ ଘରୁ ନଗଦ ୧ ଲକ୍ଷ ୪୮ ହଜାର ୬୮୦ ଟଙ୍କା ସମେତ ବିପୁଳ ସମ୍ପତ୍ତି ଠାବ ହୋଇଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ନାରାୟଣଙ୍କ ଭୁବନେଶ୍ୱର ଝାରପଡ଼ାସ୍ଥିତ ୪ ହଜାର ୮୦୦ ବର୍ଗଫୁଟରେ ଥିବା ନିର୍ମାଣାଧୀନ ୩ ମହଲା କୋଠା, ଭଦ୍ରକ ଜିଲା କୁଆଁସରେ ୬ ହଜାର ୯୦୦ ବର୍ଗଫୁଟରେ ଥିବା ୩ ମହଲା କୋଠା, ଗୋଲପୁରରେ ୬ ହଜାର ୨୦୦ ବର୍ଗଫୁଟରେ ନିର୍ମାଣାଧୀନ ଦୁଇ ମହଲା କୋଠା ଠାବ ହୋଇଛି। ସେହିପରି ଭୁବନେଶ୍ୱର, ଭଦ୍ରକ ଓ ପୁରୀରେ ୧୪ଟି ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଛି। ଏହି ପ୍ଲଟ୍‌ଗୁଡ଼ିକ ମଧ୍ୟରେ ଭୁବନେଶ୍ୱରରେ ୭, ଭଦ୍ରକରେ ୬ ଓ ପୁରୀ ଜିଲା ପିପିଲିରେ ଗୋଟିଏ ରହିଛି। କ୍ରୟ ସମ୍ବନ୍ଧିତ ଦଲିଲ୍‌ରେ ପ୍ଲଟଗୁଡ଼ିକର ମୂଲ୍ୟ ୧.୪ କୋଟି ଉଲ୍ଲେଖ ଥିବାବେଳେ ଏହାର ପ୍ରକୃତ ମୂଲ୍ୟ ବହୁ ଅଧିକ ହେବ ବୋଲି ଭିଜିଲାନ୍ସ ସନ୍ଦେହ କରୁଛି। ପ୍ଲଟ୍ ଓ କୋଠାର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ୱିଙ୍ଗ୍ ପ୍ରୟାସ ଜାରି ରଖିଛି। ସେହିପରି ବ୍ୟାଙ୍କ, ଜୀବନବୀମା ଓ ପୋଷ୍ଟାଲ ଜମା ୩୪ ଲକ୍ଷ ୫୭ ହଜାର ୫୨ ଟଙ୍କା ଥିବା ବେଳେ ଘରୁ ୩୬୬ ଗ୍ରାମର ଅଳଙ୍କାର, ଗୋଟିଏ ଦୁଇ ଚକିଆ ଯାନ ଠାବ ହୋଇଛି। ଭିଜିଲାନ୍ସ ଟିମ୍ ନାରାୟଣଙ୍କୁ ତାଙ୍କ ବିପୁଳ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ସରିବା ପରେ ଏହି ସମ୍ପତ୍ତିର ପରିମାଣ ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ତେବେ ନାରାୟଣଙ୍କ ଚାକିରି କାଳ ସମ୍ବନ୍ଧରେ ଭିଜିଲାନ୍ସ ପକ୍ଷରୁ ମଧ୍ୟ ସୂଚନା ଦିଆଯାଇଛି। ନାରାୟଣ ୧୯୯୭ରେ ଓପିଏସ୍‌ସି-ଓଏସ୍‌ସିଏସ୍ ଜରିଆରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ପରେ ସେ କଳାହାଣ୍ଡିରେ ଆସିଷ୍ଟାଣ୍ଟ ସେଟେଲ୍‌ମେଣ୍ଟ ଅଫିସର ଓ ଭବାନୀପାଟଣା ଅତିରିକ୍ତ ତହସିଲଦାର ଭାବେ ୧୯୯୯ରୁ ୨୦୦୪ ଯାଏ ୫ବର୍ଷ କାମ କରିଥିଲେ। ପରେ ନାରାୟଣ ବିଡିଓ ଭାବେ ଖରିଆର, ଦଶରଥପୁର ଓ ବାଲିଅନ୍ତା ବ୍ଲକରେ ୨୦୧୪ରୁ ୨୦୨୩ ଯାଏ କାମ କରିଥିଲେ। ୨୦୧୧ରେ ନାରାୟଣ ଓଏଏସ୍ କ୍ୟାଡରରେ ଯୋଗ ଦେଇଥିଲେ। ୨୦୨୩ରୁ ସେ କାମାକ୍ଷାନଗର ଉପଜିଲାପାଳ ଭାବେ କାମ କରୁଥିଲେ।


ଭଦ୍ରକ କୁଆଁସସ୍ଥିତ ତିନିମହଲା କୋଠା।

### ଘରୁ ମିଳିଲା ନଗଦ ୧.୪୮ ଲକ୍ଷ ଟଙ୍କା


ନାରାୟଣ ଚନ୍ଦ୍ର ନାୟକ

## ପଡ଼ୋଶୀଙ୍କ ଛାତକୁ ୧୦ ଲକ୍ଷ ଟଙ୍କା ଫିଙ୍ଗିଲେ ଓପିଏଚ୍‌ଡବ୍ଲ୍ୟୁସି ଡିଜିଏମ୍

ଭୁବନେଶ୍ୱର,୧୮।୧୧(ସତ୍ୟଜିତ୍ ରାଉତ)ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ (ଓପିଏଚ୍‌ଡବ୍ଲ୍ୟୁସି) ବ୍ରହ୍ମପୁର ଡିଭିଜନ୍‌ର ଡେପୁଟି ଜେନେରାଲ ମ୍ୟାନେଜର (ଡିଜିଏମ୍) ସୁବାସ ଚନ୍ଦ୍ର ପଣ୍ଡାଙ୍କ ଘର ସମେତ ଭୁବନେଶ୍ୱର ଓ ବ୍ରହ୍ମପୁରର ୪ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ବ୍ରହ୍ମପୁର ମେଡିକାଲ ବ୍ୟାଙ୍କ କଲୋନୀସ୍ଥିତ ଅଫିସ, ବ୍ରହ୍ମପୁର ଖାରବେଳନଗର ପ୍ରଥମ ଲେନ୍‌ସ୍ଥିତ ଭଡ଼ାଘର, ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବାଲିଯାତ୍ରା ପଡ଼ିଆ ନିକଟ ବରିମୁଣ୍ଡ ଗ୍ରାମସ୍ଥିତ ପୈତୃକ ଘର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟଙ୍କ ପକ୍ଷରୁ ଜାରି ହୋଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସର ୫ଜଣ ଡିଏସ୍‌ପି, ୭ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ସୁବାସଙ୍କ ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ଆଇଗିଣିଆ ଶଙ୍କରପୁର ମହାଦେବନଗରସ୍ଥିତ ୪ ହଜାର ବର୍ଗଫୁଟ ବିଶିଷ୍ଟ ପ୍ଲଟ୍ ନଂ.୧୧୦୫/୧୮୮୨ରେ ଥିବା ୩ ମହଲା କୋଠା ହୋଇଥିବାବେଳେ ଏଠାରୁ ସୁବାସ ଟଙ୍କା ଲୁଚାଇବାକୁ ଯାଇ ହଟହଟା ହୋଇଛନ୍ତି। ଭିଜିଲାନ୍ସ ଟିମ ଚଢ଼ାଉ କରିବା ଦେଖି ଡିଜିଏମ ପଣ୍ଡା ନଗଦ ୧୦ଲକ୍ଷ ଟଙ୍କା ଭର୍ତ୍ତି ଏକ ବ୍ୟାଗ୍ ପଡ଼ୋଶୀଙ୍କ ଛାତକୁ ଫିଙ୍ଗି ଦେଇଥିଲେ। ପରେ ଭିଜିଲାନ୍ସ ଅଧିକାରୀମାନେ ଏହି ଟଙ୍କାକୁ ଜବତ କରିଥିଲେ। ଏଥିସହ ଉକ୍ତ ଘରୁ ଆଉ ୩ ଲକ୍ଷ ୪୭ ହଜାର ୪୯୦ ଟଙ୍କା ମଧ୍ୟ ଠାବ ହୋଇଛି। ସେହିପରି ସୁବାସଙ୍କ ମଞ୍ଚେଶ୍ୱର ବରିମୁଣ୍ଡ ଗ୍ରାମସ୍ଥିତ ଦୁଇ ମହଲା କୋଠା ମଧ୍ୟ ଠାବ ହୋଇଛି। ତେବେ ଏଥିସହ ସୁବାସ ଭୁବନେଶ୍ୱର କଳିଙ୍ଗନଗରସ୍ଥିତ ଅନ୍ନପୂର୍ଣ୍ଣା ରେସିଡେନ୍ସ ଆପାର୍ଟମେଣ୍ଟରେ ଫ୍ଲାଟ୍ ନଂ.୨୦୧କୁ ନିଜ ନାଁରେ କିଣିବାକୁ ୬୬ ଲକ୍ଷ ଦେଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଭୁବନେଶ୍ୱରରେ ସୁବାସଙ୍କ ବହୁମୂଲ୍ୟ ୫ଟି ପ୍ଲଟ୍ ମଧ୍ୟ ଠାବ ହୋଇଛି। ଏଥିସହ ତାଙ୍କ ଘରୁ ୮୭୦ ଗ୍ରାମର ସୁନା ଅଳଙ୍କାର ମିଳିଥିବା ବେଳେ ବ୍ୟାଙ୍କ, ଜୀବନବୀମା, ପୋଷ୍ଟାଲ ଜମା ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ ୧ କୋଟି ୮୪ ଲକ୍ଷ ୯ ହଜାର ୫୨୬ ଟଙ୍କା ରହିଛି। ସେହିପରି ଗୋଟିଏ ଚାରି ଚକିଆ ଯାନ (ହୁଣ୍ଡାଇ ଭେନ୍ୟୁ) ଓ ଗୋଟିଏ ଦୁଇ ଚକିଆ ଯାନ ଏବଂ ୧୩ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ମଧ୍ୟ ଠାବ ହୋଇଛି। ଭିଜିଲାନ୍ସ ଟିମ୍ ସୁବାସଙ୍କୁ ଏସଂକ୍ରାନ୍ତରେ ପଚରାଉଚରା କରୁଥିବା ବେଳେ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଅଧିକ ହୋଇପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଭିଜିଲାନ୍ସ ଆହୁରି ସୂଚନା ଦେଇଛି ଯେ, ୨୦୧୦ ରେ ସୁବାସ ନିଜ ଦାୟିତ୍ୱରେ ଅବହେଳା କରିଥିବାରୁ ତାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିଲା। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସେ ଚାକିରି ଫେରିପାଇଥିଲେ।


ଜବତ ସୁନା ଅଳଙ୍କାର ସହ ଅନ୍ୟାନ୍ୟ ସାମଗ୍ରୀ।


ସୁବାସ ଚନ୍ଦ୍ର ପଣ୍ଡା।

### ବ୍ରହ୍ମପୁର, ଭୁବନେଶ୍ୱରର ୪ ସ୍ଥାନରେ ଯାଞ୍ଚ

**ଦାୟିତ୍ୱରେ ଅବହେଳା ପାଇଁ ୨୦୧୦ରେ ବହିଷ୍କୃତ ହୋଇଥିଲେ**

## ଦୋଷୀ ବାପାଙ୍କୁ ୨୫ବର୍ଷ ସଶ୍ରମ ଦଣ୍ଡାଦେଶ

### ନାବାଳିକା ଝିଅଙ୍କୁ ବଳାତ୍କାର ମାମଲା

ବାଲେଶ୍ୱର, ୧୮।୧୧(ବାଞ୍ଛାନିଧି ଦେ)

ନାବାଳିକା ଝିଅଙ୍କୁ ବଳାତ୍କାର ମାମଲାର ଶୁଣାଣି କରି ସୋମବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଅଭିଯୁକ୍ତ ବାପାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨୫ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୨ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏହାସହ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ସହାୟତା ପ୍ରଦାନ ଲାଗି ଜିଲା ଆଇନ୍ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଯେ, ବାଲେଶ୍ୱର ଜିଲା ସିଂଲା ଥାନା ଅଞ୍ଚଳରେ ଅଭିଯୁକ୍ତ ତାଙ୍କ ପରିବାର ସ୍ତ୍ରୀ, ନାବାଳିକା ଝିଅ ଓ ଦୁଇ ଜଣ ପୁଅଙ୍କ ସହ ରହୁଥିଲେ। ଘରେ କେହି ନ ଥିବା ବେଳେ ଗତ ଅଗଷ୍ଟ ୪ ତାରିଖରେ ନିଜର ୧୩ ବର୍ଷୀୟା ନାବାଳିକା ଝିଅଙ୍କୁ ଅଭିଯୁକ୍ତ ଜବରଦସ୍ତ ବଳାତ୍କାର କରିଥିଲେ। ନାବାଳିକାଙ୍କ ମା' ହଠାତ୍ ଘରକୁ ଆସି ଏହା ଦେଖି ପ୍ରତିବାଦ କରି କାହାରିକୁ ଜଣାଇ ନ ଥିଲେ। ପୁଣି ୫ ତାରିଖରେ ଝିଅଙ୍କୁ କାମାନ୍ଧ ବାପା ବଳାତ୍କାର କରିଥିବା ଜାଣିବା ପରେ ମା' ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ସିଂଲା ଥାନାରେ ଅଗଷ୍ଟ ୬ ତାରିଖରେ ଏକ ମାମଲା (ନଂ. ୧୩୩/୨୪) ରୁଜୁ କରି ପୋଲିସ ଅଭିଯୁକ୍ତ ବାପାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ନାବାଳିକାଙ୍କ ବୟାନକୁ ଭିତ୍ତି କରି ୧୨ଜଣ ସାକ୍ଷୀ ଓ ୨୮ ଦଲିଲ ଦସ୍ତାବିଜକୁ ଆଧାର କରି ବିଚାରପତି ଦୋଷୀ ବାପାଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିଚାର ସାଢେ ୩ ମାସ ମଧ୍ୟରେ ହୋଇଥିବାରୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

## ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ବୌଦ୍ଧ,୧୮।୧୧( ଅଜିତ କୁମାର ବାରିକ)

ସୋମବାର ବୌଦ୍ଧ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର ହରଭଙ୍ଗା ବ୍ଲକ୍ ତଳଗାଁ ପଞ୍ଚାୟତ ବଡ଼ଭୁରୁଡା ଗ୍ରାମର କଇମତି ନାଏକ ହତ୍ୟା ମାମଲାର ବିଚାରକରି ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ, ବୌଦ୍ଧ ଜିଲା ବଡ଼ଭୁରୁଡା ଗ୍ରାମର ଅଭୟ ନାଏକ ସ୍ତ୍ରୀ କଇମତିଙ୍କ ଚରିତ୍ରକୁ ସନ୍ଦେହକରି ଘରେ ଅଧିକାଂଶ ସମୟରେ ପାଟିତୁଣ୍ଡ କରୁଥିଲେ । ତା୧୮।୪।୨୦୨୩ ରିଖରେ ଅଭିଯୁକ୍ତ ଜଣକ ପୁନର୍ବାର ସେହି ପ୍ରସଙ୍ଗ ଉଠାଇ ସ୍ତ୍ରୀଙ୍କୁ ଗାଳି କରିଥିଲେ । ଏନେଇ ସ୍ତ୍ରୀ ପ୍ରତିବାଦ କରିବାରୁ ସ୍ୱାମୀ ଅଭୟ ଏକ କାଠଫାଳିଆରେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ । ଏହା ଦେଖି ଦେଖି ଝିଅ ମନା କରିବାରୁ ତାଙ୍କୁ ମଧ୍ୟ ମାଡ଼ ଦେବାକୁ ଗୋଡ଼ାଇଥିଲେ । ତେବେ କୌଣସି ମତେ ମା'ଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଝିଅ ସଞ୍ଜିତା ତଳଗାଁ ମେଡିକାଲକୁ ନେଇଥିଲେ । କିନ୍ତୁ ସେଠାରେ କଇମତିଙ୍କର ମୃତ୍ୟୁ ଘଟିଥିଲା । ଏନେଇ ସଞ୍ଜିତା ଉକ୍ତ ଦିନ ହରଭଙ୍ଗା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ହରଭଙ୍ଗା ପୋଲିସ ନଂ. ୫୦/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଏହି ଘଟଣାରେ ଅଭୟଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ମାମଲାଟି ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସ୍‌ଟି କେସ୍ ନମ୍ବର ୫୪/୨୩ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଦାଲତ ଅଭୟଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ମାମଲାକୁ ପିପି ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ।

## ହତ୍ୟା ମାମଲାରେ ନାବାଳକଙ୍କୁ ୨୦ବର୍ଷ ଜେଲ

ସମ୍ବଲପୁର,୧୮।୧୧(ପ୍ରମୋଦ ବହିଦାର)

୨୦୨୨ରେ ସଂଘଟିତ ଏକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ଜଣେ ନାବାଳକ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ଉକ୍ତ ମାମଲାର ବିଚାର ପୂର୍ବକ ୨୪ ଜଣ ସାକ୍ଷ୍ୟ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଆଧାରରେ ନାବାଳକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ସମ୍ବଲପୁର ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି। ଏହି ମାମଲାର ରାୟ ପ୍ରକାଶ କରି ସୋମବାର ଅଭିଯୁକ୍ତଙ୍କୁ ଦଫା ୩୦୨ରେ ୨୦ବର୍ଷ ଜେଲଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ଗୁଣ୍ଡରପୁର ଅଞ୍ଚଳରେ ଥିବା ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପକ୍ଷରୁ ନେଇଥିବା ଋଣ ଆଦାୟ ପାଇଁ ଯାଇଥିବା ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ କମଳ ବାଗଙ୍କୁ ଅଭିଯୁକ୍ତ ନାବାଳକଙ୍କ ସହ ତାଙ୍କ ପରିବାର ଲୋକେ ହତ୍ୟା କରିଥିଲେ। ଉକ୍ତ ଘଟଣାକୁ ନେଇ ଧମା ଥାନାରେ ଦଫା ୩୦୨, ୩୪ରେ ଏକ ମାମଲା (ନଂ.୩୯/୨୨) ରୁଜୁ କରି ପୋଲିସ ନାବାଳକଙ୍କୁ ଜୁଭେନାଇଲ୍ ବୋର୍ଡରେ ହାଜର କରିବା ସହ ତାଙ୍କ ପରିବାରର ଅନ୍ୟ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ଶୁଣାଣି ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ଚାଲିଥିଲା। ସରକାରଙ୍କ ପକ୍ଷରୁ ଅଦାଲତରେ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ ପଣ୍ଡା ପରିଚାଳନା କରୁଥିଲେ।

## ଫଟୋ ଭାଇରାଲ ଧମକ ଦେଇ ବଳାତ୍କାର

### ପୂର୍ବତନ ପ୍ରେମିକ ଗିରଫ

ଭୁବନେଶ୍ୱର,୧୮।୧୧(ସତ୍ୟଜିତ୍ ରାଉତ) – ଆପତ୍ତିଜନକ ଫଟୋ ଭାଇରାଲ କରିବାର ଧମକ ଦେଇ ବାରମ୍ବାର ବଳାତ୍କାର ଅଭିଯୋଗରେ ସମ୍ପୃକ୍ତ ଯୁବକଙ୍କୁ ଭୁବନେଶ୍ୱର ମୈତ୍ରିବିହାର ଥାନା ପୋଲିସ ସୋମବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଜଗତ୍‌ସିଂହପୁର ଟାଉନ୍‌ର ସୋମନାଥ ମଲ୍ଲିକ (୨୯)। କୋର୍ଟଚାଲାଣ ପରେ ସୋମନାଥଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ୨୦୨୩ରେ ପୀଡତା ଯୁବତୀ ଓ ସୋମନାଥ ଏହି ଥାନା ଅନ୍ତର୍ଗତ ଏକ ହୋଟେଲରେ କାମ କରୁଥିବ ବେଳେ ଉଭୟଙ୍କ ମଧ୍ୟରେ ପରିଚୟ ହୋଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ନିବିଡ଼ ହୋଇଥିଲା। ପରେ ସୋମନାଥ ବିବାହ କରିବାର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଫଶାଇଥିଲେ। ଗତବର୍ଷ ଜୁଲାଇ ମାସରେ ପାତ୍ରପଡାସ୍ଥିତ ଏକ ହୋଟେଲରେ ଉଭୟେ ରହିଥିଲେ। ସେଠାରେ ସୋମନାଥ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ସେହି ସମୟର କିଛି ଆପତ୍ତିଜନକ ଫଟୋକୁ ନିଜ ମୋବାଇଲରେ ଉଠାଇ ରଖିଥିଲେ। ଏହାପରେ ଉକ୍ତ ଫଟୋଗୁଡ଼ିକ ସୋସିଆଲ ମିଡିଆରେ ଭାଇରାଲ କରିବାର ଧମକ ଦେଇ ସେ ପୀଡିତାଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ଏପରିକି ତାଙ୍କଠାରୁ ସୋମନାଥ ୭୦ ହଜାର ଟଙ୍କା ମଧ୍ୟ ନେଇଯାଇଥିଲେ। ପରେ ପୀଡିତାଙ୍କ ଜାତିକୁ ଛୋଟ ଦର୍ଶାଇ ବିବାହ କରିବାକୁ ସୋମନାଥ ମନା କରିଦେଇଥିଲେ। ଏନେଇ ପୀଡିତା ଯୁବତୀଙ୍କ ଏତଲାକ୍ରମେ ପୋଲିସ ଅକ୍ଟୋବର ୨୩ରେ ଏକ ମାମଲା (ନଂ.୪୮୩/୨୦୨୪) ରୁଜୁ କରି ତଦନ୍ତ କରିଥିଲା।

## ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ ଗିରଫ

ସୋର, ୧୮।୧୧(ଜନ୍ମେଜୟ ମିଶ୍ର): ବାଲେଶ୍ୱର ଜିଲା ସୋର ଥାନା ଖରାସାହାପୁର ଗ୍ରାମର ଜଣେ ଯୁବତୀଙ୍କ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଖରାସାହାପୁର ଗ୍ରାମର ଜଣେ ଯୁବତୀ ନର୍ଥ ଓଡିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂରେ ପଢୁଥିବା ବେଳେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ସିଂଲାମୁଣ୍ଡୁଳି ଗ୍ରାମର ଯତୀନ ଗନ୍ତାୟତ(୨୨) ଙ୍କ ସହିତ ବନ୍ଧୁତା ବଢିଯାଇଥିଲା। ଏହାର ସୁଯୋଗ ନେଇ ଯତୀନ ଯୁବତୀଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଅଶ୍ଳୀଳ ଫଟୋ ଉତ୍ତୋଳନ କରି ମୋବାଇଲରେ ରଖିଥିଲେ। ପରେ ସେ ଏହି ଫଟୋ ଦେଖାଇ ଯୁବତୀଙ୍କୁ ବ୍ଲାକମେଲିଂ କରିବା ସହିତ ଫଟୋ ଭାଇରାଲ କରିବାର ଧମକ ଦେଇଥିଲେ। ଯୁବତୀଜଣଙ୍କ କୌଣସି ଉପାୟ ନ ପାଇ ନିଜର ମୋବାଇଲ ନମ୍ବରକୁ ବଦଳାଇ ଦେଇଥିଲେ। ତାପରେ ଯତୀନ ଉକ୍ତ ଫଟୋକୁ ଯୁବତୀଙ୍କ ସମ୍ପର୍କୀୟଙ୍କ ନିକଟକୁ ପଠାଇବା ସହିତ ଯୁବତୀଙ୍କ ନାମରେ ଏକ ଫେକ ଫେସବୁକ ଆଇଡି ଖୋଲି ଫଟୋକୁ ସେଥିରେ ଭାଇରାଲ କରିଥିଲେ। ଏନେଇ ଯୁବତୀଜଣଙ୍କ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୯୪୫/୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ରବିବାର ରାତିରେ ଯତୀନଙ୍କୁ ପୋଲିସ ତାଙ୍କ ଘରୁ ଗିରଫ କରି କୋର୍ଟଚାଲାଣ କରିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଚୁଡ଼ାକୁ ସୁନ୍ଦର ଗୁଡ଼ ଦହି,**
**ଦୁଧକୁ ସୁନ୍ଦର ନବାତ ଖଇ ।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଚୁଡ଼ାକୁ ଗୁଡ଼ ଓ ଦହି ସାଙ୍ଗରେ ମିଶେଇ ଖାଇଲେ ସୁଆଦ ଲାଗେ। ଠିକ ସେମିତି ଦୁଧକୁ ଖଇ କନ୍ଦ ସଙ୍ଗେ ମିଶେଇ ଖାଇଲେ ଭାରି ଭଲ ଲାଗେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚେଡ଼ି ଗେରଣି, ଭଣ୍ଡାରି ପାତର,**
**ସେ ଘର ବୁଡିବା କେତେ ମାତର।**

ଯେଉଁ ଘରେ କାର୍ଯ୍ୟ କରୁଥିବା ଦାସୀଟି ସମୟକ୍ରମେ ଘରଣୀ ପାଲଟିଯାଏ ସେ ଘରର ସମସ୍ତ ସୁଖ ଶିରୀ ନଷ୍ଟ ହୋଇଯାଏ ବୋଲି ଦେଖିବାକୁ ମିଳିଥାଏ। ଠିକ୍ ସେହିଭଳି ଯେଉଁଠି ଭଣ୍ଡାରି ନିଜ କୌଳିକ ବୃତ୍ତିକୁ ଛାଡ଼ି ମନ୍ତ୍ରଦାତା କାମ କରେ ସେ ଘରର ଅବନତି ଅବଶ୍ୟମ୍ଭାବୀ ବୋଲି ଜଣାଯାଇଥାଏ। ତେଣୁ ଅଯୋଗ୍ୟ ବ୍ୟକ୍ତିଙ୍କ ହାତରେ କୌଣସି ଗୁରୁଦାୟିତ୍ୱ ଦିଆଗଲେ ତାହାର ପରିଣତି ଭୟାବହ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ‘ଶ୍ରମବୀର ପ୍ୟାଲେସ’ ଉଦ୍‌ଘାଟନ କଲେ ଜେଏସ୍‌ପି ଅଧ୍ୟକ୍ଷ

**ଅନୁଗୋଳ,୧୮।୧୧ (ଜ୍ୟୋତିରଞ୍ଜନ ସାହୁ)**

ହରିୟାଣା କୁରୁକ୍ଷେତ୍ରର ଏମ୍‌ପି ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଅଧ୍ୟକ୍ଷ ନବୀନ ଜିନ୍ଦଲ ସୋମବାର ଜେଏସ୍‌ପି ଅନୁଗୋଳ ୟୁନିଟ୍‌ରେ ‘ଶ୍ରମବୀର ପ୍ୟାଲେସ’ର ଉଦ୍‌ଘାଟନ କରିଛନ୍ତି। ଏହି ଶ୍ରମବୀର ପ୍ୟାଲେସ ତଥା ଶୀତତାପ ନିୟନ୍ତ୍ରିତ ଆବାସରେ ୧୦୫୬ଟି ଶଯ୍ୟା ରହିଛି, ଯେଉଁଠାରେ ଶ୍ରମିକମାନଙ୍କ ରହିବା ପାଇଁ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ଅଛି। ଶ୍ରମିକମାନଙ୍କ ପାଇଁ ନିଆଯାଇଥିବା ଏହି ପଦକ୍ଷେପ କର୍ମଜୀବୀଙ୍କ ପ୍ରତି ଜେଏସ୍‌ପିର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି।

ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଜେଏସ୍‌ପି ଅଧ୍ୟକ୍ଷ ଜିନ୍ଦଲ କହିଲେ, ପ୍ରତ୍ୟେକ ଶ୍ରମିକଙ୍କ ସୁରକ୍ଷା, ଉତ୍ତମ ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଏବଂ ଆରାମ ହେଉଛି ଜେଏସ୍‌ପିର ପ୍ରାଥମିକତା।



କ୍ରମାଗତ ଭାବରେ କମ୍ପାନୀର ଅଭିବୃଦ୍ଧି ତଥା ଉନ୍ନତି ପାଇଁ ପ୍ରୟାସ କରୁଥିବା ସମସ୍ତ ମାନବସମ୍ବଳଙ୍କ ସୁସ୍ଥତାକୁ ସୁନିଶ୍ଚିତ କରାଯାଉଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମ ପରେ ଜେଏସ୍‌ପି ଅଧ୍ୟକ୍ଷ ଜିନ୍ଦଲ ବ୍ୟକ୍ତିଗତ ଭାବରେ ଗଦି, ଶଯ୍ୟା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସୁବିଧା ସୁଯୋଗର ଗୁଣବତ୍ତା ଯାଞ୍ଚ କରିଥିଲେ। କର୍ମଜୀବୀମାନେ ଏପରି ସୁନ୍ଦର ଆବାସ ପାଇଥିବାରୁ ସେମାନଙ୍କ ଖୁସି ଏବଂ କୃତଜ୍ଞତା ଜଣାଇବା ସହ କର୍ମଜୀବୀଙ୍କ ପାଇଁ ନିଆଯାଇଥିବା ଏହି ନିଆରା ପଦକ୍ଷେପ ଯୋଗୁ ଜେଏସ୍‌ପି ଅଧ୍ୟକ୍ଷ ଜିନ୍ଦଲଙ୍କୁ ଧନ୍ୟବାଦ ଜଣାଇଥିଲେ।

ସୂଚନାଯୋଗ୍ୟ, ଜେଏସ୍‌ପିର ଅନୁଗୋଳ ୟୁନିଟ୍ ଆସନ୍ତା ୨୦୩୦ ସୁଦ୍ଧା ବିଶ୍ୱର ସର୍ବବୃହତ ଏକକ-ଅବସ୍ଥାନ ବିଶିଷ୍ଟ ଇସ୍ପାତ ଉତ୍ପାଦନକାରୀ ହେବାକୁ ଯାଉଛି, ଯାହାର ଆନୁମାନିକ ଉତ୍ପାଦନ କ୍ଷମତା ବାର୍ଷିକ ୨୫ ନିୟୁତ ଟନ୍ (ଏମ୍‌ଟିପିଏ) ନେଇ ଲକ୍ଷ୍ୟ ରହିଛି। ଶ୍ରମବୀର ପ୍ୟାଲେସ ବ୍ୟତୀତ, ଆଉ ୨ଟି ସମାନ ଆବାସ ୟୁନିଟ୍ ଶ୍ରମିକ ବିହାରରେ ବିକଶିତ କରାଯାଇଛି। ଏହି ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୩୦୦୦ ଜଣଙ୍କ ରହଣି ପାଇଁ ବ୍ୟବସ୍ଥା କରାଯାଇଛି। ୨୦୨୫ ଶେଷ ସୁଦ୍ଧା ୨୦,୦୦୦ ଶ୍ରମିକଙ୍କ ରହିବା ପାଇଁ ଏହି ସୁବିଧା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ୟୁନିଟ୍ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମାଲହାନ ଏବଂ ଅନ୍ୟମାନେ ଯୋଗଦେଇ କର୍ମଜୀବୀଙ୍କ ବିକାଶ ପାଇଁ ଜେଏସ୍‌ପିର ସାମଗ୍ରିକ ଆଭିମୁଖ୍ୟ ପ୍ରଦର୍ଶନ କରିଥିଲେ।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୧୮।୧୧**

କ୍ରମାଗତ ପଞ୍ଚମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୨୪୧ (୨୪୧.୩୦) ପଏଣ୍ଟ କମି ୭୭,୩୩୯ (୭୭,୩୩୯.୦୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ପ୍ରାୟ ୭୯ (୭୮.୯୦) ପଏଣ୍ଟ ହ୍ରାସ ଘଟି ୨୩,୪୫୪ (୨୩,୪୫୩.୮୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# କେୟାର ହସ୍ପିଟାଲର ଦିନିକିଆ କର୍ମଶାଳା



**ଭୁବନେଶ୍ୱର,୧୮।୧୧**

ସମୟ ସହିତ ଉନ୍ନତି ହୋଇଛି ଚିକିତ୍ସା ବିଜ୍ଞାନ। ବର୍ତ୍ତମାନ ଅତ୍ୟାଧୁନିକ ଟେକ୍‌ନୋଲୋଜି ସାହାଯ୍ୟରେ ଅନେକ ଜଟିଳ ରୋଗର ସଫଳ ଚିକିତ୍ସା କରାଯାଇପାରୁଛି। ଆର୍ଟିଫିସିଆଲ ଇଣ୍ଟେଲେଜେନ୍ସ ( ଏଆଇ) ଏବଂ ରୋବୋଟିକ୍ ପଦ୍ଧତିରେ କିଭଳି ବିଭିନ୍ନ ପ୍ରକାରର ଆଣ୍ଠୁ ଅପରେଶନ୍ କରାଯାଇ ପାରୁଛି ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ କେୟାର ହସ୍ପିଟାଲ ପକ୍ଷରୁ ଏକ ଦିନିକିଆ କର୍ମଶାଳା ଅନୁଗୋଳର ହୋଟେଲ ପ୍ରଶାନ୍ତିଠାରେ ଆୟୋଜିତ ହୋଇଯାଇଛି। ଏଥିରେ ରାଜ୍ୟର ଅନେକ ବୁଦ୍ଧିଜୀବୀ, ଡାକ୍ତର ଏବଂ ଆଣ୍ଠୁ ସର୍ଜରୀ ହୋଇଥିବା ରୋଗୀମାନେ ଯୋଗଦାନ କରିଥିଲେ। ଏ ସମ୍ପର୍କରେ କେୟାର ହସ୍ପିଟାଲର ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ବିଭାଗୀୟ ମୁଖ୍ୟ ଡା. ସନ୍ଦୀପ ସିଂହ କହିଥିଲେ, ପାରମ୍ପରିକ ସର୍ଜରୀ ତୁଳନାରେ ଆର୍ଟିଫିସିଆଲ ଇଣ୍ଟେଲେଜେନ୍ସ (ଏଆଇ) ଏବଂ ରୋବୋଟିକ୍ ପଦ୍ଧତିରେ ଅପରେସନ୍ କଲେ ସଫଳତା ହାର ଏହାର ବେଶ୍ ଅଧିକ ରହିଥାଏ। ଏଥିରେ ରୋଗୀଙ୍କୁ ଅଧିକ ଦିନ ହସ୍ପିଟାଲରେ ରହିବାକୁ ପଡ଼ି ନ ଥାଏ ଏବଂ ଶୀଘ୍ର ପୂର୍ବ ଭଳି ନିଜର ସମସ୍ତ କାମ ନିଜେ କରିପାରିବେ। ଏପରିକି ଆଣ୍ଠୁ ପ୍ରତିରୋପଣଠାରୁ ଆରମ୍ଭ କରି କ୍ରୀଡାଜନିତ ଆଘାତର ସଫଳ ଚିକିତ୍ସା ଏଆଇ ଏବଂ ରୋବୋଟିକ୍ ପଦ୍ଧତିରେ କରାଯାଇପାରୁଛି। ସେହିଭଳି ଡା ଲୋକନାଥ ଦାଶ (ଏଭିପି) ରୋଗୀମାନଙ୍କର ସଫଳ ଚିକିତ୍ସା ପାଇଁ ଅଭିନବ ଟେକ୍ନୋଲୋଜି ଗ୍ରହଣ କରିବାକୁ ହସ୍ପିଟାଲର ପ୍ରତିବଦ୍ଧତା ଉପରେ ନିଜର ମନ୍ତବ୍ୟ ଦେଇଛନ୍ତି। କେୟାର ହସ୍‌ପିଟାଲ ଶୀଘ୍ର ଆର୍ଟିଫିସିଆଲ ଇଣ୍ଟେଲେଜେନ୍ସ ( ଏଆଇ) ଏବଂ ରୋବୋଟିକ୍ ପଦ୍ଧତି ଗ୍ରହଣ କରିଥିବାରୁ ସେ ଗର୍ବିତ ଅନୁଭବ କରୁଛନ୍ତି ବୋଲି କହିଥିଲେ। ରୋଗୀମାନଙ୍କୁ ସର୍ବନିମ୍ନ ଜଟିଳତା, ଶୀଘ୍ର ଆରୋଗ୍ୟ ଲାଭ ସହ ସର୍ବୋତ୍ତମ ସାମ୍ଭାବ୍ୟ ଚିକିତ୍ସା ଯୋଗାଇବା ଆମର ନିରନ୍ତର ପ୍ରୟାସ ଅଟେ ବୋଲି ସେ ପ୍ରକାଶ କରିଥିଲେ।





ହୋଣ୍ଡା ମୋଟରସାଇକେଲର ପ୍ରିମିୟମ ମଡେଲ ତଥା ଅଲ୍ ନ୍ୟୁ ଟ୍ରାନ୍ସଲ୍ପ ୭୫୦ର ଓଡ଼ିଶା ବଜାର ପ୍ରବେଶ ସହିତ ଅନାବରଣ ନିକଟରେ ହୋଇଯାଇଛି। ଭୁବନେଶ୍ୱରର ପଟିଆସ୍ଥିତ ଗୁଗନାନୀ ହୋଣ୍ଡାରେ ଏହାର ଆନୁଷ୍ଠାନିକ ଅନାବରଣ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହୋଣ୍ଡା ବିଗ୍ ଉଇଙ୍ଗ୍‌ର ପୂର୍ବାଞ୍ଚଳ ଏରିଆ ଇନଚାର୍ଜ ସ୍ନେହାଶିଷ ପାଣିଗ୍ରାହୀ ଏବଂ ଗୁଗ୍‌ନାନୀ ହୋଣ୍ଡାର ପରିଚାଳନା ନିର୍ଦ୍ଦେଶକ ୟସ୍‌ନୀତ ଗୁଗନାନୀଙ୍କ ସମେତ ଶୁବାଶିଷ ଓ ଅନ୍ୟାମାନେ ଉପସ୍ଥିତ ଅଛନ୍ତି।

# ୱାଣ୍ଡର୍ଲା ପାର୍କର ଆକର୍ଷଣୀୟ ଅଫର

**ଭୁବନେଶ୍ୱର,୧୮।୧୧**

ପ୍ରତି ବର୍ଷ ଭଳି ଚଳିତ ବର୍ଷର ଅନ୍ତଃରାଷ୍ଟ୍ରୀୟ ପୁରୁଷ ଦିବସ ଅବସରରେ ୱାଣ୍ଡର୍ଲା ହଲିଡେଜ ଲିମିଟେଡ ପକ୍ଷରୁ ଏକ ସ୍ୱତନ୍ତ୍ର ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଦିନ ପାର୍କ ଟିକେଟରେ ପୁରୁଷ ଅତିଥିମାନେ ଏକ ସ୍ୱତନ୍ତ୍ର ରିହାତି ସୁବିଧା ପାଇବେ। ୧ ଟିକେଟ କ୍ରୟରେ ଆଉ ଏକ ଟିକେଟ ମାଗଣା ଲାଭ କରିପାରିବେ ବୋଲି ୱାଣ୍ଡର୍ଲା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଫର ୨୦୨୪ ନଭେମ୍ବର ୫ରୁ ୧୯ ପର୍ଯ୍ୟନ୍ତ କୋଚି, ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ ଭୁବନେଶ୍ୱରର ୱାଣ୍ଡର୍ଲା ପାର୍କର ଅନଲାଇନ ବୁକିଂରେ ଉପଲବ୍ଧ ରହିଛି।

ଏହି ପରିପ୍ରେକ୍ଷୀରେ ଏକ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଏପରିକି ହେଙ୍ଗମେନର ଦ୍ରୁତ ରାଉଣ୍ଡ କିମ୍ବା ଧୈର୍ଯ୍ୟର ପରୀକ୍ଷା ସାମିଲ ରହିଛି, ଯେଉଁଥିରେ ଜଣେ ପ୍ରତିଯୋଗୀ ଲଗାତର ୫୦ଟି ଦଣ୍ଡ ମାରିବାର ବ୍ୟବସ୍ଥା ରହିଛି,ଯେଉଁମାନେ ନିର୍ଦ୍ଧାରିତ ଦୁଇଟି କାର୍ଯ୍ୟକଳାପ ମଧ୍ୟରୁ ଯେକୌଣସି ଗୋଟିଏକୁ ସଫଳତାର ସହ ସମ୍ପନ୍ନ କରିପାରିବେ। ସେହିବ୍ୟକ୍ତିଙ୍କୁ ଖୁସି ଏବଂ ହସଖୁସିରେ ପରିପୂର୍ଣ୍ଣ ଏକ ସ୍ମରଣୀୟ ଦିନକୁ ସୁନିଶ୍ଚିତ କରୁଥିବା ପାର୍କରେ ମାଗଣା ପ୍ରବେଶର ପୁରସ୍କାର ଦିଆଯିବ।

ଏ ସମ୍ପର୍କରେ ୱାଣ୍ଡର୍ଲା ହଲିଡେଜ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଅରୁଣ କେଚିତ୍ତିଲାପିଲ କହିଥିଲେ, ଆମ ସମୁଦାୟ ପାଇଁ ପୁରୁଷଙ୍କ ସ୍ଥାୟୀ ଶକ୍ତି ଏବଂ ଅମୂଲ୍ୟ ଅବଦାନକୁ ପୁରୁଷ ଦିବସ ଭାବେ ପାଳନ କରାଯାଇଥାଏ। ପ୍ରକୃତ ଭ୍ରାତୃତ୍ୱ ଭାବନାରେ ସମସ୍ତେ ନିୟୋଜିତ,ପ୍ରତିଦ୍ୱନ୍ଦ୍ୱିତା ଏବଂ ଯୋଡି ହୋଇପାରିବା ପାଇଁ ୱର୍ଣ୍ଡର୍ଲାରେ ଆମେ ଏକ ସମାବେଶୀ ସ୍ଥାନ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ ଅଛୁ। ଏହା କେବଳ ଏକ ଦିନର ଉତ୍ସବ ପାଳନଠାରୁ ବହୁତ ଅଧିକ ହୋଇଥିଲାବେଳେ ନକାରାତ୍ମକତା ଉପରେ ବିଜୟର ମୁହୂର୍ତ୍ତ ସହିତ ସ୍ଥାୟୀ ବନ୍ଧନ ସୃଷ୍ଟି କରି ଏହା ମନୁଷ୍ୟର ସ୍ଥିରତା ଏବଂ ଏକତାକୁ ସମ୍ମାନଦେବାର ଏକ ସୁଯୋଗ ରହିଛି।

# ମଣିପାଲ ହସ୍ପିଟାଲରେ ନବଜାତ ଶିଶୁ ସପ୍ତାହ



**ଭୁବନେଶ୍ୱର,୧୮।୧୧**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱର ମଣିପାଲ ହସ୍ପିଟାଲରେ ବିଶ୍ୱ ନବଜାତ ଶିଶୁ ସପ୍ତାହ ଏବଂ ବିଶ୍ୱ ପ୍ରିମାଚ୍ୟୁର ଦିବସ ପାଳିତ ହୋଇଯାଇଛି। ଏପରିକି ସୋମବାର ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୬୦ ପ୍ରିମାଚ୍ୟୁର ଶିଶୁ ଏବଂ ତାଙ୍କ ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ। ସେହିଭଳି ଏହି ଶିଶୁମାନେ ୩୦ ସପ୍ତାହ ପୂର୍ବରୁ ଜନ୍ମ ନେଇଥିଲେ ଏବଂ ଜନ୍ମ ସମୟରେ ତାଙ୍କର ଓଜନ ୫୦୦ ରୁ ୧୫୦୦ ଗ୍ରାମ୍ ମଧ୍ୟରେ ଥିଲା। ମଣିପାଲ ହସ୍ପିଟାଲରେ ସେମାନଙ୍କୁ ଅତ୍ୟାଧୁନିକ ନିଓନେଟାଲ ଇଣ୍ଟେନସିଭ୍ କେୟାର ୟୁନିଟ୍ (ଏନ୍‌ଆଇସିୟୁ)ରେ ଭର୍ତ୍ତି କରି ଚିକିତ୍ସା କରାଯାଇଥିଲା। ଏ ସମ୍ପର୍କରେ ଭୁବନେଶ୍ୱର ମଣିପାଲ ହସ୍ପିଟାଲର ଏମ୍‌ଡି ଡା. ଶକ୍ତିମୟ ମହାପାତ୍ର କହିଥିଲେ, ନବଜାତ ଶିଶୁମାନଙ୍କୁ ବିଶ୍ୱସ୍ତରୀୟ ସେବା ଯୋଗାଇବା ପାଇଁ ହସ୍ପିଟାଲର ଅବିଚ୍ଛିନ୍ନ ପ୍ରତିଶ୍ରୁତି ପ୍ରତି ଗର୍ବ ଅଭିବ୍ୟକ୍ତ କରିଥିଲେ। ପ୍ରତ୍ୟେକ ନବଜାତ ଶିଶୁ, ବିଶେଷ କରି ପ୍ରିମାଚ୍ୟୁର ଶିଶୁମାନେ, ଶ୍ରେଷ୍ଠ ସେବା ପାଇବାକୁ ନିଶ୍ଚିତ କରିବାରେ ଆମେ ପ୍ରତିବଦ୍ଧ ରହିଛୁ। ଆଜି ଆମେ ଦେଖୁଥିବା ସଫଳତା ଗାଥାଗୁଡ଼ିକ ଆମ ଡାକ୍ତରମାନଙ୍କର ଦକ୍ଷତା ଏବଂ ଆମର ସହାୟକ ବ୍ୟବସ୍ଥାର ପ୍ରମାଣ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ଓଡ଼ିଶା ସରକାରଙ୍କ ସହ ଅନିଲ ଅଗ୍ରୱାଲ ଫାଉଣ୍ଡେଶନର ବୁଝାମଣା

**ଭୁବନେଶ୍ୱର,୧୮।୧୧ (ଅଭୟ ଦାଶ)**

ବେଦାନ୍ତ ଗ୍ରୁପର ସାମାଜିକ ପ୍ରତିଷ୍ଠାନ ତଥା ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଚଳିତ ବର୍ଷର ଶିଶୁ ଦିବସ ଅବସରରେ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏବଂ ଜିଲା ସାମାଜିକ କଲ୍ୟାଣ କାର୍ଯ୍ୟାଳୟ ବା ଡିଏସଡବ୍ଲ୍ୟୁଓ ଝାରସୁଗୁଡା ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ଚୁକ୍ତିନାମା ଅନୁଯାୟୀ ଝାରସୁଗୁଡାର ୫୦୦ ଅଙ୍ଗନୱାଡି କେନ୍ଦ୍ରକୁ ଅତ୍ୟାଧୁନିକ ‘ନନ୍ଦଘର’ରେ ପରିଣତ କରିବାକୁ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ଏକ ସ୍ମାରକପତ୍ର ସ୍ୱାକ୍ଷର କରିଛି, ଯାହାକି ଆଧୁନିକୀକରଣ ଅଙ୍ଗନୱାଡି ଭାବେ ପରିଣତ ହେବ। ଏପରିକି ଏହା ମହିଳା ଏବଂ ଶିଶୁ ବିକାଶ କେନ୍ଦ୍ର ଭାବେ କାର୍ଯ୍ୟ କରିଥାଏ। ରାଜସ୍ୱ



ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ଝାରସୁଗୁଡା ଜିଲା ମାଜିଷ୍ଟ୍ରେଟ ତଥା କଲେକ୍ଟର ଅବୋଲି ନରଭାନେଙ୍କ ସମେତ ଡିଏସ୍‌ଡବ୍ଲ୍ୟୁଓ ପୁଣ୍ୟବତୀ ହେଲେନ ଜେସ୍ ଏବଂ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗାର୍ଚ୍ଚିଆ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ସେବା କରୁଥିବା ସମ୍ପ୍ରଦାୟର ସ୍ଥାୟୀ ବିକାଶ ଏବଂ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ପାଇଁ ଗଭୀର ଭାବେ ପ୍ରତିବଦ୍ଧ ରହିଛୁ। ସେହିଭଳି ଜିଲାରେ ବେଦାନ୍ତର ବିକାଶମୂଳକ ଉଦ୍ୟମକୁ ପ୍ରଶଂସା କରି ଜିଲା ମାଜିଷ୍ଟ୍ରେଟ୍ ତଥା କଲେକ୍ଟର ଅବୋଲି ନରଭାନେ କହିଛନ୍ତି, ଝାରସୁଗୁଡାର ଅଙ୍ଗନୱାଡି କେନ୍ଦ୍ରରେ ପରିବର୍ତ୍ତନ ଆଣିବା ପାଇଁ ବେଦାନ୍ତର ସମର୍ଥନକୁ ଆମେ ସ୍ୱାଗତ କରୁଛୁ। ଏହି ‘ନନ୍ଦଘର’ ପଦକ୍ଷେପ ସୁରକ୍ଷିତ ସ୍ଥାନ ସୃଷ୍ଟି କରିବା ସହିତ ଶିକ୍ଷାର କେନ୍ଦ୍ର ସୃଷ୍ଟି କରୁଛି, ଯାହା ଶିଶୁ ଏବଂ ମହିଳାମାନଙ୍କର ସାମଗ୍ରିକ ସୁସ୍ଥତା ଏବଂ ଅଭିବୃଦ୍ଧିକୁ ସମର୍ଥନ କରିଥାଏ।

# ବନ୍ଧନ ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ

**ଭୁବନେଶ୍ୱର,୧୮।୧୧**

ବନ୍ଧନ ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ ତଥା ଏକ ଓପନ୍-ଏଣ୍ଡେଡ୍ ଇଣ୍ଡେକ୍ସ ସ୍କିମ୍ ‘ବନ୍ଧନ ନିଫ୍ଟି ୨୦୦କ୍ୱାଲିଟି ୩୦ ଇଣ୍ଡେକ୍ସ ଫଣ୍ଡ’ର ଶୁଭାରମ୍ଭ ନିକଟରେ ହୋଇଯାଇଛି, ଯାହା ନିଫ୍ଟି ୨୦୦ କ୍ୱାଲିଟି ୩୦ ଇଣ୍ଡେକ୍ସକୁ ଟ୍ରାକ୍ କରୁଛି। ଏହି ଫଣ୍ଡ ନିବେଶକଙ୍କୁ ନିଫ୍ଟି ୨୦୦ ୟୁନିଭର୍ସ ମଧ୍ୟରେ ୩୦ଟି ଉଚ୍ଚମାନର କମ୍ପାନୀ ପାଇଁ ପହଂଚ ପ୍ରଦାନ କରିବ। ଯାହାକୁ ରିଟର୍ଣ୍ଣ ଅନ୍ ଇକ୍ୱିଟି (ଆର୍‌ଓଇ), ଡେବ୍‌ଟ-ଟୁ ଇକ୍ୱିଟି ରେସିଓ ଓ ୟର୍ଣ୍ଣିଙ୍ଗ୍‌ସ ପର୍ ସେୟାର (ଇପିଇସ୍) ଭଳି ପ୍ରମୁଖ ଆର୍ଥିକ ପରିମାପଗୁଡ଼ିକ ଉପରେ ଆଧାର କରି ଚୟନ କରାଯାଇଥାଏ। ଏହି ଫଣ୍ଡ ଉଭୟ ସ୍ଥିରତା ଓ ଅଭିବୃଦ୍ଧି କ୍ଷମତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ଏହାକୁ ଆପେକ୍ଷିକ ସ୍ଥିରତା ଓ ବଜାର ଅସ୍ଥିରତାର ସନ୍ଧାନ କରୁଥିବା ନିବେଶକଙ୍କ ପାଇଁ ଏକ ଆକର୍ଷଣୀୟ ବିକଳ୍ପ ଭାବେ ସ୍ଥାନିତ କରୁଛି। ଏହି ନୂତନ ଫଣ୍ଡ ଅଫର୍ (ଏନ୍‌ଏଫ୍‌ଓ) ୨୦୨୪ ନଭେମ୍ବର ୧୮ରେ ଖୋଲିବ ଏବଂ ୨୯ରେ ବନ୍ଦ ହେବ। ଧନିବେଶକମାନେ ବନ୍ଧନ ନିଫ୍ଟି ୨୦୦ କ୍ୱାଲିଟି ୩୦ ଇଣ୍ଡେକ୍ସରେ ଲାଇସେନ୍ସପ୍ରାପ୍ତ ଫଣ୍ଡ ଡିଷ୍ଟ୍ରିବ୍ୟୁଟର, ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ମାଧ୍ୟମରେ କିମ୍ବା ସିଧାସଳଖ ୱେବ୍‌ସାଇଟ୍ ମାଧ୍ୟମରେ ନିବେଶ କରିପାରିବେ।

# ବିଶ୍ୱ ସିଓପିଡି ଦିବସ ପାଳିତ

**ଭୁବନେଶ୍ୱର,୧୮।୧୧**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଶ୍ୱ ସିଓପିଡି ଦିବସ ନିକଟରେ ପାଳିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, କ୍ରୋନିକ୍ ଅବଷ୍ଟ୍ରକ୍ଟିଭ୍ ପଲ୍ମୋନାରି ଡିଜିଜ୍ (ସିଓପିଡି) ହେଉଛି ଏକ ଫୁସଫୁସଜନିତ ରୋଗ, ଯାହା ସିଗାରେଟ୍ ଧୂଆଁ ପରି ଉତ୍ତେଜକ ପଦାର୍ଥ ନିଃଶ୍ୱାସରେ ନେବା ଦ୍ୱାରା ହୋଇଥାଏ, ଯାହା ଫଳରେ ଶ୍ୱାସନଳୀ ପ୍ରଦାହ ଏବଂ ଶ୍ୱାସକ୍ରିୟାରେ ଅସୁବିଧା ହୋଇଥାଏ। ଏହାର ସାଧାରଣ ଲକ୍ଷଣ ମଧ୍ୟରେ ଲଗାତର କାଶ ହେବା ସହ କଫ, ଶ୍ୱାସକ୍ରିୟାରେ କଷ୍ଟ ଓ ଅଙ୍କାପଣ ଦେଖାଯାଏ। ବିଶ୍ୱ ସିଓପିଡି ଦିବସ ୨୦୨୪, ସିଓପିଡି ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ପ୍ରାରମ୍ଭିକ ଫୁସଫୁସ ଯନ୍ତ୍ରର ଗୁରୁତ୍ୱ ଉପରେ ଆଲୋକପାତ କରିବା ପାଇଁ ଏକ ବିଶ୍ୱସ୍ତରୀୟ ଆହ୍ୱାନ ଭାବରେ କାର୍ଯ୍ୟ କରିଥାଏ। ଚଳିତ ବିଶ୍ୱ ସିଓପିଡି ଦିବସ ୨୦୨୪ର ବିଷୟବସ୍ତୁ ‘ଆପଣଙ୍କ ଫୁସଫୁସ କାର୍ଯ୍ୟକୁ ଜାଣନ୍ତୁ’ ରହିଛି। ଫୁସଫୁସ କାର୍ଯ୍ୟ ପରୀକ୍ଷାର ଗୁରୁତ୍ୱ ସମ୍ପର୍କରେ ପୁଲମୋନୋଲୋଜିଷ୍ଟ ଡା. ମନୋରଞ୍ଜନ ଦାଶ (କଟକ) କହିଛନ୍ତି, ‘ସିଓପିଡି ଭଳି କ୍ରନିକ ଶ୍ୱାସରୋଗର ପ୍ରଭାବଶାଳୀ ପରିଚାଳନା ଏବଂ ଅଧିକ ଜଟିଳତାକୁ ରୋକିବା ପାଇଁ ପ୍ରାରମ୍ଭିକ ନିର୍ଣ୍ଣୟ ଓ ଚିକିତ୍ସା ଅତ୍ୟନ୍ତ ଜରୁରୀ । ସ୍ପିରୋମେଟ୍ରି, ଏକ ଫୁସଫୁସ କାର୍ଯ୍ୟ ପରୀକ୍ଷା ଯାହା ଫୁସଫୁସ କେତେ ପରିମାଣର ବାୟୁ ଧାରଣ କରିପାରିବ ଏବଂ ଆପଣ କେତେ ଶୀଘ୍ର ନିଃଶ୍ୱାସ ଛାଡିପାରିବେ ତାହା ମାପିଥାଏ, ଅବସ୍ଥାର ଗମ୍ଭୀରତା ଆହୁରି ବଢିବା ପୂର୍ବରୁ ସିଓପିଡି ଶୀଘ୍ର ନିର୍ଣ୍ଣୟ କରିବା ଗୁରୁତ୍ୱପୂର୍ଣ୍ଣ। ଦୁର୍ଭାଗ୍ୟବଶତଃ,ଭାରତରେ ଅନେକ ବ୍ୟକ୍ତି ସିଓପିଡିର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ବାର୍ଦ୍ଧକ୍ୟ, ସାଧାରଣ ଫ୍ଲୁ କିମ୍ବା ଧୂମପାନକାରୀଙ୍କ କାଶ ବୋଲି ଭାବି ଅଣଦେଖା କରିଥାନ୍ତି। ତେଣୁ ରୋଗୀ ଅବଗତ ହେବା ନିହାତି ଜରୁରୀ। ନିୟୁ ବ୍ରିଥ୍ ଫ୍ରି ୱେବସାଇଟ୍ ପରି ବିଶ୍ୱସନୀୟ ସୂଚନା ଉତ୍ସ ଭାରତରେ ଫୁସଫୁସ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଅଭିଯାନରେ ଜନସାଧାରଣଙ୍କୁ ନିୟୋଜିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସିଓପିଡି ପରିଚାଳନାରେ ସଚେତନତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ପୁଲମୋନାରି ମେଡିସିନ୍ ଆଣ୍ଡ କ୍ରିଟିକାଲ କେୟାର ସ୍ପେଶାଲିଷ୍ଟ ଡା. ସମ୍ପତ ଦାଶ (କଟକ) କହିଛନ୍ତି, ସିଓପିଡି ପରିଚାଳନାର ଲକ୍ଷ୍ୟ ହେଉଛି ରୋଗର ଅଗ୍ରଗତିକୁ ଧିମା କରିବା ଏବଂ ଫୁସଫୁସ କାର୍ଯ୍ୟରେ ମନ୍ଥରତାକୁ ହ୍ରାସ କରିବା । ଭାରତରେ ୨୦୨୨ରେ କରାଯାଇଥିବା ଏକ ବୃହତ ବହୁକେନ୍ଦ୍ରୀୟ ଗ୍ରାମୀଣ ଜନସଂଖ୍ୟା ଭିତ୍ତିକ ଅଧ୍ୟୟନ ଅନୁଯାୟୀ ପ୍ରାୟ ଦୁଇ ତୃତୀୟାଂଶ ସିଓପିଡି ମାମଲା ନିର୍ଣ୍ଣୟ ହୋଇପାରି ନାହିଁ ଏବଂ ମାତ୍ର ଏକ ପଞ୍ଚମାଂଶ ଉପଯୁକ୍ତ ନିଃଶ୍ୱାସ ଚିକିତ୍ସା ପାଉଥିବାରୁ ସଚେତନତା ବୃଦ୍ଧି ଦ୍ୱାରା ଜୀବନ ରକ୍ଷା କରାଯାଇପାରିବ। ସିଓପିଡି ପରିଚାଳନା ପାଇଁ ବ୍ରୋଙ୍କୋଡାଇଲେଟର ଇନହେଲର ଗୁରୁତ୍ୱପୂର୍ଣ୍ଣ, ଯାହା ରୋଗୀଙ୍କୁ ସହଜରେ ନିଶ୍ୱାସ ନେବାରେ ସାହାଯ୍ୟ କରିଥାଏ।

## Classified Everyday

**0674-2580101, 2549949**



REAL ESTATE

**SALE**

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45, 000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75578

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437054765, 9853035888.** D-1992

ତ୍ରିନାଥ ବଜାର ମହୀଧରପଡ଼ା Medical ନିକଟରେ ମୋର ଘରବାରି ପ୍ଲଟ୍ 24,00,000/- ବିକ୍ରିହେବ। 9776846520. D-76211

କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grandbazar (NH-16)** ସମ୍ମୁଖରେ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। **8249310759.** D-76209

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209



CONSTRUCTION

**Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work- SNV Engineering. 9439295469.** D-76203

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Newly open health benefits SPA by expert therapist. Contact- 8280961126. D-76169

Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-1949

Newly open health benefits SPA special offer @ 799 Bapujinagar. 8018429809. D-76168

**AFFIDAVIT**

By virtue an affidavit No.- 11855, dtd- 14.11.2024 before Executive Magistrate, Vyasanagar, I, Surendra Kumar Sahoo, aged about 51 years have changed my son name Aayush Ranjan Sahoo to Ayush Ranjan Sahoo, At- Niladri Bihar, P.O./P.S.- Jajpur Road, Dist.- Jajpur for all purposes.
Surendra Kumar Sahoo D-1995

I, Brajkishor Mandhata, S/o- Late Arikhithoo Madhata, resident of Vill- Bhajagarh, P.O.-Mangalajodi, P.S.-Tangi, Dist.-Khordha, Pin-752023 Odisha declare by this affidavit No.- 1368, dtd.18.11.2024 that now onwards I shall be known as Brij Kishore Arikhithoo for all future purposes. D-76170

# ଶୀତରେ ସୁସ୍ଥ ରଖେ ଡ୍ରାଏଫ୍ରୁଟ୍ସ

**ଶୀତଦିନ ଆରମ୍ଭ ହେଲେ ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ମାଆମାନଙ୍କର ଚିନ୍ତା ବଢ଼ିଯାଏ। କାରଣ ପାଣିପାଗ ପରିବର୍ତ୍ତନ ଯୋଗୁ ପିଲା ବିଶେଷକରି ସ୍କୁଲ ଯାଉଥିବା ପିଲାଙ୍କ ଠାରେ ଥଣ୍ଡା, ଜ୍ୱର, କାଶ ଭଳି ସମସ୍ୟା ଦେଖାଦେଇଥାଏ। କେବଳ ପିଲା ନୁହନ୍ତି, ସବୁ ବୟସ୍କଙ୍କଠାରେ ମଧ୍ୟ ଏଦିନେ ଏଭଳି ସମସ୍ୟା ଦେଖାଦିଏ। ତେଣୁ ଖାଦ୍ୟ ତାଲିକାରେ କେତୋଟି ଡ୍ରାଏଫ୍ରୁଟ୍ସକୁ ସାମିଲକଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ଏବଂ ଏହି ସମସ୍ୟା ଦୂର ହୋଇଥାଏ...**

**ଆଲମଣ୍ଡ:** ଏଥିରେ ପ୍ରୋଟିନ୍, ଫାଇବର, ଭିଟାମିନ୍ ଇ ଅଧିକ ମାତ୍ରାରେ ରହିଛି। ଏହା ଶରୀରରେ ଇମ୍ୟୁନିଟି ପାୱାର ବୃଦ୍ଧି କରିଥାଏ। ପ୍ରତିଦିନ ୫-୬ଟି ଆଲମଣ୍ଡକୁ ପାଣିରେ ଭିଜାଇ ଖାଇଲେ ଓଜନ ନିୟନ୍ତ୍ରଣରେ ରହିଥାଏ।

**କିସମିସ୍:** ଏଥିରେ ପ୍ରଚୁର ପରିମାଣରେ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି। ଏହାକୁ ମଧ୍ୟ ଖାଲି ଖାଇବା ଅପେକ୍ଷା ଭିଜାଇ ଖାଇଲେ ବେଶ୍ ଲାଭ ମିଳିଥାଏ। ଏହା ରୋଗ ସହ ଲଢ଼ିବାକୁ ଶରୀରକୁ ପ୍ରାକୃତିକ ଉର୍ଜା ଯୋଗାଇଥାଏ।



**କାଜୁ:** ଏଥିରେ ଫାଇବର ମାତ୍ରା ଅଧିକ। ପ୍ରତିଦିନ ୪-୫ଟି କାଜୁ ଖାଇଲେ ଏହା ଶରୀରକୁ ପ୍ରାକୃତିକ ଉପାୟରେ ଗରମ ରଖିଥାଏ। ଏହା ଇମ୍ୟୁନିଟି ପାୱାର ବଢ଼ାଇବା ସହ ଶରୀରକୁ ଭାଇରସ୍, ବ୍ୟାକ୍ଟେରିଆ ଆଦି କବଳରୁ ସୁରକ୍ଷା ପ୍ରଦାନ କରିଥାଏ। ଏହା ହାଡ଼କୁ ମଜଭୁତ ରଖିବାରେ ବି ସାହାଯ୍ୟ କରିଥାଏ।

**ଅଖରୋଟ:** ଏଥିରେ ଥିବା ଓମେଗା ୩ ଫ୍ୟାଟି ଏସିଡ୍, ପ୍ରୋଟିନ୍, ଆଇରନ୍ ଏବଂ ଫାଇବର୍ ଶରୀରକୁ ଆବଶ୍ୟକ ପୋଷକତତ୍ତ୍ୱ ଯୋଗାଇଥାଏ। ପ୍ରତିଦିନ ଏହାକୁ ଭିଜାଇ ଖାଇଲେ ଥଣ୍ଡା ଜନିତ ସମସ୍ୟା ଦୂରହୋଇଥାଏ।

**ପିସ୍ତା:** ପ୍ରୋଟିନ୍, କାର୍ବୋହାଇଡ୍ରେଟ୍ସ, ଭିଟାମିନ୍ ବି-୬, ଆଇରନ୍, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ ତତ୍ତ୍ୱରେ ଭରପୂର ପିସ୍ତା ଶରୀର ପାଇଁ ଖୁବ୍ ଉପକାରୀ। ପ୍ରତିଦିନ ଏହାକୁ ଖାଦ୍ୟତାଲିକାରେ ସାମିଲକଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ ଏବଂ ଶୀତଦିନେ ଫ୍ଲୁ ଜନିତ ସମସ୍ୟାଠୁ ଦୂରେଇ ରଖିଥାଏ।

# ଏପରି ଲିଭାଇପାରିବେ ଟାଟୁ

**ଟାଟୁ କରିବା ଅନେକ ଯୁବତୀ ଏବଂ ମହିଳାଙ୍କର ପସନ୍ଦ। ହେଲେ କିଛିବର୍ଷ ପରେ ଅନେକେ ଏହାକୁ ଲିଭାଇ ସ୍ପଟ୍‌ଲେସ୍ ସ୍କିନ୍ ପାଇବାକୁ ଇଚ୍ଛା କରନ୍ତି। ଆଉ ଏଥିପାଇଁ ବିଭିନ୍ନ ଉପାୟ ଆପଣାଉଛନ୍ତି। କିନ୍ତୁ ତ୍ୱଚା ପାଇଁ ହାନିକାରକ ହୋଇପାରେ। ତେଣୁ ଟାଟୁ ରିମୁଭ୍ କରିବାକୁ ଚାହୁଁଥିଲେ ଜାଣିରଖନ୍ତୁ କେତୋଟି କଥା...**



- ଟାଟୁ ରିମୁଭ କରିବା ସହଜ କାମ ନୁହେଁ। କେବେକେବେ ଟାଟୁ ଠିକ୍ ଭାବେ ରିମୁଭ୍ ନ ହୋଇପାରିଲେ ଏହା ଦାଗ ଆକାରରେ ଶରୀରରେ ଅନେକ ଦିନ ଧରି ରହିଯାଏ।

- ଟାଟୁ ଲିଭେଇବା ପାଇଁ ବର୍ତ୍ତମାନ ଅନେକ ମହିଳା ଇଣ୍ଟରନେଟ୍‌ରୁ ଦେଖି ବିଭିନ୍ନ ଘରୋଇ ଉପଚାର ଆପଣାଇଥିବା ଦେଖିବାକୁ ମିଳୁଛି। ହେଲେ ଏପରି କରିବା ଦ୍ୱାରା ଶରୀରକୁ କ୍ଷତି ପହଞ୍ଚିଥାଏ। ତେଣୁ ଅଭିଜ୍ଞ ଡାକ୍ତର କିମ୍ବା ଟାଟୁ ଆର୍ଟିଷ୍ଟଙ୍କ ପାଖରେ ହିଁ ରିମୁଭ୍ କରାନ୍ତୁ।

- ଟାଟୁ ରିମୁଭ୍ କରିବା ପାଇଁ ବ୍ୟବହୃତ ହୋଇଥାଏ ରାସାୟନିକ ପଦାର୍ଥ। ଯଦି ଭୁଲ୍‌ବଶତଃ ଆବଶ୍ୟକତାଠାରୁ ଅଧିକ ବ୍ୟବହାର ହୋଇଯାଏ, ତେବେ ଏହାର ପାର୍ଶ୍ୱ ପ୍ରତିକ୍ରିୟାରେ ଜୀବନ ଚାଲିଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

- ଟାଟୁ ରିମୁଭ୍ କରିବା ଦ୍ୱାରା କେତେକଙ୍କଠାରେ ଏପରି କରିବା ପରେ ଉକ୍ତ ସ୍ଥାନରେ ପ୍ରକୃତ ସ୍କିନ୍ ଟୋନ୍ ବଦଳିଯାଇ କଳା କିମ୍ବା ଧଳା ପଡ଼ିଯାଇ ଶରୀରର ସୌନ୍ଦର୍ଯ୍ୟ ନଷ୍ଟ କରିଥାଏ।

- ଅଧିକାଂଶଙ୍କ ପାଖେ ଟାଟୁ ରିମୁଭ୍ କରିବା ବେଳେ ଆଲର୍ଜି ହେବା କିମ୍ବା ଇନ୍‌ଫେକ୍‌ସନ୍ ହେବା ଅଧିକ ଆଶଙ୍କା ଥାଏ। ତେଣୁ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶ ନେଇ ସତର୍କତାର ସହ ଏହା କରାଇବା ଆବଶ୍ୟକ।

- ଅନେକ ମହିଳା ଫ୍ୟାଶନେବଲ୍ ଲାଗିବା ପାଇଁ ଲିପ୍ ଲାଇନର, ଆଇ ଲାଇନର, ଆଇବ୍ରୋ ଆଦିରେ କସ୍‌ମେଟିକ୍ ଟାଟୁ କରାଇଥାନ୍ତି। ପରବର୍ତ୍ତୀ ସମୟରେ କେହି କେହି ଏହାକୁ ଲେଜର ଟ୍ରିଟ୍‌ମେଣ୍ଟ କରାଇ ରିମୁଭ୍ କରାଇବାକୁ ମଧ୍ୟ ଚେଷ୍ଟା କରନ୍ତି। ହେଲେ ଏଥିପାଇଁ ସ୍କିନ୍ କଲର ଖରାପ ହୋଇଯିବା ଘଟଣା ବି ଦେଖିବାକୁ ମିଳିଛି।

# ଫ୍ୟାମିଲି ପିକ୍‌ନିକ୍



**ପରିବାର ସହ ଥଣ୍ଡା ଥଣ୍ଡା ପାଗରେ ନୂଆ ଜାଗା ବୁଲିଯିବା, ମଜାମସ୍ତିରେ ଭୋଜିକରି ଖାଇବା କାହାକୁ ବା ପସନ୍ଦ ନୁହେଁ। ଦୈନନ୍ଦିନ ବ୍ୟସ୍ତଜୀବନରୁ କିଛି ସମୟ ବାହାର କରି ଏଭଳି ସୁନ୍ଦର ଅନୁଭୂତି ସାଉଁଟିବାକୁ ସମସ୍ତେ, ବିଶେଷକରି ମହିଳାମାନେ ବେଶି ଉତ୍କଣ୍ଠିତ। ତେବେ ଫ୍ୟାମିଲି ପିକ୍‌ନିକ୍ ଯିବାର ପ୍ଲାନିଂ କରୁଥିଲେ ଏହାକୁ ସ୍ମରଣୀୟ କରିବା ପାଇଁ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ...**





ଆରମ୍ଭ ହୋଇଯାଇଛି ପିକ୍‌ନିକ୍ ସିଜନ। ଅଧିକାଂଶ ମହିଳା ଏବେ ଦୈନନ୍ଦିନ ବ୍ୟସ୍ତବହୁଳ ଜୀବନରୁ ବିରତି ନେଇ କିଛି ସମୟ ପରିବାର ସହ ଖୁସି ମନେଇବା ପାଇଁ ବିଭିନ୍ନ ସ୍ଥାନରେ ପିକ୍‌ନିକ୍‌ରେ ଯିବାକୁ ଚାହିଁ ରହିଛନ୍ତି। ତେବେ ଫ୍ୟାମିଲି ପିକ୍‌ନିକ୍‌କୁ ସୁରକ୍ଷିତ ତଥା ଏଞ୍ଜୟେବଲ୍ କରିବାକୁ ଚାହୁଁଥିଲେ କେତେକ ଦିଗ ପ୍ରତି ଦୃଷ୍ଟିଦେବା ନିହାତି ଆବଶ୍ୟକ...

**ପାଖରେ ରଖନ୍ତୁ ଆବଶ୍ୟକ ସାମଗ୍ରୀ:** ଫ୍ୟାମିଲି ପିକ୍‌ନିକ୍‌ରେ ଯିବାକୁ ହେଲେ ମହିଳାମାନଙ୍କୁ ପୂର୍ବରୁ ବିଶେଷ ପ୍ରସ୍ତୁତି କରିବାକୁ ପଡ଼ିଥାଏ। ସାଙ୍ଗରେ ଟାୱେଲ୍, ହଠାତ୍ ଆବଶ୍ୟକ ହେଲେ ପିନ୍ଧିବା ପାଇଁ ଏକ୍ସଟ୍ରା ଡ୍ରେସ୍, ଶୀତବସ୍ତ୍ର ସାଙ୍ଗକୁ କିଛି ଶୁଖିଲା ଖାଦ୍ୟ, ପିଇବା ପାଣି, ହ୍ୟାଣ୍ଡ ୱାଶ୍ ଆଦି ନିହାତି ରଖନ୍ତୁ।

**ପିନ୍ଧନ୍ତୁ ନାହିଁ ଗହଣା:** ବର୍ତ୍ତମାନ ସୁନା ଗହଣା ଚୋରୀ ଏବଂ ଏଥିପାଇଁ ବିଭିନ୍ନ ଅଘଟଣ ଘଟୁଥିବା ଦେଖିବାକୁ ମିଳୁଛି। ତେଣୁ ପିକ୍‌ନିକ୍ ଯିବାବେଳେ କେବଳ ମହିଳା ନୁହନ୍ତି ପରିବାରର ଅନ୍ୟ ସଦସ୍ୟଙ୍କୁ ବି ସୁରକ୍ଷା ଦୃଷ୍ଟିରୁ ସୁନା ଗହଣା ନ ପିନ୍ଧିବା ଦରକାର। ସେହିପରି ପାଖରେ ଅଧିକ ଟଙ୍କା କ୍ୟାଶ୍ ନ ରଖି ଆବଶ୍ୟକ ସ୍ଥଳେ ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ସୁବିଧା ନେଲେ ଭଲ।

**ସମସ୍ତ ସାମଗ୍ରୀ ଦାୟିତ୍ୱରେ ରଖନ୍ତୁ:** ମୋବାଇଲର ଚାର୍ଜ ଫୁଲ୍ ରଖନ୍ତୁ। ଟଙ୍କା, ମୋବାଇଲ୍, କ୍ୟାମେରା ଭଳି ସାମଗ୍ରୀ ଯେପରି ନ ହଜେ କିମ୍ବା ଚୋରି ନ ହୁଏ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। ନିଜ ପର୍ସ କିମ୍ବା ଭ୍ୟାନିଟି ବ୍ୟାଗ୍‌କୁ କାନ୍ଧରେ ରଖନ୍ତୁ। ଏଣେତେଣେ ରଖିବା ଦ୍ୱାରା ଏହା ଚୋରି ହେବା ଆଶଙ୍କା ବଢ଼ିଯାଇଥାଏ।

**ରଖନ୍ତୁ ଏମର୍ଜେନ୍ସି କିଟ୍:** ପିକ୍‌ନିକ୍‌ରେ ବୁଲାବୁଲି, ନାଚଗୀତ ଆଦି ଭିତରେ ଖାଇବା ସମୟ ଏପଟସେପଟ ହେବା ଦ୍ୱାରା ହେଉ କିମ୍ବା ଅଦିନିଆ ଅଧିକ ତେଲମସଲାଯୁକ୍ତ ଖାଦ୍ୟ ଅନେକଙ୍କଠାରେ ଗ୍ୟାସ୍, ଏସିଡିଟି, ଝାଡ଼ା, ବାନ୍ତି ଭଳି ହଠାତ୍ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଏମିତିରେ ସଙ୍ଗେ ସଙ୍ଗେ ମେଡିକାଲ ସୁବିଧା ପାଇବା କଷ୍ଟକର ହୋଇଥିବାରୁ ପାଖରେ କିଛି ମେଡିସିନ ସହ ଫାଷ୍ଟଏଡ୍ କିଟ୍ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ। ପିଲା ଏବଂ ବୃଦ୍ଧ ସାଙ୍ଗରେ ଥିଲେ ସେମାନଙ୍କର ସମସ୍ତ ଆବଶ୍ୟକ ଔଷଧ ସାଙ୍ଗରେ ନେବାକୁ ଆଦୌ ଭୁଲନ୍ତୁ ନାହିଁ। ବର୍ତ୍ତମାନ ଅନେକ ସ୍ଥାନରେ କାଶ, ଜ୍ୱର ଭଳି ଭାଇରାଲ୍ ଡିଜିଜ୍ ଦେଖିବାକୁ ମିଳୁଛି। ତେଣୁ ବୁଲିବାକୁ ଗଲେ ଗହଳି ସ୍ଥାନରେ କୌଣସି ସଂକ୍ରମଣଠୁ ଦୂରେଇରହିବା ଲାଗି ମାସ୍କ ବ୍ୟବହାର କରନ୍ତୁ।

**ଛୋଟ ପିଲାଙ୍କୁ ସାଙ୍ଗରେ ନେଉଥିଲେ:** ଯଦି ସାଙ୍ଗରେ ଛୋଟ ପିଲା ଅଛନ୍ତି ତେବେ ସେମାନଙ୍କ ଖାଦ୍ୟପେୟ ବ୍ୟବସ୍ଥା ଠିକ୍ ଭାବରେ କରିବା ଦରକାର। ପିକ୍‌ନିକ୍ ସ୍ଥଳରେ ରାନ୍ଧି ଖାଇବା ବ୍ୟବସ୍ଥା ଥିଲେ ସୁଦ୍ଧା ପିଲାଙ୍କ ପାଇଁ ଖାଦ୍ୟ, ପିଇବା ପାଣି ନିଅନ୍ତୁ। ସେହିପରି ସେମାନଙ୍କ ପାଇଁ କିଛି ଏକ୍ସଟ୍ରା ପେୟାର ଡ୍ରେସ୍, ଟାୱେଲ ଏବଂ କେତେକ ଏମର୍ଜେନ୍ସି ମେଡିସିନ ନେବାକୁ ଆଦୌ ଭୁଲନ୍ତୁ ନାହିଁ। ସେମାନଙ୍କୁ ସବୁବେଳେ ପାଖରେ ରଖନ୍ତୁ। ବାପାମାଆଙ୍କ ଫୋନ୍ ନମ୍ବର ଶିଖାନ୍ତୁ କିମ୍ବା ତାଙ୍କ ହାତରେ ଲେଖି ଦିଅନ୍ତୁ, ଫଳରେ ହଠାତ୍ ପିଲା ପିକ୍‌ନିକ୍ ସ୍ଥଳରେ ଗହଳିରେ କେଉଁଆଡ଼େ ଚାଲିଗଲେ ମିଳିବା ସହଜ ହୋଇପାରିବ।

**ଦୁଃସାହସିକ କାର୍ଯ୍ୟଠୁ ଦୂରେଇ ରୁହନ୍ତୁ:** ହିଲ୍ ଷ୍ଟେଶନକୁ ପିକ୍‌ନିକ୍ ପାଇଁ ଯାଇଥିଲେ ସୁରକ୍ଷା ଦୃଷ୍ଟିରୁ ଝରଣା ପାଣିରେ ଗାଧୋଇବା, ପାହାଡ଼ ଚଢ଼ିବା, ଜଙ୍ଗଲ ଭିତରକୁ ଯିବା ଭଳି ବିଭିନ୍ନ ଦୁଃସାହସିକ କାର୍ଯ୍ୟଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ। ସେହିପରି ଯଦି ସମୁଦ୍ରକୂଳକୁ ଯାଉଛନ୍ତି ତେବେ ଅଧିକ ପାଣି ଭିତରକୁ ଆଦୌ ଯାଆନ୍ତୁ ନାହିଁ। କାରଣ ସମୁଦ୍ର ପାଣିରେ ଗାଧୋଇବାର ମଜାନେବାକୁ ଯଦିଓ ସମସ୍ତେ ଭଲ ପାଆନ୍ତି ହେଲେ ବେଳେବେଳେ ସମୁଦ୍ର ସୂଅ ଟାଣି ନେଇ ଅନେକ ଜୀବନ ହାନି ହେବାର ନଜିର ରହିଛି। ତେଣୁ କୌଣସି ନୂଆ ଜାଗାକୁ ଯାଉଥିଲେ ସର୍ବଦା ସାଙ୍ଗରେ ଗାଇଡ୍ ବା ସେ ସ୍ଥାନ ସମ୍ପର୍କରେ ଭଲଭାବେ ଜାଣିଥିବା ଲୋକଙ୍କୁ ନେବା ଭଲ।

**ସଫା ରଖନ୍ତୁ ପିକ୍‌ନିକ୍ ସ୍ପଟ୍:** ବର୍ତ୍ତମାନ ପ୍ରାୟ ଅଧିକାଂଶ ପିକ୍‌ନିକ୍ ସ୍ପଟ୍‌ରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଡଷ୍ଟବିନ୍‌ର ବ୍ୟବସ୍ଥା କରାଯାଇଛି। ତେଣୁ ବଣଭୋଜି ସରିବା ପରେ ଅଇଁଠା ପ୍ଲେଟ୍, ଗ୍ଲାସ୍, ପାଣି ବୋତଲ ଏଣେତେଣେ ନ ଫିଙ୍ଗି ନିକଟରେ ଡଷ୍ଟବିନ୍‌ରେ ପକାନ୍ତୁ। ଡଷ୍ଟବିନ୍ ନ ଥିଲେ ସେସବୁକୁ ଏକାଠିକରି କୌଣସି ଚଳପ୍ରଚଳ ନ ଥିବା କଡ଼ରେ ପକାନ୍ତୁ, ଯେପରି ପିକ୍‌ନିକ୍ ସ୍ଥଳ ଅପରିଷ୍କାର ନ ହୁଏ। ପରିବେଶ ପ୍ରଦୂଷଣ କରୁଥିବା ଭଳି ପ୍ଲାଷ୍ଟିକ୍ ଗ୍ଲାସ୍, ପଲିଥିନ୍ ଆଦି ମଧ୍ୟ ବ୍ୟବହାର କରନ୍ତୁ ନାହିଁ।

**ଫଟୋ, ଭିଡିଓ ଶୁଟ୍ ବେଳେ ରୁହନ୍ତୁ ସତର୍କ:** ମହିଳାମାନଙ୍କ ଠାରେ ବର୍ତ୍ତମାନ ଫଟୋ ଏବଂ ରିଲ୍ସ ଶୁଟ୍ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବା କ୍ରେଜ୍ ସବୁଠୁ ଅଧିକ। ହେଲେ ବର୍ତ୍ତମାନ ସେଲ୍‌ଫି ଉଠେଇବା ଏବଂ ରିଲ୍ସ ଭିଡିଓ ଶୁଟ୍ କରିବା ଲାଗି ପିକ୍‌ନିକ୍ ସ୍ଥଳରେ ବିଭିନ୍ନ ଅଘଟଣ ଘଟୁଥିବା କଥା ନଜରକୁ ଆସୁଛି। ତେଣୁ ଉଚ୍ଚ ପାହାଡ଼ ଧାରରେ, ଝରଣାକୂଳରେ, ଜଳପ୍ରପାତ ପାଖରେ, ପାଣି ଭିତରେ, ଡଙ୍ଗାରେ କିମ୍ବା ଅନ୍ୟ ବିପଦପୂର୍ଣ୍ଣ ସ୍ଥାନରେ ଠିଆହୋଇ ଆଦୌ ଫଟୋ ଉଠାନ୍ତୁ ନାହିଁ। ବିଶେଷକରି ପିଲାମାନଙ୍କୁ ଏଭଳି ଦୁଃସାହସିକ କାର୍ଯ୍ୟଠାରୁ ଦୂରେଇରଖନ୍ତୁ। ତେଣୁ ପିକ୍‌ନିକ୍‌ରେ ମଜା କରନ୍ତୁ ଏବଂ ଏହାକୁ ସ୍ମରଣୀୟ କରିବା ଲାଗି ଫଟୋ ମଧ୍ୟ ଉଠାନ୍ତୁ, ହେଲେ ଏହା ଯେପରି ଜୀବନ ପ୍ରତି ବିପଦପୂର୍ଣ୍ଣ ନ ହୁଏ, ସେଥିପ୍ରତି ସଜାଗ ରୁହନ୍ତୁ।

## ଏମାନେ କ'ଣ କରନ୍ତି...



**ସଂହିତା ମହାରଣା(ଭୁବନେଶ୍ୱର)-** ପିଲାଙ୍କ ସ୍କୁଲ୍ ଛୁଟି ମିଳିଲେ ସପରିବାର ବୁଲିଯିବା ଆମର ଭାରି ପସନ୍ଦ। ବାହାର ରାଜ୍ୟଠୁ ଆରମ୍ଭ କରି ବାହାର ଦେଶ ମଧ୍ୟ ବୁଲି ଯାଇଛୁ। ହେଲେ ଶୀତଦିନେ ଆଖପାଖରେ ଥିବା ବିଭିନ୍ନ ପିକ୍‌ନିକ୍ ସ୍ପଟ୍‌ରେ ଭୋଜିକରି ଖାଇବାର ମଜା ନିଆରା। ତେବେ ଏଭଳି ଫ୍ୟାମିଲି ପିକ୍‌ନିକ୍ ହେଲେ କେତେକ ଦିଗ ପ୍ରତି ସଜାଗ ରହିଥାଏ। ପିକ୍‌ନିକ୍‌ରେ ଖାଇବାର ସମସ୍ତ ବ୍ୟବସ୍ଥା ଥିଲେ ସୁଦ୍ଧା ସାଙ୍ଗରେ ପିଲା ଏବଂ ବୟସ୍କ ଥିବାରୁ ସେମାନପାଇଁ ଖାଦ୍ୟ, ଏକ୍ସଟ୍ରା ଡ୍ରେସ୍, କିଛି ଜରୁରୀ ମେଡିସିନ୍ ଆଦି ନେବାକୁ ଜମା ଭୁଲି ନ ଥାଏ।



**ନିରୁପମା ସ୍ୱାଇଁ(ବାଙ୍କୁଆଳ, ଭୁବନେଶ୍ୱର)-** ପିକ୍‌ନିକ୍ ହେଉ କିମ୍ବା କେଉଁଆଡେ ପରିବାର ସହ ଯିବା ବେଳେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିଥାଉ। ପାଖରେ ଅଧିକ ଟଙ୍କା ନ ରଖିବା, ନିଜେ କିମ୍ବା ପରିବାର ସଦସ୍ୟ ସୁନାଗହଣା ନ ପିନ୍ଧିବା ଆଦିକୁ ଅଧିକ ଗୁରୁତ୍ୱ ଦେଇଥାଉ। ଏହା ବ୍ୟତୀତ ପିକ୍‌ନିକ୍ ସ୍ପଟରେ ପାଣି, ପାହାଡ ଆଦି ଥିଲେ ଫଟୋ ଉଠାଇବା, ରିଲ୍ସ କରିବା ନିଶାରେ ଯେପରି କେହି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏବଂ ଆମେ ଖାଇବା ପରେ ଯେପରି ଏଣେତେଣେ ପ୍ଲେଟ୍, ଗ୍ଲାସ୍ ଆଦି ପଡି ପିକ୍‌ନିକ୍ ସ୍ପଟ୍ ଅପରିଷ୍କାର ନ ହେଉ ସେଥିପ୍ରତି ଧ୍ୟାନ ଦେଇଥାଉ।



## ସୌନ୍ଦର୍ଯ୍ୟ

# ହୋମ୍ ମେଡ୍ ଲିପ୍‌ବାମ୍

**ଶୀତ ଆସିବାରୁ ଓଠ ଶୁଖିବା ଆରମ୍ଭ ହେଲାଣି। ତେଣୁ ଓଠ ଫାଟିବା ସମସ୍ୟା ନ ହେବା ଲାଗି ଆପଣ ଚାହିଁଲେ ଘରେ ମଧ୍ୟ ଲିପ୍‌ବାମ୍ ପ୍ରସ୍ତୁତ କରିପାରିବେ। ଏହାକୁ ଶୀତଦିନେ ଲଗାଇ ଓଠକୁ ସଫ୍ଟ ଏବଂ ପିଙ୍କ୍ ରଖିପାରିବେ...**



⏭ବର୍ତ୍ତମାନ କୋରିଆନ୍ ଲିପ୍‌ବାମ୍‌ର ଡିମାଣ୍ଡ ଖୁବ୍ ବେଶି। ଏହାକୁ ଅଧିକ ଦାମ୍ ଦେଇ ଅନେକେ କିଣୁଥିବା ଦେଖିବାକୁ ମିଳୁଛି। ହେଲେ ଏହାକୁ ଘରେ ମଧ୍ୟ ପ୍ରସ୍ତୁତ କରିହେବ। ଏଥିପାଇଁ ପ୍ରଥମେ ଏକ କଡ଼େଇରେ ପାଣି ରଖି ଗରମ କରନ୍ତୁ। ଏହା ଫୁଟିବା ଆରମ୍ଭ ହେଲେ ଏହା ଉପରେ ଏକ ଗିନା ରଖନ୍ତୁ ଯେପରି ତାହା ଭାସିବ। ସେଥିରେ ଏକ ବଡ଼ ଚାମଚ ବିୱାକ୍ସ ପ୍ୟାଲେଟ୍ ରଖି ଚାମଚରେ ଧୀରେ ଧୀରେ ଗୋଳନ୍ତୁ। ଏହା ଭଲଭାବେ ତରଳିଗଲେ ସେଥିରେ ୧ ଚାମଚ ନଡ଼ିଆତେଲ ଏବଂ ୧ ଚାମଚ ବାଦାମତେଲ ପକାଇ ଭଲଭାବେ ମିଶାନ୍ତୁ। ସେଥିରେ ୧ ଚାମଚ ମହୁ ମିଶାଇ ପୁଣି ଗୋଳାନ୍ତୁ। ସେଥିରେ ୪-୫ ଡ୍ରପ୍ ଭିଟାମିନ୍ ଇ ଅଏଲ୍ ଏବଂ ନିଜ ପସନ୍ଦର କୌଣସି ଏସେନ୍ସିଆଲ୍ ଅଏଲ୍ ପକାନ୍ତୁ। ଏହାକୁ ଭଲ ଭାବେ ମିଶାନ୍ତୁ। ଚୁଲା ବନ୍ଦକରି ଗିନା କାଢ଼ି ଆଣନ୍ତୁ। ଭଲ ଭାବେ ଗୋଳାଇ ଥଣ୍ଡା ହେବା ପରେ ଲିପ୍‌ବାମ୍‌କୁ ଏକ କଣ୍ଟେନରରେ ରଖିଦିଅନ୍ତୁ। ବେଷ୍ଟ ରେଜଲ୍ଟ ପାଇଁ ପ୍ରତିଦିନ ଏହାକୁ ଓଠାରେ ଲଗାନ୍ତୁ।



⏭ବର୍ତ୍ତମାନ ରୋଜ୍‌ମେରୀ ଲିପ୍‌ବାମ୍ ବି ଖୁବ୍ ଡିମାଣ୍ଡରେ ରହିଛି। ହେଲେ ଆପଣ ଚାହିଁଲେ ଏହାକୁ ଘରେ ମଧ୍ୟ ପ୍ରସ୍ତୁତ କରିପାରିବେ। ଏଥିପାଇଁ ୧ ଚାମଚ ବିୱାକ୍ସ, ୩ ଚାମଚ ନଡ଼ିଆ ତେଲ ଏବଂ ୨ ଚାମଚ ସିଆ ବଟର ପକାଇ ଅଳ୍ପ ଗରମ କରନ୍ତୁ ଏବଂ ତରଳିବା ପରେ ଭଲ ଭାବେ ମିଶାଇ ଦିଅନ୍ତୁ। ସେଥିରେ ୪-୫ ଟୋପା ଭିଟାମିନ୍ ଇ, ୨ ଟୋପା ରୋଜ୍‌ମେରୀ ଏସେନ୍ସିଆଲ ଅଏଲ୍ ଏବଂ ୩ ଟୋପା ପିପରମିଣ୍ଟ ଏସେନ୍ସିଆଲ୍ ଅଏଲ୍ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ କିଛି ସମୟ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ପ୍ରତିଦିନ ଏହି ବାମ୍‌କୁ ଓଠରେ ଲଗାଇଲେ ଓଠ ନରମ ଏବଂ ଗୋଲାପି ରହିବ।

## ଖାଦ୍ୟରୁଚି // ସୋୟାବିନ୍ ୬୫

**ଆବଶ୍ୟକ ସାମଗ୍ରୀ:** ୫୦ଗ୍ରାମ୍ ସୋୟାବିନ୍। ଲାଲ୍ ଲଙ୍କା ପାଉଡର ଅଧା ଚାମଚ, ଜିରା ପାଉଡର ୧/୪ ଚାମଚ, ଚାଉଳଗୁଣ୍ଡ ୧ ଚାମଚ, ଦହି ୨ ଚାମଚ, ସୋରିଷ ୧ ଚାମଚ, ପାନମଧୁରୀ ୧/୨ ଚାମଚ, ୧ ଇଞ୍ଚ ଅଦା ଛୋଟ କଟାହୋଇଥିବା, ୪ କୋଲା ରସୁଣ ଛୋଟ କଟାହୋଇଥିବା, ଭୃସୁଙ୍ଗ ପତ୍ର ୮-୧୦ଟି, ଶୁଖିଲା ଲଙ୍କା ୩ଟି, ଧନିଆ ପାଉଡର ୧/୨ ଚାମଚ, ହଳଦୀ ଗୁଣ୍ଡ ୧/୪ ଚାମଚ, ଗୋଲମରିଚ ପାଉଡର ୧/୪ ଚାମଚ, କଟା ଧନିଆ ପତ୍ର, ଛାଣିବା ପାଇଁ ତେଲ ଏବଂ ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଡ଼େଇରେ ପାଣି ଏବଂ ଅଳ୍ପ ଲୁଣ ପକାଇ ସୋୟାବିନ୍‌କୁ ସିଝେଇ ଦିଅନ୍ତୁ। ଏହାକୁ ଛାଣି ଏକ ପାତ୍ରରେ ରଖନ୍ତୁ। ସେଥିରେ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଦହି, ଚାଉଳଗୁଣ୍ଡ, ଲୁଣ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ଏକ ପାତ୍ରରେ ତେଲ ଗରମକରି ସେଥିରେ ଏହାକୁ ଅଳ୍ପ ବ୍ରାଉନ କଲର ହେବା ଯାଏ ଛାଣନ୍ତୁ। ଅନ୍ୟ ଏକ ପ୍ୟାନ୍‌ରେ ଅଳ୍ପ ତେଲ ଗରମ କରନ୍ତୁ। ସେଥିରେ ସୋରିଷ, ପାନମଧୁରୀ, କଟା ଅଦା, କଟା ରସୁଣ, ଭୃସୁଙ୍ଗ ପତ୍ର, ଶୁଖିଲା ଲଙ୍କା ପକାଇ ଭାଜନ୍ତୁ। ଏହା ଲାଲ୍ ହୋଇଗଲେ ସେଥିରେ ଦହି ପକାଇ ଗୋଳାନ୍ତୁ। ବର୍ତ୍ତମାନ ସେଥିରେ ଧନିଆ ପାଉଡର, ଜିରା ପାଉଡର, ପୂର୍ବରୁ ଛଣାହୋଇଥିବା ସୋୟାବିନ୍ ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସୋୟାବିନ୍ ୬୫। ସେଥିରେ ଗୋଲମରିଚ ଗୁଣ୍ଡ ଏବଂ କଟା ଧନିଆପତ୍ର ପକାଇ ଖାଇବାର ମଜା ନିଅନ୍ତୁ।



ଧରିତ୍ରୀ 50 Years
# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୯/୨୦୨୪ Bhubaneswar, Tuesday, November 19/ 2024

## ସ୍ୱପ୍ତିଙ୍କୁ ୧ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ



**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ):** ଓଡ଼ିଶାର ପ୍ରତିଭା ସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱପ୍ତି ସିଂ ଜାତୀୟ ସ୍ତରରେ ନିଜର ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଚେନ୍ନାଇରେ ଚାଲିଥିବା ନ୍ୟାଶନାଲ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ସେ ୧ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୪ କିଲୋମିଟର ମହିଳା ଏଲିଟ ଟିମ୍ ଇଭେଣ୍ଟରେ ଓଡ଼ିଶା ପ୍ରଥମଥରପାଇଁ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ଏଥିରେ ସ୍ୱପ୍ତି ଦଳର ଅନ୍ୟତମ ସଦସ୍ୟା ଥିଲେ। ସେହିପରି ସ୍ପ୍ରିଣ୍ଟ ଟିମ୍ ଇଭେଣ୍ଟ ଓ ବ୍ୟକ୍ତିଗତ ଓମ୍ନିଅମରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଗତ ଅକ୍ଟୋବରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ୍‌ରେ ସେ ଗୋଟିଏ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଥିଲେ।

# ଭାରତୀୟ ଦଳରେ ଓଡ଼ିଶାର ୩

**ନୂଆଦିଲ୍ଲୀ, ୧୮।୧୧ (ପି.ଟି.)**

ନଭେମ୍ବର ୨୬ରୁ ମସ୍କଟଠାରେ ପୁରୁଷ ଜୁନିୟର ଏସିଆକପ୍ ହକି ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିପାଇଁ ଅମୀର ଅଲୀଙ୍କ ଅଧିନାୟକତ୍ୱରେ ୨୦ ଜଣିଆ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୩ ଖେଳାଳି ଅନମୋଲ ଏକ୍କା, ରୋଶନ କୁଜୁର ଓ ମୁକେଶ ଟପ୍ପୋ ସାମିଲ ହୋଇଛନ୍ତି। ଭାରତ ଏହି ଟୁର୍ନାମେଣ୍ଟ ସର୍ବାଧିକ ୪ଥର (୨୦୦୪, ୨୦୦୮, ୨୦୧୫ ଓ ୨୦୨୩) ଜିତି ରେକର୍ଡ କରିଛି। ଗତବର୍ଷ ଫାଇନାଲରେ ଦଳ ପାକିସ୍ତାନକୁ ୨-୧ରେ ପରାସ୍ତ

**ଜୁନିୟର ଏସିଆ କପ୍ ହକି**

କରି ଟାଇଟଲ ବିଜୟୀ ହୋଇଥିଲା। ଚଳିତବର୍ଷ ଏହି ଇଭେଣ୍ଟ ୧୦ଟି ଦଳକୁ ନେଇ ଅନୁଷ୍ଠିତ ହେଉଛି। ସେମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ଭାରତ ବ୍ୟତୀତ ଚାଇନିଜ ତାଇପେ, ଜାପାନ, କୋରିଆ ଓ ଥାଇଲାଣ୍ଡ ରହିଛନ୍ତି। ସେହିପରି ଗ୍ରୁପ୍ 'ବି'ରେ ବାଂଲାଦେଶ, ମାଲେସିଆ, ଚାଇନା, ଓମାନ ଓ ପାକିସ୍ତାନକୁ ସ୍ଥାନ ମିଳିଛି। ଏହି ଟୁର୍ନାମେଣ୍ଟ ଆସନ୍ତାବର୍ଷର ଏଫ୍‌ଆଇଏଚ୍ ଜୁନିୟର ବିଶ୍ୱକପ୍ ପାଇଁ ଏକ କ୍ୱାଲିଫାଇଂ ଇଭେଣ୍ଟ। ଭାରତ ଆୟୋଜକ ହିସାବରେ ଆପେ ଯୋଗ୍ୟତା ଅର୍ଜନ କରିସାରିଛି। କୋଚ୍ ପି.ଆର. ଶ୍ରୀଜେସ୍‌ଙ୍କ ତତ୍ତ୍ୱାବଧାନରେ ଜୁନିୟର ଦଳ ନିକଟରେ ସୁଲତାନ ଜୋହର କପ୍ ହକି ଟୁର୍ନାମେଣ୍ଟରେ ସଫଳତା ହାସଲ କରିପାରିଛି। ଦଳ ଏସିଆ କପ୍‌ରେ ଏହି ସଫଳତା ଦୋହରାଇବ ବୋଲି ଆଶା କରାଯାଉଛି। ଦଳ ମନୋନୟନ ପୂର୍ବରୁ ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ଠାରେ ଏକ ଜାତୀୟ କ୍ୟାମ୍ପ ଆୟୋଜନ କରାଯାଇଥିଲା।



ଓଡ଼ିଶାର ୩ ଖେଳାଳି ଅନମୋଲ ଏକ୍କା, ରୋଶନ କୁଜୁର ଓ ମୁକେଶ ଟପ୍ପୋ।

**ଭାରତୀୟ ଜୁନିୟର ହକି ଦଳ:** ଗୋଲକିପର: ପ୍ରିନ୍ସଦୀପ ସିଂ, ବିକ୍ରମଜିତ୍ ସିଂ। ଡିଫେଣ୍ଡର: ଅମୀର ଅଲୀ(ଅଧିନାୟକ), ଟାଲେମ ପ୍ରିୟବ୍ରତ, ଶ୍ରଦାନନ୍ଦ ତିୱାରୀ, ଯୋଗେମ୍ବର ରାଓ୍ୱତ, ଅନ୍‌ମୋଲ ଏକ୍କା, ରୋହିତ (ଉପଅଧିନାୟକ)। ମିଡ୍‌ଫିଲ୍ଡର: ଅଙ୍କିତ ପାଲ୍, ମନମିତ ସିଂ, ରୋଶନ କୁଜୁର, ମୁକେଶ ଟପ୍ପୋ, ଥୋକ୍ କିଙ୍ଗସନ ସିଂ। ଫରଓ୍ୱାର୍ଡ: ଗୁରଜିତ ସିଂ, ସୌରଭ ଆନନ୍ଦ କୁଶ୍ୱାହା, ଦିଲରାଜ ସିଂ, ଅର୍ଶଦୀପ ସିଂ ଓ ଅରାଇଜିତ ସିଂ ହୁଣ୍ଡାଲ। ବିକଳ୍ପ ଖେଳାଳି: ସୁଖବିନ୍ଦର ଓ ଚନ୍ଦନ ଯାଦବ।

## କୋକେନ ବ୍ୟବହାର ପାଇଁ ବ୍ରେସ୍‌ୱେଲ ବାସନ୍ଦ

**ୱେଲିଂଟନ,୧୮।୧୧**



କୋକେନ ବ୍ୟବହାରକୁ ନେଇ ନ୍ୟୁଜିଲାଣ୍ଡର ପେସ୍ ବୋଲର ଡଗ୍ ବ୍ରେସ୍‌ୱେଲ ଇତିମଧ୍ୟରେ କ୍ରିକେଟରୁ ୧ମାସ ବାସନ୍ଦ ଦଣ୍ଡ ଭୋଗି ସାରିଛନ୍ତି। ମାତ୍ର ନ୍ୟୁଜିଲାଣ୍ଡ ସ୍ପୋର୍ଟ ଇଣ୍ଟିଗ୍ରିଟି କମିଶନ ସୋମବାର ପ୍ରଥମ ଥର ଏହା ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ଚଳିତବର୍ଷ ଜାନୁଆରୀରେ ୱେଲିଂଟନ ବିପକ୍ଷ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟ ଟି୨୦ ମ୍ୟାଚ ପରେ ୩୪ ବର୍ଷୀୟ ବ୍ରେସ୍‌ୱେଲଙ୍କ ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ନିଆଯାଇଥିବା ନମୁନାରେ ନିଷିଦ୍ଧ ଦ୍ରବ୍ୟ ଠାବ କରାଯାଇଥିଲା। ବ୍ରେସ୍‌ୱେଲ ଏହି ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୨୧ରନ ବିନିମୟରେ ୨ଟି ଉଇକେଟ ନେଇଥିବା ବେଳେ ମାତ୍ର ୧୧ ବଲ୍‌ରୁ ୩୦ ରନ କରି ଅପରାଜିତ ରହିଥିଲେ। ଏଥିସହିତ ସେ ଦୁଇଟି ସୁନ୍ଦର କ୍ୟାଚ ମଧ୍ୟ ନେଇଥିଲେ। ସ୍ପୋର୍ଟ ଇଣ୍ଟିଗ୍ରିଟି କମିଶନ ଟେ କାହୁ ରାଉନୁଇ କହିଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ୨୦ଟି ଟେଷ୍ଟରେ ପ୍ରତିନିଧିତ୍ୱ କରିଥିବା ବ୍ରେସ୍‌ୱେଲ ପ୍ରତିଯୋଗିତା ବାହାରେ କୋକେନ ସେବନ କରିଥିବାରୁ ଏହା ଖେଳ ସମ୍ପର୍କିତ ନୁହେଁ। ଖବର ଅନୁସାରେ ବ୍ରେସ୍‌ୱେଲଙ୍କୁ ପ୍ରକୃତରେ ୩ ମାସ ବାସନ୍ଦ କରାଯାଇଥିଲା। ମାତ୍ର ଏକ ଟ୍ରିଟମେଣ୍ଟ ପ୍ରୋଗ୍ରାମ୍ ଶେଷ କରିବା ପରେ ମିଆଦକୁ ଏକ ମାସ ହ୍ରାସ କରାଯାଇଥିଲା। ଏହା ପିଛିଲା ୨୦୨୪ ଏପ୍ରିଲରୁ ଲାଗୁ କରାଯାଇଥିଲା। ବାସନ୍ଦ ଦଣ୍ଡ ଭୋଗି ସାରିଥିବାରୁ ବ୍ରେସ୍‌ୱେଲ ଏଣିକି ପୁନର୍ବାର କ୍ରିକେଟ ଖେଳିପାରିବେ।

## ଯଜ୍ଞେଶ ଶେଟ୍ଟିଙ୍କ ରେକର୍ଡ

**ନୂଆଦିଲ୍ଲୀ, ୧୮।୧୧ (ପି.ଟି.)**

ବିଶିଷ୍ଟ ମାର୍ଶାଲ ଆର୍ଟିଷ୍ଟ ଚିଟା ଯଜ୍ଞେଶ ଶେଟ୍ଟି ଏକ ଦୁଇ ଘଣ୍ଟିଆ ଆତ୍ମସୁରକ୍ଷା କାର୍ଯ୍ୟକ୍ରମରେ ଏକକାଳୀନ ୧୮,୦୦୦ ବାଳିକା ଓ ମହିଳାଙ୍କୁ ତାଲିମ ଦେଇ ଏକ ରେକର୍ଡ ପ୍ରତିଷ୍ଠା କରିଛନ୍ତି। କିମ୍ବଦନ୍ତୀ ବ୍ରୁସ୍ ଲିଙ୍କ ସ୍ମରଣାର୍ଥେ ନେପାଳର ବୀରଗୁଞ୍ଜ ନାମକ ଏକ ସହରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶେଟ୍ଟି ଚିଟା ଜିତ୍ କୁନେ ଡୁ' ଗ୍ଲୋବାଲ ସ୍ପୋର୍ଟ୍ସ ଫେଡେରେଶନର ପ୍ରତିଷ୍ଠାତା ଓ ସଭାପତି ଅଛନ୍ତି। ସେ ଅମିତାଭ ବଚ୍ଚନ, ଅଜୟ ଦେବଗନ, ଅକ୍ଷୟ କୁମାର ଓ ପ୍ରିୟଙ୍କା ଚୋପ୍ରାଙ୍କ ଭଳି ବହୁ ଭାରତୀୟ ଫିଲ୍ମ ଷ୍ଟାରଙ୍କୁ ଟ୍ରେନିଂ ଦେଇଛନ୍ତି। ସେ ଆହୁରି ମଧ୍ୟ ବେନ୍ କିଙ୍ଗ୍ସଲେ, ରୋଜର ମୁରେ ଓ ଜ୍ୟାକି ଚାନଙ୍କ ଭଳି ଇଣ୍ଟରନ୍ୟାଶନାଲ ଷ୍ଟାରଙ୍କ ସହିତ କାର୍ଯ୍ୟ କରିଛନ୍ତି।

## ସମୀରଙ୍କ ପରଲୋକରେ କ୍ରୀଡ଼ା ମହଲରେ ଶୋକ

**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ସମୀର ଦେ'ଙ୍କ ପରଲୋକରେ ରାଜ୍ୟ କ୍ରୀଡ଼ା ମହଲରେ ଶୋକର ଛାୟା ଖେଳିଯାଇଛି। ରାଜ୍ୟ କ୍ରୀଡ଼ା ମହଲରେ ଜଣେ ଜଣାଶୁଣା ବ୍ୟକ୍ତିଭାବେ ପରିଚିତ ସମୀର ତାଙ୍କ ଜୀବନକାଳ ମଧ୍ୟରେ ଏକାଧିକ କ୍ରୀଡ଼ା ଅନୁଷ୍ଠାନ ସହ ଜଡ଼ିତ ଥିଲେ। ସେ ୨୦୦୪ରୁ ୨୦୨୦ ପର୍ଯ୍ୟନ୍ତ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନର ସଭାପତି ମଧ୍ୟ ଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ସେ



ଫାଓ ଏବଂ ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏଶନ ସଭାପତି ରହିଥିଲେ। ତାଙ୍କ ପରଲୋକରେ ଫାଓ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ, ଓଡ଼ିଶା ଆଥଲେଟିକ୍ ଆସୋସିଏଶନ, ଓଡ଼ିଶା କ୍ରିକେଟ ଆସୋସିଏଶନ, ଭୁବନେଶ୍ୱର ଆଥ୍ଲେଟିକ୍ ଆସୋସିଏଶନ (ବିଏଏ), ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ, ଭୁବନେଶ୍ୱର ଜିମ୍ନାଷ୍ଟିକ୍ସ ଆସୋସିଏଶନ, ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ, ଭୁବନେଶ୍ୱର ଭେଟେରାନ ପ୍ଲେୟର୍ସ ଫୁଟବଲ ଆସୋସିଏଶନ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ସମୀର ମଧ୍ୟ ରାଜ୍ୟର ଜଣେ ଜଣାଶୁଣା ରାଜନେତା ଓ ପୂର୍ବତନ ମନ୍ତ୍ରୀ ଥିଲେ।

## ୱାର୍ଲ୍ଡ ପିକେଲବଲ୍‌ରେ ଓଡ଼ିଶାର ସଫଳତା

**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ)**

ମୁମ୍ବାଇସ୍ଥିତ କ୍ରିକେଟ କ୍ଲବ ଅଫ୍ ଇଣ୍ଡିଆ ପରିସରରେ ବିଶ୍ୱ ପିକେଲବଲ ଚାମ୍ପିୟନଶିପ୍ ରବିବାର ସଫଳତାର ସହ ସମ୍ପନ୍ନ ହୋଇଛି। ଏହା ଗତ ୧୨ରୁ ୧୭ ପର୍ଯ୍ୟନ୍ତ ଚାଲିଥିଲା। ପ୍ରତିଯୋଗିତାରେ ୧୩ ଦେଶର ୯୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାର ଏକ ୯ ଜଣିଆ ଦଳ ଅଂଶଗ୍ରହଣ କରିଥିଲା। ପିକେଲବଲ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଶକ୍ତି ରଞ୍ଜନ ଦାଶ ଦଳର ନେତୃତ୍ୱ ଓ ପ୍ରତିଷ୍ଠିତ କୋଚ୍ ଶୁଭ୍ରାଂଶୁ ଚରଣ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦଳ ଏଥିରେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ୧୯ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ଓଡ଼ିଶାର ଅଂଶୁମାନ ବାବୁ ଓ ଏକଲବ୍ୟ ମହାପାତ୍ର ଏବଂ ୩୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ଲଗ୍ନଜିତ ପଟ୍ଟନାୟକ ଓ ଆକାଶ ପାଣିଗ୍ରାହୀ ଅଂଶଗ୍ରହଣ କରି ଉତ୍ସାହୀ ପ୍ରଦର୍ଶନ କରିଥିଲେ। ୫୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ଶକ୍ତି ରଞ୍ଜନ ଦାଶ ଓ ଅନନ୍ତ ନାୟକ





ପଦକ ସହ ଶକ୍ତି ରଞ୍ଜନ ଦାଶ-ଅନନ୍ତ ନାୟକ ଓ ଶୁଭ୍ରାଂଶୁ ଷଡ଼ଙ୍ଗୀ।

ଚମତ୍କାର ଖେଳ ଦେଖାଇ ଡବଲ୍ସରେ ରୌପ୍ୟ ପଦକ ହାସଲ କରିଥିଲେ। ୬୦ରୁ ଉର୍ଦ୍ଧ୍ୱ ବୟସ ବର୍ଗରେ ଶୁଭ୍ରାଂଶୁ ଚରଣ ଷଡ଼ଙ୍ଗୀ, ପ୍ରଦୀପ ସିଂ ଓ ଉଦୀପ ବାବୁ ଅଂଶଗ୍ରହଣ କରିଥିଲେ। ଶୁଭ୍ରାଂଶୁ ପ୍ରଭାବୀ ପ୍ରଦର୍ଶନ କରି ଉଭୟ ୫୦ ବର୍ଷରୁ ଉର୍ଦ୍ଧ୍ୱ ଆଡଭାନ୍ସ ସିଙ୍ଗଲ୍ସ ଓ ୬୦ ବର୍ଷରୁ ଉର୍ଦ୍ଧ୍ୱ ଏଲିଟ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଟେନିସ, ବ୍ୟାଡ୍‌ମିଣ୍ଟନ ଓ ଟେବୁଲ ଟେନିସ ଖେଳର ସମ୍ମିଶ୍ରଣ ହେଉଛି ପିକେଲବଲ୍। ଏହା ଆମେରିକାରେ ଏବେ ଦ୍ରୁତ ବିକଶିତ କ୍ରୀଡ଼ାଭାବେ ପରିଗଣିତ ହେଉଥିବାବେଳେ ଭାରତରେ କ୍ରମେ ଲୋକପ୍ରିୟତା ଲାଭ କରିବାରେ ଲାଗିଛି।

## ଫ୍ରେଣ୍ଡଲି ମ୍ୟାଚ୍ ଡ୍ର ରଖିଲା ଭାରତ

**ହାଇଦ୍ରାବାଦ, ୧୮।୧୧:** ମାର୍କସ୍ ହାଇଦ୍ରାବାଦର ଗଚିବାଓଲି ଷ୍ଟାଡିୟମରେ ଅନୁଷ୍ଠିତ ମାଲେସିଆ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌କୁ ୧-୧ରେ ଡ୍ର ରଖିବାରେ ସମର୍ଥ ହୋଇଛି ଭାରତ। ମାଲେସିଆ ପକ୍ଷରୁ ପଉଲା ଜୋସ୍ (୧୯ ମିନିଟରେ) ଗୋଲ ଦେଇଥିବା ବେଳେ ଭାରତ ପକ୍ଷରୁ ରାହୁଲ ଭେକେ(୩୯ ମିନିଟରେ) ଗୋଲ ଦେଇଥିଲେ। ଭାରତୀୟ ଡିଫେଣ୍ଡର ମାନେ ୧୯ ମିନିଟରେ ଏକ ବଲ୍ ମିସ୍ କରିଥିବା ବେଳେ ଗୁରପ୍ରୀତ୍ ସିଂ ଆଗକୁ ଆସିଥିଲେ। ଏହାର ଫାଇଦା ଉଠାଇ ପଉଲା ଜୋସ ସ୍କୋର କରିଥିଲେ। ୩୯ତମ ମିନିଟରେ ଭାରତକୁ ଏକ କର୍ନର ମିଳିଥିଲା। ବ୍ରାଣ୍ଡନ ଫର୍ନାଣ୍ଡେସ୍‌ଙ୍କ ଶଟ୍‌କୁ ହେଡର ଜରିଆରେ ଗୋଲରେ ପରିଣତ କରିଥିଲେ ରାହୁଲ ଭେକେ। ପ୍ରଥମାର୍ଦ୍ଧ ୧-୧ରେ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ସ୍କୋର କରିବାକୁ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ।

## ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲର ଦେବେନ୍ଦ୍ର ସିଂଙ୍କ ପରଲୋକ

**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ)**

ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ଦେବେନ୍ଦ୍ର ସିଂଙ୍କର ସୋମବାର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। କେବଳ ଓଡ଼ିଶା କାହିଁକି ଭାରତୀୟ ଫୁଟବଲରେ ଜଣେ ଜଣାଶୁଣା ଦକ୍ଷ ଖେଳାଳିଭାବେ ପରିଚିତ ଦେବେନ୍ଦ୍ର ଦୀର୍ଘ ବର୍ଷ ଧରି ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ଏବଂ ଅଧିନାୟକ ମଧ୍ୟ ଥିଲେ। ସେ ଭାରତୀୟ ଫୁଟବଲ ଦଳ ପକ୍ଷରୁ ବର୍ମା ବିପକ୍ଷରେ ଏକ ଅନ୍ତର୍ଜାତୀୟ ମ୍ୟାଚ ମଧ୍ୟ ଖେଳିଥିଲେ। ତାଙ୍କର ସ୍ତ୍ରୀ, ଦୁଇ ପୁଅ ଓ ଜଣେ ଝିଅ ଅଛନ୍ତି। ଦେବେନ୍ଦ୍ର ସିଂଙ୍କ ପରଲୋକରେ ରାଜ୍ୟ କ୍ରୀଡ଼ା ମହଲରେ ଶୋକର ଛାୟା ଖେଳି ଯାଇଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମେତ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କ ପରଲୋକରେ ଶୋକବ୍ୟକ୍ତ କରାଯାଇଛି। ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳି ରାଜେନ୍ଦ୍ର ପ୍ରତାପ ସିଂଙ୍କ ବାପା ଦେବେନ୍ଦ୍ର ସିଂଙ୍କୁ ୨୦୧୮ରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟସ ଆସୋସିଏଶନ (ଓସ୍‌ଜା) ପକ୍ଷରୁ ଏହାର ପ୍ରତିଷ୍ଠା ଦିବସରେ 'ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ' ପୁରସ୍କାରରେ ସମ୍ମାନିତ କରାଯାଇଥିଲରା।



## ବିଜୟରୁ ଓଡ଼ିଶାର ଅଭିଯାନ




**ଭୁବନେଶ୍ୱର,୧୮।୧୧(ସରୋଜ ଜେନା):** ଜମ୍ମୁ ଓ କଶ୍ମୀରର ଏମ୍.ଏ. ଷ୍ଟାଡିୟମରେ ଆୟୋଜିତ ୩୫ତମ ଜାତୀୟ ସିନିୟର୍ ଟେନିସ୍ ବଲ୍ କ୍ରିକେଟ୍ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛି ଓଡ଼ିଶା। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଓଡ଼ିଶା ସୋମବାର ଖେଳିଥିବା ପ୍ରଥମ ମ୍ୟାଚରେ ଓଡ଼ିଶା ୨୯ ରନ୍‌ରେ ତାମିଲନାଡୁକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୬୪ ରନ କରିଥିଲା। ଜବାବରେ ତାମିଲନାଡୁ ୩୫ ରନ୍‌ରେ ଅଲଆଉଟ ହୋଇଥିଲା। ଓଡ଼ିଶା ଦଳର ଅଧିନାୟକ ଭିକି ଡିଗଲ ସର୍ବାଧିକ ୩୪ ରନ କର ପ୍ଲେୟର ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ।

# ଇଣ୍ଡିଆନ ଓପନ ଗେଟ୍‌ବଲ୍‌ରେ ଭାଗନେବେ ୨୦ ଦଳ

**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ)**

ଇଣ୍ଡିଆନ ଓପନ ଗେଟ୍‌ବଲ ଟୁର୍ନାମେଣ୍ଟ ଚଳିତ ମାସ ୨୪ ତାରିଖରେ ଦିଲ୍ଲୀ-ହରିୟାଣା ସୀମାବର୍ତ୍ତୀ ସହର ପଟୌଦୀରେ ଅନୁଷ୍ଠିତ ହେବ। ଇଣ୍ଡିଆନ ଗେଟବଲ ୟୁନିୟନ (ଆଇଜିୟୁ) ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଏଥର ମୋଟ ୨୦ଟି ଦଳ ଅଂଶଗ୍ରହଣ କରିବେ। ବିଦେଶର ଏକ ଦଳ ତାଇୱାନରୁ ଏଥିରେ ଭାଗନେବ। ଓଡ଼ିଶା ସମେତ ଆଇଜିୟୁ ଜୁନିୟର ଓ ସିନିୟର ଦଳ ମଧ୍ୟ ଏଥିରେ ଅଂଶଗ୍ରହଣ କରିବ। ଏହି ଦୁଇ ଦଳ ଓଡ଼ିଶା ଖେଳାଳିଙ୍କୁ ନେଇ ସମୃଦ୍ଧ ବୋଲି ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଆଇଜିୟୁ ସଭାପତି ଦ୍ୱିପାୟନ ପଟ୍ଟନାୟକ। ଗେଟବଲର ପ୍ରଚାର ପ୍ରସାର ଆମର ମୁଖ୍ୟ ଉଦ୍ଦେଶ୍ୟ। ତେଣୁ ଏହାକୁ ଆମେ ଓଡ଼ିଶା ବାହାରେ ଏପରି କି ଦେଶ ବାହାରେ ମଧ୍ୟ ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ଦ୍ୱିପାୟନ ପ୍ରକାଶ କରିଛନ୍ତି।

ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବା ଦଳଗୁଡ଼ିକ ହେଲେ ତାଇୱାନ, ତ୍ରିପୁରା, କଶ୍ମୀର ଗର୍ଲ୍ସ, ପଞ୍ଜାବ, ଉତ୍ତର ପ୍ରଦେଶ, ଓଡ଼ିଶା, ପଶ୍ଚିମବଙ୍ଗ, ରାଜସ୍ଥାନ, ହରିୟାଣା, ମଧ୍ୟପ୍ରଦେଶ, ଛତିଶଗଡ଼, ଆଇଜିୟୁ ଜୁନିୟର, ମଦର୍ସ ପ୍ରାଇଡ୍, ବିହାର, କୋଲକାତା, ଝାଡ଼ଖଣ୍ଡ, ଜମ୍ମୁ-କଶ୍ମୀର, ଦିଲ୍ଲୀ, ଚଣ୍ଡିଗଡ଼ ଓ ଆଇଜିୟୁ ସିନିୟର। ଅଂଶଗ୍ରହଣକାରୀ ଦଳ ଗୁଡ଼ିକୁ ୫ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ରହିଛନ୍ତି। ଓଡ଼ିଶା ଦଳ ଗ୍ରୁପ୍ 'ବି'ରେ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଓ ରାଜସ୍ଥାନ ସହିତ ସ୍ଥାନ ପାଇଛି। ଆଇଜିୟୁ ଜୁନିୟର ଗ୍ରୁପ୍ 'ସି' ଓ ଆଇଜିୟୁ ସିନିୟର ଗ୍ରୁପ୍ 'ଇ'ରେ ରହିଛି। ଆଇଜିୟୁର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିଛି। ତେଣୁ ଟୁର୍ନାମେଣ୍ଟ ସୁପରିଚାଳନା ପାଇଁ ଏଠାରେ ଏକ ଆୟୋଜକ କମିଟି ଗଠନ କରାଯାଇଛି। ଉମାକାନ୍ତ ପାଣି ଏହାର ଚେୟାରମ୍ୟାନ, ସଞ୍ଜୀବ କୁମାର ପରିଡ଼ା ସମ୍ପାଦକ, ସର୍ବେଶ୍ୱର ବ୍ରହ୍ମାନନ୍ଦ ମହାପାତ୍ର ଓ ଅମିତ ଗୁପ୍ତା (ହରିୟାଣା) ଉପାଧକ୍ଷ, ଶରତ ପାତ୍ର କୋଷାଧକ୍ଷ, ଯୋଗେଶ ଗୁପ୍ତା (ଦିଲ୍ଲୀ) ଓ ରଞ୍ଜନ କୁମାର ପାତ୍ର ଯୁଗ୍ମ ସମ୍ପାଦକ ନିଯୁକ୍ତ ହୋଇଛନ୍ତି। ଏହି କମିଟିରେ ସ୍ଥାନ ପାଇଥିବା ନିମନ୍ତ୍ରିତ ସଦସ୍ୟମାନେ ହେଲେ ଆଇଜିୟୁ ସଭାପତି ଦ୍ୱିପାୟନ ପଟ୍ଟନାୟକ, ସମ୍ପାଦକ ଦିଲୀପ କୁମାର ଦାସ, କୋଷାଧକ୍ଷ ବିଶ୍ୱରଞ୍ଜନ ମିଶ୍ର ଏବଂ ପଟୌଦୀସ୍ଥିତ ମଦର୍ସ ପ୍ରାଇଡ୍ ସ୍କୁଲର ପ୍ରଧାନଶିକ୍ଷକ ରଜନୀ ଯାଦବ। ଆଗାମୀ ଟୁର୍ନାମେଣ୍ଟରେ ୫ ଗ୍ରୁପ୍‌ର ଶୀର୍ଷ ଦଳ ଏବଂ ସର୍ବାଧିକ ପଏଣ୍ଟ ସ୍କୋର କରିଥିବା ୩ ଦଳକୁ ନେଇ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଅନୁଷ୍ଠିତ ହେବ। ସେମିଫାଇନାଲିଷ୍ଟ ଦଳଗୁଡ଼ିକୁ ଟ୍ରଫି ଦିଆଯିବ ଏବଂ ପ୍ରତି ଦଳକୁ ପ୍ରମାଣପତ୍ର ପ୍ରଦାନ କରାଯିବ। ପ୍ରତିଯୋଗିତା ପୂର୍ବାହ୍ନ ୯ଟା ୪୫ରୁ ଆରମ୍ଭ ହେବ। ପୁରସ୍କାର ବିତରଣ ଉତ୍ସବ ଅପରାହ୍ନ ୫ଟା ୧୫ରେ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଆଇଜିୟୁ ସମ୍ପାଦକ ଦିଲୀପ ଦାସ ପ୍ରକାଶ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଇଣ୍ଡିଆନ ଓପନ ଗେଟ୍‌ବଲ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

### ■ ଦିଲ୍ଲୀ-ହରିୟାଣା ସୀମା ପଟୌଦୀରେ ହେବ ପ୍ରତିଯୋଗିତା ■ ଗ୍ରୁପ୍ 'ବି'ରେ ଓଡ଼ିଶା

**ଓଡ଼ିଶା ଦଳ:** ଶରତ କୁମାର ପାତ୍ର, ନିରଞ୍ଜନ ମଙ୍ଗରାଜ, ପ୍ରଦୀପ କୁମାର ସାହୁ, ଶଙ୍କର ପଣ୍ଡା, ଅନିଲ କୁମାର ରଥ। **ଆଇଜିୟୁ ଜୁନିୟର ଦଳ:** ବିଷ୍ଣୁପ୍ରିୟା ବେହେରା, ରାଜେନ୍ଦ୍ର ପ୍ରସାଦ ମୁର୍ମୁ, ରୁଦ୍ର ପ୍ରସାଦ ଧଳ, ଅମରିକ୍ଷା ଓଝା, ସନ୍ଦୀପ କୁମାର ପ୍ରଧାନ, ସାଇ ରାମେଶ୍ୱର ଲେଙ୍କା। **ଆଇଜିୟୁ ସିନିୟର ଦଳ:** ରଞ୍ଜନ କୁମାର ପାତ୍ର, ବିଶ୍ୱରଞ୍ଜନ ମିଶ୍ର, ଗିରିଜା ନାୟକ, ଏଜାଜ ଅହମଦ, ଦିଲୀପ ଷଡ଼ଙ୍ଗୀ।

**ଚାମ୍ପିୟନ୍ସ ଟ୍ରଫି ବିବାଦ**

## ଆଇସିସିର ସ୍ପଷ୍ଟୀକରଣ ଲୋଡ଼ିଲା ପିସିବି

**ଲାହୋର,୧୮।୧୧(ପି.ଟି.)**

ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ନ ଯିବା ପାଇଁ ଭାରତ ଘୋଷଣା କରି ସାରଥିବା ବେଳେ ଆଇସିସିର ସ୍ପଷ୍ଟୀକରଣ ଲୋଡିଛି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)। ସୋମବାର ପିସିବି ମୁଖ୍ୟ ମୋହସିନ୍ ନକ୍‌ଭୀ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଭାରତ କାହିଁକି ଆସିବାକୁ ଚାହୁଁନାହିଁ ଏହାର କୌଣସି ସ୍ପଷ୍ଟ କାରଣ ଅମାକୁ ମିଳିନାହିଁ। ତେଣୁ ଆମେ ଆଇସିସି ନିକଟରୁ ଉତ୍ତର ଅପେକ୍ଷାରେ ରହିଛୁ। ଏଯାଏ ଆଇସିସି ପକ୍ଷରୁ କୌଣସି ସ୍ପଷ୍ଟ ଉତ୍ତର ମିଳିପାରି ନାହିଁ। ପାକିସ୍ତାନରେ ଖେଳିବାକୁ ଭାରତ ମନା କରିଥିବା ବେଳେ ହାଇବ୍ରିଡ ମଡେଲରେ ଟୁର୍ନାମେଣ୍ଟ ପାଇଁ ଦାବି କରି ଆସିଛି। ପିସିବି ହାଇବ୍ରିଡ ମଡେଲର ଅନୁରୋଧକୁ ପ୍ରତ୍ୟଖ୍ୟାନ କରିବା ସହ ଭାରତ କାହିଁକି ଆସିବ ନାହିଁ ତାର କାରଣ ଦର୍ଶାଇବା ପାଇଁ ଆଇସିସି ନିକଟରେ ଦାବି କରିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୦୮ ମୁମ୍ବାଇ ବିସ୍ଫୋରଣ ପରଠାରୁ ପାକିସ୍ତାନ ସହ କୌଣସି ଦ୍ୱିପକ୍ଷିକ ସିରିଜ୍ ଖେଳିନାହିଁ ଭାରତ। ଜୟ ଶାହା ଆଇସିସିର ପରବର୍ତ୍ତୀ ମୁଖ୍ୟ ହେବାକୁ ଯାଉଥିବା ବେଳେ ଭାରତ ଏହାର ଫାଇଦା ନେବାକୁ ଚେଷ୍ଟା କରୁଛି ବୋଲି ନକ୍‌ଭୀ କହିଛନ୍ତି। ତେବେ କେବଳ ବିସିସିଆଇ ନୁହେଁ ବିଶ୍ୱର ଅନ୍ୟ କ୍ରିକେଟ ବୋର୍ଡକୁ ନେଇ ଆଇସିସି ଗଠିତ ବୋଲି ଭାରତ ମନେ ରଖିବା ଉଚିତ ବୋଲି ସେ କହିଛନ୍ତି।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ